# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ଂଗ୍ରେସକୁ ଭୋଟ୍ ଦିଅନି |୧୦



ଦୁର୍ଘଟଣାର ଶିକାର ହେଲେ ଦିବ୍ୟାଙ୍କା |୧୨


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୨ Vol. 21 No-22 20 APRIL 2024 SATURDAY BHUBANESWAR ଶନିବାର, ୨୦ ଏପ୍ରିଲ୍ ୨୦୨୪ ପୃଷ୍ଠା-୧୨ ମୂଲ୍ୟ: ୭.୦୦


## ଗଣତନ୍ତ୍ର ମହାନ ପର୍ବର ପ୍ରଥମ ପର୍ଯ୍ୟାୟ ଶାନ୍ତିପୂର୍ଣ୍ଣ ଭାବେ ଶେଷ

# ଇଭିଏମ୍‌ରେ ସିଲ୍ ୧୬୨୫ ପ୍ରାର୍ଥୀଙ୍କ ଭାଗ୍ୟ








- ୮ କେନ୍ଦ୍ରମନ୍ତ୍ରୀଙ୍କ ସହ ବହୁ ହେଭିୱେଟ୍‌ଙ୍କ ଭାଗ୍ୟ ପରୀକ୍ଷା
- ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସତ୍ତ୍ୱେ ଅଧିକ ମତଦାନ: ଇସିଆଇ
- ତାମିଲନାଡୁର ମୋଟ ୩୯ ଲୋକସଭା ଆସନରେ ଭୋଟ ଶେଷ
- ଜୁନ୍ ୧ ପର୍ଯ୍ୟନ୍ତ ହୋଇପାରିବନି ଏକଜିଟ୍ ପୋଲ୍: ନିର୍ବାଚନ କମିଶନ
- ସମସ୍ତ ଭୋଟରଙ୍କୁ ଭୋଟ ଦେବାପାଇଁ ପ୍ରଧାନମନ୍ତ୍ରୀଙ୍କ ଅନୁରୋଧ

ନୂଆଦିଲ୍ଲୀ,୧୯।୪: ଶୁକ୍ରବାର ଗଣତନ୍ତ୍ରର ମହାନ ପର୍ବର ଶୁଭାରମ୍ଭ ହୋଇଛି। ୨୦୨୪ ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଛି। ୨୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୦୨ଟି ଆସନ ପାଇଁ ମତଦାନ ହୋଇଥିଲା। ଶୁକ୍ରବାର ସକାଳେ ମକ୍‌ପୋଲ୍ ପରେ ୭ଟାରୁ ମତଦାନ ପ୍ରକ୍ରିୟା ଆରମ୍ଭ କରାଯାଇ ସନ୍ଧ୍ୟା ୬ଟାରେ ଶେଷ ହୋଇଥିଲା। ସମସ୍ତ ମତଦାନ କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ୮ କେନ୍ଦ୍ରମନ୍ତ୍ରୀଙ୍କ ସମେତ ବହୁ ହେଭିୱେଟ୍‌ଙ୍କ ଭାଗ୍ୟ ଏବେ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ଏହି ୧୦୨ ଆସନ ପାଇଁ ମୋଟ ୧୬୨୫ଜଣ ପ୍ରାର୍ଥୀ ମଇଦାନରେ ରହିଥିଲେ। ମଣିପୁର ଓ ପଶ୍ଚିମବଙ୍ଗର କିଛି ସ୍ଥାନରେ କାଁ ଭାଁ ହିଂସାକୁ ଛାଡ଼ିଦେଲେ ଅନ୍ୟ ସବୁଠି ଶାନ୍ତିଶୃଙ୍ଖଳାର ସହ ମତଦାନ ଶେଷ ହୋଇଛି। ତେବେ ୨୦୧୯ ତୁଳନାରେ ୨୦୨୪ ପ୍ରଥମ ପର୍ଯ୍ୟାୟରେ ମତଦାନ ହାର ହ୍ରାସ ପାଇଛି। ୨୦୧୯ରେ ପ୍ରଥମ ପର୍ଯ୍ୟାୟରେ ୬୯.୪୩ ପ୍ରତିଶତ ମତଦାନ ହୋଇଥିବାବେଳେ ୨୦୨୪ରେ ୬୦ ପ୍ରତିଶତ ମତଦାନ ହୋଇଥିବା ଜାତୀୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ଦିଆଯାଇଛି। ତେବେ ସନ୍ଧ୍ୟା ୬ଟା ସୁଦ୍ଧା ୫୯.୭୧ ପ୍ରତିଶତ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିସାରିଥିବାବେଳେ ବିଭିନ୍ନ ମତଦାନ କେନ୍ଦ୍ରରେ ଭୋଟର ଅପେକ୍ଷା କରିଥିବାରୁ ଭୋଟିଂ ହାର ଆଗକୁ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ତେବେ ପଶ୍ଚିମବଙ୍ଗରେ ସର୍ବାଧିକ ମତଦାନ ହୋଇଥିବାବେଳେ ସାରା ଦେଶରେ ମତଦାନ ହାର ହ୍ରାସ ପାଇଥିବା ସୂଚନା ମିଳିଛି। ପଶ୍ଚିମବଙ୍ଗର କୁଚବିହାର ଜିଲ୍ଲା ଶୀତଲକୋନିଠାରେ ବିଜେପି ଓ ଟିଏମ୍‌ସି ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ରାଜ୍ୟର ୩ଟି ଆସନ ପାଇଁ ମତଦାନ ହୋଇଥିବାବେଳେ ସବୁଠାରୁ ଅଧିକ ୭୭.୫୭ ପ୍ରତିଶତ ଭୋଟିଂ ହୋଇଛି ବୋଲି କମିଶନ ସୂଚନା ଦେଇଛନ୍ତି। ସେହିପରି ମଣିପୁରର ଗୋଟିଏ ମତଦାନ କେନ୍ଦ୍ରରେ ଗୁଳିମାଡ଼ ହୋଇଥିବାବେଳେ ସେଠାରେ ୨ଟି ଆସନ ପାଇଁ ହୋଇଥିବା ନିର୍ବାଚନରେ ୬୯.୧୩ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଥିବା ସୂଚନା ମିଳିଛି। ତେବେ ବିହାରରେ ପ୍ରଥମ ପର୍ଯ୍ୟାୟରେ ୪ଟି ଆସନ ପାଇଁ ଭୋଟ ଗ୍ରହଣ କରାଯାଇଥିଲେ ● ପୃଷ୍ଠା ୮ ଦେଖନ୍ତୁ

### ସନ୍ଧ୍ୟା ୯ଟା ସୁଦ୍ଧା ମତଦାନ ହାର

| ରାଜ୍ୟ | ମତଦାନ (%) | ରାଜ୍ୟ | ମତଦାନ (%) |
|---|---|---|---|
| ଆଣ୍ଡାମାନ ନିକୋବର | ୫୬.୮୭ | ମିଜୋରାମ | ୫୪.୨୩ |
| ଅରୁଣାଚଳପ୍ରଦେଶ | ୬୭.୧୫ | ନାଗାଲାଣ୍ଡ | ୫୬.୯୧ |
| ଆସାମ | ୭୨.୧୦ | ପୁଡୁଚେରୀ | ୭୩.୫୦ |
| ବିହାର | ୪୮.୫୦ | ରାଜସ୍ଥାନ | ୫୬.୫୮ |
| ଛତିଶଗଡ଼ | ୬୩.୪୧ | ସିକିମ୍ | ୬୯.୭୪ |
| ଜାମ୍ମୁକାଶ୍ମୀର | ୬୫.୦୮ | ତାମିଲନାଡୁ | ୬୫.୧୯ |
| ଲାକ୍ଷାଦ୍ୱୀପ | ୫୯.୦୨ | ତ୍ରିପୁରା | ୮୦.୧୭ |
| ମଧ୍ୟପ୍ରଦେଶ | ୬୪.୭୭ | ଉତ୍ତରପ୍ରଦେଶ | ୫୮.୫୯ |
| ମହାରାଷ୍ଟ୍ର | ୫୫.୩୫ | ଉତ୍ତରାଖଣ୍ଡ | ୫୪.୦୬ |
| ମଣିପୁର | ୬୯.୧୩ | ପଶ୍ଚିମବଙ୍ଗ | ୭୭.୫୭ |
| ମେଘାଳୟ | ୭୪.୨୧ | | |

## ସଂକ୍ଷେପରେ...

### ଭାଇସ୍ ଆଡମିରାଲ ଦିନେଶ ତ୍ରିପାଠୀ ପରବର୍ତ୍ତୀ ନୌସେନା ମୁଖ୍ୟ

ନୂଆଦିଲ୍ଲୀ,୧୯।୪: କେନ୍ଦ୍ର ସରକାର ପିଭିଏସ୍ଏମ୍, ଏଭିଏସ୍ଏମ୍, ଏନଏମ୍ ଭାଇସ ଆଡମିରାଲ ଦିନେଶ କୁମାର ତ୍ରିପାଠୀଙ୍କୁ ନୂଆ ନୌସେନା ମୁଖ୍ୟଭାବେ ନିଯୁକ୍ତି ଦେଇଛନ୍ତି। ସେ ଚଳିତମାସ ୩୦ ତାରିଖରେ ଦାୟିତ୍ୱ ଗ୍ରହଣ କରିବେ। (ସବିଶେଷ ବିବରଣୀ ୧୦ ପୃଷ୍ଠାରେ)

### ପୁଣି ବରଗଡ଼ରୁ ୬ଲକ୍ଷ ଟଙ୍କା ଜବତ

ବରଗଡ଼,୧୯।୪(ଭାସ୍କର ନ୍ୟୁଜ): ଗୁରୁବାର ବରଗଡ଼ର ହଳଦିପାଲି ଛକରୁ ପୋଲିସ ଏକ ପିକ୍‌ଅପ୍ ଭ୍ୟାନ୍‌ରୁ ୧୦ଲକ୍ଷ ଟଙ୍କା ଜବତ କରିଥିବାବେଳେ ଶୁକ୍ରବାର ଡଭା ଛକରୁ ୬ଲକ୍ଷ ୫୨ ହଜାରରୁ ଅଧିକ ଟଙ୍କା ଜବତ କରିଛି। ଏହି ଘଟଣାରେ ପୋଲିସ ତଦନ୍ତ ଜାରି ରଖିଛି।

### ନନ୍ଦନକାନନରେ ଧଳା ବାଘୁଣୀ ସ୍ନେହା ମୃତ

ଭୁବନେଶ୍ୱର,୧୯।୪ (ଭାସ୍କର ନ୍ୟୁଜ): ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଧଳା ବାଘୁଣୀ ସ୍ନେହାର ମୃତ୍ୟୁ ଘଟିଛି। ତାକୁ ୧୪ବର୍ଷ ହୋଇଥିଲା। ଫଳରେ ନନ୍ଦନକାନନରେ ବାଘ ସଂଖ୍ୟା ୨୭କୁ ହ୍ରାସ ପାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲା। ତା'ର ଶବ ବ୍ୟବଚ୍ଛେଦ ପରେ ବନ୍ୟପ୍ରାଣୀ ପିସିସିଏଫ ସୁଶାନ୍ତ ନନ୍ଦ କହିଛନ୍ତି ଯେ ବୟସାଧିକ ଜନିତ ରୋଗ ଯୋଗୁ ତା'ର ମୃତ୍ୟୁ ଘଟିଛି। ଏବେ ନନ୍ଦନକାନନରେ ୩ଟି ଧଳାବାଘ ଓ ୩ଟି ଧଳାବାଘୁଣୀ ରହିଛନ୍ତି। ଏହା ଏକ ଭଲ ସଂଖ୍ୟା ବୋଲି ଶ୍ରୀ ନନ୍ଦ କହିଛନ୍ତି।

ସେନ୍‌ସେକ୍ସ: ୭୩,୦୮୮.୩୩
ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୪୧.୦୪ ଡିଗ୍ରୀ
ସର୍ବନିମ୍ନ: ୨୭ ଡିଗ୍ରୀ

### ୧୯।୪।୨୦୨୪ର ମତାମତ

ଓଡ଼ିଶାର ବିଭିନ୍ନ ଜଙ୍ଗଲରେ ଲାଗୁଥିବା ମନୁଷ୍ୟକୃତ ନିଆଁ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଉଚିତ୍ ନୁହେଁ କି?




### ଆଜିର ପ୍ରସଙ୍ଗ

ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧ ସଂକଟକୁ ଟାଳିବା ଜରୁରି ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

### ପିକ୍‌ନିକ ହେଲା କାଳ

## ଡଙ୍ଗା ବୁଡ଼ି ଜଣେ ମୃତ, ୭ ନିଖୋଜ



- ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ
- ୫ ସ୍କୁବା ଡାଇଭର ନିୟୋଜିତ
- ସ୍ୱତନ୍ତ୍ର ବିମାନରେ ଗଲା ସର୍ଚ୍ଚ କ୍ୟାମେରା
- ଘଟଣାସ୍ଥଳରେ ଆରଡିସି, ଜିଲ୍ଲାପାଳ ଓ ଏସ୍‌ପି
- ନିଖୋଜଙ୍କ ମଧ୍ୟରେ ୪ ମହିଳା, ୩ ଶିଶୁ
- ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ, ସହାୟତା ଘୋଷଣା

ଝାରସୁଗୁଡ଼ା/ଭୁବନେଶ୍ୱର,୧୯।୪ (ଭାସ୍କର ନ୍ୟୁଜ): ସୁଦୂର ଛତିଶଗଡ଼ରୁ ଆସିଥିଲେ ପିକ୍‌ନିକ୍ କରିବା ପାଇଁ। ପିକ୍‌ନିକ୍ ସାରି ଡଙ୍ଗାରେ ଫେରୁଥିଲେ। ହେଲେ ବାଟରେ ଘଟିଲା ଅଘଟଣ। ମଝି ନଈରେ ବୁଡ଼ିଗଲା ଡଙ୍ଗା। ଏଭଳି ଏକ ଅଭାବନୀୟ ଘଟଣା ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଶରଧା ନିକଟରେ ଘଟିଛି। ଏହି ଅଘଟଣରେ ଜଣକର ମୃତ୍ୟୁ ● ପୃଷ୍ଠା ୮ ଦେଖନ୍ତୁ

### ଜାଳୁଛି ଜ୍ୱାଳାମୁଖୀ ତାତି

## ଚଳିତବର୍ଷ ପ୍ରଥମ ଥର ୪୪ ଡିଗ୍ରୀ ଡେଇଁଲା

- ୩୨ ସହରରେ ୪୦ ଡିଗ୍ରୀରୁ ଅଧିକ
- ୧୦ ସହରରେ ୪୩ ଡିଗ୍ରୀରୁ ଅଧିକ ରେକର୍ଡ
- ୨୧ ଯାଏ ଲାଗି ରହିବ ଗ୍ରୀଷ୍ମ ଲହରୀ
- ୪୪.୩ ଡିଗ୍ରୀ ସହ ବୌଦ୍ଧ ଉତ୍ତପ୍ତ ସହର
- ରାଜଧାନୀକୁ ବଳିଗଲା କଟକ ପାରଦ
- ୨୧ରୁ ୨୪ଯାଏ ସାମୟିକ ଆଶ୍ୱସ୍ତି

ଭୁବନେଶ୍ୱର,୧୯।୪(ଭାସ୍କର ନ୍ୟୁଜ): ସାରା ରାଜ୍ୟରେ ଲାଗି ରହିଛି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ। ୬ ଦିନ ଧରି ରାଜ୍ୟବାସୀଙ୍କୁ କଲବଲ କରୁଛି ତାତି। ଜନଜୀବନ ହୋଇଉଠିଛି ଅସ୍ତବ୍ୟସ୍ତ। ସକାଳ ୭ଟାରୁ ପାରଦ ବଢ଼ିବା ଆରମ୍ଭ କରୁଛି। ପୂର୍ବାହ୍ନ ୧୦ଟା ବେଳକୁ ଘରୁ ବାହାରିବା ସମ୍ଭବପର ହୋଇପାରୁ ନାହିଁ। ଦୋକାନ ବଜାର ବନ୍ଦ ରହିବା ସହ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ସତେ ଯେମିତି ଆକାଶରୁ ଅଗ୍ନିବର୍ଷା ହେଉଛି। ଶୁକ୍ରବାର ରାଜ୍ୟର ମୟୂରଭଞ୍ଜ, ବୌଦ୍ଧ, କଟକ, କେନ୍ଦୁଝର, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ନବରଙ୍ଗପୁର, ଗଞ୍ଜାମ, ଖୋର୍ଦ୍ଧା, ଦେବଗଡ଼ ଏବଂ ଢେଙ୍କାନାଳ ଜିଲ୍ଲାରେ ପ୍ରଚଣ୍ଡ ଗ୍ରୀଷ୍ମଲହରୀ ● ପୃଷ୍ଠା ୮ ଦେଖନ୍ତୁ

### ଅଂଶୁଘାତରେ ଜଣେ ମୃତ

ଭୁବନେଶ୍ୱର,୧୯।୪(ଭାସ୍କର ନ୍ୟୁଜ): ରାଜ୍ୟରେ ଅଂଶୁଘାତରେ ଜଣକର ମୃତ୍ୟୁ ଘଟିଛି। ତାଙ୍କ ନାମ ଲକ୍ଷ୍ମୀକାନ୍ତ ସାହୁ (୬୨)। ତାଙ୍କ ଘର ବାଲେଶ୍ୱର ଜିଲ୍ଲା ଭୋଗରାଇ ତହସିଲ ମହେଶପୁରରେ ବୋଲି ସୂଚନା ଦିଆଯାଇଛି। ଏ ନେଇ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ଅଂଶୁଘାତ ଓ ଗ୍ରୀଷ୍ମପ୍ରବାହ ଜନିତ ଅସୁସ୍ଥତା ଯୋଗୁ ସମୁଦାୟ ୭୧ଜଣ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ସର୍ବାଧିକ ୩୫ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଥିବାବେଳେ ମୟୂରଭଞ୍ଜରେ ୬ଜଣ ଓ ଅନୁଗୋଳରେ ୬ଜଣ ଚିକିତ୍ସିତ ହେଉଛନ୍ତି। ସେହିଭଳି କ୍ୟାପିଟାଲ ହସ୍ପିଟାଲରେ ଗ୍ରୀଷ୍ମପ୍ରବାହ ଜନିତ ଅସୁସ୍ଥତା ଯୋଗୁ ୬ଜଣ ଭର୍ତ୍ତି ହୋଇଛନ୍ତି। ଡାକ୍ତର ମିଶ୍ର କହିଛନ୍ତି ଯେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି। ଆବଶ୍ୟକ ଔଷଧ ସହ ବେଡ୍ ମଧ୍ୟ ମହଜୁଦ ରହିଥିବା ସେ ସୂଚନା ଦେଇଥିଲେ। ସେ କହିଥିଲେ ଯେ ଆବଶ୍ୟକ ନ ପଡ଼ିଲେ ବୟସ୍କ, ବିଭିନ୍ନ ରୋଗରେ ଆକ୍ରାନ୍ତ ବ୍ୟକ୍ତି, ଗର୍ଭବତୀ ମହିଳା ଓ ଶିଶୁ ଖରାରେ ବାହାରକୁ ଯାଆନ୍ତୁ ନାହିଁ। ଯଦି ବି ଯାଉଛନ୍ତି ତେବେ ସାଙ୍ଗରେ ଛତା, ପାଣି, ଜୋତା ଏବଂ ଓଦା କପଡ଼ା ନେଇ ଯାଆନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି।

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ରହି ହେଉନାହିଁ ଦିନରେ ରାତିରେ
ଅସମ୍ଭାଳ ଏବେ ଗରମ,
ପାରଦ ଉଠୁଛି ଊର୍ଦ୍ଧ୍ୱକୁ ଊର୍ଦ୍ଧ୍ୱକୁ
ସୀମା ଟପିଲାଣି ଚରମ।
ଏପଟେ ଭୋଅଟ ପେରେମ,
ବଳେଇ ପଡୁଛି ଲୋକଙ୍କୁ ଏତେ ଯେ
ଜଣା ପଡୁନାହିଁ ଗ୍ରୀଷମ!

### ମଧ୍ୟପ୍ରାଚ୍ୟରେ ମହାସଂକଟ

## ପୁଣି ଘନେଇଲା ଯୁଦ୍ଧ ଆଶଙ୍କା

- ଇରାନ ଉପରେ ଇସ୍ରାଏଲର ମିସାଇଲ ମାଡ଼
- ଟକରା ଟକରି ଅବସ୍ଥାରେ ଉଭୟ ପକ୍ଷ
- ଶାନ୍ତି ରକ୍ଷାପାଇଁ ଜାତିସଂଘର ନିବେଦନ



ନୂଆଦିଲ୍ଲୀ,୧୯।୪: ପୁଣିଥରେ ଅଶାନ୍ତ ହୋଇ ଉଠିଛି ମଧ୍ୟପ୍ରାଚ୍ୟ। ଘନିଭୂତ ହୋଇଛି ଯୁଦ୍ଧ ଆଶଙ୍କା। କିଛିଦିନର ବିରତି ପରେ ପୁଣିଥରେ ସୃଷ୍ଟି ହୋଇଛି ଯୁଦ୍ଧ ପରିସ୍ଥିତି। ଯେକୌଣସି ମୁହୂର୍ତ୍ତରେ ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧ ହେବାର ଆଶଙ୍କା ଦୃଢ଼ୀଭୂତ ହୋଇଛି। ଶୁକ୍ରବାର ସକାଳେ ଇସ୍ରାଏଲ ପକ୍ଷରୁ ମିସାଇଲ ମାଡ଼ କରାଯାଇଛି। ଇରାନର ଇସ୍‌ଫାହାନ ସହରରେ ଥିବା ବିମାନବନ୍ଦରକୁ ଟାର୍ଗେଟ କରି ଇସ୍ରାଏଲ ପକ୍ଷରୁ ଏହି ମିସାଇଲ ମାଡ଼ କରାଯାଇଛି। ତେବେ ଏହି ଆକ୍ରମଣରେ ଇରାନର କେତେ କ୍ଷୟକ୍ଷତି ଘଟିଛି ସେ ନେଇ ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ସୂଚନାଯୋଗ୍ୟ ଯେ ଗତ କିଛିଦିନ ତଳେ ସିରିଆରେ ଇରାନ ଦୂତାବାସ ଉପରେ ଇସ୍ରାଏଲ ଆକ୍ରମଣ କରିବା ପରେ ଉଭୟ ଦେଶ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଏହାପରେ ଇରାନ ମଧ୍ୟ ପାଲଟା ଆକ୍ରମଣ କରିଥିଲା। ଗତ ୧୪ ତାରିଖରେ ଇରାନ ପକ୍ଷରୁ ଇସ୍ରାଏଲ ଉପରେ ଶତାଧିକ ଡ୍ରୋନ ଓ ମିସାଇଲ ମାଡ଼ କରାଯାଇଥିଲା। କିନ୍ତୁ ଏଥିରେ ଇସ୍ରାଏଲର କୌଣସି କ୍ଷୟକ୍ଷତି ଘଟିନଥିଲା। ତେବେ ସେତେବେଳେ ଇରାନ ● ପୃଷ୍ଠା ୮ ଦେଖନ୍ତୁ

### ଶାହାଙ୍କ ମୁହଁରେ ଓଡ଼ିଶା କଥା

## ବିଜେପି ଶାସନକୁ ଆସିଲେ ବିକାଶ ହେବ



ନୂଆଦିଲ୍ଲୀ,୧୯।୪: ଓଡ଼ିଶାରେ ଭାରତୀୟ ଜନତା ଦଳ ଯଦି ଶାସନ କ୍ଷମତାକୁ ଆସେ, ତେବେ ଓଡ଼ିଶାର ବିକାଶ ଘଟିବ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା କହିଛନ୍ତି। ଶୁକ୍ରବାର ଏକ ଇଂରାଜୀ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ଶ୍ରୀ ଶାହା କହିଥିଲେ ଯେ ଓଡ଼ିଶାରେ ବିଜେପି ଓ ବିଜେଡି ମଧ୍ୟରେ କୌଣସି ଦ୍ୱନ୍ଦ୍ୱ ନାହିଁ। ଆମେ ପରସ୍ପର ସାମ୍ନାସାମ୍ନି ହୋଇ ନିର୍ବାଚନ ଲଢୁଛୁ। ସେ କହିଥିଲେ ଯେ ସାରା ଦେଶରେ ମୋଦୀଙ୍କ ନେତୃତ୍ୱରେ ବିକାଶର ଧାରା ଅବ୍ୟାହତ ରହିଛି। ତେଣୁ ଓଡ଼ିଶାରେ ଯଦି ବିଜେପି ସରକାର ଆସେ, ତେବେ ନିଶ୍ଚିତ ଭାବେ ଓଡ଼ିଶା ଆଗକୁ ବଢ଼ିବ। ସେ କହିଥିଲେ, ବିଜେପି ରାଜ୍ୟରେ ଏକାକୀ ନିର୍ବାଚନ ଲଢ଼ିବା ପାଇଁ ରାଜ୍ୟବାସୀ ମତ ରଖିଥିଲେ। ସେହି ମତକୁ ଆଧାର କରି ଆମେ ଆଗକୁ ବଢ଼ିବାରେ ଲାଗିଛୁ। ମୋଦୀ ଯେଉଁଠି ବିଜୟୀ ହୋଇଛନ୍ତି, ସେଠାରେ ବିକାଶ ଦ୍ରୁତଗତିରେ ଆଗେଇ ଚାଲିଛି। ମୋଦୀଙ୍କ ନେତୃତ୍ୱରେ ରାଜ୍ୟର ବିକାଶ ପାଇଁ ଦାୟିତ୍ୱ ● ପୃଷ୍ଠା ୮ ଦେଖନ୍ତୁ



ଫୁଲନଖରା,(ଭାସ୍କର ନ୍ୟୁଜ୍): ପାହାଳ ଥାନା ଅନ୍ତର୍ଗତ ନଖରାସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀ ଲକ୍ଷେଶ୍ୱର ମହାଦେବଙ୍କ ପୀଠସ୍ଥଳୀ ଏବଂ ପୁରାଣ ପ୍ରସିଦ୍ଧ ପୂଣ୍ୟ ତ୍ୱୟା ପ୍ରାଚୀ ନଦୀ ମୁହାଣରେ ଅବସ୍ଥିତ ପ୍ରଭୁ ଶ୍ରୀ ରାମ ମନ୍ଦିର ପରିସରରେ ୪୬ ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣକୁ ବାସନ୍ତିକ ଦୁର୍ଗାପୂଜା ଉଦଯାପିତ ହୋଇଛି । ପ୍ରତିଷ୍ଠାତା ପୂର୍ବତନ ମନ୍ତ୍ରୀ କାହ୍ନୁଚରଣ ଲେଙ୍କା ଓ ବିଜୟଲକ୍ଷ୍ମୀ ଲେଙ୍କାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ନବାହ୍ନ ପାରାୟଣ ୯ ଦିନ ବ୍ୟାପି ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ୟାସ ତ୍ରିନାଥ ମହାପାତ୍ର ଏବଂ କର୍ତ୍ତା ସୁବ୍ରତ ଲେଙ୍କାଙ୍କ ସମେତ ବହୁ ସାଧୁ ସନ୍ଥ ଉପସ୍ଥିତ ରହି ମହାଯଜ୍ଞ ପରିଚାଳନା କରିଥିଲେ । ଗତ ୮ ତାରିଖରେ ଅଧିବାସ ,ଅଖଣ୍ଡ ଦୀପ ସ୍ଥାପନ,କଳସ ସ୍ଥାପନ କରାଯାଇ ମହାଯଜ୍ଞ ଆରମ୍ଭ ହୋଇ ପ୍ରତ୍ୟେକ ଦିନ ପାରାୟଣ, ସୂର୍ଯ୍ୟପୂଜା,ଠାକୁରଙ୍କ ସ୍ନାନ କରାଯାଇ ୧୭ ତାରିଖ ପବିତ୍ର ରାମନବମୀ ତିଥିରେ ସୂର୍ଯ୍ୟପୂଜା, ଶ୍ରୀରାମ ନବମୀ ପାରାୟଣ, ହରିହର ଭେଟ ଏବଂ ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା । ଏହି ନବାହ୍ନ ପାରାୟଣ ଦେଖିବା ପାଇଁ ପ୍ରତ୍ୟେକ ଦିନ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଆସୁଥିଲେ । ୯ ଦିନ ଜାକ ଭକ୍ତମାନଙ୍କ ପାଇଁ ଅନୁଷ୍ଠାନ ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଶ୍ରୀରାମ ମନ୍ଦିର ପରିଚାଳନା କମିଟି ସଭାପତି ଗଣେଶ ପ୍ରସାଦ ଦାଶ,ଜୟନ୍ତ କୁମାର ଲେଙ୍କା, ଗୁଣନିଧି ପଟ୍ଟନାୟକ,ବଂଶୀଧର ଭୋଳ, ବିଚିତ୍ରାନନ୍ଦ ଦଳାଇ,କିଶୋର ଚନ୍ଦ୍ର ବରାଳ, ଲକ୍ଷ୍ମୀଧର ମହାନ୍ତି, କେଦାରନାଥ ଜେନା,ଅଭୟ ଜେନା,ସନାତନ ସ୍ୱାଇଁ,ଗନ୍ଧର୍ବ ଗିରି.ଗୁଣ୍ଡୁଚି ସାହୁ ଏବଂ ପୂଜକ ଦିଲ୍ଲିପ କୁମାର ମିଶ୍ର,ସୋମନାଥ ମହାପାତ୍ରଙ୍କ ସମେତ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



# ଅଳ୍ପକେ ବର୍ତ୍ତି ଯାଇଛନ୍ତି କାର୍ ଡ୍ରାଇଭର ରାକେଶ ବିଶ୍ୱାଳ




ଆସିକା,(ଭାସ୍କର ନ୍ୟୁଜ୍): ବ୍ରହ୍ମପୁରରୁ ଭଞ୍ଜନଗର ଅଭିମୁଖେ ଯାଉଥିବା ଏକ କାର ଯାହାର ନମ୍ବର ଏଚ୍ଆର ୨୬ଇଏମ୍ ୪୬୬୪ ଆସିକା ବ୍ଲକ ବାଲିଶିରା ପଞ୍ଚାୟତ ଦେଇ ଯାଇଥିବା କଳିଙ୍ଗ ରୋଡ଼ ନିକଟରେ ଦୁର୍ଘଟଣା ଗ୍ରସ୍ତ ହୋଇଛି । କାରଟି ଦ୍ରୁତ ଗତିରେ ଆସୁଥିବା ବେଳେ ନିର୍ମାଣଧିନ ରାସ୍ତା କାମ ପାଖରେ ଦୁର୍ଘଟଣା ହୋଇଥିବା ଜଣାପଡିଛି । ନିର୍ମାଣ ଧିନ କଲଭର୍ଟ ଠାରେ ଏଭଳି ଘଟଣା ହୋଇଥିବା ଥିବା ଅଳ୍ପକେ ବର୍ତ୍ତି ଯାଇଛନ୍ତି କାର ଡ୍ରାଇଭର ରାକେଶ ବିଶ୍ୱାଳ । କାର ଡ୍ରାଇଭର କହିବା ଅନୁଯାଇ ସେ ବିଶାଖା ପାଟଣା ଠାରୁ ସମ୍ବଲପୁର ଅଭିମୁଖେ ଯାତ୍ରା କରୁଥିଲେ । ଭୋର ଚାରିଟା ବେଳେ ଏଭଳି ଦୁର୍ଘଟଣା ଘଟିଗଲା । ରାସ୍ତା ନିର୍ମାଣ ଧିନ କମ୍ପାନୀ ପକ୍ଷରୁ ରୋଡ଼ ସେଫ୍ଟି ନିମନ୍ତେ ସୂଚନା ଫଳକ ମାଧ୍ୟମରେ ରାସ୍ତାରେ ଜନସାଧାରଣଙ୍କୁ ଅବଗତ କରାଇଥିବା ଦେଖିବାକୁ ମିଳିଛି । କିନ୍ତୁ କାର୍ଯ୍ୟରେ ବିଳମ୍ବ କାରଣରୁ ରାସ୍ତାଟି ବିପଦ ସଂକୁଳ ଅବସ୍ଥାରେ ରହି ଆସୁଛି । କାର ଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ।ଆଗାମୀ ଦିନରେ ସମ୍ପୃକ୍ତ କମ୍ପାନୀ ଜନତାଙ୍କ ହିତ ଦୃଷ୍ଟିରୁ ରାସ୍ତା କାମକୁ ଶୀଘ୍ର ସାରିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି ।

# ବିଶ୍ୱ ଐତିହ୍ୟ ଦିବସ ପାଳିତ

ବାଲୁଗାଁ,(ଭାସ୍କର ନ୍ୟୁଜ): ନିକଟସ୍ଥ ବଡକୂଳ ଓଡି ଆଟ ସେଣ୍ଟର ପରିସରରେ ବିଶ୍ୱଐତିହ୍ୟ ଦିବସ ପାଳିତ ହେଇଛି । ଦିନକୁ ଦିନ ବିଲୁପ୍ତ ହୋଇଯାଉଥିବା କଳା, ସଂସ୍କୃତି କିପରି ଆଧୁନିକ ସମାଜରେ ପ୍ରତିଷ୍ଠିତ ହେଇପାରିବ । ସେ ନେଇ ଆଲୋଚନା ହୋଇଛି ଏହାର ସୁରକ୍ଷା ଦିଗରେ ସମସ୍ତ ଦାୟିତ୍ୱବାନ ହେବା ପାଇଁ କୁହାଯାଇଥିଲା ଏହି ଅବସରରେ ଚଳିତ ବର୍ଷ ଫଟୋ ଚିତ୍ରରେ ଓଡିଆଟ ଶ୍ରେଷ୍ଠ ଶିଳ୍ପୀ ସମ୍ମାନ ନିମନ୍ତେ କୋ।ଣ ଅନୁକୋଣରେ କଳାକାରମାନଙ୍କୁ ନାମକାନ ଦାଖଲ କରିବାକୁ କୁହାଯାଇଛି । ଫଟୋ ଚିତ୍ର ଶିଳ୍ପୀମାନେ ନିଜର ଶ୍ରେଷ୍ଠ ଫଟୋ ସହ ବିବରିଣି । ଜୁଲାଇ ୩୧ତାରିଖ ସୁଧା ଇ-ମେଲ୍ ଯୋଗେ ପଠାଇ ବାକୁ ଓଡିଆଟ ସେଣ୍ଟର କୁହାଯାଇଛି । ଶ୍ରେଷ୍ଠ ବିବେଚିତ କଳାକାର ଆଗାମୀ ସେଲଡକଫେକ କର୍ଣ୍ଣ ଭାଲରେ ପୁରସ୍କୃତ କରାଯିବା ବୋ।ଲି ଓଡିଆଟର । ପ୍ରାଦ୍ଧକ ସୈ।ରଭ ପଣ୍ଡା କହିଛନ୍ତି ।

## ସମ୍ମିଳିତ ଆଦିବାସୀ ସମାଜର ସମିକ୍ଷା ବୈଠକ

# କିର୍ମିରାରେ ଆଦିବାସୀ ଶକ୍ତିମେଳା




ବ୍ରଜରାଜନଗର,(ଭାସ୍କର ନ୍ୟୁଜ): ସମ୍ମିଳିତ ଆଦିବାସୀ ସମାଜର ଏକ ସମିକ୍ଷା ବୈଠକ କାପୁମାଲ ଗୋଁଣ୍ଡ ଭବନ ଠାରେ ସଂଗଠନର ସଭାପତି ମାଧବ ସିଂହ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ୧୧ଟି ଆଦିବାସୀ ସମାଜ ଗୋଁଣ୍ଡ, କିସାନ, ଓରାମ, ମୁଣ୍ଡା, ଖଡିଆ, ଭୂୟାଁ, ସବର, ସହରା, କୋନ୍ଧ, କନ୍ଧ, ବନଜାରା ଆଦିକୁ ନେଇ ଆସନ୍ତା ମଇ ଦ୍ୱିତୀୟ ସପ୍ତାହରେ ତିନି ଦିନ ବ୍ୟାପୀ କିର୍ମିରା ଠାରେ ଆଦିବାସୀ ଶକ୍ତି ମେଳା ଅନୁଷ୍ଠିତ ହେବ । ଏହି ଶକ୍ତିମେଳାରେ ସମସ୍ତ ଆଦିବାସୀ ମାନଙ୍କ ଦେବା ଦେବୀ ପୃଥକ ପୃଥକ ଭାବରେ ପୂଜନ ହେବା ସହିତ ସମସ୍ତଙ୍କ ପାରମ୍ପରିକ ନାଚଗୀତ ପ୍ରଦର୍ଶିତ ହେବ । ଏହି ମେଳାରେ ଜିଲ୍ଲା, ରାଜ୍ୟ ତଥା ଦେଶର ବହୁ ଆଦିବାସୀ ନେତୃମଣ୍ଡଳୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଆଦିବାସୀ ମାନଙ୍କ ମଧ୍ୟରେ ଚିହ୍ନା ପରିଚିତ ହେବା ସହିତ ସାମାଜିକ ରୀତିନୀତି ଲୋକ ଲୋଚନକୁ ଅଣାଯିବ । ସମ୍ମିଳିତ ଆଦିବାସୀ ସମାଜ ଝାରସୁଗୁଡା ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ଦେବା ପାଇଁ ଦୋହରେଇଛନ୍ତି । କିଛି ଦିନ ଆଗରୁ ଜିଲ୍ଲାରେ ଏକ ଅଜଣା ଆଦିବାସୀ ସଂଗଠନ ଦ୍ୱାରା ଘୋଷିତ ଆଦିବାସୀ ପ୍ରାର୍ଥୀକୁ ସମ୍ମିଳିତ ଆଦିବାସୀ ସମାଜ ଅଗ୍ରାହ୍ୟ କରିଛି । ଏହି ସମିକ୍ଷା ସଭାରେ ସଂଗଠନର ମୁଖ୍ୟ ଉପଦେଷ୍ଟା ତଥା ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ରାଜ୍ୟ ସଭାପତି ମହେନ୍ଦ୍ର ନାଏକ, ଉପଦେଷ୍ଟା ରତ୍ନାକର ପ୍ରଧାନ, ପ୍ରଭାକର ଓରାମ, ପ୍ରମୁଖ ସଚିବ ଅଶୋକ ମାଝୀ, କାର୍ଯ୍ୟାଳୟ ସଚିବ ବିନୋଦ ବାଗ, ପ୍ରେମସାଗର ଧୁରୁଆ, ଡମ୍ବରୁଧର ନାଏକ, ବାସୁଦେବ ଧୁରୁଆ, ରାଜେଶ ନେଟୀ, ତ୍ରିଲୋଚନ ଡନସନା, ଧର୍ମେନ୍ଦ୍ର କିସାନ,ବିରେନ ମରେଇ, ପ୍ରେମାନନ୍ଦ ବିଶ୍ୱାଲ, ରାଜେଶ ମୁଣ୍ଡା, ମୋହନ ସବର,ପୁରୁଷୋତ୍ତମ ନେଟୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜଳିଗଲା ବ୍ୟାଟେରୀଚାଳିତ ସ୍କୁଟି



କେନ୍ଦୁଝର,(ଭାସ୍କର ନ୍ୟୁଜ): ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର-ଗୋବର୍ଦ୍ଧନ ମଝିରେ ଥିବା ପେଟ୍ରୋଲପମ୍ପ ଓ ଇଟାଫାକ୍ଟ୍ରି ନିକଟରେ ଏକ ବ୍ୟାଟେରୀଚାଳିତ ସ୍କୁଟି ନମ୍ବର ( ଓଡି -୩୩ଏ ଏଫ-୯୯୭୪) ଜଳିଯାଇଛି । ଗତକାଲି ସ୍ଥାନୀୟ ଗୋବର୍ଦ୍ଧନ ପଞ୍ଚାୟତ ସେଣ୍ଡକାପ ଗ୍ରାମର ରଞ୍ଜନ କୁମାର ବେହେରା ଟ୍ୟୁସନ ପାଇଁ ଝିଅକୁ ଧରି ଅପରାହ୍ନ ୪ଟା ବେଳେ ପଦ୍ମପୁର ଅଭିମୁଖେ ଯାଉଥିଲେ । ସେତେବେଳେ ହଠାତ ଗାଡ଼ିରୁ ଧୂଆଁ ବାହାରିବାରୁ ଦୁହେଁ ଗାଡ଼ିରୁ ଓହ୍ଲାଇ ପଡ଼ିଥିଲେ । କିଛିସମୟ ପରେ ସ୍କୁଟିଟି ଜଳିଯାଇଥିଲା । ଘଟନସ୍ଥଳରେ ପହଞ୍ଚି କେନ୍ଦୁଝର ଅଗ୍ନିଶମ ବିଭାଗ କର୍ମଚାରୀ ଖବର ପାଇ ନିଆଁକୁ ଆୟତ୍ତ କରିଥିଲେ । ଏନେଇ ରଞ୍ଜନ ସଦର ଥାନାରେ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ବୀମା ପ୍ରଦାନ କରିବାକୁ ଲିଖିତ ଭାବେ ଦାବି କରିଛନ୍ତି ।

# ନହବେଡା ପଞ୍ଚାୟତରେ ଚକ୍ଷୁ ପରୀକ୍ଷା ଶିବିର



କେନ୍ଦୁଝର,(ଭାସ୍କର ନ୍ୟୁଜ୍): ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଂଯୋଗ ଓ ନହବେଡା ପଞ୍ଚାୟତ ମିଳିତ ସହଯୋଗରେ ନହବେଡା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଦିନିକିଆ ଚକ୍ଷୁ ପରୀକ୍ଷା ଓ ମୋତିଆବିନ୍ଦୁ ଶିବିର ଅନୁଷ୍ଠିତ ହୋଇଛି । ସ୍ଥାନୀୟ ସରପଞ୍ଚ ମନ୍ମଥ ବିଳାସ ତିଉ ଯୋଗ ଦେଇ ଶିବିର ଉଦ୍‌ଘାଟନ କରିଥିଲେ । ଏହି ପଞ୍ଚଯାତର ପଦ୍ମକେଶରପୁର, ନହବେଡା, ଦନସନପୁର, ଘଣ୍ଟପଶି, କଙ୍କଡ଼ାଯୋଡ଼ି ଓ କାଞ୍ଜିପାଣି ଗ୍ରାମରୁ ୬୧ ଜଣ ବ୍ୟକ୍ତି ଚକ୍ଷୁ ପରୀକ୍ଷା କରିଥିଲେ । ସେମାନଙ୍କ ମଧ୍ୟରୁ ୧୨ ଜଣ ବ୍ୟକ୍ତିଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ କେନ୍ଦୁଝରସ୍ଥିତ ଭୂମିକା ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଛି । ଚକ୍ଷୁ ଚିକିତ୍ସାଳୟର କ୍ଷେତ୍ର ପରିଚାଳକ ରୁଦ୍ର ନାରାୟଣ ଲୋହାରଙ୍କ ନେତୃତ୍ୱରେ ଚକ୍ଷୁ ବିଶେଷଜ୍ଞ ସାୟକତ ସିଲି ସ୍ୱାସ୍ଥ୍ୟସେବୀ ନିହାରିକା ନାୟକ ଓ ବର୍ଷା ସାହୁ ରୋଗୀ ମାନଙ୍କ ଚକ୍ଷୁ ପରୀକ୍ଷା ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିଲେ । ସଂଯୋଗର ସମ୍ପାଦକ ଭାଗିରଥି ମହାନ୍ତି, ମାଜିକ ବସ ଇଣ୍ଡିଆର ଅଜୟ କୁମାର ନାୟକ ଓ ସ୍ୱେଚ୍ଛାସେବୀ ଏବଂ ବରିଷ୍ଠ ସମାଜସେବୀ ଭକ୍ତବତ୍ସଳ ମହାନ୍ତି, ମୁର୍ଗାବତୀ ବେହେରା ଉପସ୍ଥିତ ରହି ରୋଗୀ ମାନଙ୍କୁ ନେବା ଆଣିବା, ଚିକତ୍ସାଳୟ ପଠାଇବା ଆଦି କାର୍ଯ୍ୟରେ ସହଯୋଗ କରିଥିଲେ । ସଂଯୋଗର ସମ୍ପାଦକ ଭାଗିରଥି ମହାନ୍ତି ଭୂମିକା ଚକ୍ଷୁ ଚିକତ୍ସାଳୟ ପକ୍ଷରୁ ରୋଗୀମାନଙ୍କୁ ନେବାଆଣିବା ଓ ଅସ୍ତ୍ରୋପଚାର, ଔଷଧ ସହ ଚଷମା ଆଦି ମାଗଣାରେ ପ୍ରଦାନ କରିଥିଲେ ।

# ପୁରୀରେ ପହଞ୍ଚିଲା ରଥ ଦଉଡି



ପୁରୀ,(ଭାସ୍କର ନ୍ୟୁଜ୍ ) : ଜୁଲାଇ ୭ ରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା । ରଥଯାତ୍ରା ପାଇଁ ପୁରୀରେ ପହଞ୍ଚିଲା ରଥ ଦଉଡି । ସମୁଦାୟ ୨୬ଟି ଦଉଡି ଶ୍ରୀମନ୍ଦିର କାର୍ଯ୍ୟାଳୟରେ ପହଞ୍ଚିଛି । ପୁରୀ ବୀରପ୍ରତାପପୁରରେ ଥିବା ଓଡ଼ିଶା ସମବାୟ କତା ନିଗମ ପକ୍ଷରୁ ପ୍ରାୟ ଏକ ମାସ ଧରି ୧୪ ଜଣ କାରିଗର ଏହି ରଥ ଦଉଡି ପ୍ରସ୍ତୁତ କରୁଥିଲେ । ତେବେ ଏହି ଦଉଡି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ପହଞ୍ଚିଛି । ତିନିରଥ ପାଇଁ ୧୪ ଖଣ୍ଡ ରଥଟଣା ଦଉଡି ଥିବା ବେଳେ ଆଉଟଡୋର, ଇନର୍, ଜେନେରାଲ୍ ଓ ପୋଲିସ ପାଇଁ ତିନୋଟି ଲେଖାଏଁ ସମୁଦାୟ ୧୨ଟି ଦଉଡି ରହିଛି । ରଥଟଣା ପାଇଁ ରଥ ଦଉଡିର ଲମ୍ବ ୨୨୦ ଫୁଟ ହୋଇଥିବା ବେଳେ ଏହାର ଗୋଲେଇ ରହିଛି ୮ ଇଞ୍ଚ । ସେହିପରି ଅନ୍ୟ ଦଉଡ଼ିର ଗୋଲେଇ ଚାରି ଇଞ୍ଚ ଥିବା କହିଛନ୍ତି ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ରଥ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ । ଅନ୍ୟପଟେ ଖୁବ ଶୀଘ୍ର ରଥ କାଠ ମଧ୍ୟ ପର୍ଯ୍ୟାୟ କ୍ରମେ ଆସି ପହଞ୍ଚିବ । ସେପଟେ କଟକ ଖପୁରିଆ କରତ କଳ ରେ ରଥ କାଠ ଚିରଟ ଆରଂଭ ହୋଇଛି । ଆଗାମୀ ଅକ୍ଷୟ ତୃତୀୟା ରୁ ରଥ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ହେବ ।

# ଆସନ୍ତା ନିର୍ବାଚନ ପରିପ୍ରେକ୍ଷୀରେ ୨୪/୭ ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍ ଉପରେ ଜିଲ୍ଲା ପ୍ରଶାସନର ଗୁରୁତ୍ୱ

ବାଲେଶ୍ୱର,(ଭାସ୍କର ନ୍ୟୁଜ): ନିର୍ବାଚନ ପ୍ରକ୍ରିୟାର ଅଖଣ୍ଡତା ଓ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ଓ ଭାରତୀୟ ନିର୍ବାଚନ ଆୟୋଗ ଏବଂ ଓଡିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାପିତ କରାଯାଇଛି ଏକ ୨୪/୭ ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍ ଓ ଆଗାମୀ ଏକକାଳୀନ ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ ଉପରେ ନଜର ରଖିବା ପାଇଁ ଏହି ସମନ୍ୱିତ କକ୍ଷକୁ କାର୍ଯ୍ୟକାରୀ କରାଯାଉଅଛି ଓ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶୀଷ ଠାକରେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କଣ୍ଟ୍ରୋଲ ରୁମଟି କାର୍ଯ୍ୟକାରୀ ହେଉଅଛି ଓ ତାଲିମପ୍ରାପ୍ତ ଅଧିକାରୀଙ୍କର ଏକ ଦଳ ଦ୍ୱାରା ପରିଚାଳିତ ଏହି ନିୟନ୍ତ୍ରଣ କକ୍ଷ ନିର୍ବାଚନ ସମ୍ବନ୍ଧୀୟ ମାମଲାର ତ୍ୱରିତ ଏବଂ ଦକ୍ଷ ସମାଧାନ ସୁନିଶ୍ଚିତ କରିବା ଏବଂ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ ତଦାରଖ ପାଇଁ ନିୟୋଜିତ କରାଯାଇଛି । ଏଥି ସହିତ ନିର୍ବାଚନ ସମ୍ବନ୍ଧୀୟ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ସୁଗମ ସମାଧାନ ପାଇଁ ଏକ ଉତ୍ସର୍ଗୀକୃତ ଟୋଲ୍ ଫ୍ରି ହେଲ୍ପ ଲାଇନ୍ (୧୯୫୦) ମଧ୍ୟ କାର୍ଯ୍ୟକ୍ଷମ କରାଯାଉଅଛି ଓ ଜନସାଧାରଣ ଏହି ନମ୍ବରକୁ ଯେକୌଣସି ସମୟରେ ଫୋନ୍ କରି ନିଜର ଅଭିଯୋଗ, ସ୍ପଷ୍ଟୀକରଣ କିମ୍ବା ନିର୍ବାଚନ ସମ୍ବନ୍ଧୀୟ ପ୍ରକ୍ରିୟା ଏବଂ ଆବଶ୍ୟକତା ସମ୍ପର୍କରେ ମାର୍ଗଦର୍ଶନ ପାଇପାରିବେ ଓ ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ଜନସାଧାରଣଙ୍କୁ ଏହି ଟୋଲ୍ ଫ୍ରି ନମ୍ବରକୁ ନ୍ୟାୟପୂର୍ଣ୍ଣ ଭାବରେ ବ୍ୟବହାର କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉତ୍ସାହିତ କରାଯାଉଅଛି ଓ ଏହି କଣ୍ଟ୍ରୋଲ ରୁମ୍ ଓ ଟୋଲ୍ ଫ୍ରି ହେଲ୍ପ ଲାଇନ୍ ନିର୍ବାଚନ ଅବଧି ସାରା କାର୍ଯ୍ୟକ୍ଷମ ରହିବ ।

## ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀ

# ପ୍ରମୁଖ ଦଳ ଗୁଡ଼ିକର ପ୍ରାର୍ଥୀ ପରିବର୍ତ୍ତନରେ ବଦଳିପାରେ ସମୀକରଣ



ଲକ୍ଷ୍ମୀପ୍ରିୟା ନାୟକ | ଡମ୍ବରୁ ଶିଶା | ମଙ୍ଗୁ ଖିଲ | ଶରତ ଚନ୍ଦ୍ର ବୁରୁଦା | ରଘୁନାଥ ହନ୍ତାଳ

ମାଲକାନଗିରି,(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରମୁଖ ଦଳ ଗୁଡ଼ିକର ପ୍ରାର୍ଥୀ ଘୋଷଣା ହେବାପରେ ରାଜନୀତି ସରଗରମ ହୋଇଥିବା ଦେଖିବାକୁ ମିଳିଛି । ବିଭିନ୍ନ ଦଳମାନଙ୍କ ମଧ୍ୟରେ ବର୍ତ୍ତମାନ ସୁଦ୍ଧା ୫ ଦଳର ପ୍ରାର୍ଥୀ ଦେଇଛନ୍ତି । ସେଥିମଧ୍ୟରୁ ବିଜେଡିରୁ ଲକ୍ଷ୍ମୀପ୍ରିୟା ନାୟକ, ଭାଜପାରୁ ଡମ୍ବରୁ ଶିଶା, କଂଗ୍ରେସରୁ ମଙ୍ଗୁ ଖିଲ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ଏମ୍)ରୁ ରଘୁନାଥ ହନ୍ତାଳ, ଆମ୍ ଆଦ ?ମୀ ପାର୍ଟିରୁ ଶରତ ଚନ୍ଦ୍ର ବୁରୁଦା ଙ୍କୁ ପାର୍ଟି ଟିକେଟ ଦେଇଛି । ପ୍ରମୁଖ ଦଳଗୁଡିକ ପ୍ରାର୍ଥୀ ପରିବର୍ତ୍ତନ କରିବାରୁ ସମୀକରଣ ବଦଳିବା ସମ୍ଭାବନା ରହିଛି । ଏମାନେ ନିଜ ନିଜ ଅଞ୍ଚଳର ଦେବା ଦେବୀଙ୍କ ପୀଠକୁ ଯାଇ ପୂଜାର୍ଚ୍ଚନା କରି ପ୍ରଚାର ଆରମ୍ଭ କରିଛନ୍ତି । ତେବେ ବିଜୁ ଜନତା ଦଳ ନିମନ୍ତେ ୫ ଜଣ ଆଶାୟୀଙ୍କ ମଧ୍ୟରୁ କାହାକୁ ଟିକେଟ ମିଳିବ ସେଥି ପାଇଁ କଳ୍ପନା ଜଳ୍ପନା ଲାଗି ରହିଥିବା ବେଳେ ଶେଷ ମୁହୂର୍ତ୍ତରେ ଲକ୍ଷ୍ମୀପ୍ରିୟାଙ୍କୁ ଦଳ ଟିକେଟ ଦେଇଥିଲା । ୨୦୧୯ ରେ ଲକ୍ଷ୍ମୀପ୍ରିୟା କଂଗ୍ରେସରୁ ଟିକେଟ ପାଇ ନିଜ ଦାଦା ବିଜୁ ଜନତା ଦଳର ପୂର୍ଣ୍ଣଚନ୍ଦ୍ର ବାକା ଙ୍କ ସହ ପ୍ରତିଦ୍ୱନ୍ଦିତାର ସମ୍ମୁଖୀନ ହୋଇଥିଲେ । ତେବେ ବାକା ମୋଟ ୪୧,୧୯୨ ଭୋଟ ପାଇଥିବା ବେଳେ ଝିଆରୀ ଲକ୍ଷ୍ମୀପ୍ରିୟା ୩୮,୬୪୭ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ । ୨୦୨୪ ନିର୍ବାଚନରେ ଲକ୍ଷ୍ମୀପ୍ରିୟା ନାୟକ କଂଗ୍ରେସ ଦଳରୁ ବାହାରି ବିଜେଡିରେ ଯୋଗଦେଇ ବିଧାୟୀକା ପ୍ରାର୍ଥୀ ଭାବେ ଟିକେଟ ପାଇ ପ୍ରଚାର ଆରମ୍ଭ କରିଛନ୍ତି । ବିଜେଡିରୁ ବାଜିମାତ କରିଥିବା ପୂର୍ବତନ ବିଧାୟକ ଡମ୍ବରୁ ଶିଶା ୨୦୧୪ ରେ ବିଧାୟକ ଥିବା ବେଳେ ୨୦୧୯ ରେ ତାଙ୍କୁ ଦଳ ଟିକେଟ ଦେଇ ନ ଥିଲା । ୨୦୨୪ରେ ବିଜେଡିରୁ ଟିକେଟ ପାଇବାକୁ ଆଶା ରଖିଥିଲେ ମଧ ଆଶାକ୍ଷୁର୍ଣ୍ଣ ହେବାରୁ ସେ ଭାଜପାରେ ଯୋଗଦେଇ ଟିକେଟ ହାସଲ କରିବାରେ ସମର୍ଥ ହୋଇଛନ୍ତି । ସେହିପରି କଂଗ୍ରେସର ବରିଷ୍ଠ ନେତା ଶରତ ବୁରୁଦା ଟିକେଟ ଆଶାୟୀ ଥିବା ବେଳେ ମଙ୍ଗୁ ଖିଲଙ୍କୁ ଟିକେଟ ଦିଆଯାଇଥିବାରୁ ବୁରୁଦା ଅସନ୍ତୋଷ ପ୍ରକାଶ କରି କଂଗ୍ରେସ ଛାଡ଼ି ଆମ୍ ଆଦ୍‌ମୀ ପାର୍ଟିରେ ଯୋଗଦେଇ ଟିକେଟ ପାଇଛନ୍ତି । ତେବେ ତିନୋଟି ପ୍ରମୁଖ ଦଳ ବ୍ୟତୀତ ଆମ୍ ଆଦମୀ ପାର୍ଟିର ବୁରୁଦା ଓ ସିପିଆଇ(ଏମ୍)ର ରଘୁନାଥ ହନ୍ତାଳ ଦଳୀୟ ଟିକେଟ ପାଇ ମଇଦାନକୁ ଓହ୍ଲାଇଥିବା ବେଳେ ଆଗାମୀ ଦିନରେ ଏହି ନିର୍ବାଚନ ମଣ୍ଡଳୀରେ ଅନେକ ସ୍ୱାଧୀନ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିବେ ବୋଲି ଚର୍ଚ୍ଚାହେଉଛି । ହେଲେ ଏଇଠି ଭୋଟରମାନେ ପକ୍ଷରୁ ସ୍ୱାଭିମାନ ଅଞ୍ଚଳର ପ୍ରଗତିକୁ ଦେଖି ଭୋଟ ଦେବେ ନା ପ୍ରାର୍ଥୀଙ୍କ ଯୋଗ୍ୟତା ଦେଖି ଭୋଟ ଦେବେ ତାହା ଜୁନ୍ ମାସ ୪ ତାରିଖ ହିଁ କହିବ ବୋଲି ଅଞ୍ଚଳର ରାଜନୀତି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି ।

# ପଣା ସଂକ୍ରାନ୍ତି ପାଇଁ ୪ ଦିନ ଜହ୍ନାପଡ଼ା ଗାଁ ଉତ୍ସବ ମୁଖରିତ



ପରଜଙ୍ଗ,(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ପଞ୍ଚାୟତ ଅଧିନସ୍ଥ ଜହ୍ନାପଡ଼ା ଗ୍ରାମରେ ଅବସ୍ଥିତ ସହିଦ ବୀର , ବ୍ନେନୁଙ୍କ ସ୍ମୃତି ପୀଠ ନିକଟ ଜୟ ବଜରଙ୍ଗବାଲୀଙ୍କ ମନ୍ଦିର ପରିଚାଳନା କମିଟିର ସଦସ୍ୟ ମାନଙ୍କ ସହଯୋଗରେ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ଏହି ମନ୍ଦିର ପ୍ରାଙ୍ଗଣରେ ମହାବୀରଙ୍କ ହନୁମାନ ଜୟନ୍ତୀ ଓ ପଣା ସଂକ୍ରାନ୍ତି ଉପଲକ୍ଷେ ୪ ଦିନ ଧରି ଆଧ୍ୟାତ୍ମିକ ପରିବେଶ ରେ ଉତ୍ସବ ମୁଖରିତ ହୋଇ ଉଠିଥିଲା । ଗତ ୧୪ ତାରିଖ ଦିନ ସକାଳ ସମୟରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଡ଼ମୋଳ ଗ୍ରାମ ବ୍ରାହ୍ମଣୀ ନଦୀ ଘାଟରୁ ପାଣିଭର୍ତ୍ତି କରି କଳସ ଯାତ୍ରା କରିଥିବା ବେଳେ ୧୫ ତାରିଖ ସନ୍ଧ୍ୟା ସମୟରେ ବ୍ଲକର ଜହ୍ନାପଡ଼ା ଗ୍ରାମର ରାଧାମାଧବ ସଙ୍କୀର୍ତ୍ତନ ,ମହିଳା ସଙ୍କୀର୍ତ୍ତନ , କଟାବାହାଳ ମହିଳା ସଙ୍କୀର୍ତ୍ତନ ,ଜଟିଆ ଗ୍ରାମର ମହିଳା ସଙ୍କୀର୍ତ୍ତନ ,ସରାଙ୍ଗ ଗ୍ରାମର ମହିଳା ସଙ୍କୀର୍ତ୍ତନ, ବାରିହାପୁର ଗ୍ରାମର ପୀତବାସ ଙ୍କ ମହିଳା ସଙ୍କୀର୍ତ୍ତନ ଦଳ, ବଡଝରା ନୂଆ ସାହି ଓ ମଝି ସାହିର ମହିଳା ସଙ୍କୀର୍ତ୍ତନ ମଣ୍ଡଳୀଙ୍କୁ ନେଇ ଏକ ସଙ୍କୀର୍ତ୍ତନ ସମାବେଶ ଅନୁଷ୍ଠିତ ହୋଇଥିଲା ।ସମସ୍ତ ସଙ୍କୀର୍ତ୍ତନ ମଣ୍ଡଳୀର କଳାକାର ମାନେ ବିଭିନ୍ନ ଶୈଳୀରେ ନାମ ଗାଇ ଦର୍ଶକଙ୍କୁ ବିମୋହିତ କରିଥିଲେ । ସମାବେଶରେ ପରଜଙ୍ଗ ବ୍ଲକର ସଙ୍କୀର୍ତ୍ତନ ମଣ୍ଡଳୀ ସଂଘର ସଭାପତି ତଅଁଳୁ ସାହୁ ,କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ନାୟକ , ଉପ ସଭାପତି ହୃଦୟ ଚମ୍ପତସିଂହ, ସମ୍ପାଦକ ଅଶୋକ କୁମାର ଦଳବେହେରା , କୋଷାଧ୍ୟକ୍ଷ ଅଭୟ କୁମାର ସାହୁ, ସାଧୁ ମୁନା ବାବାଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟ ବିଚାରକ ଭାବେ ଉପସ୍ଥିତ ଥିଲେ । ୧୬ ତାରିଖ ଓ ୧୭ ତାରିଖ ୨ ଦିନ ଧରି ବଡଯୋରା ବାଙ୍କ ବିହାରୀ ଆଶ୍ରମର ପ୍ରବଚକ କନିଷ୍ଠ ବାବା କୃଷ୍ଣ କରୁଣା ଦାସ ଓରଫ କାଳିଆ ଶ୍ରୋତା ମାନଙ୍କୁ ପ୍ରବଚନ ବାଣୀ ଶୁଣାଇଥିଲେ ।ଗୁରୁବାର ସକାଳ ସମୟରେ ପୂର୍ଣ୍ଣାହୁତି କରାଯାଇଥିଲା ।ମନ୍ଦିର କମିଟିର ସଦସ୍ୟ ସର୍ବେଶ୍ୱର ସାହୁ , ସନ୍ତୋଷ ସାହୁ ,ବିପିନ ବିହାରୀ ସାହୁ , ସୁଜିତ୍ ନାୟକ ,ମୃତ୍ୟୁଞ୍ଜୟ ନାୟକ , ଅସ୍ତ୍ୟ ନାୟକ , ଲିଟୁ ନାୟକଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ରହି ପ୍ରତ୍ୟେକ ଦିନ ପରିଚାଳିତ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।

# ଜଣେ ସଫଳ ଚାଷୀଙ୍କ ପରଲୋକ

ମୟୂରଭଞ୍ଜ/ରାଇରଙ୍ଗପୁର,(ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ଜାମଦା ସରସ୍ୱତୀ ଶିଶୁ ମନ୍ଦିର ଜାମଦାର ପ୍ରଧାନ ଆଚାର୍ଯ୍ୟା ସୁଶ୍ରୀ ସସ୍ମିତା ଟୁଡୁଙ୍କ ପିତା କୁଆଁର ଟୁଡୁଙ୍କର ୯୩ ବର୍ଷରେ ବିୟୋଗ ଘଟିଛି । ସେ ଜଣେ ସଫଳ ଚାଷୀ ଭାବରେ ଜଣାଶୁଣା ଥିଲେ ଏବଂ ଧର୍ମପରାୟଣ,ଦୟାଳୁ ବ୍ୟକ୍ତିତ୍ୱ ପାଇଁ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ । ତାଙ୍କର ଦୁଇ ପୁଅ ସାଙ୍ଗ ଚରଣ ଟୁଡୁ, ରମେଶ ଚନ୍ଦ୍ର ଟୁଡୁ, ଦୁଇ ଝିଅ ମିନତୀ ବାସ୍କେ, ସସ୍ମିତା ଟୁଡୁ, ଦୁଇ ପୁତ୍ର ବୋହୁ ବବିତା ଟୁଡୁ,ସରସ୍ୱତୀ ଟୁଡୁ ଏବଂ



ପରିବାରର ଟିଏଚ , ଟୁଡୁ, ସୁନ୍ଦର ମୋହନ ଟୁଡୁ , ନିକିତା, ନାତାଶା ଟୁଡୁ ଉପସ୍ଥିତ ଥିଲେ । ଖବର ପାଇଲା ପରେ ଶିକ୍ଷା ବିକାଶ ସମିତି ର କର୍ମଚାରୀ ମାନେ ପହଞ୍ଚି ମର ଶରୀରକୁ ଦାହ କରିବାରେ ସହାୟକ ହୋଇଥିଲେ । ତାଙ୍କର ସାନ ପୁଅ ରମେଶ୍ ଚନ୍ଦ୍ର ଟୁଡୁ ମୁଖାଗ୍ନି ଦେଇଥିଲେ ।

# ଥାନା ଓ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରସାଦ, ଜଳ ଓ ପଣା ବଣ୍ଟନ

ତିହିଡ଼ି,(ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକରେ ଶ୍ରୀରାମ ନବମୀ ସମିତି ପକ୍ଷରୁ ବିଜୟା ଦଶମୀ ମହୋତ୍ସବ ଅବସରରେ ଏକାଧିକ ପ୍ରଜ୍ଞାପନ ମେଢ଼ ଓ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଏହାକୁ ଲକ୍ଷ୍ୟ କରି ତିହିଡ଼ି ଥାନା ସମେତ ବିଭିନ୍ନ ଅଞ୍ଚଳର ସାମାଜିକ ସଂଗଠନ ପକ୍ଷରୁ ପ୍ରସାଦ, ପଣା, ଲସି, ଓ ଜଳ ବଣ୍ଟନ କରାଯାଇଥିଲା । ତିହିଡ଼ି ଥାନା ପକ୍ଷରୁ ପୋଲିସ କର୍ମଚାରୀମାନେ ଥାନା ସମ୍ମୁଖରେ ଶ୍ରଦ୍ଧାଳୁମାନଙ୍କୁ ପାନୀୟ ଜଳ ବଣ୍ଟନ କରିଥିଲେ । ତିହିଡ଼ି ଯୁବମଞ୍ଚ ପକ୍ଷରୁ ରାଇସ୍ ମିଲ୍ ସମ୍ମୁଖରେ ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା । ଏହି ବଣ୍ଟନ କାର୍ଯ୍ୟକ୍ରମରେ ସଂଗଠନର ସଭାପତି କୈଳାସ ବେହେରା, ଉପସଭାପତି ପ୍ରିୟବ୍ରତ ପାଢ଼ୀ, ସମ୍ପାଦକ ନିରଂଜନ ବାରିକ, ସଂଯୋଜକ ଆଇନଜୀବୀ ନୀଳମାଧବ ସେନାପତି, କୋଷାଧ୍ୟକ୍ଷ ଜାକିର ଉଦ୍ଦୀନ ଖାଁ, ଯୁବ ସମାଜସେବୀ ମନୋଜ ପାଣିଗ୍ରାହୀ, ସଦସ୍ୟ ବିଜୟ ଦଳେଇ, ଲଲାଟେନ୍ଦୁ ବାରିକ, ବ୍ରହ୍ମାନନ୍ଦ ପତି, ରଶ୍ମିରଂଜନ ପତି, ସୁବ୍ରତ ମିଶ୍ର, ଭବାନିଶଙ୍କର ଆଚାର୍ଯ୍ୟ, ନବ ବେହେରା, ସନ୍ତୋଷ ମହାରଣା, ସୟଦ ରଫିକ, ରଘୁନାଥ ସାହୁ, କୃଷ୍ଣଚନ୍ଦ୍ର ନାୟକ, ବିଜୟ ଦାସ, ଦୟାନିଧି ମଲିକ ପ୍ରମୁଖ ସହଯୋଗ କରିଥିଲେ । ପ୍ରଦେଶ ସେବା ସଂଗଠନ, ପୀରହାଟ ପକ୍ଷରୁ ଜଳ, ଓଆରଏସ ପାଣି ବଣ୍ଟନ କରାଯାଇଥିଲା । ସଂଗଠନର ସଭାପତି ରଂଜନ ମିଶ୍ର, ସଂପାଦିକା ଶୁଭଦ୍ରା ଭାରତୀ, ଉପଦେଷ୍ଟା, ଧ୍ରୁବଚରଣ ପାଣିଗ୍ରାହୀ, କୋଷାଧ୍ୟକ୍ଷ ବସୁଶ୍ରୀ ଆର୍ତ୍ତବଲ୍ଲଭ ବାରିକ, ସଦସ୍ୟ ଆଲୋକ ବିକାଶ ପ୍ରିୟଦର୍ଶୀ ପ୍ରମୁଖ ଜଳ ବଣ୍ଟନ କରିଥିଲେ । ମଣିଶଙ୍କର ସେବା ସଂଗଠନ ପକ୍ଷରୁ ଭକ୍ତମାନଙ୍କୁ ଲସି ବଣ୍ଟନ କରାଯାଇଥିଲା । ଆବାହକ ସୁମନ୍ତ କୁମାର ମହାନ୍ତି, ଉପବର୍ଷ ମିଶ୍ର, ଦିବାକର ସେନାପତି, କୈଳାସ ହୋତା, ବାବୁଲି ମହାରଣା, ମଦନ ମୋହନ ବେହେରା, ଗୌତମ ସାହୁ, ଅଜୟ ମହଲା, କିରଣ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ନାୟକ, ସୁନିଲ ରାଉତ ପ୍ରମୁଖ ଲସି ବଣ୍ଟନ କରିଥିଲେ । ଉତ୍କଳମଣି ସେବା ସଂଘ ପକ୍ଷରୁ ଜଳ ବଣ୍ଟନ କରାଯାଇଥିଲା । ସଂଘର ସଭାପତି ଖଗେଶ୍ୱର ତ୍ରିପାଠୀ, ସମ୍ପାଦକ ବିସ୍ମୟ ବିହାରୀ ସାହୁ, ରବୁ ସଲିମ, ରଶ୍ମିତା ତ୍ରିପାଠୀ, ହରିହର କର, ଚଢ଼େଇ ମଲିକ, କାହ୍ନା ପଣ୍ଡା, ଅମିତ ଦାସ, ଚନ୍ଦନ ଜେନା, ରାକେଶ ଓଝା, ତପନ ସାହୁ, ତପନ ହାତୀ, ତୁଷାର ନାୟକ, ଆଦିତ୍ୟ ନାୟକ ପ୍ରମୁଖ ଜଳବଣ୍ଟନରେ ସହଯୋଗ କରିଥିଲେ । ସେହିପରି ମାରୱାଡ଼ି ମଣ୍ଡ ଓ ଶ୍ରୀରାମ ସେବା ସମିତି ପକ୍ଷରୁ ଅନ୍ନ ଓ ଜଳ ବଣ୍ଟନ କରାଯାଇଥିବା ବେଳେ ଜୀବନ ଜ୍ୟୋତି ସଂଗଠନ ପକ୍ଷରୁ ଧୀରେନ୍ଦ୍ର ସାହୁ ଓ ଜ୍ୟୋତିର୍ମୟ ପାଣ୍ଡବଙ୍କ ନେତୃତ୍ୱରେ ସଦସ୍ୟମାନେ ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ପ୍ରଶାସନକୁ ସହଯୋଗ କରିଥିଲେ ।




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶ୍ୱ ଯକୃତ ଦିବସ ପାଳନ ଅବସରରେ, ଏମ୍ସ ଭୁବନେଶ୍ୱର ଗ୍ୟାଷ୍ଟ୍ରୋଲୋଜି ବିଭାଗ ପକ୍ଷରୁ ଯକୃତ ରୋଗ ଏବଂ ଏକ ସୁସ୍ଥ ଜୀବନଶୈଳୀର ମହତ୍ୱ ବିଷୟରେ ଏକ ସଚେତନତା ଏବଂ ପାରସ୍ପରିକ ଭାବବିନିମୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଗ୍ୟାଷ୍ଟ୍ରୋଲୋଜି ବିଭାଗ ଓପିଡିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦୁଇ ଶହରୁ ଅଧିକ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ଅଂଶଗ୍ରହଣ କରିଥିଲେ। ସଚେତନ ହେଲେ ପ୍ରାୟ ନବେ ପ୍ରତିଶତରୁ ଅଧିକ ଯକୃତ ରୋଗକୁ ପ୍ରତିରୋଧ କରାଯାଇପାରିବ ବୋଲି ବିଭାଗର ଅତିରିକ୍ତ ପ୍ରଫେସର୍ ଡ. ମାନସ କୁମାର ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ସେହିପରି ମଦ୍ୟପାନରୁ ନକରିବା, ପ୍ରକ୍ରିୟାକୃତ ଏବଂ ଜଙ୍କ ଫୁଡ୍ ଠାରୁ ଦୂରେଇ ରହିବା, ଆବଶ୍ୟକୀୟ ସ୍କ୍ରିନିଂ କରିବା, ହେପାଟାଇଟିସ୍ ବି ଟୀକାକରଣ ଏବଂ ନିୟମିତ ବ୍ୟାୟାମ କଲେ ଯକୃତ ରୋଗକୁ ପ୍ରତିରୋଧ କରାଯାଇପାରିବ ବୋଲି ଡ. ପାଣିଗ୍ରାହୀ କହିଛନ୍ତି। ଏହି ଅବସରରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ . ଆଶୁତୋଷ ବିଶ୍ୱାସଙ୍କ ଅନୁଯାୟୀ ଯକୃତ ରୋଗକୁ ରୋକିବାରେ ସୁସ୍ଥ ଜୀବନଶୈଳୀର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ।

## ରାଜନୈତିକ ଦଳଙ୍କ ଦ୍ୱାରା ଚିରକୁଟ ଉଠାଣ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ ପାଇଁ ଆକାଶବାଣୀ ଓ ଦୂରଦର୍ଶନ ମାଧମରେ ସ୍ୱୀକୃତିପ୍ରାପ୍ତ ଜାତୀୟ ରାଜନୈତିକ ଦଳ ଓ ରାଜ୍ୟ ରାଜନୈତିକ ଦଳମାନେ ଦେୟମୁକ୍ତ ନିର୍ବାଚନ ପ୍ରଚାରର ସମୟ ନିର୍ଘଣ୍ଟ ଶୁକ୍ରବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଚିରକୁଟ ଉଠାଣ ମାଧମରେ ସ୍ଥିରୀକୃତ ହୋଇଛି। ରହିଥିବା ବ୍ୟବସ୍ଥା ଅନୁସାରେ ସ୍ୱୀକୃତିପ୍ରାପ୍ତ ଜାତୀୟ ଓ ରାଜ୍ୟ ରାଜନୈତିକ ଦଳମାନେ ଆକାଶବାଣୀ ଓ ଦୂରଦର୍ଶନରେ ନିର୍ବାଚନ ପ୍ରଚାର ପାଇଁ ସମୟ ପାଇଥାନ୍ତି । ସେହିକ୍ରମରେ ଆକାଶବାଣୀ, କଟକ କେନ୍ଦ୍ର ଓ ଦୂରଦର୍ଶନ କେନ୍ଦ୍ର, ଭୁବନେଶ୍ୱରଙ୍କ ଆନୁକୂଲ୍ୟରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡକଫର ଏନ୍. ତିରୁମାଲା ନାୟକଙ୍କ ପୌରୋହିତ୍ୟରେ ଏହି ଚିରକୁଟ ଉଠାଣ ପ୍ରକ୍ରିୟା କରାଯାଇଥିଲା। ଏଥିରେ ଭାରତୀୟ ଜନତା ପାର୍ଟି, ଭାରତୀୟ ଜାତୀୟ କଂଗ୍ରେସ, ଆମ୍ ଆଦ୍ମି ପାର୍ଟି, ସିପିଆଇ(ଏମ୍) ଓ ବହୁଜନ ସମାଜ ପାର୍ଟିର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ଆକାଶବାଣୀ, କଟକ ପକ୍ଷରୁ କାର୍ଯ୍ୟକ୍ରମ ପ୍ରମୁଖ ତରୁଣ କାନ୍ତି ରାଉତ ଓ ଦୂରଦର୍ଶନ କେନ୍ଦ୍ର, ଭୁବନେଶ୍ୱର ପକ୍ଷରୁ କାର୍ଯ୍ୟକ୍ରମ ପ୍ରମୁଖ ଦେବାଶିଷ ହାଲ୍‌ଦାର ଚିରକୁଟ ଉଠାଣ ପ୍ରକ୍ରିୟା ସଂପାଦନ କରିଥିଲେ। ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଥର ଥର କରି ଚିରକୁଟ ଉଠାଣ କରିଥିଲେ ଓ ଚିରକୁଟରେ ନାମ ଥିବା ରାଜନୈତିକ ଦଳର ପ୍ରତିନିଧିମାନେ ନିଜ ନିଜ ପସନ୍ଦର ସମୟ ନିର୍ଘଂଟ ବାଛିଥିଲେ। ଏହି ସମୟ ନିର୍ଘଂଟ ମଧ୍ୟରେ ସଂପୃକ୍ତ ଦଳମାନେ ଆଦର୍ଶ ଆଚରଣ ବିଧି ଅନୁସାରେ ନିର୍ବାଚନ ପ୍ରଚାର ପାଇଁ ସୁଯୋଗ ପାଇବେ।

## ୩ ଜିଲ୍ଲାରେ ଲକ୍ଷ୍ମୀ ବସ୍ ସେବାରେ ବାଧକ ସାଜିଛନ୍ତି ଧର୍ମେନ୍ଦ୍ର: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତର ଏକ ନମ୍ବର ଗ୍ରାମୀଣ ଯୋଗାଯୋଗ କାର୍ଯ୍ୟକ୍ରମ ହେଉଛି ଓଡ଼ିଶାର ଲକ୍ଷ୍ମୀ ସେବା ଯାହା ରାଜ୍ୟର ୧୦୦% ଜିଲ୍ଲାକୁ ସଂଯୋଗ କରୁଛି । ଯେଉଁଥିରେ ବ୍ଲକ୍ ଓ ଜିଲ୍ଲାରେ ୧୬୦୦ରୁ ଅଧିକ ବସ୍ ରହିଛି ଏବଂ ୧୨୨ଟି ଅତ୍ୟାଧୁନିକ ଜଗନ୍ନାଥ ଏକ୍ସପ୍ରେସ୍ ଏବଂ ଲକ୍ଷ୍ମୀ ଏକ୍ସପ୍ରେସ୍ ବସ୍ ରହିଛି । ହେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅବହେଳା ପାଇଁ ତିନି ଜିଲ୍ଲା ସମ୍ବଲପୁର, ଅନୁଗୁଳ ଓ ଢେଙ୍କାନାଳ ଲୋକେ ଏହାର ସମ୍ପୂର୍ଣ୍ଣ ସୁଫଳ ପାଇପାରୁ ନଥିବା କହିଛନ୍ତି ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ଡକ୍ଟର ସସ୍ମିତ ପାତ୍ର । ଡକ୍ଟର ପାତ୍ର କହିଛନ୍ତି ଯେ ୬୨,୦୦୦ରୁ ଅଧିକ ଶିକ୍ଷାନୁଷ୍ଠାନକୁ ସଂଯୋଗ କରି ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ସ୍ୱପ୍ନକୁ ସାକାର କରିବାରେ ଲକ୍ଷ୍ମୀ ବସ ସାହାଯ୍ୟ କରିଛି । ଯୁବକମାନଙ୍କ ପାଇଁ ୩୨,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହିତ ମହିଳା ଏବଂ ବରିଷ୍ଠ ନାଗରିକମାନଙ୍କ ପାଇଁ ୯୦୦୦ ବସ୍ ରହଣୀ ଆଶ୍ରୟସ୍ଥଳୀ ସ୍ଥାପନ କରିଛି । ଟିକେଟ୍ ପିଛା ମାତ୍ର ୫ ଟଙ୍କାରେ ମହିଳା, ଛାତ୍ର ଓ ଦିବ୍ୟାଙ୍ଗମାନେ ଏବେ ଗ୍ରାମୀଣ ଓଡ଼ିଶାରେ ଅତି ଆରାମରେ ଯାତ୍ରା କରିପାରୁଛନ୍ତି ଏବଂ ଜଗନ୍ନାଥ ଏକ୍ସପ୍ରେସ ଓ ଲକ୍ଷ୍ମୀ ଏକ୍ସପ୍ରେସରେ ମହିଳାମାନେ ଆଉ ୫୦% ରିହାତି ପାଇପାରୁଛନ୍ତି । ଅନ୍ୟପକ୍ଷରେ ଏନ୍ଏଚ୍-୫୫ର ଅତ୍ୟନ୍ତ ଖରାପ ସ୍ଥିତି ଯୋଗୁଁ ସମ୍ବଲପୁର, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାରେ ଏହି ସବୁ ଭଲ କାମ ସମ୍ଭବ ହୋଇପାରୁ ନାହିଁ । ୫୫ ନମ୍ବର ଜାତୀୟ ରାଜପଥରେ ଲକ୍ଷ୍ମୀ ବସ ର ସୁବିଧା ସତ୍ୱେ କିପରି ସେମାନଙ୍କ ପିଠି ଯନ୍ତ୍ରଣା ଓ ଦୁର୍ଘଟଣା ଭୟ ରହୁଛି ତାହା ଯାତ୍ରୀମାନେ ଅଭିଯୋଗ କରୁଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିଫଳତା କାରଣରୁ ଏଭଳି ସ୍ଥିତି ଉପୁଜିଛି । ଦୀର୍ଘ ୧୦ ବର୍ଷ ଧରି କେନ୍ଦ୍ରମନ୍ତ୍ରୀ ହୋଇଥିଲେ ମଧ ସେ ରାସ୍ତା କାମ ଶେଷ କରିପାରିନାହାନ୍ତି । ଚିନ୍ତା କରନ୍ତୁ ଯଦି ୫୫ ନମ୍ବର ଜାତୀୟ ରାଜପଥ କାମ ସମ୍ପୂର୍ଣ୍ଣ ହୋଇଥାନ୍ତା, ତେବେ ଦୁର୍ଘଟଣା ଓ ପିଠି ଯନ୍ତ୍ରଣା ନେଇ ଲୋକଙ୍କ ମନରେ ଭୟ ନଥାନ୍ତା । ଅବଶୋଷର କାରଣ ହେଉଛି ଶ୍ରୀ ପ୍ରଧାନ ଏଥିପ୍ରତି ଅବହେଳା କରିବା ସହିତ ଧ୍ୟାନ ଦେଇନାହାନ୍ତି । ରାଜ୍ୟ ପକ୍ଷରୁ ଯୋଗାଇ ଦିଆଯାଉଥିବା ସର୍ବୋତମ ଲକ୍ଷ୍ମୀ ବସ୍ ସେବା ସତ୍ୱେ ଜାତୀୟ ରାଜପଥ-୫୫ର ଖରାପ ସ୍ଥିତି ଯୋଗୁଁ ଲକ୍ଷ ଲକ୍ଷ ମହିଳା, ଛାତ୍ର ଓ ବୟସ୍କ ଲୋକେ ହଇରାଣ ହେଉଛନ୍ତି । ବୋଧହୁଏ ଶ୍ରୀ ପ୍ରଧାନ ଏନ୍ଏଚ୍-୫୫ ନୁହେଁ, ଅନ୍ୟ କୌଣସି ରାସ୍ତା ଦେଇ ଯାତାୟାତ କରୁଛନ୍ତି ବୋଲି ଡକ୍ଟର ପାତ୍ର କହିଛନ୍ତି ।

## ପ୍ରିୟଦର୍ଶୀଙ୍କ ବିଶାଳ ପଦଯାତ୍ରା



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଶୁକ୍ରବାର ଭୁବନେଶ୍ୱର-ଉତ୍ତର ନିର୍ବାଚନ ମଣ୍ଡଳୀ ରସୁଲଗଡ ଅନ୍ତର୍ଗତ ବିଜେପି କର୍ମକର୍ତ୍ତାଙ୍କୁ ନେଇ ୱାର୍ଡ ୧୯ ପଳାଶୁଣୀ ହାଟ ନିକଟରୁ ଭୁବନେଶ୍ୱର-ଉତ୍ତର ବି. ଜେ. ପି. ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ରଙ୍କ ନେତୃତ୍ୱରେ ବିଶାଳ ପଦଯାତ୍ରା କରାଯାଇଥିଲା। ଏଥିରେ ବହୁ କର୍ମୀ ଓ କର୍ମକର୍ତ୍ତାଙ୍କ ଗହଣରେ ରସୁଲଗଡ଼ କେନାଲ ବ୍ରିଜ ପର୍ଯ୍ୟନ୍ତ ଯାଇ ସେଠାରେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେଶ୍ରୀ ମିଶ୍ର କହିଥିଲେଯେ, ମୋଦୀ ସରକାରଙ୍କ ବହୁମୁଖୀ ତଥା ଲୋକାଭିମୁଖୀ କାର୍ଯ୍ୟକ୍ରମ ଓଡ଼ିଶାରେ କାର୍ଯ୍ୟକାରୀ କରବାପାଇଁ ଡବଲ ଇଂଜିନ ସରକାର ଗଢିବା ନିମନ୍ତେ ସହଯୋଗ କାମନା କରିଥିଲେ।

## ବିଜେଡ଼ିରେ ଯୋଗଦେଲେ ବିଜେପି ନେତା ଭାଗୀରଥୀ ପ୍ରଧାନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ନିର୍ବାଚନମଣ୍ଡଳୀର ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାଗୀରଥୀ ପ୍ରଧାନଙ୍କ ସହ ଶତାଧିକ ବିଜେପି କର୍ମକର୍ତା ଓ ନିର୍ବାଚିତ ପ୍ରତିନିଧି ଶୁକ୍ରବାର ଶଙ୍ଖଭବନ ଠାରେ ଆଠମଲ୍ଲିକ ବିଜେଡି ବିଧାୟକ ପ୍ରାର୍ଥୀ ନଳୀନୀକାନ୍ତ ପ୍ରଧାନ, ଅନୁଗୁଳ ଜିଲ୍ଲା ସହପର୍ଯ୍ୟବେକ୍ଷକ କୁନାବିହାରୀ ଦାସ, ଆଠମଲ୍ଲିକ ପର୍ଯ୍ୟବେକ୍ଷକ ଚିନ୍ମୟ ସାହୁ ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ବିଜେପି ନେତା ଭାଗୀରଥୀ ପ୍ରଧାନଙ୍କ ସହ ଶତାଧିକ ବିଜେପି କର୍ମୀଙ୍କୁ ଶ୍ରୀ ପ୍ରଧାନ, ଶ୍ରୀ ଦାସ, ଶ୍ରୀ ସାହୁ ଓ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ବିଜେପି କର୍ମୀମାନଙ୍କ ଯୋଗଦାନ ଫଳରେ ବିଶେଷକରି ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ପ୍ରଧାନ, ଶ୍ରୀ ଦାସ, ଶ୍ରୀ ସାହୁ ଓ ଡକ୍ଟର ପାତ୍ର କହିଥିଲେ। ଏହି ମିଶ୍ରଣ ପର୍ବରେ ପରମାନନ୍ଦ ସାହୁ, ବନ୍ଧୁଆ ବେହେରା, ଯଶୋବନ୍ତ ଭୋଇ, ନୀଳାଦ୍ରି ପ୍ରଧାନ, ଦୁର୍ଯ୍ୟୋଧନ ମୁଣ୍ଡା, ଆଶିଷ ବେହେରା, ସୁଜିତ ମହାପାତ୍ର, ଗିରୀଶ ନାୟକ, ଅଭିରାମ ଦେହୁରୀ, ସିପନ୍ ବେହେରା, ହିମାଂଶୁ ବାଘ, ଭବାନୀ ମେହେର, ଶିବ ପ୍ରସାଦ ଗାଇଗେରୀୟା, ରାଜକିଶୋର ବାଘ, ପ୍ରାଣବନ୍ଧୁ ଗୁରୁ, ପାଣ୍ଡୁ ଗୁରୁ, ଭଗବାନ ବେହେରା, ସଂଜୀବ ସାହୁ, କଷ୍ଟୁ ସାହୁ, ଅଭିନାଶ ସାହୁ, ନରି ଞ୍ଜନ ରାଉଳ, ପ୍ରଦୀପ ପ୍ରଧାନ, ଆଲୋକ ପ୍ରଧାନ, ଅବନୀ ପ୍ରଧାନ, ସୁଶାନ୍ତ ପ୍ରଧାନ, ସନ୍ତୋଷ ସାହୁ, ସତ୍ୟବାନ ସାହୁ, ଶାନ୍ତୁନ ବାଘ, ସୁରେଶ ପ୍ରଧାନ, ଅଜିତ ବିଶ୍ୱାଳ, ପ୍ରସନ୍ନ ସ୍ୱାଇଁ, ନକୁଳ ଦେହୁରୀ, ତ୍ରିଲୋଚନ ଜେନା, ରଘୁନାଥ ଗଡତିଆ ସଂଜିବ ମିର୍ଦ୍ଧୀ ଓ ହରି ନାୟକଙ୍କ ସହ ଶତାଧିକ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ ।

## ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ: ବିଜେପି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ବିଷମକଟକ ନିର୍ବାଚନ ମଣ୍ଡଳୀ ପ୍ରଚାର ପାଇଁ ଯାଇଥିବା ଆଇନମନ୍ତ୍ରୀ ଜଗନ୍ନାଥ ସରକାଙ୍କୁ ସାଧାରଣ ଭୋଟର ଜଳ ସମସ୍ୟା ପାଇଁ ପ୍ରଶ୍ନ କରିଥିଲେ। ଏହି ସମୟରେ ମନ୍ତ୍ରୀଙ୍କ ସହ ଥିବା କିଛି ଅସାମାଜିକ ବ୍ୟକ୍ତି ସାଧାରଣ ଲୋକଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଅମାନୁଷିକଭାବେ ଆକ୍ରମଣ କରିଥିଲେ ଓ ଏହାକୁ ମନ୍ତ୍ରୀ ନିରବଭାବେ ଦେଖିବା ସହ ଘଟଣାକୁ ଉପଭୋଗ କରିଥିଲେ। ଆକ୍ରମଣର ଶିକାର ହୋଇଥିବା ହରେକୃଷ୍ଣ ବେହେରା ଓ ହରେନ୍ଦ୍ର ଗୌଡ ଥାନାରେ ୫ଦିନ ପୂର୍ବେ ଏତଲା ରୁଜୁ କରିଥିଲେ ମଧ ଏଯାଏଁ ପୋଲିସ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଆଇନମନ୍ତ୍ରୀଙ୍କ ଆଖି ସାମ୍ନାରେ ଆଇନର ଧଜିଆ ଉଡିଛି, ତେଣୁ ଏହାକୁ ଦୃଷ୍ଟିରେ ରଖି ମନ୍ତ୍ରୀ, ଆକ୍ରମଣକାରୀ ତଥା ଏତଲା ସତ୍ୱେ ଅପରାଧୀଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରିନଥିବା ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେପି ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡାଙ୍କ ନେତୃତ୍ୱରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବି ପତ୍ର ଦେଇଛି ବିଜେପି ପ୍ରତିନିଧିମଣ୍ଡଳୀ। ସେହିପରି ବ୍ରହ୍ମପୁରର ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହି କହିଥିଲେ ଯେ, ବ୍ରହ୍ମପୁରର କିଛି ପୋଲିସ ଶାସକ ବିଜୁ ଜନତା ଦଳ ସହ ମିଶି କାର୍ଯ୍ୟ କରୁଛନ୍ତି। ଯାହାର ଭିଡିଓ ଓ ଫଟୋ ଆଜି ବିଜେପି ସିଇଓଙ୍କୁ ଦେଇଛି। ଏହା ଜନପ୍ରତିନିଧି ଆଇନ ୧୯୫୧ ଧାରା ୧୨୯ ଓ ଆଦର୍ଶ ଆଚରଣ ବିଧିର ଖୋଲା ଉଲଘଂନ । ଏ ପ୍ରକାର ପୋଲିସ କର୍ମଚାରୀ ନିର୍ବାଚନ ସମୟରେ କିଭଳି ନିରପେକ୍ଷତା ଅବଲମ୍ବନ କରିବେ ବୋଲି ପ୍ରଶ୍ନ କରିବା ସହ ଏମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଶ୍ରୀ ପଣ୍ଡା ଦାବି କରିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ ସମ୍ପାଦକ କସ୍ତୁରୀ ମିଶ୍ର, ରାଜ୍ୟ ମୁଖପାତ୍ର ଦିଲ୍ଲୀପ ମଲ୍ଲିକ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ, ରାଜ୍ୟ ନିର୍ବାଚନ ସେଲ୍ ସଂଯୋଜକ ଜୟନ୍ତ ଜେନା, ରଶ୍ମି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଅବକାରୀ ଅଧୀକ୍ଷକ ନିଲମ୍ବିତ, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କର୍ତବ୍ୟରେ ଅବହେଳା ଅଭିଯୋଗରେ କେନ୍ଦ୍ରାପଡ଼ା ଅବକାରୀ ଅଧୀକ୍ଷକ ଦେବୀ ପ୍ରସାଦ ମିଶ୍ରଙ୍କୁ ଓଡ଼ିଶା ସିଭିଲ ସର୍ଭିସ (ବର୍ଗୀକରଣ ନିୟନ୍ତ୍ରଣ ଓ ଆପିଲ) ନିୟମ-୧୯୬୨ର ନିୟମ ୧୨ର ଉପନିୟମ-୧ ଅନୁଯାୟୀ ରାଜ୍ୟ ସରକାର ତୁରନ୍ତ ନିଲମ୍ବିତ କରିଛନ୍ତି। ନିଲମ୍ବନ ଅବଧି ମଧ୍ୟରେ ତାଙ୍କ ମୁଖ୍ୟାଳୟ ସମ୍ବଲପୁର ଉତର ଡିଭିଜନର ଅବକାରୀ ଡେପୁଟି କମିଶନରଙ୍କ କାର୍ଯ୍ୟାଳୟରେ ସ୍ଥିର କରାଯାଇଛି। ବିସ୍ତୃତ ତଦନ୍ତ ପରେ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ବିଜେଡ଼ିରେ ମିଶିଲେ ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ବିଜୟକେତନ ସ୍ୱାଇଁ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ଅନ୍ତର୍ଗତ ରାଜନଗର ନିର୍ବାଚନମଣ୍ଡଳୀର ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ବିଜୟକେତନ ସ୍ୱାଇଁଙ୍କ ସହ ଶତାଧିକ ବିଜେପି କର୍ମକର୍ତା ଓ ନିର୍ବାଚିତ ପ୍ରତିନିଧି ଶୁକ୍ରବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଓ ରାଜନଗର ବିଜେଡି ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ବିଜୟକେତନ ସ୍ୱାଇଁଙ୍କ ସହ ଶତାଧିକ ବିଜେପି କର୍ମୀଙ୍କୁ ଡକ୍ଟର ପାତ୍ର, ଶ୍ରୀ ଜେନା ଓ ଶ୍ରୀ ସାହୁ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ଆଜି ବିଜେପି କର୍ମୀମାନଙ୍କ ଯୋଗଦାନ ଫଳରେ ବିଶେଷକରି ରାଜନଗର ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର, ଶ୍ରୀ ଜେନା ଓ ଶ୍ରୀ ସାହୁ କହିଥିଲେ। ଏହି ମିଶ୍ରଣ ପର୍ବରେ ପ୍ରଫେସର ଉମେଶ ଚନ୍ଦ୍ର ପରିଡା ଓ ପଟ୍ଟାମୁଣ୍ଡାଇ ନଗର ବିଜେପି ଉପସଭାପତି ଦିବ୍ୟକାନ୍ତ ବିଶ୍ୱାଳଙ୍କ ସହ ଶତାଧିକ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ ।

## ବିଜେପିର ବଳକା ପ୍ରାର୍ଥୀ ତାଲିକା ଘୋଷଣା ହେବ: ତୋମର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସାରା ଦେଶରେ ମୋଦୀ ଲହରୀ ରହିଛି। ଓଡିଶାରେ ମଧ ମୋଦୀ ଲହରୀ ରହିଛି । ଭୁବନେଶ୍ୱର ଠାରେ ପହଞ୍ଚିବା ପରେ ବିଜେପି ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂ ତୋମାର ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଆସନ୍ତା ଦିନେ ଦୁଇ ଦିନ ମଧରେ ରାଜ୍ୟ ବିଜେପିର ବଳକା ପ୍ରାର୍ଥୀ ତାଲିକା ଘୋଷଣା ହେବ ବୋଲି ତୋମାର କହିଛନ୍ତି। ଏଥର ଓଡିଶାରେ ବିଜେପି ସରକାର ଏବଂ କେନ୍ଦ୍ରରେ ବି ବିଜେପି ସରକାର ହେବ ବୋଲି ସେ କହିଛନ୍ତି ।

### ସାଂସଦ ଭର୍ତ୍ତୃହରିଙ୍କ ବିରୋଧରେ ଦୁର୍ବ୍ୟବହାର ମାମଲା

## ପୋଲିସ୍ ଅଧିକାରୀଙ୍କୁ ଜେରା

କଟକ(ଭାସ୍କର ନ୍ୟୁଜ୍): କଟକର ଲୋସଭା ସାଂସଦ ଭର୍ତ୍ତୃହରିଙ୍କ ବିରୋଧରେ ପୋଲିସ୍ ଅଧିକାରୀଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ମାମଲାରେ ଶୁକ୍ରବାର ସଂପୃକ୍ତ ପୋଲିସ୍ ଅଧିକାରୀଙ୍କୁ ଜେରା କରାଯାଇଛି । ଅଭିଯୋଗକାରୀ ପୋଲିସ୍ ଅଧିକାରୀ ଅମିତାଭ ମହାପାତ୍ରଙ୍କୁ କଟକର ଜେଏମ୍ଏଫ୍‌ସି କୋର୍ଟରେ ଏହି ମାମଲାରେ ଜେରା କରାଯାଇଛି । ମାମଲାର ଶୁଣାଣି ଅସମ୍ପୂର୍ଣ୍ଣ ରହିଥିବାରୁ ଆସନ୍ତା ୩୦ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି ହେବ ବୋଲି କୋର୍ଟ ସମୟ ଧାର୍ଯ୍ୟ କରିଛନ୍ତି । ଗତ ୨୦୧୧ ମସିହା ଜାନୁୟାରୀ ୨୩ ତାରିଖରେ ଶ୍ରୀ ମହତାବ ଅମିତାଭ ମହାପାତ୍ର ନାମକ ଜଣେ ପୋଲିସ ସବ୍ ଇନିସ୍‌ପେକ୍ଟରଙ୍କୁ ମାଡ଼ ମାରିଥିବା ନେଇ ଅଭିଯୋଗ ହୋଇଥିଲା । ଏହି ଘଟଣାରେ ତାଙ୍କ ବିରୋଧରେ ଚାର୍ଜଫ୍ରେମ ହୋଇଛି । ସାଂସଦଙ୍କ ବିରୋଧରେ ଆଇପିସିର ଦଫା ୩୪୧, ୩୨୩, ୨୯୪, ୩୫୩ ଓ ୫୦୬ ଲାଗୁ କରାଯାଇଛି। ଅଭିଯୋଗକାରୀ ଅମିତାଭ ମହାପାତ୍ର ସେତେବେଳେ ମଙ୍ଗଳାବାଗ ଥାନାରେ ସବ୍ ଇନିସ୍‌ପେକ୍ଟର୍ ଥିବା ବେଳେ ଏବେ କମିସନରେଟ ପୋଲିସରେ ଏସିପି ଅଛନ୍ତି। ଗତ ୨୦୧୧ ଜାନୁୟାରୀ ୨୩ ତାରିଖ ନେତାଜୀ ଜୟନ୍ତୀରେ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗସ୍ତ କାର୍ଯ୍ୟକ୍ରମ ଥିବାବେଳେ ମ୍ୟୁଜିୟମ୍‌ର ସୁରକ୍ଷା ଦାୟିତ୍ୱରେ ତତ୍କାଳୀନ ଏସ୍ଆଇ ଶ୍ରୀ ମହାପାତ୍ର ରହିଥିଲେ। କଟକ ଡିସିପିଙ୍କ ନିର୍ଦ୍ଦେଶ ଅନୁସାରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ବେଳେ ମ୍ୟୁଜିୟମ ମଧକୁ ଜନସାଧାରଣଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଥିଲା। ଶ୍ରୀ ମହାପାତ୍ର ଉକ୍ତ ନିର୍ଦ୍ଦେଶ ପାଳନ କରୁଥିବାବେଳେ ସାଂସଦଙ୍କୁ ଭିତରକୁ ଛାଡିନଥିଲେ। ଏଥିସହିତ ଶ୍ରୀ ମହତାବ ଶ୍ରୀ ମହାପାତ୍ରଙ୍କୁ ଗାଳି କରିଥିବା ନେଇ ଅଭିଯୋଗ କରିଥିଲେ। ଏପରିକି ମାତ୍ର କୌଣସି ଦୋଷ ନଥାଇ ଶ୍ରୀ ମହତାବ ସବ୍ ଇନିସ୍‌ପେକ୍ଟରଙ୍କୁ ଚପୁଡ଼ା ମାରିଥିଲେ ବୋଲି ସେ ଦରଘାବଜାର ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତି କରି ଥାନାରେ ଏକ କେସ୍ ରୁଜୁ ହେବା ସହ ତଦନ୍ତ କରାଯାଇଥିଲା। ଚଳିତ ସାଧାରଣ ନିର୍ବାଚନ ପୂର୍ବରୁ କଟକର ଲୋକସଭା ସାଂସଦ ଭର୍ତ୍ତୃହରି ମହାତାବଙ୍କ ଗତ ୨୦୧୧ ମସିହାର ମାମଲାରେ ବିରୋଧରେ ସ୍ୱତନ୍ତ୍ର ଏମ୍‌ପି/ଏମ୍‌ଏଲଏ କୋର୍ଟରେ ଚାର୍ଜଫ୍ରେମ୍ ହୋଇଛି ।

## ବିଜେପିରେ ସାମିଲ ହେଲେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ନିଜର ଶତାଧିକ ସମର୍ଥକଙ୍କ ଗହଣରେ ବିଜେଡି ଛାଡି ବିଜେପିରେ ସାମିଲ ହୋଇଛନ୍ତି। ଶ୍ରୀ ପଣ୍ଡାଙ୍କ ସମେତ ଗଞ୍ଜାମ ଏନଏସି ଅଧକ୍ଷ ଶ୍ରୀମତୀ ପ୍ରତିଭା ପାଢ଼ୀ, ସ୍ୱାଧୀନ କାଉନସିଲର ଅରୁଣ କୁମାର ପଣ୍ଡା, ବିଜେଡି କାଉନସିଲର ରୀତା ଦେବୀ ମହାରଣା, ରାଇବରୀ ଜେନା, ସ୍ୱାଗତ ଆଶିଷ ନାୟକ, ଇ.ମୋହନ ରେଡ୍ଡି, ବିଜୁ ଛାତ୍ର ଜନତା ଦଳର ନେତା ପ୍ରକାଶ ରାଉଳ, ଗଞ୍ଜାମ ଏନଏସିର ପୂର୍ବତନ ଅଧକ୍ଷ ରାନୁ ବଇଠାରୁ, ଅବସରପ୍ରାପ୍ତ ଇଞ୍ଜିନିୟର ବିନୋଦ କୁମାର ପାଢ଼ୀ, ପୂର୍ବତନ ସରପଞ୍ଚ ପ୍ରଭାକର ବେହେରା, ବରିଷ୍ଠ ନାଗରିକ ମଂଚର ସଭାପତି ଲିଙ୍ଗରାଜ ପଟ୍ଟନାୟକ, ପୂର୍ବତନ ବିଜେଡି କାଉନସିଲର ପ୍ରକାଶ ଚନ୍ଦ୍ର ବେହେରା, ପୁରୁଣା ବନ୍ଦ ଗାଁର ସଭାପତି କୃଷ୍ଣଚନ୍ଦ୍ର ବେହେରା, ପୂର୍ବତନ କାଉନସିଲର ଦୁର୍ଗା ମାଧବ ପାଣିଗ୍ରାହି, ପୂର୍ବତନ ସରପଂଚ ଶତ୍ରୁଘ୍ନ ମହାକୁଡ, ବିଜେଡି ଯୁବ ନେତା ତ୍ରିଲୋଚନ ବାରିକ, ହରପ୍ରସାଦ ବାରିକ, ସଞ୍ଜୀବ ସ୍ୱାଇଁ, ତୋଫାନ ପଣ୍ଡା, ସନ୍ତୋଷ ଦାସ, ରଞ୍ଜିତ ଦାସ, ବିଦେଶୀ ଦାସ, ଲିଙ୍ଗରାଜ ପଟ୍ଟନାୟକ, କ୍ଷୀରୋଦ ଚନ୍ଦ୍ର ସାହୁ, ଜିତୁ ଦାସ, ନାରାୟଣ ଦାସ ପ୍ରମୁଖ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି। ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ନୂତନ ସଦସ୍ୟଙ୍କୁ ଉତରୀୟ ପିନ୍ଧାଇ ସ୍ୱାଗତ ଜଣାଇଥିଲେ। ଏହି ମିଶ୍ରଣ ପର୍ବରେ ବିଧାୟକ ପ୍ରଦୀପ ପାଣିଗ୍ରାହି, ରାଜ୍ୟ ସମ୍ପାଦକ ଶ୍ରୀ ସରୋଜ କର, ବରିଷ୍ଠ ନେତା ମହେଶ ମହାନ୍ତି, ଗଞ୍ଜାମ ଜିଲ୍ଲା ସଭାପତି ଡ. ସୁବାଷ ସାହୁ, ଛତ୍ରପୁର ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ନାୟକ, ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ପ୍ରଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଅପରାଜିତାଙ୍କ ବିରୋଧରେ ସିଇଓଙ୍କୁ ଫେରାଦ ହେଲା ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସାଂସଦ ଅପରାଜିତା ଷଡଙ୍ଗୀଙ୍କ ବିରୋଧରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ବିଜେଡି । ଅପରାଜିତା ନିର୍ବାଚନ ପ୍ରଚାର ଓ ରାଲିରେ ଛୋଟ ଶିଶୁଙ୍କୁ ବ୍ୟବହାର କରୁଛନ୍ତି । ନିର୍ଘାତ ଖରାରେ ତାଙ୍କ ବେକରେ ଦଳୀୟ ଉତ୍ତରୀୟ ପକାଇ ବୁଲାଉଛନ୍ତି । ବାରମ୍ବାର ସେ ଏଭଳି ନିର୍ବାଚନ ଆଚରଣ ବିଧି ଉଲ୍ଲଘଂନ କରୁଛନ୍ତି । ତେଣୁ ତାଙ୍କ ଉପରେ ତୁରନ୍ତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପାଇଁ ବିଜେଡି ଦାବି କରିଛି । ଅନ୍ୟପଟେ ପୂର୍ବରୁ ମଧ ଏଭଳି ଦୃଶ୍ୟ ବାରମ୍ବାର ଅପରାଜିତାଙ୍କ ରାଲି ରେ ଦେଖିବାକୁ ମିଳିଛି । ସାମାଜିକ ଗଣମାଧ୍ୟମରେ ମଧ ଦେଖିବାକୁ ମିଳିଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଛୋଟ ଛୋଟ ପିଲାଙ୍କୁ ରାଲିରେ ବୁଲାଇବା ନିଶ୍ଚିତ ଏହା ନିର୍ବାଚନ ଆଚରଣବିଧିର ଖୋଲାଖୋଲି ଉଲଂଘନ । ଏହି ପ୍ରତିନିଧି ମଣ୍ଡଳୀରେ ବିଜେଡି ସାଂସଦ ସୁଲତା ଦେଓ, ଡ. ସସ୍ମିତ ପାତ୍ର, ସ୍ୱୟମ୍ ପ୍ରକାଶ, ଇପ୍‌ସିତା ସାହୁ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ।

### ରିଅଲ୍ ଇଷ୍ଟେଟ୍ ଠକେଇ ମାମଲା

## ସୁର୍‌ଜିତ୍ କୁମାରଙ୍କୁ ସର୍ତ୍ତମୂଳକ ଜାମିନ

କଟକ(ଭାସ୍କର ନ୍ୟୁଜ୍): ଜମି ଠକେଇ ମାମଲାରେ ଓଡିଶା ହାଇକୋର୍ଟ ଓଡିଆ ଦୈନିକ ଖବର କାଗଜ 'ମହାଭାରତ' ତଥା ଅନ୍ ଲାଇନ୍ ନ୍ୟୁଜ୍ ପୋର୍ଟାଲ୍ 'ରିପୋଟର୍ ଟୁଡେ'ର ମୁଖ୍ୟ ସମ୍ପାଦକ ସୁର୍‌ଜିତ୍ କୁମାର ଧଳଙ୍କୁ ସର୍ତମୂଳକ ଜାମିନ ପ୍ରଦାନ କରିଛନ୍ତି । ୧ ଲକ୍ଷ ଟଙ୍କାର ବେଲ୍ ବଣ୍ଡ ସହ ୧୦ ଲକ୍ଷ ଟଙ୍କାର ନଗଦ ଅର୍ଥ ଜାତୀୟକରରଣ ବ୍ୟାଙ୍କରେ ପୈଠ କରିବା ସହ ୨ ଜଣ ଜାମିନଦାର ବଦଳରେ ସେ ନିମ୍ନ ଅଦାଲତରୁ ଜାମିନ ପାଇପାରିବେ ବୋଲି ହାଇକୋର୍ଟ କହିଛନ୍ତି । ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କ ଇଜଲାସ ତାଙ୍କ ଜାମିନ ଆବେଦନର ଶୁଣାଣି କରି ଏପରି ଆଦେଶ ଦେଇଛନ୍ତି । ସୁର୍‌ଜିତ୍ କୁମାର ଧଳଙ୍କ ବିରୋଧରେ ୧ କୋଟି ଟଙ୍କାର ଜମି ଠକେଇ ଅଭିଯୋଗ ରହିଛି । ଏହି ମାମଲାରେ ଗତ ଜାନୁୟାରୀ ୧୨ ତାରିଖରେ କଟକର ସ୍ୱତନ୍ତ୍ର ଚିଟ୍‌ଫଣ୍ଡ କୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରି ଦେଇଥିଲେ । ଏହା ପରେ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ । ତାଙ୍କ ବିରୋଧରେ ୧ କୋଟି ଟଙ୍କାର ଜମି ଠକେଇ ଅଭିଯୋଗ ରହିଛି । ଜମି ଦେବାର ପ୍ରତିଶୃତି ଦେଇ ଜଣେ ବ୍ୟକ୍ତିଙ୍କ ନିକଟରୁ ସେ ନଗଦ ୯୦ ଲକ୍ଷ ଟଙ୍କା ଓ ଅନ୍ ଲାଇନ୍‌ରେ ୧୦ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା । ଏପରି ଅଭିଯୋଗ ଆଧାରରେ ପୁଲିସ୍ ତାଙ୍କୁ ଗିରଫ କରିବା ପରେ ସେ କଟକର ସ୍ୱତନ୍ତ୍ର ଚିଟ୍‌ଫଣ୍ଡ କୋର୍ଟରେ ଜାମିନ ଆବେଦନ କରିଥିଲେ । ସେଠାହେର ତାଙ୍କ ଜାମିନ ଆବେଦନ ଖାରଜ ହେବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

### କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ସମନ୍ୱିତ କଣ୍ଟ୍ରୋଲ ରୁମ୍

## ୪୪୫ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ

କଟକ(ଭାସ୍କର ନ୍ୟୁଜ୍): ଜିଲ୍ଲାରେ ସାଧାରଣ ନିର୍ବାଚନ ପାଇଁ ବେଶ କିଛି ଦିନ ବାକି ଥିବାବେଳେ, ନିର୍ବାଚନ ତାରିଖ ଘୋଷଣା ହେବା ଦିନଠାରୁ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ୨୪ ଘଂଟିଆ ସମନ୍ୱିତ କଂଟ୍ରୋଲ ରୁମ୍ କାର୍ଯ୍ୟ କରୁଛି। ଏଠାରେ ଉଭୟ ସି-ଭିଜିଲ୍ ଆପ୍ ଏବଂ ଟେଲିଫୋନ୍ ମାଧ୍ୟମରେ ନିର୍ବାଚନ ସମୟରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ସମ୍ବନ୍ଧିତ ଅଭିଯୋଗମାନ ପିକରଣ କରାଯାଇ ୧୦୦ ମିନିଟ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ସି-ଭିଜିଲ୍ ଆପ୍ ମାଧ୍ୟମରେ ଅଦ୍ୟାବଧି ମୋଟ୍ ୪୩୦ଟି ଅଭିଯୋଗ ଆସିଥିବାବେଳେ ସମସ୍ତ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେହିପରି ଟେଲିଫୋନ୍ ମାଧ୍ୟମରେ ୧୫ଟି ଅଭିଯୋଗ ହସ୍ତଗତ ହୋଇଛି ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେଗୁଡିକର ମଧ୍ୟ ସମାଧାନ କରାଯାଇଛି। ବିଶେଷକରି ଜନସାଧାରଣ ବିନା ଅନୁମତିରେ ପୋଷ୍ଟର, ବ୍ୟାନର ଲଗାଇବା ସମ୍ପର୍କରେ ଅଧିକ ଅଭିଯୋଗ ଆଣିଛନ୍ତି। ଅଭିଯୋଗ ଆସିବା ମାତ୍ରେ ସେହି ଅଞ୍ଚଳର ଫ୍ଲାଇଂ ସ୍କ୍ୱାର୍ଡଙ୍କୁ ଅବଗତ କରାଯାଉଛି ଏବଂ ସେ ଅଭିଯୋଗର ତଦନ୍ତ କରି ରିଟର୍ଣ୍ଣିଂ ଅଫିସରଙ୍କୁ ରିପୋର୍ଟ ଦେବା ନିମନ୍ତେ ସୂଚନା ଦେଉଛନ୍ତି। ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ୧୦୦ ମିନିଟ ମଧ୍ୟରେ ସମ୍ପନ୍ନ କରାଯାଉଛି। ଏଥିସହ ଜନସାଧାରଣ ବିନା ଅନୁମତିରେ ଗାଡି ଶୋଭାଯାତ୍ରା, ବ୍ୟାନ୍ ସମୟରେ କ୍ୟାମ୍ପେନିଂ, ଧାର୍ମିକ କିମ୍ବା ସାମ୍ପ୍ରଦାୟିକ ଭାଷଣ/ବାର୍ତା ଓ ଅନ୍ୟାନ୍ୟ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଆଦି ସମ୍ପର୍କରେ ମଧ୍ୟ ଅଭିଯୋଗ କରୁଛନ୍ତି। ଅଭିଯୋଗ କରୁଥିବା ବ୍ୟକ୍ତିଙ୍କ ପରିଚୟ ଗୋପନ ରଖାଯିବା ସହ ତତକ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। କଟକ ଜିଲ୍ଲାରେ ଖୋଲାଯାଇଥିବା ସମନ୍ୱିତ କଂଟ୍ରୋଲ ରୁମରେ ସି-ଭିଜିଲ୍ ଆପ୍ ଓ ଟୋଲ୍ ଫ୍ରି ନମ୍ବର ୧୯୫୦ ବ୍ୟତୀତ ଟେଲିଫୋନ ନମ୍ବର ୦୬୭୧-୨୫୦୯୨୧୨ ଓ ୦୬୭୧-୨୫୦୭୨୧୨ ମାଧ୍ୟମରେ ଅଭିଯୋଗ ଗ୍ରହଣ କରାଯାଉଛି।




ମୟୂରଭଞ୍ଜ/ରାଇରଙ୍ଗପୁର, (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକର ଯୁକ୍ତତିନି କଳା ଆଞ୍ଚଳିକ ଡିଗ୍ରୀ ତାଳଗାଁ କଲେଜରେ ପ୍ରଶାସନ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ଭୋଟର ତାଲିକାରେ ନାମ ଯୋଗ କରିବା ପାଇଁ ସଚେତନତା କରାଯାଇଥିଲା । କଲେଜ ପରିସରରେ ଅନୁଷ୍ଠିତ ଭୋଟର ସଚେତନତା କାର୍ଯ୍ୟକ୍ରମରେ ଜାମଦା ବିଡ଼ିଓ ଦେବାଶିଷ ପଣ୍ଡା, ସିପି ବୁଦ୍ଧଦେବ ବସା,ଏଇଇ ସନତ କୁମାର ରାଉତ, ସିଆରସିସି ନିରଞ୍ଜନ ଗୋପ ଯୋଗ ଦେଇଥିଲେ । ନିର୍ବାଚନ କାର୍ଯ୍ୟକ୍ରମ ସହ ସମ୍ପୃକ୍ତ ଅଧିକାରୀଗଣ ଉପସ୍ଥିତ ରହି ଆସନ୍ତା ନିର୍ବାଚନ ପାଇଁ ଭୋଟର ତାଲିକାରେ ନାମ ଯୋଗ, ମତଦାନ କରିବା ବିଷୟ ନେଇ ଛାତ୍ରଛାତ୍ରୀଙ୍କୁ ପ୍ରାଞ୍ଜଳ ଭାବେ ବୁଝାଇଥିଲେ । ୨୦୦୫ ମସିହା ଜାନୁଆରୀ ମାସ ପୂର୍ବରୁ ଯେଉଁମାନେ ଜନ୍ମଗ୍ରହଣ କରିଥିବେ ସେମାନେ ୬ ନମ୍ବର ଫର୍ମ ପୂରଣ କରି ନିଜ ଗ୍ରାମ ବା ସହରରେ ଭୋଟର ତାଲିକାରେ ନାମ ଯୋଗ କରିପାରିବେ । ଭୋଟର କାର୍ଡର ଗୁରୁତ୍ୱ ଓ ଭୋଟଦାନର ମହତ ଉଦ୍ଦେଶ୍ୟ ନେଇ ଅଧିକାରୀ ବୃନ୍ଦ ମତ ରଖିଥିଲେ । କଲେଜର ବିଦ୍ୟାର୍ଥୀଙ୍କର ଅଭିଭାବକ ନିକଟକୁ ପୋଷ୍ଟ କାର୍ଡରେ ଆସନ୍ତା ନିର୍ବାଚନରେ ମତଦାନ ପ୍ରଦାନ କରିବା ପ୍ରସଙ୍ଗରେ ସଚେତନତା ଉପରେ ଚିଠି ଲେଖିବା, କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତି ପ୍ରତିଯୋଗୀଙ୍କୁ ଅଧିକାରୀମାନେ ପୁରସ୍କୃତ କରିଥିଲେ ।



# ଗ୍ରୀଷ୍ମ ଆରମ୍ଭରୁ ଜିଲ୍ଲାରେ ଜଳ ସମସ୍ୟା ଉତ୍କଟ

ମାଲକାନଗିରି, (ଭାସ୍କର ନ୍ୟୁଜ): ଗୋଟିଏ ପଟେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅନ୍ୟପଟେ ପାନୀୟ ଜଳ ସମସ୍ୟାକୁ ନେଇ ମାଲକାନଗିରି ଜିଲ୍ଲାବାସୀ ଅତିଷ୍ଠ ହୋଇପଡ଼ିଛନ୍ତି । ଜିଲ୍ଲାର ସାତୋଟି ଯାକ ବ୍ଲକରେ ଅନୁରୂପ ସ୍ଥିତି ରହିଛି । ପାଣି ପାଇଁ ଲୋକେ ଡହଳବିକଳ ହେଉଥିବା ବେଳେ ବିଭାଗ ପକ୍ଷରୁ ସବୁ ଠିକ୍ ଚାଲିଛି ବୋଲି କୁହାଯାଉଛି । ଏହାକୁ ନେଇ ଲୋକେ ବିଭିନ୍ନ ସମୟରେ ପାଣି ପାଇଁ ରାସ୍ତାରୋକ କରିବା ସହିତ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରୁଛନ୍ତି । ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ରିପୋର୍ଟ ଅନୁଯାୟୀ ଜିଲ୍ଲାର କାଲିମେଲା ବ୍ଲକର ୨୩ଟି ପଞ୍ଚାୟତରେ ୧,୩୦,୯୪୬ ଲୋକ ରହିଥିବା ବେଳେ ୨୫୬୭ଟି ନଳକୂପ ଓ କୂପ ରହିଛି । ଏଥିସହ ୭୬ଟି ପାଇପ୍ ଯୋଗେ ଜଳ ଯୋଗାଣ ପ୍ରକଳ୍ପ ଏବଂ ୭୮ଟି ସୋଲାର ପ୍ରକଳ୍ପ ରହିଛି । ସେହିପରି ଚିତ୍ରକୋଣ୍ଡା ବ୍ଲକର ୧୮ଟି ପଞ୍ଚାୟତରେ ୫୯,୮୫୭ ଲୋକଙ୍କ ପାଇଁ ମୋଟ ୧୯୨୧ଟି ନଳକୂପ ଓ କୂପ ରହିଥିବା ବେଳେ ୫୨ଟି ସ୍ଥାନରେ ପାଇପ୍ ଯୋଗେ ପାଣି ଯୋଗାଣ ଏବଂ ୩୧ଟି ସ୍ଥାନରେ ସୋଲାର ପ୍ରକଳ୍ପ ମାଧ୍ୟମରେ ପାଣି ଯୋଗାଣ ହେଉଛି । ଖଇରପୁଟ ବ୍ଲକର ୧୧ଟି ପଞ୍ଚାୟତରେ ୫୭,୩୭୦ ଲୋକଙ୍କ ପାଇଁ ୧୫୩୫ଟି ନଳକୂପ ଓ କୂପ ରହିଥିବା ବେଳେ ପାଇପ୍ ଯୋଗେ ୭୮ଟି ଗାଁକୁ ପାଣି ଯୋଗାଇ ଦିଆଯାଉଛି । ଏଥିସହ ସୋଲାର ପ୍ରକଳ୍ପ ମାଧ୍ୟମରେ ୪୪ଟି ସ୍ଥାନରେ ଜଳ ଯୋଗାଣ ହେଉଛି । କୋରୁକୋଣ୍ଡା ବ୍ଲକର ୧୨ଟି ପଞ୍ଚାୟତରେ ୭୩,୮୮୩ ଲୋକଙ୍କ ପାଇଁ ୧୪୯୩ଟି ନଳକୂପ ଓ କୂପ ରହିଛି । ଏଥିସହ ପାଇପ୍ ଯୋଗେ ୪୨ଟି ସ୍ଥାନରେ ଏବଂ ସୋଲାର ପ୍ରକଳ୍ପ ମାଧ୍ୟମରେ ୫୪ଟି ସ୍ଥାନରେ ଜଳ ଯୋଗାଣ ହେଉଛି । ମାଲକାନଗିରି ବ୍ଲକରେ ୧୯ଟି ପଞ୍ଚାୟତରେ ୧,୦୨,୧୨୧ ଲୋକଙ୍କ ପାଇଁ ୨୨୯୫ ଟି ନଳକୂପ ଓ କୂପ ରହିଥିବା ବେଳେ ୫୩ଟି ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ରହିଛି । ଏଥିସହ ୯୦ଟି ସ୍ଥାନରେ ସୋଲାର ପ୍ରକଳ୍ପ ରହିଛି । ମାଥିଲି ବ୍ଲକର ୨୦ଟି ପଞ୍ଚାୟତରେ ୯୬୪୮୬ ଲୋକଙ୍କ ପାଇଁ ୨୬୬୧ଟି ନଳକୂପ ଓ କୂପ ରହିଥିବା ବେଳେ ୪୫ଟି ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଓ ୯୭ଟି ସୋଲାର ପ୍ରକଳ୍ପ ରହିଛି । ପଡିଆ ବ୍ଲକରେ ୮ ଟି ପଞ୍ଚାୟତରେ ୪୩,୧୯୨ ଲୋକଙ୍କ ପାଇଁ ୧୦୭୫ଟି ନଳକୂପ, ୧୮ଟି ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଏବଂ ୪୦ଟି ସୋଲାର ପ୍ରକଳ୍ପ ମାଧ୍ୟମରେ ଜଳ ଯୋଗାଣ ହେଉଥିବା କୁହାଯାଇଛି । କିନ୍ତୁ ପ୍ରକୃତ ସ୍ଥିତି ଓଲଟା ରହିଛି । ଜିଲ୍ଲାରେ ଅର୍ଦ୍ଧାଧିକ ଜଳ ଉତ୍ସ ଗୁଡ଼ିକ ଖରାପ ହୋଇପଡ଼ିଛି । ଏହାର ମରାମତି କରାଯାଉ ନଥିବାରୁ ଲୋକେ ସକାଳ ପାହିଲେ ପାଣି ପାଇଁ ମାଇଲ ମାଇଲ ବାଟ ଚାଲୁଛନ୍ତି । ତେଣୁ ଲୋକେ ପାଣି ପାଇଁ ରାସ୍ତାରୋକ ସହ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରୁଛନ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।



## ମରାମତି ହେଉନି ପ୍ରକଳ୍ପ

# ‘ସ୍ୱିପ୍ ଅଭିଯାନ’ରେ ଭୋଟର ସଚେତନତା




ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ): ଜିଲ୍ଲାରେ ଭୋଟ୍ ହାର ବୃଦ୍ଧି ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି । ଏ ନେଇ ପ୍ରଶାସନ ପକ୍ଷରୁ ସ୍ୱିପ୍ ଅଭିଯାନରେ ବିଭିନ୍ନ ସ୍ଥାନରେ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପରିପକ୍ଷୀରେ ଶୁକ୍ରବାର ସ୍ଥାନୀୟ ୟୁନିୟନ୍ ଗ୍ରାମ୍ୟ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ଠାରେ ଜିଲ୍ଲାର ଭିନ୍ନକ୍ଷମ ବ୍ୟକ୍ତି ବିଶେଷମାନଙ୍କୁ ନେଇ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଗଜପତି ଡ଼.ଗୁଣନିଧି ନାୟକ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଭୋଟର ସଚେତନତା କରେଇଥିଲେ । ବିଶେଷ କରି ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପଥପ୍ରାନ୍ତ ନାଟକ, ଗୋଷ୍ଠୀ ବୈଠକ ଆୟୋଜନ କରାଯାଉଛି । ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ଗୁଡିକରେ ସଚେତନତା ସଭା ଆୟୋଜନ କରାଯାଇ ସ୍ଥାନୀୟ ଯୁବ ତଥା ନୂତନ ମତଦାତାମାନଙ୍କୁ ସାମିଲ କରାଯିବା ସହ ସକ୍ରିୟ ଭୋଟର ଅଂଶଗ୍ରହଣ ଉପରେ ଆଲୋଚନା କରାଯାଉଛି । ଜିଲ୍ଲାର ସମସ୍ତ ବ୍ଲକରେ ବୁଥଗୁଡ଼ିକରେ ‘ସ୍ୱିପ୍ ଅଭିଯାନ’ରେ ୱାକାଥନ୍, ଦସ୍ତଖସ୍ତ ଅଭିଯାନ, ପୋଷ୍ଟ କାର୍ଡ ମାଧ୍ୟମରେ ‘ନିର୍ବାଚନ ପାଠଶାଳା’ ଭଳି ଅନେକ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ କରାଯାଉଛି । ଭୋଟରଙ୍କୁ ନିଜ ମତଦାନ ସାବ୍ୟସ୍ତ ପାଇଁ ଅନୁପ୍ରାଣୀତ କରିବା ଏବଂ ଗଣତାନ୍ତ୍ରିକ ରାଷ୍ଟ୍ରରେ ଗୋଟେ ଭୋଟ୍ ମହତ୍ତ୍ୱ ବାବଦରେ ବ୍ୟାପକ ଜନସଚେତନତା ସୃଷ୍ଟି ପାଇଁ ‘ସ୍ୱିପ୍’ ଅଭିଯାନରେ ସାମିଲ ହେବାକୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଜିଲ୍ଲା ମିଶନ ଶକ୍ତି ସଂଯୋଜକ ଟିମନ୍ ବାରା, ସିସିଡି ସଂପାଦକ ଏ.ଜଗନ୍ନାଥ ରାଜୁ, ସମର୍ଥକ ସଂପାଦକ ସନ୍ତୋଷ କୁମାର ମହାରଣା ସମେତ କାଶୀନଗର, ପାରଳାଖେମୁଣ୍ଡି ଓ ଗୋଷାଣୀ ଭିନ୍ନକ୍ଷମ ବ୍ୟକ୍ତି ବିଶେଷ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଭାରତୀୟ ଶିକ୍ଷଣ ମଣ୍ଡଳର ପ୍ରତିଷ୍ଠା ଦିବସ

ବଲାଙ୍ଗିର,(ଭାସ୍କର ନ୍ୟୁଜ): ସ୍ଥାନୀୟ ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥ ପାଠାଗାରର ସମ୍ମିଳନୀ କକ୍ଷରେ ଭାରତୀୟ ଶିକ୍ଷଣ ମଣ୍ଡଳର ପ୍ରତିଷ୍ଠା ଦିବସ ଓଡ଼ିଶା ପଶ୍ଚିମ ପ୍ରାନ୍ତର ଉପସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ମୁଖ୍ୟ ଅତିଥି ଏବଂ ବରିଷ୍ଠ ସଦସ୍ୟ ଧର୍ମବ୍ରତ ରଥ ମୁଖ୍ୟବକ୍ତା ରୂପେ ମଞ୍ଚାସୀନ ଥିଲେ । କସ୍ତୁରୀ ରଥଙ୍କ ସଂଯୋଜନାରେ ପ୍ରଥମେ ମା’ ସରସ୍ୱତୀଙ୍କ ଫଟୋରେ ମାଲ୍ୟାର୍ପଣ ପରେ ସଦସ୍ୟ ଗୋପାଳଚନ୍ଦ୍ର ପ୍ରଧାନ ଧେୟବାକ୍ୟ ଓ ଶ୍ଳୋକ ପାଠ କରିଥିଲେ । ରାଷ୍ଟ୍ରୀୟ ପୂର୍ଣ୍ଣରୁଦ୍ଧାନ ପାଇଁ ଶିକ୍ଷାରେ ଭାରତୀୟତା ଓ ଭାରତୀୟ ସଂସ୍କୃତିକୁ ଫେରାଇ ଆଣିବାକୁ ହେଲେ ମର୍ଯ୍ୟଦା ପୁରୁଷ ଶ୍ରୀରାମଙ୍କ ଭାତୃ ପ୍ରେମ ଓ ଏକ ପରିବାର ଭାବଧାରାକୁ ଆଗେଇ ନେବା ପାଇଁ ଶ୍ରୀ ମିଶ୍ର କହିଥିଲେ । ଆଜିର ଯୁବ ସମାଜକୁ ଆଗେଇ ଆସି ଭାରତୀୟ ସଂସ୍କୃତିକୁ ବଞ୍ଚାଇ ରଖିବାକୁ ଆଗେଇ ଆସିବା ପାଇଁ ମୁଖ୍ୟ ଅତିଥି ଆହ୍ୱାନ ଦେଇଥିଲେ । ଏ ଅବସରରେ ପୂର୍ବତନ ପ୍ରାନ୍ତ ସଂପାଦକ ଗୋବିନ୍ଦ ମିଶ୍ର, ବରିଷ୍ଠ ସଂଗଠକ ବିରଞ୍ଚି ଦାଶ ଓ ମହିଳା ପ୍ରକୋଷ୍ଠ ନେତ୍ରୀ ସୁଶ୍ରୀ ସବିତା ଭୋଇଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ପ୍ରାନ୍ତ ସଦସ୍ୟା ସୁଶ୍ରୀ ସଂଯୁକ୍ତା ପରିଛା ସାଂଗଠନିକ ଦକ୍ଷତା ଉପରେ ସୂଚନା ପ୍ରଦାନ କରିଥିଲେ । ଏଥିରେ ଗିରିଜା ଭୂଷଣ ରଥ, ଧିରେନ୍ଦ୍ର ନାରାୟଣ ସିଂଦେଓ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଭବାନୀଶଙ୍କର ପଟେଲ, ସମ୍ବାଦିକ ଆକୁଳ ବେହେରା, ମାଳତି ଉଦ୍‌ଗାତା, ଯୁଧିଷ୍ଠିର ମିଶ୍ର, ନିହାରିକା ମିଶ୍ର, ଦିବାକର ହୋତା, ମଲିଆ ଗଡ଼ୁଆ, ଥମିର ଛତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ମଦନ ମୋହନ ରଥ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଜନସାଧାରଣ ସଚେତନତା ନିମନ୍ତେ ବସ୍‌ରେ ଲାଗିଲା ସୂଚନାତ୍ମକ ନିର୍ବାଚନ ପୋଷ୍ଟର

ବାଲେଶ୍ୱର, (ଭାସ୍କର ନ୍ୟୁଜ): ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଭୋଟର ସଚେତନତା ଓ ଅଂଶଗ୍ରହଣ ବୃଦ୍ଧି ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାରେ ଗଡୁଥିବା ବସ୍‌ଗୁଡିକରେ ନିର୍ବାଚନ ସଚେତନତା ପୋଷ୍ଟର ଲଗାଯାଇଛି ଓ ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ ସୂଚନାତ୍ମକ ପୋଷ୍ଟର ଲଗାଇ ସିଧାସଳଖ ନାଗରିକଙ୍କ ନିକଟରେ ପହଞ୍ଚିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଅଭିନବ ଅଭିଯାନ ଆରମ୍ଭ କରାଯାଇଛି । ବସ୍‌ଗୁଡ଼ିକରେ ପ୍ରମୁଖ ଭାବରେ ଲଗାଯାଇଥିବା ଏହି ରଙ୍ଗୀନ ପୋଷ୍ଟରଗୁଡିକରେ ସରଳ ଭାଷା ଏବଂ ଚିତ୍ର ମାଧ୍ୟମରେ ଭୋଟ୍ ସମ୍ପର୍କିତ ଅନେକ ନିର୍ଦ୍ଦେଶାବଳୀ ପ୍ରଦର୍ଶିତ ହୋଇଛି ଯାହା ମଧ୍ୟରେ ପ୍ରମୁଖ ମତଦାନ ତାରିଖ ଓ ସମୟ, ଭୋଟ୍ ଦେବାର ପ୍ରକ୍ରିୟା ଏବଂ ଭାରତର ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ପ୍ରତ୍ୟେକ ଭୋଟ୍‌ର ଗୁରୁତ୍ୱ ସମ୍ପର୍କରେ ସ୍ପଷ୍ଟ ବିବରଣୀ ଉପରେ ଗୁରୁତ୍ୱାରୋପ କରୁଥିବା ବାର୍ତ୍ତା ସହିତ ଆଖିକୁ ଆକର୍ଷିତ କରୁଥିବା ଷ୍ଟିକରିଂର ଉଚିତ ବ୍ୟବସ୍ଥା କରାଯାଇଛି । ଏହି ବ୍ୟାପକ ଅଭିଯାନର ସଠିକ୍ କାର୍ଯ୍ୟକାରିତା ପାଇଁ ବସ୍ ମାଲିକ ସଂଘରେ କର୍ମକର୍ତ୍ତାଙ୍କୁ ମଧ୍ୟ ଏଥିରେ ସାମିଲ କରାଯାଇଛି ଓ ଯାତାୟାତ ସମୟରେ ଏହି ପୋଷ୍ଟରଗୁଡିକ ଦ୍ୱାରା ଭୋଟରଙ୍କ ମନରେ ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟକୁ ନେଇ ସୃଷ୍ଟି ହୋଇଥିବା ସନ୍ଦେହର ଦୂରୀକରଣ ହୋଇପାରିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଆଶା କରାଯାଉଛି । ଏଥି ସହିତ ବସ୍‌ଷ୍ଟାଣ୍ଡ ଠାରେ ଥିବା ବିଭିନ ସ୍ଥାନ ଯଥା ଟିକେଟ୍ କାଉଣ୍ଟର, ଜଳଛତ୍ର, ଯାତ୍ରୀ ବିଶ୍ରାମଗାର ଠାରେ ମଧ୍ୟ ଏହି ପୋଷ୍ଟରଗୁଡିକୁ ଲଗାଯାଇଛି ଓ ଏଠାରେ ସୂଚନା ଥାଉ କି, ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶୀଷ ଠାକରେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ଓ ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମିରଞ୍ଜନ ଦଳ ବେହେରାଙ୍କ ତଦାରଖରେ ଏହି ଅଭିଯାନକୁ କାର୍ଯ୍ୟକାରୀ କରାଯାଉଛି ।



# ଜିଲ୍ଲାରେ ଅସହ୍ୟ ତାତି, ରାସ୍ତାଘାଟ ଶୂନ୍‌ଶାନ୍



କେନ୍ଦୁଝର, (ଭାସ୍କର ନ୍ୟୁଜ) : ଗତ କିଛିଦିନ ଧରି କେନ୍ଦୁଝର ଜିଲ୍ଲାରେ କ୍ରମାଗତ ଭାବେ ତାପମାତ୍ରା ବୃଦ୍ଧି ପାଇବା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ପୂର୍ବରୁ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଞ୍ଚଳ ଜଙ୍ଗଲ ପରିପୂର୍ଣ୍ଣ ଥିବାରୁ ଖରାଦିନରେ ଏଠାରେ ଅପେକ୍ଷାକୃତ କମ ଗରମ ଅନୁଭୂତ ହେଉଥିଲା । ଏପରିକି ଅତ୍ୟଧିକ ଗରମ ଅନୁଭୂତ ହେଉଥିବା ଅଞ୍ଚଳର ଲୋକେ ଆଶ୍ୱସ୍ତି ପାଇଁ ଏଠାକୁ ଆସୁଥିବାର ନଜିର ମଧ୍ୟ ରହିଛି । କିନ୍ତୁ ସହରରେ ଏବେ ସେ ସ୍ଥିତି ଆଉ ନାହିଁ । ଯଥେଷ୍ଟ ଅଧିକ ଗରମ ଅନୁଭୂତ ହେଉଥିବାରୁ ସାଧାରଣ ଜନଜୀବନ ତତଲା ତାୱା ପରି ହନ୍ତସନ୍ତ ହେଉଥିବା ଲକ୍ଷ୍ୟ କରାଯାଉଛି । ଗତ କିଛିଦିନ ହେବ ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଇଚାଲିଥିବା ବେଳେ ଜଳସ୍ତର ନିମ୍ନଗାମୀ ହେଉଥିବାରୁ ଜଳାଭାବ ସମସ୍ୟା ଲୋକଙ୍କ ସମସ୍ୟାକୁ ବହୁଗୁଣିତ କରିଛି । କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟ ସମେତ ଯୋଡ଼ା, ବଡ଼ବିଲ ଆନନ୍ଦପୁର, ହରିଚନ୍ଦନପୁର, ପାଟଣା ଓ ତେଲକୋଇ ଆଦି ଅଞ୍ଚଳରେ ମଧ୍ୟ ତାପମାତ୍ରା ବୃଦ୍ଧି ପାଇଛି । ପରିସ୍ଥିତି ଏପରି ହୋଇଛି ଯେ ସକାଳ ୯ଟା ବେଳକୁ ପ୍ରଚଣ୍ଡ ତାତି ପ୍ରଚଣ୍ଡ ତାତି ଯୋଗୁ ଲୋକେ ଘରୁ ବାହାରିବାକୁ ଲୋକେ ସାହସ କରିପାରୁନାହାନ୍ତି । ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନାନୁସାରେ ଗତ ୯ରେ କେନ୍ଦୁଝରର ସର୍ବାଧିକ ତାପମାତ୍ରା ୩୨.୯ ଡିଗ୍ରୀ ସେଲସିୟସ୍ ଥିଲା ସେହିପରି ୧୦ରେ ସର୍ବାଧିକ ତାପମାତ୍ରା ୩୫ ଡିଗ୍ରୀ ସେଲସିୟସ୍ ଥିବାବେଳେ ୧୧ରେ ଏହା ସାମାନ୍ୟ ହ୍ରାସ ପାଇ ୨୫.୫ ଡିଗ୍ରୀ ରହିଥିଲା । ଆହୁରି ୧୨ରେ ତାପମାତ୍ରା ବୃଦ୍ଧି ପାଇ ୩୨ ଡିଗ୍ରୀ,୧୩ରେ ୩୪.୫ ଡିଗ୍ରୀ, ୧୪ରେ ୩୭.୪ ଡିଗ୍ରୀ, ୧୫ରେ ୩୯ ଡିଗ୍ରୀ ୧୬ରେ ୪୦ଡିଗ୍ରୀ, ୧୭ରେ, ୪୦.୨ ଡିଗ୍ରୀ ଓ ୧୮ରେ ୪୦.୯ ଡିଗ୍ରୀ ସେଲସିୟସ ରହିଥିଲା । ଆଜି ଏହି ଧାରା ଜାରି ରହି ଚଳିତ ମାସରେ ସର୍ବାଧିକ ୪୧.୨ ଡିଗ୍ରୀ ସେଲସିୟସ ରହିଥିବା ଜଣାପଡ଼ିଛି । ଆଗକୁ ଏହି ତାପମାତ୍ରା ଆହୁରି ୩ ରୁ ୪ ଡିଗ୍ରୀ ବଢିବା ନେଇ ମଧ୍ୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଅସହ୍ୟ ତାତି ଯୋଗୁ ଲୋକେ ଘରୁ ବାହାରି ପାରୁନାହାନ୍ତି । ରାସ୍ତାଘାଟ ଶୂନ୍‌ଶାନ୍ ହୋଇଯାଉଛି । ଫଳସ୍ୱରୂପ ଯାତ୍ରୀବାହି ଯାନଗୁଡିକରେ ଯଥେଷ୍ଟ କମ୍ ମାତ୍ରାରେ ଯାତ୍ରୀ ଯାଉଥିବାରୁ ସେମାନଙ୍କୁ କ୍ଷତିଗ୍ରସ୍ତ ହେବାକୁ ପଡୁଛି । ଲୋକମାନେ ବାହାରକୁ ବାହାରିବା ମାତ୍ରେ ହାତରେ ଛତା, ଆଖିରେ କଳାଚଷମା ଓ ମୁଣ୍ଡରେ କପଡ଼ା ଘୋଡେଇ ହେବାକୁ ବାଧ୍ୟ ହେଉଛନ୍ତି । ସେହିପରି କେତେକ ସ୍ଥାନରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସହ ଅଘୋଷିତ ବିଦ୍ୟୁତକାଟ୍ ଏବଂ ପାନୀୟ ଜଳର ଅଭାବ ଲୋକଙ୍କ ଯନ୍ତ୍ରଣାକୁ ଅତି ଗୁରୁତର କରିଦେଇଛି । ଫଳରେ ଅଂଶୁଘାତ ଯଥେଷ୍ଟ ଆଶଙ୍କା ସୃଷ୍ଟି ହେଉଛି । ତେବେ କ୍ରମାଗତ ଭାବେ ଗଛ କଟାଯାଉଥିବାରୁ କେନ୍ଦୁଝର ସହରରେ ତାପମାତ୍ରା ଏତେ ଅଧିକ ହେଉଥିବା ଚର୍ଚ୍ଚା ହେଉଛି । ତେଲକୋଇ ଓ ଘଟଗାଁ ରେଞ୍ଜରେ ଥିବା ଘଞ୍ଚ ଜଙ୍ଗଲ ଦିନକୁ ଦିନ ହ୍ରାସ ପାଉଥିବାବେଳ ଜଳବାୟୁ ଉପରେ ଏହାର ପ୍ରଭାବ ପଡ଼ିଛି । ଜିଲ୍ଲାରେ ବ୍ୟାପକ ଖଣି ଖନନ ଯୋଗୁ ପ୍ରତିବର୍ଷ ହଜାର ହଜାର ହେକ୍ଟର ଜଙ୍ଗଲ ନଷ୍ଟ ହେଉଛି । ଖଣି ପାଇଁ ଶହ ଶହ ହେକ୍ଟର ଜଙ୍ଗଲ ନଷ୍ଟ ହେଉଥିବାବେଳେ ନୂତନ ଜଙ୍ଗଲ ସୃଷ୍ଟି କରିବାରେ ବନ ବିଭାଗ ସକ୍ଷମ ହୋଇପାରିନାହିଁ । ଅନ୍ୟପଟରେ ବିଭିନ୍ନ କାମ୍ପା ଫଣ୍ଡ, ଆମ ଜଙ୍ଗଲ ଯୋଜନା, ସିଏସ୍ଆର୍ ସ୍କିମ, ମନରେଗା ଯୋଜନାରେ ପଥପାର୍ଶ୍ୱରେ ବନିକରଣ, ଗ୍ରୀନ ମହାନଦୀ ମିଶନ, ଓମ୍ବାଡସି ଫଣ୍ଡ, ଡିଏମ୍ଏଫ୍ ଫଣ୍ଡରେ ବନିକରଣ ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ ଜିଲ୍ଲାରେ ବନିକରଣ ଆଶାନୁପାତ ହୋଇପାରିନାହିଁ । ଜଙ୍ଗଲ ଧ୍ୱଂସ ଓ କଂକ୍ରିଟ ଜଙ୍ଗଲ ପରିମାଣ ବଢୁଥିବାରୁ ସ୍ଥାନୀୟ ଲୋକେ ତାତିରେ ସନ୍ତୁଳି ହେଉଛନ୍ତି । ଏପରି ସ୍ଥିତିରେ ବ୍ୟାପକ ବନିକରଣ ଦିଗରେ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି ।

# ଭିଜିଲାନ୍ସ ଜାଲରେ କିରାଣୀ

ବୌଦ୍ଧ, (ଭାସ୍କର ନ୍ୟୁଜ): ଜଣେ ଶିକ୍ଷୟିତ୍ରୀଙ୍କ ଠାରୁ ୨୦ହଜାର ଟଙ୍କା ଲାଞ୍ଚ ନେଉଥିବା ବିଇଓ ଅଫିସର ଜନୈକ ଲାଞ୍ଚୁଆ ବରିଷ୍ଠ କିରାଣୀଙ୍କୁ ମାଡି ବସିଛି ଭିଜିଲାନ୍ସ । ଶୁକ୍ରବାର ଗୁଡ଼ ଫ୍ରାଇଡେ ସକାଳୁ ସକାଳୁ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି । ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଧରା ପଡିଥିବା ଏହି ଅଭିଯୁକ୍ତ ଜଣକ ହେଲେ ଉକ୍ତ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ରବୀନ୍ଦ୍ର ନାଥ ପାଢ଼ୀ । ପ୍ରାପ୍ତ ସୂଚନା ମତେ ଶ୍ରୀ ପାଢ଼ୀ ବୁରୁବୁଡା ଅପର ପ୍ରାଇମେରୀ ସ୍କୁଲର ସହକାରୀ ଶିକ୍ଷୟିତ୍ରୀ ଅନୁଶୟା ନାୟକଙ୍କ ଠାରୁ ତାଙ୍କ ନାଁରେ ଥିବା ନିଲମ୍ବନ ଆଦେଶ ଏବଂ ବିଭାଗୀୟ ପ୍ରୋସିଡିଙ୍ଗ ଫାଇଲ କ୍ଲିଅର କରାଇଦେବା ପାଇଁ କୁଆଡେ ୪୦ହଜାର ଟଙ୍କା ଦାବି କରିଥିଲେ । ଶିକ୍ଷୟିତ୍ରୀ ଶ୍ରୀମତୀ ନାୟକ ଏ ନେଇ ଫୁଲବାଣୀ ଭିଜିଲାନ୍ସ ଭିଭାଗରେ ଫେରାଦ ଜଣାଇଥିଲେ । ଭିଜିଲାନ୍ସ ବିଭାଗର ପୂର୍ବ ଯୋଜନା ଅନୁଯାୟୀ ଶୁକ୍ରବାର ଶିକ୍ଷୟିତ୍ରୀ ଅନୁଶୟା ନାୟକ ହରଭଙ୍ଗା ବିଇଓ ଅଫିସର କାର୍ଯ୍ୟରତ ବରିଷ୍ଠ କିରାଣୀ ରବୀନ୍ଦ୍ର ନାଥ ପାଢ଼ୀଙ୍କୁ ଭେଟି ଅଗ୍ରୀମ ଭାବେ ୨୦ ହଜାର ଟଙ୍କା ଲାଞ୍ଚ ଦେଇଥିଲେ । ବରିଷ୍ଠ କିରାଣୀ ରବୀନ୍ଦ୍ର ଉକ୍ତ ଟଙ୍କାକୁ ଗ୍ରହଣ କରି ବେଧଡକ ଭାବେ ଅଫିସ ଗଡ଼ରେଜ ଭିତରେ ରଖୁଥିବା ବେଳେ ସାଧା ପୋଷାକରେ ଛପି ରହିଥିବା ଭିଜିଲାନ୍ସ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ରେଡ଼ ହ୍ୟାଣ୍ଡରେ ମାଡି ବସିଥିଲେ । ପରେ ତାଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରି ଫୁଲବାଣୀ ସ୍ଥିତ ବିଭାଗୀୟ କାର୍ଯ୍ୟାଳୟକୁ ଉଠାଇନେବା ସହିତ ଅନ୍ୟ ଏକ ଟିମ ବୌଦ୍ଧ ବୁଟୁପାଲି ସ୍ଥିତ ସେ ରହୁଥିବା ଭଡାଘରେ ରେଡ୍ କରାଯାଇଥିଲା । ତେବେ ଉକ୍ତ ଲାଞ୍ଚ ଟଙ୍କା ବରିଷ୍ଠ କିରାଣୀ ଜଣକ ଏକାକି ନେଉଥିଲେ ନାଁ ତାଙ୍କ ସହିତ ଅନ୍ୟ କେଉଁମାନେ ସହଭାଗୀ ଥିଲେ ଅଧିକ ତଦନ୍ତ ପରେ ଏହା ସାମ୍ନାକୁ ଆସିବ ।

# ବିଜେପିର ମିଶ୍ରଣ ପର୍ବ

ବାମରା, (ଭାସ୍କର ନ୍ୟୁଜ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବିଧାନସଭା କ୍ଷେତ୍ର ଅଧିନସ୍ଥ ପିଣ୍ଡାପଥର ପଞ୍ଚାୟତରେ ଗୁରୁବାର ବିଜେପିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ବାମରା ଜୋନ୍ - ୧ ମଣ୍ଡଳ ସଭାପତି ନରେଶ ସିଂହ ଠାକୁରଙ୍କ ଅଧକ୍ଷତାରେ ଏହି ମିଶ୍ରଣ ପର୍ବରେ କୁଚିଣ୍ଡା ବିଧାୟକ ପ୍ରାର୍ଥୀ ରବିନାରାୟଣ ନାଏକ, ବାମରା ବ୍ଲକ୍ ଚେୟାରମ୍ୟାନ୍ ପିଙ୍କି ଧୁରୁଆ, ଉପାଧ୍ୟକ୍ଷ ସଂଜୟ ଦାସ, ମଣ୍ଡଳ ସାଧାରଣ ସମ୍ପାଦକ ବିଷ୍ଣୁ ଅଗ୍ରାଲ, ପଞ୍ଚାୟତ ପ୍ରଭାରୀ ପ୍ରକାଶ ଚନ୍ଦ୍ର ପଟେଲ, ପଞ୍ଚାୟତ ପ୍ରମୁଖ ଦୁଃଶାସନ ବାଘ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ପୂର୍ବତନ ସରପଞ୍ଚ ତଥା ଜିଲ୍ଲା ପରିଷଦ ସଭ୍ୟ ରବି ବାଘ, ଖତୁ ମିଞ୍ଜ, ବଳଦେବ ବାଘ, ଦୀପକ ବାଘ, ସୂରଜ ଗର୍ଡିଆ, ଅଙ୍ଗଦ ମାକର, ସଂଜୀବ କାଶ୍ୟପ, ଝସକେତନ ବାଘ, ମମତା ଭଞ୍ଜ, କୁମାରୀ ମିଞ୍ଜ, ଦୀପ୍ତି ମିଞ୍ଜ, ଲକ୍ଷ୍ମୀ ମିଞ୍ଜ, ପଦ୍ମାବତୀ ଟପ୍ପୋ, ସୁକେଶୀ ଲାକ୍ରା , ଅଞ୍ଜନା ବାଘ, ଅଞ୍ଜଳୀ ବାଘ, ସୁସ୍ମିତା ଟପ୍ପୋ, ବାସନ୍ତୀ ବାଘ , ପଟାଙ୍ଗୀ ଗର୍ଡିଆଙ୍କ ସମେତ ଅନ୍ୟ ଦଳର ଶତାଧିକ କର୍ମୀ ବିଜେପିରେ ସାମିଲ ହୋଇଥିଲେ । ସମସ୍ତ ନବାଗତଙ୍କୁ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରାଯାଇଥିଲା । ଏଥିରେ ପିଣ୍ଡାପଥର ପଞ୍ଚାୟତର ସମସ୍ତ ବୁଥ୍ ପ୍ରମୁଖ ସହ ବହୁ ଦଳୀୟ କର୍ମୀ ସାମିଲ ହୋଇଥିଲେ ।

# ଇକୋ କ୍ଲବ୍ ପକ୍ଷରୁ ପକ୍ଷୀ ସଂରକ୍ଷଣ କାର୍ଯ୍ୟକ୍ରମ



ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ବ୍ଲକ ବୀରଲକ୍ଷ୍ମଣପୁର ଆଶ୍ରମ ବିଦ୍ୟାଳୟଠାରେ ଇକୋ କ୍ଲବ୍ ତରଫରୁ ପକ୍ଷୀ ସଂରକ୍ଷଣ ନିମନ୍ତେ ଏକ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ପକ୍ଷୀମାନଙ୍କ ସୁରକ୍ଷା ନିମନ୍ତେ ବିଦ୍ୟାଳୟର ଛାତ୍ରାବାସ, ଛାତ୍ରୀନିବାସ, ଗ୍ରାମରେ ଥିବା ଗଛ, ଗ୍ରାମ ନିକଟ ଜଙ୍ଗଲର ଗଛଗୁଡ଼ିକରେ ଏବଂ ନିଜ ଘରେ ଶତାଧିକ ମାଟି ତିଆରି ଚଢେଇ ଘର ଖଞ୍ଜା ଯାଇ ସେଥିରେ ପକ୍ଷୀଙ୍କ ନିମନ୍ତେ ଖାଦ୍ୟ ଏବଂ ଜଳର ବ୍ୟବସ୍ଥା କରାଯାଇଥିଲା ।ଏହି ମହତ କାର୍ଯ୍ୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ପତ୍ରୀ, ଶିକ୍ଷକ ସଞ୍ଜୟ କୁମାର ମାହୁନ୍ତ, ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ଚନ୍ଦ୍ର, ଶ୍ରିତିରାଣୀ ମଣ୍ଡଳ, ସଂଗୀତା ଜେନା, ମେଟ୍ରନ, ପାଚିକା, ଛାତ୍ର ଛାତ୍ରୀ, ବୀରଲକ୍ଷ୍ମଣପୁର ଜଙ୍ଗଲ ସୁରକ୍ଷା କମିଟିର ସଭାପତି ଗୁରୁଖୋଲା, ସମ୍ପାଦକ ଭଗବାନ କଡ଼ା, କମିଟିର ସଦସ୍ୟ, ଗାନ୍ଧୀ ଯୁବକ ସଂଘର ସଭାପତି ଭାରତ ବିଜୟ ଖେମୁଣ୍ଡୁ ଏବଂ ସଦସ୍ୟଙ୍କ ସହ ବୀରଲକ୍ଷ୍ମଣପୁର ଗ୍ରାମର ଅନେକ ଯୁବକ ଅଂଶଗ୍ରହଣ କରିଥିଲେ ।

# ଷେଣ୍ଢପୁର-ଧାମନଗର ମୁଖ୍ୟ ରାସ୍ତା ବିପର୍ଯ୍ୟସ୍ତ

ଧାମନଗର,(ଭାସ୍କର ନ୍ୟୁଜ): ଷେଣ୍ଢପୁର-ଧାମନଗର ମୁଖ୍ୟ ରାସ୍ତାଟି ବିପର୍ଯ୍ୟସ୍ତ ହୋଇପଡ଼ିଛି । ରାସ୍ତା ନିର୍ମାଣ କାର୍ଯ୍ୟ ଅଧାରୁ ଛାଡ଼ି ଠିକାର ଛୁ ମାରିଥିବା ବେଳେ ଅଧା ଖଣ୍ଡିଆ ରାସ୍ତାରେ ଗାଡ଼ି ମୋଟର ଚଳାଚଳ କରିବାରେ ସମସ୍ୟା ସୃଷ୍ଟି ହେଉଛି । ଅଦିନିଆ ବର୍ଷା ଯୋଗୁଁ ରାସ୍ତାର ବିଭିନ୍ନ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇ ବର୍ଷା ଜଳ ଜମିରହିଛି । ଫଳରେ ରାସ୍ତାର ପିଚୁ ନଷ୍ଟ ହେବା ସହ କଂକ୍ରିଟ ଉଠିଯାଇ ଖାଲଖମାରେ ଭର୍ତ୍ତି ହୋଇଗଲାଣି । ପାଣି ଜମି ରହିଥିବାବେଳେ ବାଇକ୍ ଓ ସ୍କୁଟିରେ ଯାଉଥିବା ଲୋକେ ଖାଲରେ ପଡ଼ି ଖଣ୍ଡିଆଖାବରା ହେଉଥିବା ଦେଖିବାକୁ ମିଳିଛି । ସେହିପରି ଦୋବଲ ବଜାର ଦୁଇ ପାର୍ଶ୍ୱ ଜବରଦଖଲ ଯୋଗୁଁ ରାସ୍ତା ସଙ୍କୁଚିତ ହୋଇଯାଇଛି । ଫଳରେ କେଉଁଠି ୨ଫୁଟ ପାଣି ତ କେଉଁଠି ୩ଫୁଟ ଉଚ୍ଚର ପାଣି ରାସ୍ତା ମଝିରେ ଲହଡ଼ି ମାରୁଛି । ଅନ୍ୟପକ୍ଷେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକାଶିତ ନକ୍ସାରେ ରାସ୍ତାର ଚଉଡ଼ା ହାରାହାରି ୪୦ରୁ ୫୦ କଡ଼ି ରହିଛି । ଏପରିକି କିଛି ସ୍ଥାନରେ ୭୫ରୁ ୮୦ କଡ଼ି ଚଉଡ଼ା ଅଛି । ସାଧାରଣ ଭାବେ ରାସ୍ତାର ଚଉଡ଼ା ପ୍ରାୟ ୪୦ ଫୁଟ ଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ଏବେ ରାସ୍ତାର ଚଉଡ଼ା ପ୍ରାୟ ୨୦ ଫୁଟ୍‌କୁ କମି ଆସିଛି । ଯାହା ଫଳରେ ବିଭିନ୍ନ ସମୟରେ ଯାତାୟାତ ବାଧାପ୍ରାପ୍ତ ହେଉଛି । ଅକାରଣରେ ଟ୍ରାଫିକ ସମସ୍ୟା ଦେଖାଯାଉଛି । ବଜାର ମଝାମଝିରେ ବେଳେବେଳେ ୨ଟି ଗାଡ଼ି ପାସ୍ କରିବା କାଠିକର ପାଠ ହୋଇଯାଉଛି । ବିଶେଷ କରି ଦୋବଲ ହାଟ ପାଳି ଦିନ ଟ୍ରାଫିକ ସମସ୍ୟା ସଙ୍ଗୀନ ହୋଇପଡୁଛି । ଦୋବଲ ରାସ୍ତାର ସ୍ଥିତି ପୂର୍ବରୁ ସେମିତି ନଥିଲା । ଗତ ୧୦ ବର୍ଷ ଭିତରେ ଦୋବଲ ବଜାରର ଆକାର ବଢ଼ିବା ସାଙ୍ଗକୁ ନୂଆ ଦୋକାନ ସବୁ ହେଲା । ଏତିକି ବେଳେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଦୁଇ ପାର୍ଶ୍ୱରୁ ରାସ୍ତାପଟକୁ ମାଡ଼ି ଆସିଲେ । ଜବରଦଖଲ କରି ଘର, ଦୋକାନ ଘର କରିଦେବାରୁ ରାସ୍ତା ସଙ୍କୁଚିତ ହୋଇଯାଇଛି । ଚନ୍ଦନ ଜୁଏଲର୍ସ ସାମନାରେ ରାସ୍ତା ଏକବାର ଅଣଓସାରିଆ ହୋଇଯାଇଛି । ତା’ ସହିତ ଗୋଟିଏ ପଟେ ଜୁଏଲର୍ସ କୋଠା ଓ ଆରପଟେ ଉଚ୍ଚ ପିଣ୍ଡାର ଦୋକାନ ଘର । ଯାହା ଫଳରେ ବର୍ଷା ଦିନେ ପାଣି ପାସ୍ କରିପାରୁନାହିଁ । ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ପାଣି ଛିଡ଼ା ହୋଇଯାଉଛି । ଖାଲି ଏତିକି ନୁହେଁ, ଗାଡ଼ି ଯିବା ଆସିବା କରିବାରେ ବାଧା ଉପୁଜୁଛି । ସେହିପରି ବଡ଼ ବଡ ଦୋକାନୀମାନେ ରାସ୍ତା କଡ଼ରେ ଗୋଦାମ ଘର ରହିଛି । ଏହି ଗୋଦାମକୁ ବଡ଼ ବଡ଼ ଟ୍ରକ ମାଲ୍ ନେଇ ଆସୁଛି । ଯାହାକି ରାସ୍ତା ଉପରେ ରଖି ଅନ୍‌ଲୋଡ୍ କରାଯାଉଛି । ଏଠାରେ ମାଲ୍ ଅନ୍‌ଲୋଡ଼ ହେଲାବେଳେ ରାସ୍ତା ମାତ୍ର ୧୦ ଫୁଟ୍ ଚଉଡ଼ା ରହୁଛି । ଏଣୁ ଗାଡ଼ି ଯାତାୟାତ କରିବାକୁ ଲାଇନ ଲାଗିଯାଉଛି । ଅନ୍ୟପଟେ ଖାଲଖମା ଭର୍ତ୍ତି ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାର ନବୀକରଣ ପାଇଁ ଟେଣ୍ଡର ହୋଇ ନିର୍ମାଣ କାର୍ଯ୍ୟ କରାଯାଉଛି । ହେଲେ ଠିକାଦାର ରାସ୍ତା ଖୋଳି କିଛି ସ୍ଥାନରେ ଡଷ୍ଟ ମିଶା ବଜୁରି ପକାଇବା ସହ ଅଧା କିଲୋମିଟର ପକ୍କା ରାସ୍ତା ନିର୍ମାଣ କରିଦେଇ ୩ରୁ ୪ମାସ ହେବ ଛୁ ମାରିଛି । ତେଣୁ ରାସ୍ତା କାର୍ଯ୍ୟ ଶୀଘ୍ର ସାରିବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି ।





କେନ୍ଦ୍ରାପଡ଼ା,(ଭାସ୍କର ନ୍ୟୁଜ୍):କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ବର ପଞ୍ଚାୟତର ଗରାପୁରସ୍ଥିତ ମହାବୀର ଆଶ୍ରମ ହନୁମାନ ମନ୍ଦିରରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଶୁଭ ଜନ୍ମ ମହୋତ୍ସବ ଶ୍ରୀରାମ ନବମୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ନବଦିନ ବ୍ୟାପୀ ପ୍ରତ୍ୟେହ ସକାଳେ ଓ ଅପରାହ୍ନରେ ଶ୍ରୀରାମଚରିତ ମାନସ ପାରାୟଣ, ତୁଳସୀ ରାମାୟଣ ପାରାୟଣ ଓ ସନ୍ଧ୍ୟାରେ ବିଭିନ୍ନ ସାଧୁସନ୍ଥ ଏବଂ ବିଜ୍ଞ ପ୍ରବଚକମାନଙ୍କ ଦ୍ୱାରା ଶ୍ରୀରାମ କଥାମୃତ ପ୍ରବଚନ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ପବିତ୍ର ମହାବିଷୁବ ସଂକ୍ରାନ୍ତିରେ ବୀର ହନୁମାନଜୀଉଙ୍କ ପବିତ୍ର ଜନ୍ମୋତ୍ସବ ମଧ୍ୟ ପାଳନ ହୋଇଯାଇଛି। ଆଜି ସକାଳେ ମହାବୀର ଆଶ୍ରମର ପ୍ରତିଷ୍ଠାତା ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ମୂର୍ତ୍ତିକୁ ଏକ ସୁସଜ୍ଜିତ ଗାଡିରେ ନିଆଯାଇ କପାଳେଶ୍ବର ଓ ଗୁଲନଗର ପଞ୍ଚାୟତ ସମେତ କେନ୍ଦ୍ରାପଡା ସହର ପରିକ୍ରମା କରାଯାଇଥିଲା। ଆଜି ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ହଜାର ହଜାର ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ପହଞ୍ଚି ହନୁମାନଜୀଉ ଓ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କୁ ଦର୍ଶନ କରିବା ସହିତ ଆଶିର୍ବାଦ ଭିକ୍ଷା କରିଥିଲେ। ସେହି ଅନୁଯାୟୀ ବାବାଜୀ ଅମୃତାନନ୍ଦ ଦାସ, ଅନ୍ତର୍ଯାମୀ ବରାଳ, ବାବାଜୀ ସତ୍ୟାନନ୍ଦ ଦାସ, ବାବାଜୀ ପୁରୁଷୋତ୍ତମ ଦାସ ଓ କୁନି ପ୍ରବଚକ କେଶବ ପ୍ରବଚକ ଭାବେ ଯୋଗଦେଇ ଶ୍ରୀରାମଙ୍କ ରାଜ୍ୟାଭିଷେକ, ରାମ ରାଜ୍ୟ ବର୍ଣ୍ଣନ, ଗରୁଡ ଓ କାକଭୂଷଣ୍ଡ ସମ୍ବାଦ ତଥା ଉତ୍ତର ରାମାୟଣ କଥା ଉପରେ ପ୍ରବଚନ ପ୍ରଦାନ କରିଥିଲେ ବୋଲି ଆଶ୍ରମ ପକ୍ଷରୁ ମନ୍ଦିର ପରିଚାଳନା କମିଟି ସଭାପତି ବାବାଜୀ ଚେତନାନନ୍ଦ ଦାସ ସୂଚନା ଦେଇଛନ୍ତି।

# ମା’ ସମଲେଶ୍ୱରୀଙ୍କ ପୀଠରେ ଦଶମୀ ପୂଜା

କୁଚିଣ୍ଡା,(ଭାସ୍କର ନ୍ୟୁଜ୍): ଗୁରୁବାର ମା’ସମଲେଶ୍ୱରୀଙ୍କ ପୀଠରେ ଦଶମୀପୂଜା ସମାରୋହରେ ପାଳିତ ହୋଇଯାଇଛି। ନବରାତ୍ର ପୁଜନ ଓ ପାଳନ ପରେ, କୈବର୍ତ୍ତ ଉପଖଣ୍ଡ ସମାଜଆନୁକୁଲ୍ୟରେ ଏହି ଦଶମୀପୁଜା ପ୍ରତିବର୍ଷ ଦଶମୀ ତିଥିରେ ହୋଇଥାଏ। ମା’ଙ୍କର ୧୦ପୂଜା ପରେ ଚଇତିପୁଜାପରେ ମନ୍ତ୍ରପାଠ ରେ ବିସର୍ଜନ କରିଥାନ୍ତି ପୁଜକ, ମା’ଙ୍କର ପ୍ରିୟ ଗୁଡମୁଆଁ ସହ ଫୁଲ ଅରୁଆ ଚାଉଳ ଇତ୍ୟାଦୀରେ ପୂଜାନୀତି ସଂପନ୍ନ ହୋଇଥାଏ। ପୂଜା ନିତି ସଂପନ୍ନ ପରେ କୈବର୍ତ୍ତ ସମାଜର ଉପଖଣ୍ଡର ଗ୍ରା ମାଞ୍ଚଳରେ ବସବାସ କରୁଥିବା ସମସ୍ତ ପରିବାର ଏଥିରେ ଯୋଗ ଦେଇଥାନ୍ତି। ଖୁସି ଆନନ୍ଦରେ ପ୍ରଶାଦ ସେବନ କରି ଫେରିଥାନ୍ତି ଏଠାରୁ, ଏହି ସମ୍ଲେଶ୍ୱରୀ ମନ୍ଦୀର ପ୍ରଥମ ପ୍ରତିଷ୍ଠା ଓ ବାର୍ଷିକ ଉତ୍ସବ ତା ୨୭, ୦୫/୧୯୬୦ ମ.ରେ ଆରମ୍ଭ ହୋଇଥିଲା। ୬୫ ବର୍ଷରେ ପଦାର୍ପଣ କରିଛି। ଏହି ସମାଜର ପ୍ରଥମ ମନ୍ଦୀର କମିଟି ସଭାପତି ସର୍ଗତ ଘନଶ୍ୟାମ ସେଠ ଓ ସଂପାଦକ ମଦନ ଦେହୁରୀ ଥିଲେ। ତତ୍‌କାଳୀନ ବା ସୁଦେବ



ସେଠଙ୍କୁ ସପ୍ନାଦେଶ ପରେ ‘ମା’ଙ୍କ ପଥର ମୂର୍ତ୍ତିକୁ’ଖରଲାନଦୀ ଗର୍ଭରୁ ବାହାର କରାଯାଇଥିଲା। ନଦୀର ପ୍ରାୟ ୧୦୦ ମିଟର ଦୂରରେ ଏକ ଝୁପୁଡି ଘରେ ମା’ପୂଜା ପାଇ ଆସୁଥିଲେ। ବର୍ତ୍ତମାନର ମନ୍ଦୀର କମିଟୀ ସଭାପତି ବିଷିଷ୍ଟ ବ୍ୟବସାୟୀ ଡ଼ମ୍ବୋରୁଧର ସେଠ ଅଛନ୍ତି। ଏବଂ ସଂପାଦକ ଭାବେ ପୁର୍ବତନ ରାଜସ୍ୱ ବିଭାଗିୟ ଆର୍ ଆଇ‘ପଞ୍ଚାନନ ସେଠ, ଅବସରପ୍ରାପ୍ତ, ଅଛନ୍ତି। ମା’ଙ୍କ ପୂଜା ନିତି ଏବଂ ସାମାଜିକ ନିତି ସଂପର୍କରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସଂପାଦକ ଓ ସଭାପତି, ଏହି ୧୦ ମି ପୂଜାରେ ନିମନ୍ତେ ତ ଅତିଥି ଭାବରେ , ବରିଷ୍ଠ ଓକିଲ ଅଶୋକ କୁମାର ମହାପାତ୍ର, ପୁର୍ବତନ କଲେଜ ଅଧକ୍ଷ, ରଞ୍ଜନ କୁମାର ମହାପାତ୍ର, ବରିଷ୍ଠ ସାମ୍ବାଦିକ ବୁଦ୍ଧଦେବ ମହାପାତ୍ର, ବ୍ୟବସାୟୀ ସମିର କୁମାର ମିଶ୍ର, ଧୁବେଇ ସାହୁ ସମେତ ବହୁ ମାନ୍ୟଗଣ ବ୍ୟକ୍ତି ଯୋଗଦେଇ ମା’ଙ୍କ ଆଶିସ ଭିକ୍ଷା ସହ ପ୍ରସାଦ ସେବନ କରିଛନ୍ତି।

## ଟ୍ରେନ୍ ଧକ୍କାରେ ଯୁବକ ମୃତ

ବେଲପାହାଡ,(ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲା ବେଲପାହାଡ଼ ରେଳ ଷ୍ଟେସନ ନିକଟସ୍ଥ ରେଳ ଧାରଣାରେ ରେଳ ଧକ୍କାରେ ଜଣେ ଯୁବକର ଶୋଚନୀୟ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ଲଖନପୁର ଥାନା ଅନ୍ତର୍ଗତ ବାଘମୁଣ୍ଡା ଗ୍ରାମର ତେଜରାମ କାଲୋଙ୍କ ମଝିଆ ପୁଅ ଅଜୟ କାଲୋ (୨୪) ବୋଲି ଜଣାପଡ଼ିଛି। ମୃତ ଅଜୟଙ୍କ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଅଜୟ ଗୁରୁବାର ସକାଳ ପ୍ରାୟ ୬ ଟାରେ ବ୍ୟାଗରେ କାଗଜପତ୍ର ଧରି କୌଣସି କାର୍ଯ୍ୟ ପାଇଁ ଘରୁ ବାହାରିଥିଲେ। ହେଲେ କିଛି ଘଣ୍ଟା ପରେ ବେଲପାହାଡ଼ ରେଳ ଷ୍ଟେସନ ନିକଟସ୍ଥ ରେଳ ଧାରଣାରେ ତାଙ୍କ ଶବ ପଡ଼ିଥିବା ପରିବାର ଲୋକଙ୍କୁ ଖବର ମିଳିଥିଲା। ଅଜୟ ରେଳ ଯୋଗେ କୁଆଡ଼େ ଯାତ୍ରା କରୁଥିବା ବେଳେ ଅସାବଧାନକତା ହେତୁ ରେଳରୁ ଖସି ପଡ଼ି ପ୍ରାଣ ହରାଇଥିବା ଅନୁମାନ କରାଯାଉଛି। ଅନ୍ୟ ପଟରେ ଅଜୟ କୌଣସି କଥାକୁ ନେଇ ମାନସିକ ଭାରସାମ୍ୟ ହରାଇ ରେଳରେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ମଧ୍ୟ ସାଧାରଣରେ ଚର୍ଚ୍ଚା ହେଉଛି। ତେବେ ତାଙ୍କ ମୃତ୍ୟୁକୁ ନେଇ ପ୍ରକୃତ କାରଣ ସ୍ପଷ୍ଟ ହୋଇପାରିନାହିଁ। ଖବର ପାଇ ରେଳବାଇ ପୋଲିସ ଘଟଣା ସ୍ଥଳକୁ ପହଞ୍ଚି ଶବ ଜବତ କରିବା ସହିତ କେସ ନମ୍ବର ୨୧/୨୦୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମୃତକଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି।

# ଓଡ଼ିଶା-ଛତିଶଗଡ଼ ସୀମାରେ ପୋଲିସର ଯାଞ୍ଚ କଡ଼ାକଡ଼ି



ଉମରକୋଟ,(ଭାସ୍କର ନ୍ୟୁଜ୍): ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟି ରେ ରଖି ଉମରକୋଟ ପୋଲିସ ଓଡ଼ିଶା- ଛତିଶଗଡ ସୀମାରେ କଡ଼ା କଡ଼ି ଯାଞ୍ଚ କରିବାରେ ଅଣ୍ଟା ଭିଡିଥିବା ଦେଖିବାକୁ ମିଳିଛି। ଓଡ଼ିଶାରେ ସାଧାରଣ ନିର୍ବାଚନ ନିମନ୍ତେ ନେତାମାନେ ନିଜ ନିଜ ନିର୍ବାଚନ ମଣ୍ଡଳୀ ରେ ପ୍ରଚାର ପ୍ରସାର ନିମନ୍ତେ ସମସ୍ତ ବଳ ପ୍ରୟୋଗ କରୁଥିବା ବେଳେ ସେପଟେ ପୋଲିସ ମଧ୍ୟ ସୀମାନ୍ତ ବର୍ତ୍ତୀ ଅଞ୍ଚଳରେ କଡାକଡି ଯାଞ୍ଚ ଜାରି ରଖିଛି। ଏହି ପରିପ୍ରେକ୍ଷୀରେ ଆଜି ନବରଙ୍ଗପୁର ଜିଲ୍ଲା ଉମରକୋଟ ଏସ୍ଡିପିଓ ମଧୁଶିକ୍ତା ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଓ ଥାନା ଅଧିକାରୀ ଡ଼ମ୍ବରୁଧର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏସ ଆଇ ସୌମେନ୍ଦ୍ର ସେଠ ଏବଂ ସିଆରପିଏଫର ୧୨ନଂ ବେଟାଲିଆନ ପୋଲିସ ଫୋର୍ସ ଏକତ୍ରିତ ହୋଇ ଓଡ଼ିଶା ଓ ଛତିଶଗଡ ରାଜ୍ୟର ସୀମାବର୍ତ୍ତୀ ଅଞ୍ଚଳ ଦଣ୍ଡେସରା ଠାରେ ଗାଡି ଯାଞ୍ଚ କଡାକଡି କରିଥିବା ଦେଖିବାକୁ ମିଳିଥିଲା। ଛତିଶଗଡ ପଟରୁ ଓଡିଶା ଏବଂ ଓଡିଶାରୁ ଛତିଶଗଡ ଯାଉଥିବା ସମସ୍ତ ଯାନବାହାନ ତଥା ବସ, ଟ୍ରକ, କାର, ମୋଟରସାଇକଲକୁ ଟିକି ନିକି ଭାବେ ଯାଞ୍ଚ କରିଥିଲେ। ସନ୍ଦେହରେ ଥିବା ଗାଡିକୁ ଅଟକ ରଖି ପଚରା ଉଚରା କରୁଥିବା ଦେଖିବାକୁ ମିଳିଥିଲା। ମଦ, ଟଙ୍କା ଇତ୍ୟାଦି ଯେପରି ଛତିଶଗଡ ରାଜ୍ୟ ପଟୁ ଓଡ଼ିଶା ଭିତରକୁ ପ୍ରବେଶ ନ କରେ ସେଥି ପାଇଁ ତୀକ୍ଷ୍ଣ ଦୃଷ୍ଟି ରଖା ଯାଇଛି, ଏହା ପ୍ରତିଦିନ ଚାଲିଛି ଓ ଏହା ନିର୍ବାଚନ ସଂପୂର୍ଣ୍ଣ ହେବ। ଯାଇ ଏହି ପ୍ରକ୍ରିୟା ଚାଲିବ ବୋଲି ଉମରକୋଟ ଆଇଆଇସି ଡମ୍ବରୁ ଧର ପ୍ରଧାନ ସୂଚନା ଦେଇଛନ୍ତି।

# ନିର୍ବାଚନ ଖର୍ଚ୍ଚ ପରିଚାଳନା ସମ୍ପର୍କରେ ସମୀକ୍ଷା କଲେ ପର୍ଯ୍ୟବେକ୍ଷକ



ପାରଳାଖେମୁଣ୍ଡି,(ଭାସ୍କର ନ୍ୟୁଜ୍): ଭାରତ ନିର୍ବାଚନ କମିଶନ ଦ୍ୱାରା ଗଜପତି ଜିଲ୍ଲା ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ ଚଣ୍ଡିଗଡର ଭାରତୀୟ ରେଳ ଲେଖା ସେବା ଚନ୍ଦ୍ରିକା ଗର୍ଗ, ଆଇଆରଏଏସ, ୨୦୧୪ ବ୍ୟାଚ୍,ଗତ କାଲି ଠାରୁ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ମୋହନା ,ପାରଳାଖେମୁଣ୍ଡି ଓ ଦିଗପହଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀକୁ ପରିଦର୍ଶନ କରି ନିର୍ବାଚନ ଖର୍ଚ୍ଚ ପରିଚାଳନା ନିମନ୍ତେ ନିୟୋଜିତ ବିଭିନ୍ନ ଦଳ ସହିତ ଆଲୋଚନା କରିଛନ୍ତି । ପାରଳାଖେମୁଣ୍ଡି ସ୍ଥିତ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଆଜି ପୂର୍ବାହ୍ନରେ ଆୟୋଜିତ ସମୀକ୍ଷା ବୈଠକରେ ପର୍ଯ୍ୟବେକ୍ଷକ ଯୋଗ ଦେଇ ଖର୍ଚ୍ଚ ସମ୍ବନ୍ଧୀୟ ଟିମ୍ ସମେତ ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ, ଭିଡିଓ ସର୍ଭେଲାନସ୍ ଟିମ୍ ଓ ଭିଡିଓ ଭ୍ୟୁରଙ୍ଗ୍ ଟିମ୍‌ର ନିୟୋଜିତ ଅଧିକାରୀ ଓ ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ସହ ନିର୍ବାଚନ ଖର୍ଚ୍ଚର ସଠିକ୍ ହିସାବ ଓ ଏହାର ସଠିକ୍ ପରିଚାଳନା ନିମନ୍ତେ ସବୁ ଦିନରେ ସୂଚନା ଆଦାନ ପ୍ରଦାନ ଉପରେ ପର୍ଯ୍ୟବେକ୍ଷକ ଗୁରୁତ୍ୱାରୋପ କରିଥିଲେ। ନିର୍ବାଚନକୁ ମୁକ୍ତ ଓ ଅବାଧ ଭାବେ ପରିଚାଳନା ନିମନ୍ତେ ସମସ୍ତେ ନିଜର ଦାୟିତ୍ୱ ଓ କ୍ଷମତା ସମ୍ପର୍କରେ ଅବଗତ ହେବାକୁ ସେ ପରାମର୍ଶ ଦେଇଛନ୍ତି । ଏହା ସହ ଅବକାରୀ ଚାଡ଼ଉ ଆଦି ସମ୍ପର୍କିତ ବିଭିନ୍ନ ଯାଞ୍ଚ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର, ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର କୁମାର ଦାସ ଓ ରାଜେନ୍ଦ୍ର ମିଞ୍ଜ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଡ଼.ଗୁଣନିଧି ନାୟକ, ଛେଳିଗଡ଼ ଜଳ ସେଚନ ପ୍ରକଳ୍ପର ଜମି ଅଧିଗ୍ରହଣ ଅଧିକାରୀ ରାଜେନ୍ଦ୍ର କହଁର, ଉପ-ଜିଲ୍ଲାପାଳ ଅନୁପ ପଣ୍ଡାଙ୍କ ସମେତ ନିର୍ବାଚନ ପରିଚାଳନା ନିମନ୍ତେ ନିୟୋଜିତ ବିଭିନ୍ନ ଦଳର ଅଧିକାରୀ ଓ କର୍ମ କର୍ତ୍ତାମାନେ ଉପସ୍ଥିତ ଥିଲେ । ଏହା ସହ ପର୍ଯ୍ୟବେକ୍ଷକ ଜିଲ୍ଲାର ୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜିଲ୍ଲା ନିର୍ବାଚନ ବିଭାଗ ଦ୍ୱାରା କରାଯାଇଥିବା ବିଭିନ୍ନ ଆନୁସାଗିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ ।

# ତାତିଲେ ଚାଷୀ

ବରଗଡ଼,(ଭାସ୍କର ନ୍ୟୁଜ୍): କୃଷି ଓ କୃଷକମାନଙ୍କ ସମସ୍ୟାକୁ ନେଇ ଉଭୟ ବିଜେପି ଏବଂ ବିଜେଡି ଦଳର ନୀତି ଓ ଆଭିମୁଖ୍ୟରେ କୌଣସି ଫରକ ନାହିଁ। ଉଭୟେ ଚାଷି ବିରୋଧି, ଏକଥା ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଚାଷୀ ନେତା ଲିଂଗରାଜ କହିଛନ୍ତି। ଜୟ କିସାନ ଆନ୍ଦୋଳନ ତରଫରୁ ସମତା ଭବନ ବରଗଡ଼ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ କରାଯାଇଥିଲା। ଏହି ସମ୍ମିଳନୀରେ ୨୦୨୪ ସାଧାରଣ ନିର୍ବାଚନ ରେ ସଂଗଠନ ର ଭୂମିକା ଏବଂ ଆଭିମୁଖ୍ୟ ବିଷୟରେ ଏକ ପ୍ରଚାରପତ୍ର ଏବଂ ରାଜ୍ୟ ସ୍ତରୀୟ ଏକ ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ଏହି ପ୍ରଚାରପତ୍ରରେ ଉଭୟ ବିଜେପି ଏବଂ ବିଜେଡି ଦଳର ଚାଷି ବିରୋଧି ନୀତି ଓ ଆଭିମୁଖ୍ୟ ବିଷୟରେ ବିଭିନ୍ନ ତଥ୍ୟ ଭିତ୍ତିକ ଉପସ୍ଥାପନ କରାଯାଇଛି। ବିଜେପି ନେତୃତ୍ୱାଧିନ ମୋଦି ସରକାର ୨୦୧୪ ସାଧାରଣ ନିର୍ବାଚନ ବିଭିନ୍ନ ପ୍ରତିଶ୍ରୁତି ଦେଇଥିଲା ତିନ୍ ମଧ୍ୟରୁ ସ୍ୱାମିନାଥନ୍ କମିସନ୍‌ର ସୁପାରିଶ କ୍ରମେ ପ୍ରତ୍ୟେକ ଫସଲର ଉତ୍ପାଦନ ଖର୍ଚ୍ଚର ଦେଢଗୁଣ ମୂଲ୍ୟ ପ୍ରଦାନ, ଏମ୍ ଏସ୍‌ପିକୁ ଆଇନଗତ ମାନ୍ୟତା, ଦେଶର ସମସ୍ତ କୃଷକମାନଙ୍କ ଋଣ ଛାଡ, ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ, କୃଷକ ର ଆୟ ଦୁଇଗୁଣ, ବିଦେଶରେ ଗଚ୍ଛିତ କଳାଧନକୁ ଅଣାଯିବା ଆଦି ମୁଖ୍ୟ ପ୍ରସଙ୍ଗ ଥିଲା। କିନ୍ତୁ ସରକାରରେ ଆସିବା ପରେ ତନ୍ ମଧ୍ୟରୁ କୌଣସି ଗୋଟିଏ ମଧ୍ୟ ପ୍ରତିଶୃତି ପାଳନ କଲା ନାହିଁ। ୨୦୨୦ ମସିହା ରେ କରୋନା



କଟକଣା ସମୟରେ ଏହାକୁ ଏକ ସୁଯୋଗ ଭାବି ତିନୋଟି କଳା ଆଇନ ଅଣାଗଲା। ଯାହାକୁ ପ୍ରତ୍ୟହାର କରାଇବା ପାଇଁ ଚାଷୀମାନଙ୍କୁ ଦେଶ ବ୍ୟାପି ତେର ମାସ ଆନ୍ଦୋଳନ କରିବାକୁ ପଡିଥିଲା। ସେହି କାଳ ଖଣ୍ଡରେ ପ୍ରାୟ ୭୫୦ କୃଷକ ସହୀଦ ହୋଇଯାଇଥିଲେ। ଏହି ତିନି କଳା ଆଇନ କେନ୍ଦ୍ର ସରକାର ଅଧ୍ୟାଦେଶ ଆଣିବା ସମୟରେ ଓଡିଶା ରେ ନବୀନ ପଟ୍ଟନାୟକ ନେତୃତ୍ୱାଧିନ ବିଜେଡି ସରକାର ଆଗତୁରା ଭାବରେ ଦୁଇଟି ଆଇନକୁ ଓଡିଶାରେ ଲାଗୁ କରିଦେଇଥିଲେ। ଓଡିଶା ସରକାର ୨୦୧୭ ମସିହାରେ ବିଧାନସଭା ରେ ଏକ ସଂକଳ୍ପ ପ୍ରସ୍ତାବ ଗ୍ରହଣ କରି ଧାନ କ୍ୱିଣ୍ଟାଲ ପ୍ରତି ଦର ୨୯୩୦ ଟଙ୍କା ହେବା ଜରୁରୀ ବୋଲି କହିଥିଲେ। ଯଦି ଏହି କେନ୍ଦ୍ର ସରକାର ଦେଲେ ନାହିଁ ସେହି ସମୟରେ ରାଜ୍ୟ ସରକାର ର କର୍ତ୍ତବ୍ୟ ଯେ ବୋନସ୍ ଦେଇ ସେହି ଅର୍ଥ ଭରଣା କରିବା କଥା କିନ୍ତୁ ସେ ଦିଗରେ କୌଣସି ପଦକ୍ଷେପ ଏପର୍ଯ୍ୟନ୍ତ ଓଡିଶା ସରକାର ନେଇ ନାହାନ୍ତି। ଏହି ନିର୍ବାଚନ ପୂର୍ବରୁ ଇଲେକ୍ଟୋରାଲ୍ ବଣ୍ଡକୁ ନେଇ ସୁପ୍ରିମକୋର୍ଟରେ ଯେଉଁ ଦେଶର ସର୍ବ ବୃହତ୍ତ ଦୁର୍ନୀତିର ପରଦାଫାସ କରାଯାଇଛି। ଯେଉଁ ଦଳ କଂପାନିମାନଙ୍କୁ ଠାରୁ ହଜାର ହଜାର କୋଟି ଟଙ୍କା ର ଚାନ୍ଦା ନେବ ସେ କେବେ ସାଧାରଣ ଜନତା କୃଷକ ,ଦଳିତ, ଆଦିବାସୀ ଶୋଷିତ ବଞ୍ଚିତ ଶ୍ରେଣୀ ପାଇଁ କାମ କରିବ ନାହିଁ । ଏପରି ପରିସ୍ଥିତିରେ ପୁଣି ଥରେ ନିର୍ବାଚନ ଆସିଛି। ଏହି ନିର୍ବାଚନ ରେ କୃଷକ ମଜଦୁର ମାନଙ୍କ ସମସ୍ୟା କିପରି ନିର୍ବାଚନ ର ମୁଦ୍ଦା ଦେବ ସେ ଦିଗରେ ସଂଗଠନ ବିଭିନ୍ନ ସ୍ଥାନରେ ସଭାସମିତି ଜରିଆରେ ଜନସାଧାରଣଙ୍କୁ ସଚେତନ କରିବା ସହ ଚାଷୀ ବିରୋଧି ବିଜେପି ଏବଂ ବିଜେଡ଼ିକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ଆହ୍ୱାନ ଦିଆଯିବ ବୋଲି ବରିଷ୍ଠ ଚାଷୀ ନେତା ତଥା ପଶ୍ଚିମ ଓଡିଶା କୃଷକ ସଂଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ ପ୍ରକାଶ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀର ଜୟ କିସାନ ଆନ୍ଦୋଳନର ଜିଲ୍ଲା ସଭାପତି ସୁଶୀଲ କୁମାର ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ, ଅରୁଣ କୁମାର ସାହୁ ଏବଂ ଅରୁଣ ପ୍ରଧାନ ଯୋଗଦାନ କରିଥିଲେ।

## ୧୩ ଲିଟର ମହୁଲି ମଦ ଜବତ ଜଣେ କୋର୍ଟଚାଲାଣ

ଖପ୍ରାଖୋଲ,(ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ଥାନା ପୋଲିସ ଚଢ଼ାଉ କରି ଭାନପୁର ପଞ୍ଚାୟତ ତୁର୍ଲା ଗାଁ ନିକଟରୁ ବେଆଇନ୍ ଦେଶୀ ମହୁଲି ମଦ ବିକିବା ଅଭିଯୋଗରେ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ତୁର୍ଲା ଗାଁର ସଦାନନ୍ଦ ବରିହା (୫୦) ବୋଲି ପୋଲିସ ସୂଚନା ଦେଇଛି। ସୂଚନା ଅନୁସାରେ ବୁଧବାର ରାତିରେ ପୋଲିସ ପାଟ୍ରୋଲିଂ କଲାବେଳେ ତୁର୍ଲା ଗାଁ ରାସ୍ତା କଡ଼ରେ ବେଆଇନ୍ ମହୁଲି ମଦ ବିକ୍ରି କରିଥିବା ବେଳେ ଗିରଫ କରିବା ସହ ୧୩ଲିଟର ୫ଶହ ମିଲି ମଦ ଜବତ କରିଥିବା ଜଣାଯାଇଛି। ଏନେଇ ଖପ୍ରାଖୋଲ ଥାନା କେସ ନମ୍ବର ୧୦୨/୨୦୨୪ ଓଡ଼ିଶା ଅବକାରୀ ଆଇନ ୨୦୦୮ଧାରା ୫୨ରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ବୋଲି ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର ପ୍ରକାଶ କରିଛନ୍ତି।



# ବିଜେଡି ଛାଡ଼ିଲେ ବେଲପାହାଡ଼ ଟାଉନ ସଭାପତି କୈଳାସ ନାଏକ

ବେଲପାହାଡ଼,(ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲା ବେଲପାହାଡ଼ ବିଜେଡି ଟାଉନ ସଭାପତି ତଥା ବେଲପାହାଡ଼ ପୌର ପରିଷଦର ପୂର୍ବତନ ନଗରପାଳ କୈଳାଶ ଚନ୍ଦ୍ର ନାଏକ ଗୁରୁବାର ଦିନ ବିଜେଡି ଦଳର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇ ଦଳ ଛାଡ଼ିଛନ୍ତି। ବେଲପାହାଡ଼ ଗୁମାଡେରାସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କୈଳାଶ ବିଜେଡି ଦଳ ଛାଡ଼ିଥିବାକୁ ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କୈଳାଶଙ୍କ ଅଭିଯୋଗ କ୍ରମେ ସେ ପୂର୍ବରୁ ୧୯୯୮ ରୁ ୨୦୦୩ ମସିହା ପର୍ଯ୍ୟନ୍ତ ବେଲପାହାଡ଼ ବିଜେପି ମଣ୍ଡଳ ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ରାଜ୍ୟରେ ମେଣ୍ଟ ସରକାର ଥିବା ସମୟରେ ସେ ବେଲପାହାଡ଼ ପୌର ନିର୍ବାଚନରେ ନଗରପାଳ



ଭାବେ ୨୦୦୦ ମସିହାରେ ନିର୍ବାଚିତ ହୋଇଥିଲେ। ଗତ ୨୦୦୦ ରୁ ୨୦୦୫ ମସିହା ପର୍ଯ୍ୟନ୍ତ କୈଳାଶଙ୍କ କାର୍ଯ୍ୟକାଳ ମଧ୍ୟରେ ସହରର ବିକାଶମୂଳକ କାର୍ଯ୍ୟରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ପରେ ବ୍ରଜରାଜନଗର ବିଧାୟକ ସ୍ୱର୍ଗତ କିଶୋର ମହାନ୍ତିଙ୍କ କାର୍ଯ୍ୟରେ ଅନୁପ୍ରାଣିତ ହୋଇ କୈଳାଶ ବିଜେଡି ଦଳରେ ଯୋଗଦାନ କରି ୨୦୧୯ ମସିହାରୁ ବେଲପାହାଡ଼ ଟାଉନ ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ହେଲେ ପରେ ଦଳ ପକ୍ଷରୁ ଅଣଦେଖା କରାଯାଇଥିବା ସେ ଅଭିଯୋଗ କରିଛନ୍ତି।

# ନିର୍ବାଚନ ପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି

ମାଲକାନଗିର,(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ୨୦୨୪ ଲୋକସଭା ନିର୍ବାଚନ ହେବାକୁ ଯାଉଛି । ତେବେ ଏହି ଅଞ୍ଚଳରେ ପୂର୍ବରୁ ହିଁ ମାଓବାଦୀମାନେ ନିର୍ବାଚନକୁ ବିରୋଧ କରି ଆସୁଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଛତିଶଗଡ଼ରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଯାହାକୁ ନେଇ ମାଲକାନଗିରି ଜିଲ୍ଲାର ସୀମାନ୍ତ ଅଞ୍ଚଳରେ ମଧ୍ୟ ଉଭୟ ରାଜ୍ୟର ପୋଲିସ ପକ୍ଷରୁ ଯାଞ୍ଚ ବ୍ୟବସ୍ଥାକୁ କଡାକଡି କରାଯାଇଛି । ମାଲକାନଗିରି ପୋଲିସ ଏବଂ ବିଏସ୍‌ଏଫ ତରଫରୁ ତଲାସୀ ଅପରେସନକୁ ଜୋରଦାର କରାଯାଉଛି। ଜିଲ୍ଲାର ୧୬ଟି ସ୍ଥାନରେ ଅପରେସନ ଜାରି ରହିଥିବା ବେଳେ ୪ଟି ଟିମକୁ ଷ୍ଟାଣ୍ଡବାୟ ରଖାଯାଇଛି । ସମସ୍ତ ଯାନବାହାନକୁ ଯାଞ୍ଚ କରାଯାଉଛି। ସୀମାରେ ଡ୍ରୋନ ଓ ସିସି ଟିଭିରେ ନଜର ରଖାଯାଇଥିବା ନେଇ ମାଲକାନଗିରି ଏସପି ନିତିଶ ୱାଧୱାନୀ ସୂଚନା ଦେଇଛନ୍ତି।

# ‘ଆମ ସଂସ୍କୃତି, ଆମ ଖେଳନା’ କର୍ମଶାଳା

ଉମରକୋଟ,(ଭାସ୍କର ନ୍ୟୁଜ୍): ବ୍ଲକ ଅନ୍ତର୍ଗତ କେଶରାବେଡା ଆଞ୍ଚଳିକ ସାଧନ କେନ୍ଦ୍ର ପରିସରରେ ‘ଆମ ସଂସ୍କୃତି ଆମ ଖେଳନା’ସମ୍ପର୍କିତ ଦୁଇଦିନିଆ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କର୍ମଶାଳା ଅନୁଷ୍ଠିତ ହୋଯାଇଅଛି। ସୋମବାର ଏହି ଶିବିରକୁ ବରିଷ୍ଠ ଶିକ୍ଷକ ତଥା ପୂଜାରିପାରା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଦାନନ୍ଦ ମିର୍ଦ୍ଧା ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଏହି କର୍ମଶାଳାରେ କେଶରାବେଡା ଆଞ୍ଚଳିକ ସାଧନ କେନ୍ଦ୍ର ଅଧିନସ୍ଥ ସମସ୍ତ ବିଦ୍ୟାଳୟରୁ ୩୦ଜଣ ଶିକ୍ଷକ ଶିକ୍ଷୟତ୍ରୀ ଅଂଶ ଗ୍ରହଣ କରିଥିଲେ । ପ୍ରଶିକ୍ଷକ ଭାବେ ସିଆରସିସି ମୋତିରାମ ଗଣ୍ଡ, ସନ୍ତୋଷ କୁମାର ସାହୁ, ମଧୁସୂଦନ ଜେନା,ବନୁ ପନକା, ଆର ଧନୁର୍ଜୟ ରାଓ, ଯୋଗ ଦେଇ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ଆମ ପଲ୍ଲୀ ଜୀବନ,ଆଞ୍ଚଳିକ କଳା




କୌଶଳ, ଆଦିବାସୀ ଜୀବନ ଶୈଳୀ, ସଂସ୍କୃତି ଓ ଆଧୁନିକତାର ସ୍ପର୍ଶରେ ବିଲୁପ୍ତ ହେଇ ଯାଉଥିବା ବିଭିନ୍ନ ପୁରାତନ ସାମଗ୍ରୀକୁ କିପରି ଆମେ ବିନିଯୋଗ କରି ସୁନ୍ଦର ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିପାରିବା ସେ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ଏହି ତଥ୍ୟକୁ ଆଧାର କରି ୬୦ରୁ ଉର୍ଦ୍ଧ୍ୱ ସୁନ୍ଦର ସୁନ୍ଦର ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟ କ୍ରମରେ ଉମରକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଦୁଇ ଜଣ ସହଯୋଗୀ ଷ୍ଟାଫ ଉପସ୍ଥିତଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଧାନ ଶିକ୍ଷୟତ୍ରୀ ଚଞ୍ଚଳା ବିଶ୍ୱାସ, ବରିଷ୍ଠ ଶିକ୍ଷକ ପଞ୍ଚୁରାମ ଗଣ୍ଡ,ଚକ୍ରଧର ଭାତ୍ରା , ସନ୍ତୋଷ ବାରିକେ ,ପିତାମ୍ବର ମାଳି ,ବିରସିଂ ପରଜା ,ସୁନିଲ ବିଶ୍ୱାଳ ,ଦୀପକ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସୋଡାପାରା ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସତ୍ୟ ଶେଖର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୋଗ ଦେଲେ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ

ନୂଆପଡ଼ା,(ଭାସ୍କର ନ୍ୟୁଜ୍): ଆସନ୍ତା ସାଧାରଣ ନିର୍ବାଚନରେ ସମସ୍ତ ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ ଉପରେ ପାଇଁ ନୂଆପଡ଼ା ଜିଲାରେ କମିଶନରୁ ଖଚ ମଣି ଶଙ୍କର ବଡଲୋଇ ଶ୍ରୀ ବଡଲୋଇ କଳାହାଣ୍ଡି ମଣ୍ଡଳୀର ନୂଆପଡ଼ା ମଣ୍ଡଳୀ, ଖଡିଆଳ ମଣ୍ଡଳୀ, ଜୁନାଗଡ଼ ତୀକ୍ଷ୍ଣ ନଜର ରଖୁବା କେନ୍ଦ୍ର ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି । ସଂସଦୀୟ ନିର୍ବାଚନ ବିଧାନସଭା ନିର୍ବାଚନ ବିଧାନସଭା ନିର୍ବାଚନ ବିଧାନସଭା ନିର୍ବାଚନ ମଣ୍ଡଳୀ, ଧର୍ମଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଉପରେ ନଜର ରଖିବେ । ସ୍ଥାନୀୟ ସାର୍କିଟ୍ ହାଉସରେ ଏକ ଅସ୍ଥାୟୀ କାର୍ଯ୍ୟାଳୟ ଖୋଲାଯାଇଥିବା ବେଳେ କୌଣସି ସ୍ଥାନରେ ଯେକୌଣସି ପ୍ରାର୍ଥୀ ନିର୍ବାଚନ ଆଚରଣବିଧି ଉଲଂଘନ କରୁଛନ୍ତି ତେବେ ସର୍କିଟ୍ ହାଉସକୁ ଆସି ଅଭିଯୋଗ କରାଯାଇପାରିବେ ବୋଲି ସୂଚନା ଦିଆଯାଇଛି ।

# ଜିଲ୍ଲାରେ ୬୦୪ ବୁଥ୍ , ଭୋଟର ୪ ଲକ୍ଷ ୯୬ ହଜାର ୧୯୩

ନୂଆପଡ଼ା,(ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲାରେ ପୂର୍ବରୁ ୬୦୩ ବୁଥ୍ ରହିଥିବା ବେଳେ ବର୍ତ୍ତମାନ ଗୋଟିଏ ବୁଥ୍ ସଂଖ୍ୟା ବଢ଼ି ୬୦୪ରେ ପହଞ୍ଚିଛି । ଏସମ୍ପର୍କରେ ଆଜି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲାପାଳ ହେମକାନ୍ତ ସାୟ ସୂଚନା ଦେଇଛନ୍ତି । ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଜିଲାପାଳ ଶ୍ରୀସାୟ, ଆରକ୍ଷୀ ଅଧକ୍ଷକ ଗୁଣ୍ଡାଲା ରାଘବେନ୍ଦ୍ର, ଅତିରିକ୍ତ ଜିଲ୍ଲାପାଳ, ଭୀମସେନ ଶବର, ସୁବାସ ଚନ୍ଦ୍ର ରଇତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାଚନ ନୋଡାଲ ଅଧିକାରୀ ଲମ୍ବୋଦର ଧରୁଆ, ଅତିରିକ୍ତ ଆରକ୍ଷୀ ଅଧକ୍ଷକ ଇନ୍ଦ୍ରମଣି ବେହେରା, ନୂଆପଡ଼ା ଉପଜିଲ୍ଲାପାଳ ଜୋଗେନ୍ଦ୍ର ମାଝୀ, ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଅଜୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାପାଳ ନୂଆପଡ଼ା ଜିଲାରେ ସାଧାରଣ ନିର୍ବାଚନକୁ ନେଇ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇ ଜିଲାରେ ବର୍ତ୍ତମାନ ସୁଦ୍ଧା ୪ ଲକ୍ଷ ୯୬ହଜାର ୧୯୩ ଜଣ ଭୋଟରଙ୍କ ପଞ୍ଜୀକରଣ ହୋଇଥିବା ସୂଚନା ଦେଇଥିଲେ । ସେଥିରୁ ନୂଆପଡ଼ା ନିର୍ବାଚଣ ମଣ୍ଡଳୀରେ ମୋଟ୍ ୨ଲକ୍ଷ ୪୩ହଜାର ୨୩୮ଜଣ ଓ ଖଡିଆଳ ନିର୍ବାଚନ ମଣ୍ଡଳୀରେ ମୋଟ୍ ୨ଲକ୍ଷ ୫୨ହଜାର



୯୫୫ ଜଣ ଭୋଟ୍ ରହିଛନ୍ତି । ସେହିପରି ଜିଲାରେ ମହିଳା ଭୋଟରଙ୍କ ସଂଖ୍ୟା ପୁରୁଷଙ୍କ ଠାରୁ ଅଧିକ ରହିଛି । ଜିଲ୍ଲରେ ମହିଳା ଭୋଟର ସଂଖ୍ୟା ୨ଲକ୍ଷ ୪୯ହଜାର ୧୩୧ ରହିଥିବା ବେଳେ ପୁରୁଷଙ୍କ ସଂଖ୍ୟା ୨ଲକ୍ଷ ୪୭ ହଜାର ୨୧ ରହିଛି । ଅର୍ଥାତ ଜିଲ୍ଲାରେ ମହିଳା ଭୋଟର ଅନୁପାତ ୫୦.୨୧ ଶତକଡା ଥିବା ବେଳେ ପୁରୁଷ ୪୯.୩୮ ଶତକଡ଼ା ରହିଛି । ସେହିପରି ଜିଲାରେ ଭୋଟ୍ ଦାନକୁ ଅଧିକ କରିବା ପାଇଁ ସଚେତନ କାର୍ଯ୍ୟକ୍ରମ କରାଯାଉଛି। ସଚେତନତାକୁ ଅଧିକ ଲୋଖାଭିମୁଖୀ କରିବା ଉଦ୍ଦେଶ୍ୟରେ ନୂଆପଡ଼ା ଜିଲାରୁ ଓଡ଼ିଶା ରଣଜି କ୍ରିକେଟ୍ ଦଳରେ ଖେଳୁଥିବା ପ୍ରୟାସ ସିଂଠାକୁର ଓ ନୂଆପଡ଼ାର ଦୃଷ୍ଟିହୀନ ଚେସ ଖେଳାଳି ସୋନ୍ଦର୍ଯ୍ୟ ପ୍ରଧାନଙ୍କୁ ବ୍ରାଣ୍ଡ ଆମ୍ବାସେଡର କରାଯାଇଛି । ସେହିପରି ଜିଲ୍ଲରେ ୫୨ଟି ମଡେଲ ବୁଥ୍ କରାଯାଇଛି। ସେଥିରୁ ନୂଆପଡ଼ାରେ ୨୦ଟି ଓ ଖଡିଆଳରେ ୨୦ ଟି ସଖୀ ବୁଥ୍ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ । ସେହିପରି ସ୍ୱିପ ଆକ୍ଟିଭିଟିରେ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଜିଲ୍ଲାପାଳ ଜଣାଇଥିଲେ । ସେହିପରି ଆରକ୍ଷୀ ଅଧିକ୍ଷକଙ୍କ ସୂଚନା ଅନୁସାରେ, ଜିଲାର ୬୦୪ଟି ବୁଥରୁ ୮୪ଟି ବୁଥ୍ ଗୁରୁତର ବୁଥ୍ ରହିଛି । ଜିଲାର ନୂଆପଡ଼ା ନିର୍ବାଚନ ମଣ୍ଡଳୀର ୫ଟି ଓ ଖଡିଆଳ ନିର୍ବାଚନ ମଣ୍ଡଳୀର ୨ଟି ବୁଥରେ ପୋଲିଂ ଦଳକୁ ହେଲିକପ୍ଟର ଯୋଗେ ପଠାଇବା ପାଇଁ ନିର୍ବାଚନ କମିଶନକୁ ଅବଗତ କରାଯାଇଥିବା କହିଥିଲେ । ଜିଲାରେ ୬୪ଟି ବୁଥ ମାଓପ୍ରବଣ ବୋଲି ଚିହ୍ନଟ କରାଯାଇଛି । ଜିଲ୍ଲାର ୨ଟି ନିର୍ବାଚନ ମଣ୍ଡଳୀ ପାଇଁ ୬ଟି ଫ୍ଲାଇଙ୍ଗ ସ୍କ୍ୱଡ଼ ଓ ୬ଟି ଷ୍ଟାଟିକ୍ ସର୍ଭିଲେନ୍ସ ଟିମ୍ ଗଠନ କରାଇଥିବା ସୂଚନା ଦେଇଥିଲେ । ଆଜିଠାରୁ ନାମାଙ୍କନର ବିଜ୍ଞପ୍ତି ପ୍ରକାଶ ପାଇଥିବାରୁ ଏଣୁ ଏଣିକି ପ୍ରାର୍ଥୀ କରୁଥିବା ନିର୍ବାଚନୀ ଖର୍ଚ୍ଚ ସେମାନଙ୍କ ବ୍ୟକ୍ତିଗତ ଖର୍ଚ୍ଚ ରୂପେ ପରିଗଣିତ ହେବ ବୋଲି ମଧ୍ୟ ସୂଚନା ଦେଇଥିଲେ ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



“ପୁସ୍ତକ ହିଁ ସତ୍ ଚରିତ୍ର ଗଠନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।”

-ସ୍ୱାମୀ ବିବେକାନନ୍ଦ



“ଅସାଧୁ ହୁଅଇ ସାଧୁ ସାଧୁର ସଙ୍ଗରେ
ନିର୍ମଳ ପଙ୍କିଳ ଜଳ ନିର୍ମଳ ଯୋଗରେ।”

-ମଧୁସୂଦନ ରାଓ



### ଆର୍ଥିକ ସଙ୍କଟରେ ବୃହତ୍ ଅର୍ଥନୀତି

## ଋଣ ପାହାଡ଼ରେ ଆମେରିକା

ବର୍ତ୍ତମାନ ବିଶ୍ୱର ବହୁ ଦେଶ ଘୋର ଆର୍ଥିକ ସଙ୍କଟର ସମ୍ମୁଖୀନ ହେବା ସଙ୍ଗେ ସଙ୍ଗେ ଅନେକ ଦେଶରେ ଆର୍ଥିକ ମାନ୍ଦାବସ୍ଥା ଦେଖାଦେଇଛି। ସର୍ବବୃହତ୍ ସମୃଦ୍ଧ ଓ ଧନଶାଳୀ ରାଷ୍ଟ୍ର ଆମେରିକା ଏବେ ଋଣ ବୋଝରେ ଭାରାକ୍ରାନ୍ତ ହୋଇପଡ଼ିଛି। ଆମେରିକାର ଋଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସର୍ବଶେଷ ଆକଳନ ଅନୁଯାୟୀ ଆମେରିକାର ମୋଟ୍ ଋଣ ପରିମାଣ ୩୪ ଟ୍ରିଲିୟନ୍ ଡଲାରରେ ପହଞ୍ଚିଛି, ଯାହା ଦେଶର ଜିଡିପିର ୧୨୫ ପ୍ରତିଶତ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମଧ୍ୟ ଆମେରିକାର ଅବସ୍ଥା ଏତେ ଖରାପ ହୋଇନଥିଲା। ଆମେରିକାର ଋଣବୃଦ୍ଧି ବିଶ୍ୱ ପାଇଁ ଶୁଭ ସୂଚନା ନୁହେଁ ବୋଲି ଆନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇ.ଏମ୍.ଏଫ୍) ଚେତାବନୀ ଶୁଣାଇଛି। ବିଶ୍ୱର ଆର୍ଥିକ ସ୍ଥିରତା ପ୍ରତି ଏହା ବିପଦ ସୃଷ୍ଟି କରିବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଯଦିଓ ବ୍ରିଟେନ୍ ଇତିମଧ୍ୟରେ ନିଜର ଆର୍ଥିକ ସ୍ଥିତିରେ କିଛିଟା ଉନ୍ନତି ଘଟାଇ ମାନ୍ଦାବସ୍ଥା ଜନିତ ସଙ୍କଟରୁ ମୁକ୍ତି ଆସିଛି, ତଥାପି ଏସିଆ ମହାଦେଶର ଅନ୍ୟତମ ସମୃଦ୍ଧ ଦେଶ ଜାପାନ ମାନ୍ଦାବସ୍ଥା ଜନିତ ସ୍ଥିତି ଠାରୁ ଅଳ୍ପଦୂରରେ ରହିଛି। ଏହାର ଆର୍ଥିକ ସ୍ଥିତି ମଧ୍ୟ ଏବେ ଦୟନୀୟ ହୋଇଛି। ତେବେ ଆର୍ଥିକ ମାନ୍ଦାବସ୍ଥାର ସବୁଠାରୁ ଭୟଙ୍କର ପ୍ରଭାବ ବର୍ତ୍ତମାନ କାନାଡ଼ା ଉପରେ ପଡ଼ିଥିବା ବେଳେ ଏହି ଦେଶ ଉପରେ ସଙ୍କଟର କଳା ବାଦଲ ଘୋଟି ଆସିଛି। ଭାରତ ସହିତ ସମ୍ପର୍କକୁ ତିକ୍ତ କରିବା ଏବଂ ଅଯଥା ବିବାଦ ସୃଷ୍ଟି କାନାଡ଼ା ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ରାଷ୍ଟ୍ରପତି ଜଷ୍ଟିନ ଟ୍ରୁଡୋ ଭାରତ ବିରୋଧୀ ବିଚ୍ଛିନ୍ନତାବାଦୀ ଖଲିସ୍ତାନୀ ଆତଙ୍କବାଦୀଙ୍କ ସପକ୍ଷରେ ଯାଇ ଆମ ଦେଶ ସହ ବିବାଦ ଆରମ୍ଭ କରିବା ପରେ କାନାଡ଼ାର ସ୍ଥିତି ବିଗିଡ଼ିବାରେ ଲାଗିଛି। ସେଠାରେ ବର୍ତ୍ତମାନ ପରିସ୍ଥିତି ଏଭଳି ହୋଇଛି ଯେ, ଗତ ଜାନୁଆରୀ ମାସରେ ଦେଶର ୮୦୦ଟି କମ୍ପାନୀ ନିଜକୁ ଦେବାଳିଆ ଘୋଷଣା କରିଛନ୍ତି। ଏହା ପୂର୍ବରୁ ୨୦୨୩ ମସିହାରେ କାନାଡ଼ାରେ ଦେବାଳିଆ ହୋଇଥିବା କମ୍ପାନୀଙ୍କ ସଂଖ୍ୟା ପ୍ରାୟ ୪୦ପ୍ରତିଶତ ବୃଦ୍ଧି ଘଟିଛି। ବର୍ତ୍ତମାନ ନିଜକୁ ଦେବାଳିଆ ଘୋଷଣା କରିବା ପାଇଁ ଆବେଦନ କରୁଥିବା କମ୍ପାନୀଙ୍କ ସଂଖ୍ୟା ଗତ ୧୩ ବର୍ଷ ମଧ୍ୟରେ ସର୍ବାଧିକ ବୋଲି କୁହାଯାଉଛି। ମହାମାରୀ କରୋନା ସମୟରେ ଦେଶର କମ୍ପାନୀଗୁଡ଼ିକୁ ୪୫ ହଜାର ଡଲାରର ସୁଧମୁକ୍ତ ଋଣ ପ୍ରଦାନ କରାଯାଇଥିଲା। ତେବେ ଋଣ ପରିଶୋଧ କରିବାର ଅନ୍ତିମ ସମୟ ୨୦୨୪ ଜାନୁଆରୀରେ ଶେଷ ହୋଇଯାଇଛି। କାନାଡ଼ାର ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ ଛୋଟ କମ୍ପାନୀଗୁଡ଼ିକର ଯୋଗଦାନ ୩୩ ପ୍ରତିଶତ ରହିଛି। ସରକାରୀ ରିପୋର୍ଟ ଅନୁଯାୟୀ ଦେଶର ଆର୍ଥିକ ସ୍ଥିତି ସୁଦୃଢ଼ ରହିଛି, ଅଥଚ ଛୋଟ କମ୍ପାନୀ ଏବଂ ଉପଭୋକ୍ତାମାନଙ୍କ ସ୍ଥିତି ରକ୍ଷା ପାଇଁ ସଂଘର୍ଷ କରିବାକୁ ପଡ଼ୁଛି। କାନାଡ଼ା ରାଷ୍ଟ୍ରପତି ଗତବର୍ଷ (୨୦୨୩) ଠାରୁ ଭାରତ ସହ ବିବାଦ ଆରମ୍ଭ କରିଥିଲେ। ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂହ ନିଜରଙ୍କ ହତ୍ୟା ପଛରେ ଭାରତର ହାତ ଥିବାର ରାଷ୍ଟ୍ରପତି ଟ୍ରୁଡୋ ସିଧାସଳଖ ଅଭିଯୋଗ କରିବା ପରେ ଦୁଇଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା। ଉଭୟ ଦେଶ ନିଜ ନିଜର କୂଟନୀତିଜ୍ଞଙ୍କୁ ପ୍ରତ୍ୟାହାର କରିନେଇଥିଲେ। ଗତବର୍ଷ ସେପ୍ଟେମ୍ବର ମାସରେ ନୂଆଦିଲ୍ଲୀ ଠାରେ ଜି-୨୦ ଶିଖର ସମ୍ମିଳନୀରେ କାନାଡ଼ା ରାଷ୍ଟ୍ରପତି ଯୋଗ ଦେଇଥିଲେ। ସେହି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ତାଙ୍କର ଆଲୋଚନା ହୋଇଥିଲା। ମୋଦି ତାଙ୍କୁ କାନାଡ଼ାରେ ଖଲିସ୍ତାନୀ ଗତିବିଧି ରୋକିବା ଲାଗି ଦୃଢ଼ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ଅନ୍ୟପକ୍ଷରେ ରାଷ୍ଟ୍ରପତି ଟ୍ରୁଡୋ କାନାଡ଼ାର ଆଭ୍ୟନ୍ତରୀଣ ବ୍ୟାପାରରେ ଭାରତ ହସ୍ତକ୍ଷେପ କରୁଛି ବୋଲି ପାଲଟା ଅଭିଯୋଗ କରିଥିଲେ। ହରଦୀପ ସିଂହ ନିଜର କାନାଡ଼ାର ନାଗରିକ ଥିଲେ ଏବଂ ତାଙ୍କୁ ଭାରତ ଉଦ୍ଦେଶ୍ୟମୂଳକ ଭାବରେ ହତ୍ୟା କରିଥିବା ଅଭିଯୋଗ ରାଷ୍ଟ୍ରପତି ଆଣିବା ପରେ ଭାରତ ଅତ୍ୟନ୍ତ କ୍ଷୁବ୍ଧ ହୋଇଉଠିଥିଲା ଏବଂ ସେହିଦିନୁ ସମ୍ପର୍କ ତିକ୍ତ ହେବାରେ ଲାଗିଛି। ଏବେ ଆର୍ଥିକ ସଙ୍କଟ ଓ ମାନ୍ଦାବସ୍ଥାର ଶିକାର ବିଶ୍ୱର ଆଠଟି ଦେଶ ମଧ୍ୟରେ ଏହା ସ୍ଥାନ ପାଇଛି।

# ପରିବର୍ତ୍ତିତ ଜଳବାୟୁ ଓ ଆଧୁନିକ ମଣିଷ



ଚିତ୍ତରଞ୍ଜନ ପୃଷ୍ଟି
ନିମାପଡ଼ା, ପୁରୀ
ମୋ: ୯୭୭୮୧୭୭୫୦୧

ସୁନ୍ଦର ଓ ପ୍ରାକୃତିକ ପରିବେଶ ଶାନ୍ତିପୂର୍ଣ୍ଣ ଜୀବନଯାପନର ମାପକାଠି। ଦିନେ ମଣିଷ ପ୍ରାକୃତିକ ପରିବେଶରୁ ପାଉଥିଲା ପ୍ରଦୂଷଣ ମୁକ୍ତ ବିଶୁଦ୍ଧ ବାୟୁ, ନିର୍ମଳ ସୁଶୀତଳ ଜଳ। କିନ୍ତୁ ଆଜି ବିଜ୍ଞାନର ମାୟାରେ ଯାନ୍ତ୍ରିକ ସଭ୍ୟତାର ପ୍ରଭାବରେ ବଦଳି ଯାଇଛି ପରିବେଶ। ପ୍ରାକୃତିକ ପରିବେଶ ଆଜି ପ୍ରଦୂଷିତ ହୋଇଛି। ଆଧୁନିକ ମଣିଷ ଦୂଷିତ ପରିବେଶରେ ଆଜି ଶ୍ୱାସରୁଦ୍ଧ। ଆଧୁନିକ ମାନବର ପାଶ୍ଚାତ୍ୟ ଜୀବନଶୈଳୀ ସିଧାସଳଖ ପ୍ରଭାବ ପକାଇଛି ପ୍ରାକୃତିକ ପରିବେଶ ଉପରେ। ଏହାର ଫଳ ସ୍ୱରୂପ ପାଣିପାଗ ଓ ଜଳବାୟୁରେ ପରିବର୍ତ୍ତନ ଘଟିଚାଲିଛି। ଏହି ପରିବର୍ତ୍ତନ ଯୋଗୁଁ କୃଷି, ସ୍ୱାସ୍ଥ୍ୟ, ଜୀବନଜୀବିକା ଗୁରୁତର ଭାବେ ପ୍ରଭାବିତ ହୋଇଛି। ବିଶ୍ୱ ପାଣିପାଗ ସଂସ୍ଥା ଏବଂ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ ସଂସ୍ଥା ଦ୍ୱାରା ପ୍ରତିଷ୍ଠିତ ଆଇ.ପି.ସି.ସି (ଇଣ୍ଟର ଗଭର୍ଣ୍ଣମେଣ୍ଟାଲ ପାନେଲ ଫର୍ କ୍ଲାଇମେଟ ଚେଞ୍ଜ)ର ବୈଜ୍ଞାନିକମାନଙ୍କ ମତରେ ଭୂଉତ୍ତପ୍ତୀକରଣ ଏବଂ ତଦ୍‌ଜନିତ ଜଳବାୟୁ ପରିବର୍ତ୍ତନ ପୃଥିବୀ ପୃଷ୍ଠରେ ମଣିଷ କାର୍ଯ୍ୟକଳାପର ପରିଣାମ ଅଟେ।

ପୃଥିବୀରେ ଦ୍ରୁତଗତିରେ ଜନସଂଖ୍ୟା ବୃଦ୍ଧି ପାଇବା ଫଳରେ ଜୀବନ ଧାରାରେ ଦ୍ରୁତ ପରିବର୍ତ୍ତନ ହୋଇଛି ଯଥା- ଶିକ୍ଷା ଓ ଶିଳ୍ପ ପ୍ରସାର, କଳକାରଖାନା, ରାସ୍ତାଘାଟ, ଯାନବାହାନ, କୋଠାବାଡି, ସହରୀକରଣ, ଖଣିଜ ଉତ୍ତୋଳନ, ଶକ୍ତି ଉତ୍ପାଦନ ଇତ୍ୟାଦି କ୍ଷେତ୍ରରେ ପ୍ରଭୁତ ପରିବର୍ତ୍ତନ ହେଉଛି। ଏହି ସମସ୍ତ କାର୍ଯ୍ୟପାଇଁ ଆମେ ପୃଥିବୀର ସମସ୍ତ ସମ୍ପଦକୁ ମାତ୍ରାଧିକ ଆହରଣ କରିବାରେ ଲାଗିଛୁ। ଆମ ଆଖି ଆଗରେ ଜଙ୍ଗଲ ସମ୍ପଦ ଧୀରେ ଧୀରେ ଲୋପ ପାଇବାକୁ ଲାଗିଲାଣି। ଜଙ୍ଗଲର ଜୀବଜନ୍ତୁ ବିପନ୍ନ ହେବାକୁ ଲାଗିଲେଣି। କୋଇଲା, ପେଟ୍ରୋଲର ଅତ୍ୟଧିକ ବ୍ୟବହାରରେ ଅଙ୍ଗାରକାମ୍ଳ ସମେତ ଅନେକ ସବୁଜ ବାଷ୍ପ (ଯଥା : ମିଥେନ, ନାଇଟ୍ରସ ଆକ୍ସାଇଡ, ସିଏଫସି) ବାୟୁମଣ୍ଡଳରେ ଭରି ହୋଇଗଲାଣି। ଆଜି ଜଳ, ସ୍ଥଳ, ବାୟୁ ସବୁ ପ୍ରଦୂଷିତ। ପୃଥିବୀର ଭୌତିକ, ରାସାୟନିକ ଏବଂ ଜୈବିକ ସ୍ଥିତି ଅତ୍ୟନ୍ତ ଅସନ୍ତୁଳିତ। ବାୟୁମଣ୍ଡଳରେ ମାତ୍ରାଧିକ ସବୁଜ ଗ୍ୟାସ ପୃଥିବୀକୁ ଘୋଡାଇ ରଖିବାରୁ ପୃଥିବୀପୃଷ୍ଠରୁ ପ୍ରତିଫଳିତ ଉତ୍ତପ୍ତ ସୂର୍ଯ୍ୟରଶ୍ମୀ ବାୟୁମଣ୍ଡଳ ବାହାରକୁ ଯାଇନପାରି ଏକ ସବୁଜଗୃହ ପରିସ୍ଥିତି ସୃଷ୍ଟିକରି ପୃଥିବୀପୃଷ୍ଠ ଏବଂ ବାୟୁମଣ୍ଡଳରେ ଉତ୍ତାପ ବୃଦ୍ଧି କରିବାରେ ସକ୍ଷମ ହେଉଛି।

ଉତ୍ତାପବୃଦ୍ଧି ଯୋଗୁଁ ସମସ୍ତ ସ୍ଥଳଭାଗ, ଜଳଭାଗ ଓ ବାୟୁମଣ୍ଡଳର ବ୍ୟବସ୍ଥା ଏବଂ ପ୍ରକ୍ରିୟାରେ ପରିବର୍ତ୍ତନ ହେଉଛି। ସ୍ଥଳଭାଗରେ ଉତ୍ତାପ ବୃଦ୍ଧି ଯୋଗୁଁ ଉଷ୍ଣ ପ୍ରବାହ ଏବଂ ଅଂଶୁଘାତମୃତ୍ୟୁ ଦେଖିବାକୁ ମିଳୁଛି। ସ୍ଥଳଭାଗର ବାୟୁପ୍ରବାହରେ ମଧ୍ୟ ପରିବର୍ତ୍ତନ ହେଉଛି। ମେରୁଅଞ୍ଚଳ ତଥା ଅତି ଉଚ୍ଚ ପର୍ବତମାଳା ଅଞ୍ଚଳରେ ଯୁଗ ଯୁଗ ଧରି ଜମାଟ ବାନ୍ଧିଥିବା ଘନବରଫ ତରଳିବାକୁ ଆରମ୍ଭ କରିଛି। ଆଣ୍ଟାର୍କଟିକା ତଥା ହିମାଳୟ ଏବଂ ତିବତ୍ ମାଳଭୂମି ଅଞ୍ଚଳରୁ ମାତ୍ରାଧିକ ବରଫ ତରଳୁଛି। ଏହି ବରଫ ତରଳିବା ସହ ପୃଥିବୀ ପୃଷ୍ଠର ଅନେକ ସ୍ଥିତି ଏବଂ ପ୍ରକ୍ରିୟା ପ୍ରଭାବିତ ହେଉଛି, ଯଥା : ସମୁଦ୍ରର ଜଳରାଶି ବୃଦ୍ଧି ଏବଂ ଖାଲୁଆ, ତଟବର୍ତ୍ତୀ ଅଞ୍ଚଳ ସମୁଦ୍ର ଦ୍ୱାରା ଜଳମଗ୍ନ, ମେରୁଅଞ୍ଚଳର ଜୀବଜନ୍ତୁମାନଙ୍କର ବିଲୋପ ଇତ୍ୟାଦି।

ସମଗ୍ର ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଦେଖିବାକୁ ମିଳିଛି ବିଶେଷକରି ହିମାଳୟ ଠାରୁ ଆଣ୍ଟର୍କଟିକା ପର୍ଯ୍ୟନ୍ତ ଏହାର ପ୍ରଭାବ ଯୋଗୁଁ ବିଶାଳ ବରଫ ଖଣ୍ଡ ତରଳିବାରେ ଲାଗିଛି। ସମୁଦ୍ରର ଜଳପତ୍ତନ ବୃଦ୍ଧି ଯୋଗୁଁ ଆଗାମୀ ୧୦ବର୍ଷ ମଧ୍ୟରେ ବିଭିନ୍ନ ଦେଶର ସମୁଦ୍ର ଉପକୂଳବର୍ତ୍ତୀ ସହରଗୁଡିକ ଜଳମଗ୍ନ ହେବା ସମ୍ଭାବନା ରହିଛି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। କେତେବେଳେ ମନୁଷ୍ୟକୃତ ରୋଗ ଲୋକଙ୍କୁ ସଂକ୍ରମିତ କରୁଛି ତ ଆଉ କେତେବେଳେ ପ୍ରକୃତି ସାଧୁଛି ଦାଉ। ପ୍ରକୃତିର କରାଳ ରୂପରେ ମାଟି କାମୁଡ଼ି ପଡୁଛି ଏ ମଣିଷ ସମାଜ। ପୁଣିଥରେ ଉଠି ଆଗକୁ ବଢ଼ିବାକୁ ଅଣ୍ଟା ସଳଖିପାରୁନି। ଏବେ କରୋନାର ଦାଉରେ ମଣିଷ ଝଟପଟ ହେଉଥିବା ବେଳେ ଆଗକୁ ଆସୁଛି ଆଉ ଏକ ବଡ଼ ବିପଦ। ଜଳବାୟୁ ପରିବର୍ତ୍ତନ ଯୋଗୁ ଭାରତ ଉପରେ ମାଡ଼ି ଆସୁଛି ବିପତ୍ତି। ଏହାର ପ୍ରଭାବ ହିମାଳୟର ପାହାଡ଼ ଠାରୁ ଗାଁର ଫସଲ ଉତ୍ପାଦନ ପର୍ଯ୍ୟନ୍ତ ସବୁ ଉପରେ ଦେଖିବାକୁ ମିଳିବ। ଇଣ୍ଟରଗଭର୍ଣ୍ଣମେଣ୍ଟାଲ ପ୍ୟାନେଲ ଫର କ୍ଲାଇମେଟ୍ ଚେଞ୍ଜର ନୂଆ ରିପୋର୍ଟରେ ଜଳବାୟୁ ପରିବର୍ତ୍ତନ ଭାରତ ପାଇଁ କେତେ ବିପଦପୂର୍ଣ୍ଣ ସାବ୍ୟସ୍ତ ହେବ ସେ ନେଇ କୁହାଯାଇଛି। ଏହାର ପ୍ରଭାବ ଭାରତର ପ୍ରତିଟି କୋଣ ଅନୁକୋଣରେ ପଡ଼ିବ। ଗ୍ଲୋବାଲ ୱାର୍ମିଂ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ଏସିଆ ମହାଦେଶର ଅଧିକାଂଶ ଦେଶରେ ଚଳିତ ଶତାବ୍ଦୀର ଶେଷ ସୁଦ୍ଧା ଦୁର୍ଭିକ୍ଷ ସ୍ଥିତି ଉପୁଜିବ। ଲୋକମାନେ ଖାଇବାକୁ ଖାଦ୍ୟ ପାଇବେନି କି ପିଇବାକୁ ପାଣି। ଭୋକରେ ଶେଷରେ ଆଉଟୁପାଉଟୁ ହୋଇ ଲୋକମାନେ ପୋକ ମାଛ ଭଳି ମରିବେ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ପାଣିପାଗର ସ୍ଥିତି ଜଟିଳ ହୋଇଛି ଯାହା ଦ୍ୱାରା ସହରାଞ୍ଚଳରେ ମଧ୍ୟ ପ୍ରଳୟଙ୍କରୀ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଯାହା ପାଇଁ କେବଳ ମଣିଷ ହିଁ ଦାୟୀ। ସହରର ସବୁଜିମାକୁ ନଷ୍ଟ କରିବା ତଥା ବଡ଼ ବଡ଼ ଅଟ୍ଟାଳିକ ନିର୍ମାଣ ଦ୍ୱାରା ଭୟଙ୍କର ବନ୍ୟା ପରସ୍ଥିତି ସୃଷ୍ଟି ହେଉଛି।

ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଘାତକ ସାବ୍ୟସ୍ତ ହେବାକୁ ଯାଉଛି। ଏହାର ପ୍ରଭାବରେ ୨୦୫୦ ସୁଦ୍ଧା ସମୁଦାୟ ବିଶ୍ୱର ଜିଡିପି ପ୍ରାୟ ୪% କ୍ଷତି ସହିତ ବୋଲି ଏକ ଆକଳନରୁ ଜଣାଯାଇଛି। ବାଂଲାଦେଶ, ଭାରତ, ପାକିସ୍ତାନ ଏବଂ ଶ୍ରୀଲଙ୍କାରେ ଜଳବାୟୁ ପରିବର୍ତ୍ତନ କାରଣରୁ ଏକାଧିକ ବନାଗ୍ନି, ବନ୍ୟା, ଭୀଷଣ ଝଡ଼ବାତ୍ୟା ଏବଂ ଜଳାଭାବ ଭଳି ସଙ୍କଟ ଦେଖାଦେବ। ଏହାଦ୍ୱାରା ସମୁଦାୟ ଦକ୍ଷିଣ ଏସିଆ ଜିଡିପିର ୧୦ରୁ ୧୮% ପ୍ରଭାବିତ ହେବା ଆଶଙ୍କା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଭବିଷ୍ୟତରେ ଲୋକଙ୍କୁ ପିଇବା ପାଣି ମିଳିବାରେ ବି ସମସ୍ୟା ହେବ। ହିମାଳୟରେ ଗ୍ଲେସିୟର ତରଳିବା ଯୋଗୁ ନଦୀଗୁଡ଼ିକ ଶୁଖିଯିବ। ଫଳରେ ଲୋକଙ୍କୁ ଆବଶ୍ୟକତା ମୁତାବକ ପାଣି ମିଳିବ ନାହିଁ। ୨୧ଶ ଶତାବ୍ଦୀର ମଧ୍ୟ ଭାଗ ବେଳକୁ ଗଙ୍ଗା, ଯମୁନା, ସିନ୍ଧୁ ଆଦି ନଦୀର ଜଳ ସ୍ତର କମିବାକୁ ଲାଗିବ। ପ୍ରଦୂଷଣର ସ୍ତର ବଢ଼ିବ। ଫଳରେ ଭାରତରେ ଜଳାଭାବ ଦେଖାଯିବ। ଖାସ୍ କରି ହିମାଳୟରୁ ବାହାରିଥିବା ନଦୀଗୁଡ଼ିକ ଶୁଖିଯିବେ। ଫଳରେ ଏସିଆ ମହାଦେଶର ଅଧିକ ସ୍ଥାନରେ ମାଟି ଫାଟି ଦୁର୍ଭିକ୍ଷ ସ୍ଥିତି ଉପୁଜିବ।

ପାଣିପାଗରେ ଲଗାତାର ପରିବର୍ତ୍ତନର ପ୍ରଭାବ ଏବେ ଧୀରେ ଧୀରେ ଜୀବଜନ୍ତୁଙ୍କ ଉପରେ ମଧ୍ୟ ପଡ଼ିବା ଆରମ୍ଭ ହୋଇଛି। ଏହି ବିପଦ ଆଗକୁ ଆହୁରି ବଢ଼ିଯିବ। ଫଳରେ ପୃଥିବୀ ପୃଷ୍ଠରୁ ଅନେକ ଜୀବଜନ୍ତୁ ଲୋପ ପାଇଯିବେ। ୨୦୫୦ ବେଳକୁ ବରଫରେ ବାସ କରୁଥିବା ଜୀବଜନ୍ତୁଙ୍କୁ ଦେଖିବା ଏକ ପ୍ରକାର ସ୍ୱପ୍ନ ହୋଇଯିବ। ସେହିପରି ଜଙ୍ଗଲୀ ଜୀବଜନ୍ତୁଙ୍କ ବଂଶ ବି ଆଗକୁ ସମ୍ପୂର୍ଣ୍ଣ ଶୂନ ହୋଇଯିବ ବୋଲି ବୈଜ୍ଞାନିକମାନେ ଆକଳନ କରିଛନ୍ତି। ଜଳବାୟୁ ପରିବର୍ତ୍ତନ ସାରା ବିଶ୍ୱ ପାଇଁ ଏକପ୍ରକାର କାଳ ହୋଇଛି। ଜଳବାୟୁ ପରିବର୍ତ୍ତନ ଫଳରେ ବିଶ୍ୱବାସୀ ଅନେକ ପ୍ରକାର ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ନୂଆ ନୂଆ ରୋଗ ସୃଷ୍ଟି ହେବାରେ ଲାଗିଛି। ବାୟୁମଣ୍ଡଳର ଆର୍ଦ୍ରତା ବୃଦ୍ଧି ଏବଂ ଅସହ୍ୟ ଗୁଳିଗୁଳି ପାଇଁ ଶରୀରର ତାପମାତ୍ରା ବଢୁଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁଁ ଦେଖାଦେଇଛି ଅଂଶୁଘାତ ଓ ହାଇପରଥର୍ମିଆ। ଯାହା ମଣିଷକୁ ଦୁର୍ବଳ କରିଦେଉଛି।

ପରିବର୍ତ୍ତିତ ଜଳବାୟୁ ଓ ଅସନ୍ତୁଳିତ ପରିବେଶ ମଧ୍ୟରେ ଜୀବନଧାରଣ ପାଇଁ ମଣିଷ ଆଜି ଅଣନିଃଶ୍ୱାସୀ। ବିଶୁଦ୍ଧ ପରିବେଶ ଭିତରେ ବଞ୍ଚିବା ଆଜିର ପରିସ୍ଥିତିରେ ଏକ ଆହ୍ୱାନରେ ପରିଣତ ହୋଇଛି। ବିଶୁଦ୍ଧ ପରିବେଶ ସୁସ୍ଥ ଜୀବନର ମାନଦଣ୍ଡ। ପ୍ରାକୃତିକ ପରିବେଶକୁ ସୁନ୍ଦର ରଖିବା ସହିତ ସୁରକ୍ଷିତ ରଖିପାରିଲେ ଆମେ ସମସ୍ତେ ସୁଖକର ଜୀବନଯାପନ କରିପାରିବା। ପ୍ରକୃତି ଓ ପରିବେଶକୁ ପ୍ରଦୂଷିତ କଲେ ମଣିଷ ତା'ର ଅସ୍ତିତ୍ୱ ହରାଇ ବସିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ସମୟ ଆସିବ ସାରାବିଶ୍ୱ ଦିନେ ପରିବର୍ତ୍ତିତ ଜଳବାୟୁ ଓ ଅସନ୍ତୁଳିତ ପରିବେଶ ପ୍ରଭାବରେ ଅତିଷ୍ଠ ହେବାକୁ ଲାଗିବ। ତେଣୁ ବେଳ ଥାଉ ଥାଉ ପରିବେଶର ଯତ୍ନ ନେବାକୁ ପଡିବ। ବୃକ୍ଷ ରୋପଣ କରି ନୂତନ ଜଙ୍ଗଲ ସୃଷ୍ଟି କରିବାକୁ ପଡିବ। ଆଧୁନିକ ଜୀବନଶୈଳୀ ତଥା ବିଜ୍ଞାନର ମାୟାରେ ବାଟବଣା ନହୋଇ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ଓ ଏହାର ପ୍ରଭାବ ପ୍ରତି ସଚେତନ ହେବା ଯାହାଫଳରେ ଉଭୟ ଜୀବନ ସୁସ୍ଥ ଓ ସୁନ୍ଦର ହୋଇପାରିବ। ତା'ନହେଲେ ଏହି ମାନବ ସଭ୍ୟତା, ସୁନ୍ଦର ଜୀବଜଗତ ଅକାଳରେ ଧ୍ୱଂସପ୍ରାପ୍ତ ହେବ।

# ସମୟର ଆହ୍ୱାନ : ଭଲ ମଣିଷ କାହିଁକି ନହେବା ?



ପ୍ରଦୋଷ କୁମାର ଦାସ
ନାଚୁଣୀ, ଖୋର୍ଦ୍ଧା
ମୋ: ୬୩୭୦୪୯୫୯୪୪

ସବୁଠି ଏବେ ରାଗ ଦ୍ୱେଷ, ଲୋଭ, ରାହାଜାନୀ, ହଣାକଟା, ଗଣ୍ଡଗୋଳ, ଅସୂୟା ଭାବ, ଯୁଦ୍ଧର ଲେଲିହାନ ଶିଖା ଉଣା ଅଧିକେ ସମସ୍ତଙ୍କୁ ପ୍ରଭାବିତ କରି ରଖିଛି। ସ୍ଥାନେ ସ୍ଥାନେ ପ୍ରାୟ ସବୁସ୍ଥାନରେ ଉପୁଜୁଥିବା ସଂତ୍ରାସରେ ସଭିଏଁ ସଂନ୍ତ୍ରସ୍ତ। ଶାନ୍ତି, ସଂହତି ଓ ମୈତ୍ରୀ ପାଇଁ ଏହାର ଅପନୋଦନ ନିହାତି ଆବଶ୍ୟକ।

କାୟ ମନୋବାକ୍ୟରେ ସଭିଏଁ କେଉଁଠି ନା କେଉଁଠି ଅସଂଯତ। ସକ୍ଷମ ମଣିଷଟିଏ ନିଜର କୁ- ବ୍ୟବହାର ଲାଗି ଆପେ ମାନସିକ ଅନଗ୍ରସର ଭଳି ବ୍ୟବହାର କରିବାକୁ ପଛାଉ ନାହାନ୍ତି। ଅଯଥା କଥାରେ ମୁଣ୍ଡ ଖେଳାଇବା ଉଚିତ୍ ନୁହେଁ ସମସ୍ତେ ଜାଣନ୍ତି। ହେଲେ ନକରାତ୍ମକ ଚିନ୍ତାଧାରା ସମସ୍ତଙ୍କୁ ଅସହାୟ ଓ ପ୍ରଭାବିତ କରି ରଖିଛି। ଭଲ ହେବାକୁ କେହି କାହିଁକି ଚାହୁଁନାହାଁନ୍ତି, ତାହା ଇଶ୍ୱରଙ୍କୁ ହିଁ ଜଣା !

ସାଂପ୍ରତିକ ସମୟରେ ବହୁ କ୍ଷେତ୍ରରେ ଭଲ ମଣିଷଙ୍କର ଘୋର ଅଭାବ ଦେଖାଦେଇଛି। ସଂସାରରେ ସଠିକ ମାର୍ଗରେ କେହି ଯିବାକୁ ଅବା ଆପଣାର ସାମଗ୍ରିକ ବିକାଶ ପାଇଁ ଆବଶ୍ୟକ ଚିନ୍ତା ଓ ଚେତନାର ଉପଲବ୍ଧି ପାଇବାକୁ କାହାର ପ୍ରୟାସ ମଧ୍ୟ ରହୁନାହିଁ। ହୁଏତ ଖାସ ଏଇଥି ପାଇଁ କିଛି ଅସ୍ଥିର ମଣିଷଙ୍କର କାର୍ଯ୍ୟ ଓ କାରଣ ଅନେକଙ୍କୁ ଯାତନା ଦାୟକ ଭାବେ ବିଶେଷ ପ୍ରଭାବିତ କରୁଥିବା ଅନୁଭବରୁ ଜାଣିହୁଏ। ଦିନୁଦିନ, ପ୍ରତିଦିନ ସ୍ୱାର୍ଥପରତା ସ୍ୱଜାନତା ମଣିଷଙ୍କୁ ବିବେଚନାହୀନ କରିରଖିଛି। ଏଣୁ ପରାର୍ଥ ଭାବନା ଏବେ ସାଧାରଣରେ ଶୂନ୍ୟ ହୋଇପଡ଼ିଛି। ସନ୍ଥକବି ଭୀମ ଭୋଇଙ୍କର ସେହି ଅମର ବାଣୀ ! “ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଦେଖୁ କେବା ସହୁ। ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ।” ଭଳି ପବିତ୍ର ଚିନ୍ତନ ଆମ ଭିତରେ ଧେୟ ହେବା ଉଚିତ୍। ଜନ୍ମରୁ ଅନ୍ଧ ହୋଇ ଏହା ତାଙ୍କର ଶରୀର ଅସଂଗତି ବୋଲି ସେ କେବେ ବିବେଚନା କରିନାହାନ୍ତି। ନିଜର ଶରୀର ଅକ୍ଷମତାକୁ ଭୁଲି ସନ୍ଥକବି ଭୀମ ଭୋଇ ଆପଣାର ମନ ଓ ମସ୍ତିଷ୍କର ସୁସ୍ଥତାର ପରିଚୟ ଦେଇ ଜଗତ କଲ୍ୟାଣ ପାଇଁ ନିଜକୁ ବିଭୂଙ୍କ ସମୀପେ ଉତ୍ସର୍ଗ କରିବାକୁ ବ୍ୟାକୁଳ ହୋଇ ଉଠିଛନ୍ତି। ହେଲେ, ହାୟ ! କାହା ଠାରେ ଏହା ଅବା କାହିଁ ?

ଏହି ପବିତ୍ର ମହନୀୟ ଚିନ୍ତାରେ ଉଦବୁଦ୍ଧ ହେବାକୁ ହେଲେ ଆମ ସମସ୍ତଙ୍କୁ ପ୍ରତ୍ୟାଶାହୀନ ଏକ ଆରେକର ପରମ ଆତ୍ମୀୟ ହେବାକୁ ପଡିବ। ତେବେ ଏହା କେମିତି ସମ୍ଭବ ହେବ ? ଯେତେ ଦିନ ପର୍ଯ୍ୟନ୍ତ ଆମେ ଆପଣାର ଭଳିକି ଭଳି ସ୍ୱାର୍ଥ ସିଦ୍ଧିରେ ଲିପ୍ତ ରହି ଅନ୍ୟର ନିରାନନ୍ଦର କାରଣ ହେଉଥିବା, ଏହା କଦାଚିତ ସମ୍ଭବ ନୁହେଁ। ସାଂପ୍ରତିକ ସମୟରେ ସଂସାର, ସମାଜ, ଯେଉଁଭଳି ରୀତିନୀତିରେ ଚାଲିଛି, ପୂର୍ବ ପୀଢ଼ି ଯାହା ଭୂଲ କରିଗଲେ, ତାକୁ ନଦୋହରାଇ ଏବଂ ସେଥିରୁ ନିବୃତ୍ତ ରହି ଉତ୍ତର ପୀଢି ସ୍ତରେ ସ୍ତରେ ଏହାର ତର୍ଜମା କରିବା ସହ ସେଥିରେ ଆପଣାଙ୍କୁ ସଂଶୋଧନ କରିଚାଲିବା ଆବଶ୍ୟକ। ଏଥିନିମନ୍ତେ ସମସ୍ତଙ୍କୁ ଶାନ୍ତି ଶୃଙ୍ଖଳାର ସହ ଆତ୍ମ ଉପଲବ୍ଧିର ଆବଶ୍ୟକତା ରହିଛି।

ଏହି ଲେଖକ ଯିଏକି ଜଣେ ସ୍ୱେଚ୍ଛାକୃତ ଭାବେ ମୁକ୍ତ ବୃତ୍ତି ଶିକ୍ଷକ ଭାବରେ ବ୍ରତୀ ହୋଇ ବିଭିନ୍ନ ଶିକ୍ଷାନୁଷ୍ଠାନ ପରିଭ୍ରମଣ କରି ସେଠାରେ ଆବଶ୍ୟକ ଶିକ୍ଷାଦାନ କରିବା ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୈକ୍ଷିକ ଓ ମାନସିକ ସ୍ତରର ବିକାଶ ପାଇଁ ବିଭିନ୍ନ ପ୍ରସଙ୍ଗରେ ପ୍ରେରଣାଦାୟକ ବକ୍ତବ୍ୟ ରଖିଥାନ୍ତି। ଏହି ଅବସରରେ ଥରେ ସେ ଗୋଟିଏ ସରକାରୀ ଉଚ୍ଚ ଉଚ୍ଚବିଦ୍ୟାଳୟରେ ଶିକ୍ଷାଦାନ କାଳରେ ଦଶମ ଶ୍ରେଣୀରେ ଅଧ୍ୟୟନରତ ପିଲାଙ୍କ ପାଇଁ ଏକ ପ୍ରଶ୍ନ ରଖିଥିଲେ। ପ୍ରଶ୍ନଟି ଥିଲା ଏହିପରି- ‘ତୁମେ ଯଦି ଇଶ୍ୱରଙ୍କୁ ଏକ ବର ମାଗିବ, ତାହା ଗୋଟିଏ ଧାଡ଼ିରେ କ'ଣ ମାଗିବ ?’ ଉତ୍ତରରେ ସମସ୍ତେ ନିଜର ଭଲ ପାଠ, ବୁଦ୍ଧି, ଜ୍ଞାନ, ବଡ଼ ବଡ଼ ଚାକିରୀ, ଧନ, ଯଶ ସମ୍ମାନ ପାଇଁ ଆଶିଷ ଭିକ୍ଷା କରିବେ ବୋଲି ମତ ରଖିଥିଲେ।

ହାୟ ! କେହି ଆପଣାର ସୁସ୍ଥ ମନ, ସୁସ୍ଥ ମସ୍ତିଷ୍କ ତଥା ସୁସ୍ଥ ଶରୀର ପାଇଁ କେହି ଧ୍ୟାନ ଦେଲେ ନାହିଁ। ଶରୀରର ସୁସ୍ଥତା ନଥିଲେ ମନ ଓ ମସ୍ତିସ୍କର ସୁସ୍ଥତା ଆସିବ କାହୁଁ ? ଧୈର୍ଯ୍ୟ ଶକ୍ତି ବଳରେ ମନ ଓ ଆତ୍ମାର ସଠିକ୍ ଚାଳନାରେ ମନୁଷ୍ୟ ସର୍ବ କାର୍ଯ୍ୟରେ ଅସାଧ୍ୟ ସାଧନ କରିଥାଏ। ଏଥିପାଇଁ ଜ୍ଞାନୀ ମଣିଷର ଆତ୍ମାନୁଶୀଳତାର ଆବଶ୍ୟକତା ରହିଛି। ପ୍ରତ୍ୟାଶାହୀନ ପରାର୍ଥ ବିବେଚନା ପାଇଁ ଆପଣାର ମନ, ମସ୍ତିଷ୍କ ଓ ଚେତନାର ସୁସ୍ଥତା ରହିଛି। ଏଥିରେ ଶରୀରର ସୁସ୍ଥତା ମଧ୍ୟ ଅମୂଲ୍ୟ ସମ୍ପଦ ଅଟେ। ମହାକବି କାଳିଦାସ ତାଙ୍କର ‘କୁମାର ସମ୍ଭବମ’ ନାମକ ମହାନ ସଂସ୍କୃତ କାବ୍ୟରେ ଲେଖିଯାଇଛନ୍ତି, ‘ଶରୀରମାଦ୍ୟଂ ଖଳୁ ଧର୍ମ ସାଧନମ୍’। ଉଦ୍ଧୃତାଂଶ ଉକ୍ତିଟିରେ ସ୍ୱାସ୍ଥ୍ୟ ହିଁ ପରମ ସମ୍ପଦ ବୋଲି ତାତ୍ପର୍ଯ୍ୟ ରଖୁଛି। ଅଖାଦ୍ୟ ଓ ନିଶା ଠାରୁ ଦୂରେଇ ଆମ ସମସ୍ତଙ୍କୁ ସୁସ୍ଥ ରହି ଜଗତ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ହେବାକୁ ପଡିବ। ଏହା ଆମ ମନ ଓ ମସ୍ତିସ୍କର ସୁସ୍ଥତାରେ ସହଭାଗୀ ହେବ ହିଁ ହେବ।

କାରଣ ଶରୀରର ସୁସ୍ଥତା ସହିତ ମନ ଓ ମସ୍ତିସ୍କର ସୁସ୍ଥତା ନରହିଲେ କଦାଚିତ ସମାଜ ଓ ସଂସାରର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଅସମ୍ଭବ ମନେ ହୁଏ। ଏଣୁ ସବୁରିଙ୍କ ପାଇଁ ସୁସ୍ଥ ମନ, ଆତ୍ମା ଓ ଶରୀର ରକ୍ଷା ଏବେ ସମୟର ଆହ୍ୱାନ ହୋଇପଡିଛି, କହିଲେ ଦ୍ୱିରୁକ୍ତି ହେବ ନାହିଁ।

# ଷ୍ଟେକେସନ



ଡାକ୍ତର ସମ୍ରାଟ କର
ମାନସିକ ରୋଗ ବିଶେଷଜ୍ଞ
ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ
ମୋ : ୯୧୩୨୪୩୩୩୩୩

ଅବସର ସମୟରେ ବୁଲାବୁଲି କରିବାକୁ ପସନ୍ଦ କରୁଥିବା ଲୋକମାନଙ୍କ ମଧ୍ୟରେ ଏବେ ଗୋଟିଏ ଶବ୍ଦ ଟ୍ରେଣ୍ଡ କରିଛି। ତାହା ହେଉଛି ଷ୍ଟେକସନ। ଏହା ଷ୍ଟେ ଏବଂ ଭାକେସନ ଦୁଇଟି ଶବ୍ଦ ମଧ୍ୟ ମିଶି ହୋଇଛି। ତେବେ ଭାକେସନ ଏବଂ ଷ୍ଟେକେସନ ମଧ୍ୟରେ ଯଥେଷ୍ଟ ଫରକ ରହିଛି। ସାଧାରଣତଃ ମର ଭାକେସନ ବା ଗ୍ରୀଷ୍ମ ଅବକାଶ ସମୟରେ ଅନେକ ଲୋକ ବୁଲାବୁଲି କରିବାକୁ ନିଜ ସହରରୁ ଦୂରକୁ ଯାଇଥାଆନ୍ତି। ସ୍କୁଲ ପିଲାମାନଙ୍କୁ ପ୍ରାୟତଃ କହିବାର ଶୁଣିବାକୁ ମିଳିଥାଏ ସେମାନେ ଭାକେସନରେ ନିଜ ସଂପର୍କୀୟଙ୍କ ଘର ହେଉ ଅଥବା କେଉଁ ପର୍ଯ୍ୟଟନ ସ୍ଥାନକୁ ବୁଲିବାକୁ ଯାଇଥାନ୍ତି। କିନ୍ତୁ ଆଜିର ବ୍ୟସ୍ତ ସମୟରେ ପିଲାମାନଙ୍କୁ ସ୍କୁଲ ବା କଲେଜରୁ ସମର କି ୱିଣ୍ଟର ଭାକେସନ ପାଇଁ କିଛି ଦିନର ବିରତି ମିଳୁଥିଲେ ବି ଅଭିଭାବକମାନଙ୍କ ପାଖରେ ପର୍ଯ୍ୟାପ୍ତ ସମୟ ନାହିଁ। ଏପରି ସ୍ଥିତିରେ ଷ୍ଟେକେସନ ପ୍ରସଙ୍ଗଟି ଧୀରେ ଧୀରେ ଲୋକଙ୍କ ପାଖରେ ପସନ୍ଦଯୋଗ୍ୟ ହେବାରେ ଲାଗିଛି। ବିଶେଷ କରି ସେହିସବୁ ଲୋକମାନେ ଷ୍ଟେଷକସନକୁ ପସନ୍ଦ କରୁଛନ୍ତି ଯେଉଁମାନଙ୍କୁ ସାଧାରଣତଃ ଅଧିକ ଦିନ ବିରତି ମିଳିନଥାଏ। ତେଣୁ ସେମାନେ ଷ୍ଟେକେସନକୁ ଏକ ଭଲ ବିକଳ୍ପ ବୋଲି ଧରିନେଇଛନ୍ତି। ଷ୍ଟେକେସନର ଅର୍ଥ ଘରେ ରହିବେ। ନିଜ ସହରରୁ ଦୂରକୁ କୁଆଡ଼େ ଯିବେ ନାହିଁ। କିନ୍ତୁ ପରିବାର ସଦସ୍ୟଙ୍କ ସହିତ ଭଲ ସମୟ ଅତିବାହିତ କରିବେ। ପିଲାମାନଙ୍କ ସହିତ ମୁଭି ଆଉଟିଂରେ ଯିବେ। ଘର ପାଖ ପାର୍କ, ମନ୍ଦିର କିମ୍ବା କୌଣସି ଐତିହ୍ୟ ସ୍ଥାନ ବୁଲି ଦେଖିବେ। ଅଳ୍ପଦିନ ଛୁଟି ନେଇ ଘରେ ରହିବେ। ଘର କାମ କରିବା ସହିତ ନିଜକୁ ସମୟ ଦେବେ। ସେହି ସମୟରେ ଜଣେ ନିଜ ମନ ପସନ୍ଦର ସେହି ସବୁ କାମ କରିପାରିବେ ଯାହା ସମୟ ଅଭାବରୁ ପ୍ରାୟ ସମୟରେ କରି ହୋଇନଥାଏ। ବିଦେଶରେ ଷ୍ଟେକେସନ ଦିନକୁ ଦିନ ଲୋକପ୍ରିୟ ହେବାରେ ଲାଗିଛି। ଷ୍ଟେକେସନର ସୁବିଧା ହେଲା ଛୁଟିରେ ରହିବେ। ଅଥଚ ବାହାରକୁ ବୁଲିବାକୁ ଯିବେନାହିଁ। ଘରେ ରହି ମଧ୍ୟ ନିଜ ଇଚ୍ଛାନୁସାରେ ସମୟ ଉପଭୋଗ କରିପାରିବେ। ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିବ ନାହିଁ। ତେବେ ସମସ୍ତଙ୍କ ପାଇଁ ଯେ ଷ୍ଟେକେସନ ଭଲ ଏକଥା ବି ସଂପୂର୍ଣ୍ଣ ଠିକ୍ ନୁହେଁ। କିନ୍ତୁ ଯେଉଁମାନଙ୍କ ହାତରେ ଅଧିକ ଦିନ ଛୁଟି ନଥାଏ ବା ଯେଉଁମାନେ ଅର୍ଥାଭାବରୁ କେଉଁଆଡ଼େ ବୁଲାବୁଲି କରିବାକୁ ଯାଇ ନପାରନ୍ତି ସେମାନଙ୍କ ପାଇଁ ଷ୍ଟେକେସନ ଶବ୍ଦଟି ନିହାତି ଭାବେ ଗ୍ରହଣୀୟ ହୋଇପାରିଛି।

# ଓଡ଼ିଆ ଭାଷା ସାହିତ୍ୟ-ଭକ୍ତକବିଙ୍କ ‘ବର୍ଣ୍ଣବୋଧ’



ବିପିନ ବିହାରୀ ରାଉତ
ଶ୍ରୀବିହାର କଲୋନୀ, କଟକ
ମୋ: ୯୪୩୭୬୬୬୪୫୩

‘ଚକା ଚକା ଭଉଁରୀ, ମାମୁଁ ଘର ଚଉଁରୀ’, ‘ରାତି ପାହିଲାଣି ରାବଇ କାଉ, ଉଠ ଉଠ ଆଉ ମଠ ନକର ଆଉ’, ‘ପଶ୍ଚିମ ଦିଗରେ ବୁଡ଼ଇ ରବି, ଆହାକି ସୁନ୍ଦର ଲୋହିତ ଛବି’, ‘ବଂଶୀ ବାଜୁଛି ନଦୀ ତୀରେ, ହଂସ ଖେଳୁଛି ନଦୀ ନୀରେ’ - ଏହିପରି ଚମତ୍କାର ଜୀବନ ଆବେଗର ଅତ୍ୟନ୍ତ ବିଲକ୍ଷଣ ପଂକ୍ତିଗୁଡ଼ିକର ଧାଡ଼ି ଅଗଣିତ କୋଟି କୋଟି ଓଡ଼ିଆଙ୍କ ଜିଭ ଆଗରେ ଏବେ ବି ପ୍ରତିଦିନ ଝଙ୍କୃତ ହେଉଥାଏ। ସମସ୍ତଙ୍କୁ ଏହା ଜଣା ଯେ ଏହି କାଳଜୟୀ ଓ ଶିକ୍ଷା ପ୍ରଦାୟକ ନୈତିକ ଶିକ୍ଷାର ବାର୍ତ୍ତାବହ ତଥା ଜୀବନତତ୍ତ୍ୱର ନୀତିବାଣୀର ମର୍ମସ୍ପର୍ଶୀ ଲେଖନୀ ହେଉଛି ଭକ୍ତକବି ମଧୁସୂଦନ ରାଓଙ୍କ ଅଦ୍ୱିତୀୟ ସୃଷ୍ଟି ‘ବର୍ଣ୍ଣବୋଧ’। ଇତିମଧ୍ୟରେ ଏହାର ପୁନର୍ପ୍ରକାଶ ହେବାକୁ ଯାଉଛି। ପାଖାପାଖି ୧୧୦ ଦଶ ବର୍ଷ ପରେ କୋଟି କୋଟି ଓଡ଼ିଆ ଏହି ହୃଦୟସ୍ପର୍ଶୀ ପୁସ୍ତକକୁ ପୁଣିଥରେ ନୂଆ ରୂପରେ ପଢ଼ିବା ପାଇଁ ଯାଉଛନ୍ତି। ୧୯୦୧ ମସିହାରେ ଏହି ବର୍ଣ୍ଣବୋଧକୁ ଲେଖିଥିଲେ ଭକ୍ତକବି ମଧୁସୂଦନ ରାଓ। ଓଡ଼ିଆ ବର୍ଣ୍ଣବୋଧ ଆମ କେବଳ ସମସାମୟିକ ଜୀବନକୁ ନୁହେଁ ଏପରି କ୍ୱଚିତ ଓଡ଼ିଆ ରହିଥିଲେ ଯେଉଁମାନେ କି ଏହାକୁ କେବଳ ଯେ ନପଢ଼ିଥିବେ ବରଂ ଏହାକୁ ବୁଝି ନଥିବେ। ଓଡ଼ିଆ ମାଟି, ପାଣି, ପବନ, ଓଡ଼ିଆ ଭାବନା, ଜୀବନ ଚେତନା, ପ୍ରାକୃତିକ ନୈସର୍ଗୀକ ସୌନ୍ଦର୍ଯ୍ୟ, ଜୀବନ ନୈତିକ ଶିକ୍ଷା, ନୀତିବାଣୀର ଭାବନା ଏପରି ଅନେକ ଚେତନାରେ ସମ୍ପୂର୍ଣ୍ଣ ଭରପୁର ହୋଇଛି ଏହି ଭକ୍ତକବିଙ୍କ ମଧୁବର୍ଣ୍ଣବୋଧ।

କୋଟି କୋଟି ଓଡ଼ିଆଙ୍କ ଦେଢ଼ଶହ ବର୍ଷ ଧରି ସେମାନଙ୍କ ଜୀବନ ପ୍ରାଣର ଏକ ପ୍ରକାର ଆବାହନୀ ଓ ସାମଗ୍ରିକ ଶିକ୍ଷାର ଅମାପ ବାର୍ତ୍ତା ଭରି ରହିଥିବା ଏହି ବର୍ଣ୍ଣବୋଧ ପୁନର୍ବାର ଓଡ଼ିଆରେ ପ୍ରକାଶିତ ହୋଇ ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ବ୍ୟାପକ ଉଦ୍ୟମ ଆରମ୍ଭ ହୋଇଛି। ଅନେକ ହୁଏତ ଜାଣିନଥିବେ ବଙ୍ଗଳା ସାହିତ୍ୟର ସାରସ୍ୱତ ନାୟକ ଓ ପ୍ରସିଦ୍ଧ ଲେଖକ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ବଙ୍ଗଳା ଭାଷା ପାଇଁ ‘ବର୍ଣ୍ଣ ପରିଚୟ’ ପୁସ୍ତକଟି ଲେଖିଥିଲେ। ବର୍ଣ୍ଣବୋଧ ହେଉଛି ଓଡ଼ିଆ ଭାଷା ସାହିତ୍ୟ, ଜୀବନବୋଧର ଏପରି ଏକ ଜୀବନଦସ୍ତାବିଜ ଯାହାର ପ୍ରତିଟି ଧାଡ଼ି ଅମୃତସ୍ପର୍ଶୀ ଓ କାଳଜୟୀ। ଭକ୍ତକବି ମଧୁସୂଦନ ଏହି ପୁସ୍ତକଟି ମାତ୍ର ଗୋଟିଏ ରାତି ଭିତରେ ପ୍ରସ୍ତୁତ କରିପାରିଥିଲେ ମଧ୍ୟ ଏହାକୁ ସମୃଦ୍ଧ ଓ ତଥ୍ୟଭିତ୍ତିକ କରିବା ପାଇଁ ତାଙ୍କର ଦୀର୍ଘ ସମୟର ପରିଶ୍ରମ କିନ୍ତୁ ରହିଥିଲା। ୧୮୮୫ ମସିହାରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ପୁସ୍ତକ ପ୍ରକାଶନୀ ସଂସ୍ଥା ମ୍ୟାକମିଲନ ଆଣ୍ଡ କମ୍ପାନୀ ଏହାର ପ୍ରକାଶନ ଦାୟିତ୍ୱ ନେଇଥିଲେ। ପରବର୍ତ୍ତୀ ସମୟରେ ବିଭିନ୍ନ ରୂପରେ ଏହି ବହିଟି ଅନେକବାର ବିଭିନ୍ନ ସଂସ୍କରଣ ମାଧ୍ୟମରେ ପ୍ରକାଶିତ ହୋଇଛି। ଆପଣ ଯେ କୌଣସି ବଡ଼ ବହି ଦୋକାନ, ଛୋଟ ବହିଦୋକାନ କିମ୍ବା ରାସ୍ତାକଡ଼ର ବହି ଓ ମାଗାଜିନ ପସରା ମେଲାଇଥିବା ବହି ସପ୍‌ରେ ଭକ୍ତକବିଙ୍କ ମଧୁବର୍ଣ୍ଣବୋଧ କିନ୍ତୁ ନିଶ୍ଚିନ୍ତ ପାଇବେ। ଏହା ହିଁ ହେଉଛି କୋଟି କୋଟି ଓଡ଼ିଆଙ୍କ ଏହି ଶୀର୍ଣ୍ଣକାୟ ଚଟି ବହିଟି ପ୍ରତି ଆବେଗ ଓ ଆକର୍ଷଣର ଡ଼ୋରି। ବର୍ଣ୍ଣବୋଧ ପୁସ୍ତକର ସମସାମୟିକ ଏହି ଭାଷା ବର୍ଣ୍ଣାଳୀର ଅନେକ ସୃଷ୍ଟି ମଧ୍ୟ କୃତବିଦ୍ୟ ଓଡ଼ିଆ ସାହିତ୍ୟ ସ୍ରଷ୍ଟାଙ୍କ ଦ୍ୱାରା ମଧ୍ୟ ସମ୍ଭବ ହୋଇଥିଲା। ତତ୍କାଳୀନ ଓଡ଼ିଆ ଭାଷା ଓ ତତ୍‌ଜନିତ ସାହିତ୍ୟର ଅଭାବକୁ ଲକ୍ଷ୍ୟ ରଖି




ଯେଉଁକିଛି ପୁସ୍ତକ ପ୍ରକାଶ ହୋଇଥିଲା ସେ ଗୁଡ଼ିକ ହେଉଛି ‘ବର୍ଣ୍ଣଶିକ୍ଷା’, ‘ବର୍ଣ୍ଣବୋଧକ’, ‘ବର୍ଣ୍ଣ ନିୟମ’, ‘ବର୍ଣ୍ଣ ପରିଚୟ’, ‘ଶିକ୍ଷା ମଞ୍ଜରୀ’, ‘ବାଳବୋଧିନୀ’, ‘ପ୍ରଥମ ପାଠ’, ‘ବର୍ଣ୍ଣ ବିଜ୍ଞାନ’ ପ୍ରମୁଖ। ତେବେ ଏ ସବୁ ଭିତରେ ଭକ୍ତକବି ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧର ସ୍ୱତନ୍ତ୍ରତା ରହିଥିଲା କାରଣ ଏଥିରେ ଭରି ରହିଥିଲା କେବଳ ଶିଶୁମାନଙ୍କ ପାଇଁ ନୁହେଁ ସବୁ ବୟସର ଲୋକମାନଙ୍କ ପାଇଁ ଜୀବନ ଶିକ୍ଷା ହେଉ ବା ନୈତିକ ଶିକ୍ଷା, ଆଧ୍ୟାତ୍ମିକ ଶିକ୍ଷା ହେଉ ବା ଭାବଗତ ଶିକ୍ଷା। ଏସବୁ ପରିପୃଷ୍ଟ ହୋଇଥିଲା ବର୍ଣ୍ଣବୋଧରେ।

ଭକ୍ତକବି ଭାବେ ମଧୁସୂଦନ ରାଓ କୋଟି କୋଟି ଓଡ଼ିଆଙ୍କ ପାଖରେ ଏକ ପ୍ରାତଃ ସ୍ମରଣୀୟ ପରିଚିତ ବ୍ୟକ୍ତିତ୍ୱ। ବୃତ୍ତିଗତ କ୍ଷେତ୍ରରେ ସେ ଥିଲେ ଜଣେ ଶିକ୍ଷକ ଓ ଭାଷାବିତ୍। ଓଡ଼ିଆ ଭାଷା ପ୍ରତି ତାଙ୍କର ରହିଥିଲା ଅମାପ ଆବେଗ, ଦୁର୍ବଳତା ଓ ଭଲପାଇବା। ବର୍ଣ୍ଣବୋଧ ଏକ ଏପରି ସରଳ ବୋଧଗମ୍ୟ ଓ ଭାଷା ଆବେଗ ତଥା ନୈତିକ ଶିକ୍ଷା ପ୍ରଦାୟକ ପୁସ୍ତିକା ଯାହାକି ବାସ୍ତବିକ ପ୍ରତିଟି ଓଡ଼ିଆଙ୍କ ଘରେ ଏକ ସଂଗ୍ରହଣୀୟ ଭାଷା ଦସ୍ତାବିଜ ଭାବେ ରହିବା କଥା। ଯେତେବେଳେ ଓଡ଼ିଆ ଭାଷାକୁ ବିଶେଷକରି ବଙ୍ଗଳାର ଆହ୍ୱାନକୁ ସାମ୍ନା କରିବାକୁ ପଡୁଥିଲା ‘ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନଏ।’ ସେହି ଭାଷା ଆହ୍ୱାନକୁ ନିଜ ଭିତରେ ଶାଣିତ ଓ ତୀବ୍ର କରିଥିଲେ ଭକ୍ତକବି। ଓଡ଼ିଆ ଭାଷା, ବନାନ, ବର୍ଣ୍ଣ, ଶବ୍ଦ, ଯୁକ୍ତାକ୍ଷର ସବୁକିଛିକୁ ତଉଲି ଓ ଏହାର ସାମଞ୍ଜସ୍ୟ ରଖି ପ୍ରସ୍ତୁତ ହୋଇଥିବା ସେ ଦିନର ଭକ୍ତକବିଙ୍କ ଏହି ମହାର୍ଘ ବର୍ଣ୍ଣବୋଧ ଏ ଯାବତ୍ ତାହା ଆଗ୍ରହ ଓ ଆବେଗକୁ ଅତୁଟ ରଖିଛି। ଏହା କେବଳ ଓଡ଼ିଆ ଭାଷା, ଶିକ୍ଷା ବା ବର୍ଣ୍ଣମାଳା କିମ୍ବା ଯୁକ୍ତାକ୍ଷର ପ୍ରସ୍ତୁତିର ଏକ ଶିକ୍ଷା ପୁସ୍ତିକା ନୁହେଁ ଏହା ହେଉଛି ଭାବପୂର୍ଣ୍ଣ ପ୍ରକୃତି ହେଉ ବା ଜୀବନଚର୍ଯ୍ୟା, ଆଧ୍ୟାତ୍ମିକ ହେଉ ବା ଅମୃତ ନିର୍ଝର। ସବୁକିଛିକୁ ଏହା ଆକର୍ଷଣୀୟ ଭାବରେ ଏପରି ମର୍ମସ୍ପର୍ଶୀ ପ୍ରେରଣା ଦେଇଛି ଯାହାକି ସମ୍ଭବତଃ ଆଉ ଏକ ବର୍ଣ୍ଣବୋଧ ସୃଷ୍ଟି ହୋଇନପାରେ। ନିତିଦିନିଆ ଜୀବନରେ ମାମୁଁଘରର ସ୍ମୃତି ରହିଛି ଏହି ବର୍ଣ୍ଣବୋଧରେ - ‘ଚକା ଚକା ଭଉଁରୀ, ମାମୁଁଘର ଚଉଁରୀ’। କାଳ ଅନ୍ଧାରର ରାତି ପାହିବା ପରେ ଜଣଙ୍କ ଜୀବନ ଆରମ୍ଭ ହୋଇଥାଏ ସୂର୍ଯ୍ୟୋଦୟରୁ ଆଉ ଏହାକୁ ଆମ ସମସ୍ତଙ୍କ ପାଖରେ କାଉର ରାବ ଦ୍ୱାରା ହିଁ ଜଣାଯାଇଥାଏ ଭକ୍ତକବି ବର୍ଣ୍ଣବୋଧରେ ଲେଖିଛନ୍ତି - ‘ରାତି ପାହିଲାଣି ରାବଇ କାଉ, ଉଠ ଉଠ ମଠ ନକର ଆଉ’। ଏବେ ତ ପ୍ରଚଣ୍ଡ ଖରାର ନିଦାଘ ରୌଦ୍ରତାପ ସମସ୍ତଙ୍କୁ ଅସ୍ତବ୍ୟସ୍ତ କରିଦେଉଛି। ଜାଣିଛନ୍ତି ବର୍ଣ୍ଣବୋଧରେ ଏହା ବେଶ ସୁସ୍ପଷ୍ଟ ହୋଇଛି - ‘ବୈଶାଖ ମାସେ ବଡ଼ ଖରା, ଅତି ତପତ ହୁଏ ଧରା’। ଜୀବନ ଯାତ୍ରା ପଥରେ ଆମମାନଙ୍କ ଉଚିତ କର୍ତ୍ତବ୍ୟର ଶିକ୍ଷଣୀୟ ବାର୍ତ୍ତା ରହିଛି ଏଥିରେ ତାହା ହେଉଛି - ‘ବଂଶୀ ବାଜୁଛି ନଦୀ ତୀରେ, ହଂସ ଖେଳୁଛି ନଦୀ ନୀରେ’। କେବଳ ସେତିକି ନୁହେଁ ପିଲାମାନଙ୍କୁ ଜୀବନ ପ୍ରାରମ୍ଭକୁ ନୈତିକ ଶିକ୍ଷା ଦେଇ ଭକ୍ତକବି ଏଥିରେ ଲେଖିଛନ୍ତି - ‘କୁବାକ୍ୟ କେବେ ନକହିବ, ଆଳସ୍ୟ କେବେ ନକରିବ। ମିଥ୍ୟାକୁ ପାପ ବୋଲି ଜାଣି, କହିବ ସଦା ସତ୍ୟବାଣୀ’। ପ୍ରତିଟି ମୁହୂର୍ତ୍ତ ଭଗବାନଙ୍କ ପାଇଁ ସମର୍ପିତ କରି ଜୀବନରେ ଆଧ୍ୟାତ୍ମିକ ତତ୍ତ୍ୱ ଓ ଭାବଧାରାକୁ ଶିଶୁମନରେ ଉଦ୍ରେକ କରିବା ପାଇଁ କବି ରଚନା କରିଛନ୍ତି - ‘ଯାହା ମୁଁ କରଇ, ଯାହା ମୁଁ କହଇ, ଯାହା ମୁଁ ଚିନ୍ତଇ ମନେ, ଜଗତର କର୍ତ୍ତା ପରମ ଈଶ୍ୱର ଜାଣୁଛନ୍ତି ପ୍ରତି କ୍ଷଣେ’।

ଜାତିର ଆତ୍ମା ଭାବେ ଏକ ମାତୃଭାଷା ହେଉଛି ଜାତି ପାଇଁ ସମ୍ମାନ। ଭାଷା ଏକ ଶାସ୍ତ୍ରୀୟ ସ୍ୱୀକୃତି ଯେ ପାଇଥାଏ ଏହା ପଛରେ ରହିଛି ଓଡ଼ିଆ ଭାଷାର ଗୌରବମୟ ଇତିହାସ। ଭକ୍ତକବି ମଧୁସୂଦନଙ୍କ କାଳଜୟୀ ଅମୃତ ସୃଷ୍ଟି ବର୍ଣ୍ଣବୋଧ ଏ ଜାତିର, ଏ ଜାତିର ଅସ୍ମିତାର ସର୍ବୋପରି ଭାଷାର ମୂଳପିଣ୍ଡ କହିଲେ ଭୁଲ ହେବନାହିଁ। ଏହି ଶୀର୍ଣ୍ଣକାୟ ଚଟି ବହିଟି କେବଳ ଓଡ଼ିଆ ଭାଷା ସାହିତ୍ୟ ପାଇଁ ଏକ ନାମ ବାଚକ ପୁସ୍ତିକା ନୁହେଁ ଏହା ଯେଉଁ ଆବେଗ, ଉନ୍ମେଷ, ଜାତି ଓ ଭାଷା ପ୍ରତି ସମର୍ପଣ ଭାବ ସୃଷ୍ଟି କରେ ତାହା କମ ବଡ଼କଥା ନୁହେଁ। ଓଡ଼ିଆ ଭାଷାର ଶ୍ରେଷ୍ଠ ଓ ଗୌରବମୟ କୃତୀ ଓ ସ୍ୱୀକୃତି ହେଉଛି ଭକ୍ତକବି ମଧୁସୂଦନ ରାଓଙ୍କ ଏହି ବର୍ଣ୍ଣବୋଧ। ଓଡ଼ିଆ ଭାଷା ସାହିତ୍ୟ ଶିକ୍ଷାରେ ଧାଡ଼ମାର ଭୂମିକା ନେଇଥିବା ଭକ୍ତକବିଙ୍କ ‘ବର୍ଣ୍ଣବୋଧ’ ପ୍ରତିଟି ଓଡ଼ିଆଙ୍କ ଭାଷା ସାହିତ୍ୟର ଜୀବନ ସ୍ପନ୍ଦନ କହିଲେ ଅତ୍ୟୁକ୍ତି ହେବନାହିଁ।



# ଆମ କଳାହାଣ୍ଡି






**ଧର୍ମଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ**

## ନିର୍ଣ୍ଣାୟକ ଭୂମିକାରେ ଅନୁସୂଚିତ ଜାତି ଓ ଜନଜାତି ଭୋଟ୍

କୋକସରା, (ଭାସ୍କର ନ୍ୟୁଜ): ଧର୍ମଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ଗତ ୨୦୧୯ ସାଧାରଣ ନିର୍ବାଚନରେ ସୁସଂଗଠିତ ଥିବା ଯାଦବ ସମାଜ ଏକ ତରଫା ଭୋଟ୍ ଦେଇ ରାଜନୀତିରେ ସେମିତି କିଛି ଅଭିଜ୍ଞ ନଥିବା ମୌଷଧୀ ବାଗଙ୍କୁ ପ୍ରଥମ ଇନିଂସ୍‌ରେ ବିଜେଡ଼ିରୁ ବିଧାୟକ ଭାବେ ନିର୍ବାଚିତ କରିଥିଲେ । ଚଳିତ ନିର୍ବାଚନରେ ମଧ୍ୟ ଜାତିଭିତ୍ତିକ ରାଜନୀତି ନେଇ ବିଭିନ୍ନ ଦଳ ଅଙ୍କ କଷୁଥିବା ଆଭାସ ହୋଇଛି । ଯାହା ଏବେ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଥିବାବେଳେ ଏଥର କିନ୍ତୁ ନିର୍ଣ୍ଣାୟକ ହେବ ଅନୁସୂଚିତ ଜାତି ଓ ଜନଜାତି ଭୋଟ୍ । ଏହି ନିର୍ବାଚନ ମଣ୍ଡଳୀରେ ବିଜେଡି ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ପ୍ରାର୍ଥୀ କରିଛି । ତାଙ୍କ ବିପକ୍ଷରେ କଂଗ୍ରେସ ରଶ୍ମିରେଖା ରାଉତ ଓ ବିଜେପି ସୁଧିର ରଞ୍ଜନ ପାଟ୍ଟଯୋଷୀଙ୍କୁ ମୈଦାନକୁ ଓହ୍ଲାଇଛି । ଯଦିଓ ଏହି ୩ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରି ନଥିଲେ ବି ଏମାନଙ୍କୁ ନେଇ ଏବେଠୁ ଆଲୋଚନା ଜାରି ରହିଛି । ବିଗତ ଦିନମାନଙ୍କର ରେକର୍ଡ଼କୁ ନିରିଖେଇ ଦେଖିଲେ ଜାତିଭିତ୍ତିକ ରାଜନୀତି ଏ ଅଞ୍ଚଳରେ ପ୍ରମୁଖ ପ୍ରସଙ୍ଗ ହୋଇ ଆସିଥିବା ଏକ ପ୍ରକାର ପ୍ରମାଣିତ ହୋଇଆସିଛି । ଗତ ନିର୍ବାଚନରେ ଏଭଳି କାରଣରୁ ମୌଷଧି ବାଗ ବିଧାୟକ ହୋଇଥିବା ଏହାର ଜ୍ୱଳନ୍ତ ଉଦାହରଣ । ଏଥର କିନ୍ତୁ ଏଥିରେ ବ୍ୟତିକ୍ରମ ଦେଖାଦେବା ସମ୍ଭାବନା ରହିଛି । କାହିଁକି ନାଁ କଂଗ୍ରେସ ପ୍ରାର୍ଥିନୀ ରଶ୍ମି ରେଖା ରାଉତ ପଛୁଆବର୍ଗ ଅର୍ଥାତ ଯାଦବ ସଂପ୍ରଦାୟରୁ ଆସିଥିବାବେଳେ ଅନୁସୂଚିତ ଜାତି ଓ ଜନଜାତିଙ୍କ ଭୋଟ୍ ଏଠାରେ ନିର୍ଣ୍ଣାୟକ ହେବା ସମ୍ଭାବନା ରହିଛି । ଗତଥର ଭଳି ଯାଦବ ସଂପ୍ରଦାୟ ବିଧାୟକ ମୌଷଧୀ ବାଗଙ୍କୁ ଏକତରଫା ଭୋଟ୍ ଦେଲା ଭଳି କଂଗ୍ରେସ ପ୍ରାର୍ଥିନୀ ରଶ୍ମି ରେଖା ରାଉତଙ୍କୁ ଭୋଟ୍ ଦିଅନ୍ତି ତେବେ ପୂର୍ବ ଭଳି ଅନୁରୂପ ଘଟଣାକୁ ଏଡାଇ ଦିଆଯାଇ ନପାରେ । ବିଜେଡି ଦଳକୁ ଧର୍ମଗଡ଼କୁ ଜିଲ୍ଲାର ମାନ୍ୟତା ପ୍ରସଙ୍ଗ, ବିଧାୟକ ଟିକେଟ୍ କଟିବା ପରେ ମୌଷଧୀ ବାଗ ମୌନ ରହିବା ଓ ଯାଦବ ସମାଜର ଅସନ୍ତୋଷ, ସ୍ଥାନୀୟ ନେତା ପ୍ରମୁଖ ପ୍ରସଙ୍ଗ ମୁଣ୍ଡ ବ୍ୟଥାର କାରଣ ପାଲଟିଛି । ବିଜେପିରେ ମଧ୍ୟ ସମଦଶା ପରିଲକ୍ଷିତ ହେବାରେ ଲାଗିଛି, ପ୍ରାର୍ଥୀଙ୍କୁ ନେଇ ଦଳୀୟ କିଛି ନେତା ଅସନ୍ତୋଷ ବ୍ୟକ୍ତ କରୁଥିବାବେଳେ ସାଂସଦ ପ୍ରାର୍ଥିନୀ ଓ ବିଧାୟକ ପ୍ରାର୍ଥୀଙ୍କ ସମର୍ଥକମାନଙ୍କ ମଧ୍ୟରେ ମତାନ୍ତର ମନାନ୍ତର ଲାଗିରହିଥିବା ଚର୍ଚ୍ଚା ହେଉଛି, ଏମିତି କି ନିଜ ପସନ୍ଦର ନେତାଙ୍କୁ ଟିକେଟ୍ ନମିଳିବା ପରେ ବିଜେପିର କର୍ମୀମାନେ ଉପର ଠାଉରିଆ ଭାବେ ଦଳୀୟ ପ୍ରଚାରରେ ବୁଲୁଥିବା ବେଳେ ପରୋକ୍ଷରେ କିନ୍ତୁ ସେମାନେ ଅସନ୍ତୋଷ ଥିବା ଶୁଣିବାକୁ ମିଳୁଛି । ଏପଟେ କଂଗ୍ରେସ ଅନୁସୂଚିତ ଜାତିର କଳାହାଣ୍ଡି ଲୋକସଭା ସାଂସଦ ପ୍ରାର୍ଥୀନୀ ଭାବେ ଦ୍ରୌପଦୀ ମାଝୀଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇଛି, ବିଧାୟକ ଓ ସାଂସଦ ଭାବେ ଦୁଇଜଣ ମହିଳାଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇ ମହିଳା କାର୍ଡ ଖେଳି ମହିଳା ଭୋଟ୍ ଆକଟ ସହ ହାତେଇବାକୁ ପ୍ରୟାସ କରିଛି । ଅନୁସୂଚିତ ଜାତି ଓ ଜନଜାତି ଭୋଟ୍‌କୁ ବଜାୟ ରଖିବାକୁ ଉଦ୍ୟମ କରିଛି । କଂଗ୍ରେସ ଉପରେ ଭରସା କରିପାରୁ ନଥିବା କଂଗ୍ରେସିଆ ଭୋଟ୍‌କୁ ନିଜ ସପକ୍ଷରେ ନେଇ ବିଜେଡି ବିଗତ ଦିନରେ ସଫଳ ହୋଇଥିବାବେଳେ ଚଳିତ ନିର୍ବାଚନ ରଣାଙ୍ଗନରେ ଏହି ଭୋଟ୍ ହିଁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ଯଥେଷ୍ଟ ସମ୍ଭାବନା ରହିଛି । ସେ' ଯାହାହେଉ ନାଁ କାହିଁକି ବର୍ତ୍ତମାନ ନିର୍ବାଚନରେ ଶାସକ ବିଜେଡ଼ିର ବିକାଶମୂଳକ କାର୍ଯ୍ୟ ଓ ଜନହିତକର ଯୋଜନା, ବିଜେପିର ମୋଦି ହାୱା, ନାଁ କଂଗ୍ରେସର ପରିବର୍ତ୍ତନର ନାରା କିଭଳି ଭୋଟରଙ୍କୁ ଆକୃଷ୍ଟ କରିପାରୁଛି ଓ ଧର୍ମଗଡ଼ ଦଖଲ କରିବାରେ ସହାୟକ ହେଉଛି ତାହା ସମୟ କହିବ ।

## ଜିଲ୍ଲାରେ ଭିନ୍ନକ୍ଷମ ଭୋଟରଙ୍କ ସଂଖ୍ୟା ୧୭.୩୪୯

ଭବାନୀପାଟଣା,(ଭାସ୍କର ନ୍ୟୁଜ): ଚଳିତ ନିର୍ବାଚନରେ କଳାହାଣ୍ଡି ଜିଲ୍ଲାର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ୧୭ ହଜାର ୩୪୯ ଜଣ ଭିନ୍ନକ୍ଷମ ଭୋଟର ମତାଧିକାର ସାବ୍ୟସ୍ତ କରିବେ । ଲାଞ୍ଜିଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ୧୫୮୩ ଜଣ ପୁରୁଷ, ୧୨୯୦ ମହିଳା, ଜଣେ ତୃତୀୟ ଲିଙ୍ଗୀ ସମେତ ୨୮୭୪ ଜଣ ଭିନ୍ନକ୍ଷମ ଭୋଟର ଥିବାବେଳେ ଜୁନାଗଡ଼ ନିର୍ବାଚନମଣ୍ଡଳୀରେ ୨୩୮୦ ପୁରୁଷ, ୧୭୧୮ ମହିଳା ସମେତ ୪୦୯୮ ଜଣ, ଧର୍ମଗଡ଼ ନିର୍ବାଚନମଣ୍ଡଳୀରେ ୨୨୫୯ ପୁରୁଷ, ୧୭୬୫ ମହିଳା ସମେତ ୪୦୨୪ ଜଣ, ନର୍ଲା ନିର୍ବାଚନମଣ୍ଡଳୀରେ ୧୭୨୪ ପୁରୁଷ, ୧୧୮୪ ମହିଳା ସମେତ ୨୯୦୮ ଜଣ ଏବଂ ଭବାନୀପାଟଣା ନିର୍ବାଚନମଣ୍ଡଳୀରେ ୧୭୨୪ ପୁରୁଷ, ୧୩୭୫ ମହିଳା, ତୃତୀୟ ଲିଙ୍ଗୀ ୨ ଜଣ ସମେତ ୩୪୪୫ ଜଣ ଭୋଟର ଅଛନ୍ତି । ସମୁଦାୟ ଜିଲ୍ଲାର ୫ଟି ନିର୍ବାଚନମଣ୍ଡଳୀରେ ୧୦ ହଜାର ୧୪ ଜଣ ପୁରୁଷ, ୭୩୩୨ ଜଣ ମହିଳା, ୩ ଜଣ ତୃତୀୟ ଲିଙ୍ଗୀ ସମେତ ୧୭ ହଜାର ୩୪୯ ଜଣ ଭିନ୍ନକ୍ଷମ ଭୋଟର ଅଛନ୍ତି । ଜିଲ୍ଲାରେ ୩ ଜଣ ଭିନ୍ନକ୍ଷମ ତୃତୀୟ ଲିଙ୍ଗୀ ଭୋଟର ଅଛନ୍ତି । ୧୭ ହଜାର ୩୪୯ ଜଣ ଭିନ୍ନକ୍ଷମ ପାଇଁ ସମସ୍ତ ମତଦାନ କେନ୍ଦ୍ରରେ ରାମ୍ପ ବ୍ୟବସ୍ଥା ନଥିବା ଯୋଗୁଁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି । ପ୍ରତି ନିର୍ବାଚନ ଆସିଲେ ସ୍କୁଲମାନଙ୍କରେ ରାମ୍ପ ବ୍ୟବସ୍ଥା ପାଇଁ ଚିନ୍ତା ଆସେ କିନ୍ତୁ ଭୋଟ୍ ସରିଗଲେ ପ୍ରଶାସନ ରାମ୍ପ ବ୍ୟବସ୍ଥା ଭୁଲି ଯାଆନ୍ତି । ତେଣୁ ବର୍ତ୍ତମାନ ନିର୍ବାଚନ ପୂର୍ବରୁ ସମସ୍ତ ମତଦାନ କେନ୍ଦ୍ରରେ ରାମ୍ପ ବ୍ୟବସ୍ଥା କରାଯିବାକୁ ସାଧାରଣରେ ଦାବି ହୋଇଛି ।

## ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ



ମ.ରାମପୁର, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ମ. ରାମପୁରସ୍ଥିତ ଶିବ ମନ୍ଦିର ପରିସରରେ ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମ. ରାମପୁର ବ୍ଲକର ୧୯ଗୋଟି ପଞ୍ଚାୟତର ବିଜୁ ଜନତା ଦଳର କର୍ମକର୍ତ୍ତା ଉପସ୍ଥିତ ରହି ଚଳିତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଆଲୋଚନା କରାଯାଇଥିଲା । ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟମାନେ ଲୋକଙ୍କ ପାଖକୁ ଯାଇ ନବୀନ ସରକାରଙ୍କ ବିକାଶମୂଳକ ଯୋଜନା ଉପରେ ଆଲୋଚନା କରିଥିଲେ । ଉପସ୍ଥିତ ଥିବା କର୍ମକର୍ତ୍ତାମାନେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ବିଧାୟିକା ପ୍ରାର୍ଥୀନୀ ମନୋରମା ମହାନ୍ତି, ବିଜୁ ଜନତା ଦଳ ଜିଲ୍ଲା ସଂପାଦକ ଟିକେଲାଲ ସାହୁ, ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଶତପଥୀ, ଯୁବ ସଭାପତି ସତ୍ୟ ନାରାୟଣ ସାହୁ, ନରଲା ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ଯୁବ ନେତା ବିକାଶ ରଞ୍ଜନ ସିଂହଦେଓ, ମ.ରାମପୁର ପଞ୍ଚାୟତ ସଭାପତି ପ୍ରଦୀପ ପାଣିଗ୍ରାହୀ, ସପନ କୁମାର ପଟ୍ଟନାୟକ, ଭବାନୀ ସାହୁ, ପ୍ରେମ ସାଗର ନାଏକ, ହିରେନ୍ଦ୍ର ପ୍ରତାପ ସିଂହଦେଓ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ ସମିତିସଭ୍ୟ ଓ ବିଜୁ ଜନତା ଦଳର କର୍ମୀ ଯୋଗ ଦେଇଥିଲେ ।

## କଳାହାଣ୍ଡିରେ ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା ୮୫୦କୁ ବୃଦ୍ଧି

## ୪ ମାସ ହେଲା ମିଳୁନି ଔଷଧ

ଭବାନୀପାଟଣା,(ଭାସ୍କର ନ୍ୟୁଜ): 'ହାତରେ ପଇସା ଥିଲେ ମଧ୍ୟ ବାପାଙ୍କୁ ଔଷଧ କିଣି ଦେବା ପାଇଁ ଆମର ଉପାୟ ନାହିଁ । ଔଷଧ ପାଇଁ ଦିନକୁ ଦିନ ଅଧିକ ରୋଗଗ୍ରସ୍ତ ହୋଇପଡୁଛନ୍ତି ବାପା । ପ୍ରତ୍ୟେକ ଦିନ ବାପାଙ୍କ ଅକାଳ ମୃତ୍ୟୁ ଚିନ୍ତାରେ ଆମେମାନେ ମ୍ରିୟମାଣ । 'ଇଏ ଥିଲା ଜଣେ ଯକ୍ଷ୍ମା ରୋଗାକ୍ରାନ୍ତ ବ୍ୟକ୍ତିଙ୍କ ଅସହାୟ ପୁଅର ବକ୍ତବ୍ୟ । ସୂଚନାନୁଯାୟୀ କଳାହାଣ୍ଡି ଜିଲ୍ଲାର ଯକ୍ଷ୍ମା ରୋଗୀମାନଙ୍କୁ ଠିକ୍ ଭାବେ ଔଷଧ ମିଳୁନାହିଁ । ଗତ ୪ ମାସ ହେଲା ଯକ୍ଷ୍ମାରୋଗୀମାନେ ଡାକ୍ତରଖାନାକୁ ଦୌଡ଼ି ଦୌଡ଼ି ଔଷଧ ନପାଇ ନିରାଶ ହୋଇ ଫେରୁଥିବା ଅଭିଯୋଗ ହେଉଛି । ଏକ ସୂତ୍ରରୁ ପ୍ରକାଶ ଯେ କଳାହାଣ୍ଡି ଜିଲ୍ଲାର ପ୍ରାୟ ୮୫୦ ଯକ୍ଷ୍ମା ରୋଗୀ ଅଛନ୍ତି । ଏହି ରୋଗୀମାନଙ୍କ ପାଇଁ ୪ ମାସ ହେଲା ଡାକ୍ତରଖାନାକୁ ଔଷଧ ଯୋଗାଣ ହେଉ ନାହିଁ । ସ୍ଥାନୀୟ ବଜାରରେ ମଧ୍ୟ ଏହି ଔଷଧ ମିଳୁ ନାହିଁ । ଫଳରେ ରୋଗୀମାନେ ଭାରି ହନ୍ତସନ୍ତ ହେଉଛନ୍ତି । ଡାକ୍ତରଖାନାକୁ ଗଲେ ଔଷଧ ଆସି ନାହିଁ ବୋଲି କହି କର୍ମଚାରୀ ଖାଲି ଡବା ଦେଖାଇ ଦେଉଛନ୍ତି । ବିଶେଷ କରି ଯକ୍ଷ୍ମା ରୋଗର ପ୍ରଥମ ପର୍ଯ୍ୟାୟ ଔଷଧ ସରି ଯାଇଛି । ଡାକ୍ତରଙ୍କ କହିବା ଅନୁସାରେ, ଯକ୍ଷ୍ମା ଗୋଟିଏ ଏମିତି ରୋଗ ତାହା ସମୟ ଅନୁଯାୟୀ ଔଷଧ ନ ଖାଇଲେ ରୋଗୀ ପ୍ରାଣ ହରାଇବା ଅଧିକ ଆଶଙ୍କା ରହିଥାଏ । ଯକ୍ଷ୍ମା ରୋଗର ନିରାକରଣ ପାଇଁ ସରକାର କେତେ କ'ଣ ସଚେତନ କରୁଛନ୍ତି । ରୋଗୀଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଚାଉଳ, ଡାଲି, ଅଣ୍ଡା, ସୋୟାବଡ଼ି ଆଦି ଯୋଗାଇ ଦେଉଛନ୍ତି । ଯକ୍ଷ୍ମା ସେଣ୍ଟରଗୁଡ଼ିକରେ ପ୍ୟାକେଟ୍ ପ୍ୟାକେଟ୍ ଖାଦ୍ୟ ପଡ଼ିଛି । ଏଣେ ଔଷଧ ମିଳୁନାହିଁ । ବିଭିନ୍ନ ଡାକ୍ତରଖାନାକୁ ରୋଗୀମାନେ ଅନେକ ଥର ଆସିଲେଣି । ମାତ୍ର ଔଷଧ ନ ପାଇ ନିରାଶ ହୋଇ ଫେରିଯାଉଥିବା ଦେଖିବାକୁ ମିଳୁଛି । ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦାୟିତ୍ୱରେ ଥିବା ଡା. ନୀହାରେନ୍ଦ୍ର ପଣ୍ଡା ଔଷଧ ନଥିବା କଥା ସ୍ୱୀକାର କରିଛନ୍ତି । ଔଷଧ ଅଣାଇବା ପାଇଁ ସବୁ ପ୍ରକାର ପ୍ରୟାସ ଚାଲିଛି ବୋଲି ସେ କହିଛନ୍ତି ।

## ଚୁରା ପାହାଡ଼ରୁ ଷଣ୍ଢବାବା ପଥର ମୂର୍ତ୍ତି ଉଦ୍ଧାର

ଗୋଲାମୁଣ୍ଡା (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଚୁରାପାହାଡ଼ର ମାଟି ତଳୁ ଏକ ପଥର ଷଣ୍ଢବାବା ମିଳିଥିବା ଦେଖିବାକୁ ମିଳିଛି । ସୂଚନାରୁ ପ୍ରକାଶ ଯେ ନୂଆଗାଁ ପଞ୍ଚାୟତ ପହରିଆ ପଡାର ସୁଶୀଳ ପହରିଆ ଜଙ୍ଗଲକୁ ଯାଇ ବାଉଁଶ ଆଣି ଘରୋଇ ଉପକରଣ ଟୋକେଇ, ପାଳ, ବିଞ୍ଚଣା ତିଆରି କରି ସ୍ଥାନୀୟ ବଜାରରେ ବିକ୍ରିୟ କରି ପରିବାର ପୋଷଣ କରିଥାନ୍ତି । ସୁଶୀଲଙ୍କୁ ରାତିରେ ଶୋଉଥିବା ସମୟରେ ସ୍ୱପ୍ନ ହୋଇଥିଲେ ସୁଦ୍ଧା ବିଶ୍ୱାସ କରୁ ନଥିଲେ । ତିନି ଥର ବାରମ୍ବାର ସ୍ୱପ୍ନ ହେବା ଫଳରେ ସେ ଜଙ୍ଗଲକୁ ବାଉଁଶ ଆଣିବାକୁ ଯାଇଥିଲେ । ବାଉଁଶ କାଟୁଥିବା ସମୟରେ ସେହି ସ୍ଥାନରେ ହିଁ ପଥରର ଷଣ୍ଢବାବା ପାଇଥିଲେ । ଷଣ୍ଢବାବାକୁ ନିଜ ଘରକୁ ଆଣି ପୂଜାର୍ଚ୍ଚନା କରୁଛନ୍ତି ସୁଶୀଳ ।



ସ୍ଥାନୀୟ ଲୋକେ ଖବର ପାଇ ଷଣ୍ଢ ବାବାଙ୍କୁ ଦେଖିବାକୁ ଅନେକ ଲୋକଙ୍କ ସମାଗମ ହେଉଛି । ଭକ୍ତମାନେ ବହୁ ସଂଖ୍ୟାରେ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଛି ।

## ୧୦ରେ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ

ଭବାନୀପାଟଣା, (ଭାସ୍କର ନ୍ୟୁଜ): ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ଆସନ୍ତା ମେ' ମାସ ୧୦ ତାରିଖ ଅକ୍ଷୟ ତୃତୀୟାରେ 'ପର୍ଶୁରାମ ଜୟନ୍ତୀ' ପାଳନ ଅବସରରେ ନିଃଶୁଳ୍କ ସାମୂହିକ ବ୍ରତୋପନୟନ ଆୟୋଜନ କରିବା ପାଇଁ କୋର୍ କମିଟି ବୈଠକରେ ସ୍ଥିର କରାଯାଇଛି । ବ୍ରାହ୍ମଣ ସମାଜ କଳାହାଣ୍ଡିର ଜିଲ୍ଲା ସଭାପତି ଜଗନ୍ନାଥ ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ଉପସଭାତି ଗଜେନ୍ଦ୍ର ପାଢ଼ୀ, ବିନୋଦ ଶର୍ମା, ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର, ସମ୍ପାଦକ ଉମେଶ ଚନ୍ଦ୍ର ପଣ୍ଡା, ପର୍ଶୁରାମ ସେନା ଜିଲ୍ଲା ସଂଯୋଜକ ପ୍ରଶାନ୍ତ ଠାକୁର, କାର୍ଯ୍ୟକାରୀ ସଭ୍ୟ ପ୍ରମୋଦ ଖମାରୀ, ସୁରେନ୍ଦ୍ର ସାହୁ, କୁନାଲ ବେହେରା, ଅଶୋକ ନେଗୀ



ଓ ନିହାର ରଞ୍ଜନ ମିଶ୍ର ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମର ରୂପରେଖ ଚୂଡାନ୍ତ କରିଥିଲେ । ସାମୂହିକ ବ୍ରତୋପନୟନରେ ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ୨୦ରୁ ୨୫ ଜଣଙ୍କୁ ନିଶୁଳ୍କ ବ୍ରତ କରାଯିବ । ଏଥି ନିମନ୍ତେ ସ୍ଥାନୀୟ ଅଗ୍ରେସନ ଭବନରେ ମେ' ୯ରେ ଚାରିକର୍ମ ଓ ୧୦ ତାରିଖରେ ଯଜ୍ଞୋପବୀତ ଧାରଣ ଆଚାର୍ଯ୍ୟ ପଣ୍ଡିତ ମଙ୍ଗଳୁ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ । ସେହିପରି ମେ' ୧୦ ତାରିଖରେ ପର୍ଶୁରାମ ଜୟନ୍ତୀ ଉପଲକ୍ଷେ ଅଗ୍ରେସନ ଭବନରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ହୋମ ଯଜ୍ଞ ସହ ପ୍ରସାଦ ସେବନ ବ୍ୟବସ୍ଥା କରାଯିବା ପାଇଁ ଏହି ବୈଠକରେ ସ୍ଥିର କରାଯାଇଛି ବୋଲି ବ୍ରାହ୍ମଣ ସମାଜ କଳାହାଣ୍ଡିର ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର ପ୍ରକାଶ କରିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ତୁର୍ଲାଖମନବାସୀ

କେସିଙ୍ଗା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ତୁର୍ଲାଖମନ ଗ୍ରାମ ପଞ୍ଚାୟତର ଜାତୀୟ ରାଜପଥ ୫୯ ନିକଟରେ ଦୀର୍ଘ ଦିନରୁ ବିଶ୍ରାମଗାର ଓ ଏକ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଗ୍ରାମବାସୀ ବହୁବାର କଳାହାଣ୍ଡି ଜିଲ୍ଲାପାଳ, କେସିଙ୍ଗା ବିଡିଓଙ୍କୁ ଲିଖିତ ଅନୁରୋଧ କରିଥିଲେ । ଜିଲ୍ଲାପାଳ ଲୋକଙ୍କ ସମସ୍ୟାକୁ ଦୂର କରିବା ପାଇଁ ବସ୍‌ଷ୍ଟାଣ୍ଡ ଓ ବିଶ୍ରାମଗୃହ ନିର୍ମାଣ ପାଇଁ କେସିଙ୍ଗା ବିଡ଼ିଓ ତୁର୍ଲାଖମନ ଗ୍ରାମ ପଞ୍ଚାୟତକୁ ନିର୍ଦ୍ଦେଶ ଦେଇଥିଲେ । ତୁର୍ଲାଖମନର ଜାତୀୟ ରାଜପଥ ୫୯ ନିକଟରେ ତ୍ରି ଛକ କୌଣସି ବିଶ୍ରାମଗୃହ କିମ୍ବା ବସ୍‌ଷ୍ଟାଣ୍ଡ ନଥିବାରୁ ତୁର୍ଲା ଖମନବାସୀ ଖରା ବର୍ଷା ଦିନରେ ବହୁତ ହଇରାଣ ହରକତ ହେଉଥିଲେ । କିନ୍ତୁ ଜିଲ୍ଲାପାଳ ଜନସାଧାରଣଙ୍କ ଅସୁବିଧାକୁ ଦୂର କରିବା ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ୫ଲକ୍ଷ୨୨ହଜାର ବ୍ୟୟ ଅଟକଳରେ ଏକ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବା ପାଇଁ କେସିଙ୍ଗା ପଞ୍ଚାୟତ ସମିତିକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପାଇଲା ପରେ ଉକ୍ତ ବସ୍‌ଷ୍ଟାଣ୍ଡ ଠିକ୍ ଭାବେ ନିର୍ମାଣ କରାଯାଇ ଥିବାରୁ ଉକ୍ତ ଗ୍ରାମବାସୀ କେସିଙ୍ଗା, ଭବାନୀପାଟଣା, ଏମ୍.ରାମପୁର ଯିବା ପାଇଁ ଏହି ବସ୍‌ଷ୍ଟାଣ୍ଡରେ ବିଶ୍ରାମ କରି ବସ୍ ଯୋଗେ ଗମନାଗମନ କରୁଥିବାରୁ ଅଞ୍ଚଳବାସୀଙ୍କ ମନରେ ଖୁସିର ଲହରି ଖେଳି ଯାଇ ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ ଓ ବ୍ଲକ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି । ସେହିପରି ଉକ୍ତ ଜାଗାରେ ତୁର୍ଲାଖମନ ଗ୍ରାମ ପଞ୍ଚାୟତ ପକ୍ଷରୁ ବିଶ୍ରାମଗାର ନିର୍ମାଣ କରିବା ପାଇଁ ଗ୍ରାମସଭାରେ ମଞ୍ଜୁର ହୋଇଥିଲା । ଲୋକଙ୍କ ସୁବିଧା ପାଇ ଏବଂ ଖରା ବର୍ଷାରୁ ରକ୍ଷା ପାଇବା ପାଇଁ ନିର୍ମାଣାଧୀନ ବିଶ୍ରାମଗୃହ ଅଳ୍ପ ଦିନରେ ସମ୍ପୂର୍ଣ୍ଣ ହେଲେ ଅଞ୍ଚଳବାସୀ ସୁବିଧା ପାଇପାରିବେ । ଏ ସଂକ୍ରାନ୍ତରେ ସରପଞ୍ଚ ପାର୍ବତୀ ସାହୁଙ୍କୁ ପଚାରିବାରୁ ସେ କହିଲେ ଅଞ୍ଚଳର ଲୋକଙ୍କ ଗମନାଗମନ ଓ ବିଶ୍ରାମ ପାଇଁ ଠିକ୍ ଜାଗାରେ ବିଶ୍ରାମାଗାର ଓ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଛି । ଏହା ହେବା ଦ୍ୱାରା ଅଞ୍ଚଳର ପଥିକ ଏବଂ ବସ୍ ଯାତ୍ରୀଙ୍କ ପାଇଁ ବହୁ ସୁବିଧା ଓ ସୁଯୋଗ ମିଳିଲା ବୋଲି ସରକାରଙ୍କୁ ଧନ୍ୟବାଦ୍ ଦେଇଥିଲେ ।



ଭବାନୀପାଟଣା : ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଭବାନୀପାଟଣା ସହର ମୁଖ୍ୟରାସ୍ତା ଜନଶୂନ୍ୟ

## ରାଶିଫଳ

**ଶନିବାର, ୨୦ ଏପ୍ରିଲ ୨୦୨୪**



**ମେଷ:** ଆଜି ଆପଣଙ୍କ ଆତ୍ମବିଶ୍ୱାସ ବଢିବ ଓ ପ୍ରଗତି ନିଶ୍ଚିତ ହେବ । ଆୟ ଅପେକ୍ଷା ଅଧିକ ବ୍ୟୟ ହେବ । ବ୍ୟପାରରେ ବୃଦ୍ଧି ସ୍ଥିତି ରହିବ । ବିଦ୍ୟାର୍ଥୀଙ୍କ ମନ ପଢାରେ ଲାଗିବ ନାହିଁ । ବ୍ୟପାରିକ ଯାତ୍ରା ସଫଳ ରହିପାରେ । ପ୍ରେମ ପ୍ରସଙ୍ଗ ଅନୁକୂଳ ରହିବ ।



**ବୃଷ:** ବାହାରକୁ ବାହାରିବା ପରେ କୌଣସି ଅଜଣା ବ୍ୟକ୍ତି ଉପରେ ବିଶ୍ୱାସ କରନ୍ତୁ ନାହିଁ । କୌଣସି ମହିଳା ମିତ୍ର ସାହାଯ୍ୟ କରିପାରନ୍ତି । ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ । ବ୍ୟାଙ୍କ ସହ ଜଡିତ କାମରେ ସାବଧାନ ରୁହନ୍ତୁ ।



**ମିଥୁନ:** ପ୍ରେମୀ ପ୍ରେମିକାଙ୍କ ସମ୍ପର୍କରେ ବିବାଦ ହୋଇପାରେ । କାର୍ଯ୍ୟ କ୍ଷେତ୍ରରେ ବିରୋଧୀ ବଢ଼ିବେ । ଆୟ ବ୍ୟୟରେ ସନ୍ତୁଳନ ରହିବ । ଆପଣଙ୍କ ପ୍ରିୟ ଆଜି ଆପଣଙ୍କୁ କିଛି କହିବେ । ଯାହା ଆପଣଙ୍କ ଚିନ୍ତା ବଢ଼ାଇପାରେ । କାହାର ଅପେକ୍ଷା କରନ୍ତୁ ନାହିଁ।



**କର୍କଟ:** ଆଜି ଆପଣଙ୍କୁ କିଛି ସହଯୋଗ ମିଳିବ । ଆର୍ଥିକ ସମସ୍ୟା ଆସିବ । ଟଙ୍କା ନେବା ଦେବାରେ ସାବଧାନ ରୁହନ୍ତୁ । ସ୍ୱାସ୍ଥ୍ୟ କମଜୋର ରହିପାରେ । ବ୍ୟୟ ଅଧିକ ହେବ । କୌଣସି ଖବର ମିଳିପାରେ । କୌଣସି ବି ଝଗଡାରେ ଭାଗୀଦାରୀ ହୁଅନ୍ତୁ ନାହିଁ ।



**ସିଂହ:** ଶିକ୍ଷକଙ୍କ ତରଫରୁ ବିଶେଷ ମାର୍ଗଦର୍ଶନ ପ୍ରାପ୍ତ ହେବ । ମିତ୍ରଙ୍କୁ ନିଜର ଦୁଃଖ ବ୍ୟଥା କୁହନ୍ତୁ । ଘରର କିଛି ପରିସ୍ଥିତି ଖରାପ ହୋଇପାରେ । ଆପଣ ନିଜର କାମ କାର୍ଯ୍ୟ ପାଇଁ କାହାର ସହଯୋଗ ନେଇପାରନ୍ତି । ନିଷ୍ପତ୍ତି ନେବା ପୂର୍ବରୁ ବୁଝି ସୁଝି ନିଅନ୍ତୁ ।



**କନ୍ୟା:** ଅଧିକ ଧନ ବ୍ୟୟ ହେବା ଦ୍ୱାରା ମନ ଅଶାନ୍ତ ରହିବ । ବିଦ୍ୟାଧ୍ୟାନ ସମ୍ବନ୍ଧିତ ଶୁଭ ସମାଚାର ମିଳିବ । ପୈତୃକ ସମ୍ପତ୍ତି ପ୍ରାପ୍ତ କରିବାର ଯୋଗ ଅଛି । ଅତିରିକ୍ତ ଆୟ ପାଇଁ ନିଜର ସୃଜନାତ୍ମକ ବିଚାରର ସାହାର ନିଅନ୍ତୁ । ସମୟ ଅନୁକୂଳ ରହିବ ।



**ତୁଳା:** କୌଣସି ବି ଅପିରିଚିତ ବ୍ୟକ୍ତି ଉପରେ ବିଶ୍ୱାସ କରନ୍ତୁ ନାହିଁ । କୌଣସି ବି ପ୍ରକାରର ବିବାଦକୁ ଯାଆନ୍ତୁ ନାହିଁ । ଚାକିରି ଯାଇ ପାରେ । ଆକସ୍ମିକ ଧନଲାଭ ହୋଇପାରେ । ସନ୍ତାନ ଆପଣଙ୍କ ଆଜ୍ଞା ମାନିବେ । ଆୟର ନୂତନ ସ୍ରୋତ ମିଳିପାରେ ।



**ବିଛା:** କିଛି ବନ୍ଧୁଙ୍କ ସହିତ ସାକ୍ଷାତ ହେବ । କୌଣସି ବଡ଼ କାମ କରିବାରେ ମନ ଲାଗିବ । ରାଜନୀତି କ୍ଷେତ୍ରରେ ଆପଣଙ୍କ ମାନ ସମ୍ମାନ ବଢ଼ିବ । ଉଚ୍ଚ ଅଧିକାରୀ ଆପଣଙ୍କ ସହ ମିତ୍ର ବ୍ୟବହାର କରିବେ । ବନ୍ଧୁମାନେ ଆପଣଙ୍କୁ ମାନସିକ ଶାନ୍ତି ପ୍ରଦାନ କରିବେ । ଯାହା ସହିତ ଆପଣ ରହୁଛନ୍ତି ତାଙ୍କ ସହିତ ବାଦ ବିବାଦ କରନ୍ତୁ ନାହିଁ ।



**ଧନୁ:** ପ୍ରେମ ସମ୍ବନ୍ଧରେ ସାବଧାନ ରୁହନ୍ତୁ । ସ୍ୱାସ୍ଥ୍ୟ ସାଧାରଣ ରହିବ । ଖାଦ୍ୟପାନରେ ରୁଚି ବଢ଼ିବ । ଅଧିକାରୀଙ୍କ ସହ ସମ୍ପର୍କ ଭଲ ରହିବ । ଏକ ଆଧ୍ୟାତ୍ମିକ ବ୍ୟକ୍ତିଙ୍କ ଆଶୀର୍ବାଦ ମିଳିପାରେ । ଅଟକିଥିବା ଟଙ୍କା ମିଳିବ । ଆର୍ଥିକ ଅବସ୍ଥା ଭଲ ହୋଇଯିବ । ବହୁତ ସମୟ ହେବ ଅଟକିଥିବା କାର୍ଯ୍ୟ ପୂରା ହେବ ।



**ମକର:** ଉଚ୍ଚ ବର୍ଗ ଲୋକଙ୍କ ଚାକିରିରେ କିଛି ଅସୁବିଧା ଆସିପାରେ । ଧର୍ମ ପ୍ରତି ଆସ୍ଥା ବଢିବ । ପୂଜା ପାଠରେ ମନ ଲାଗିବ । ସ୍ୱାସ୍ଥ୍ୟ ଭଲ ରହିବ । ଲାଭରେ ବୃଦ୍ଧି ହେବ । ପାରିବାରିକ ସହଯୋଗ ପ୍ରାପ୍ତ ହେବ । ନିଜର ଚିନ୍ତାକକୁ ଦୂର କରିବା ପାଇଁ ପରିବାର ଲୋକଙ୍କ ସାହାଯ୍ୟ ନିଅନ୍ତୁ ।



**କୁମ୍ଭ:** ପରିଶ୍ରମ ଅଧିକ ରହିବ । ଦୁର୍ଘଟଣାର ସମ୍ଭାବନା ଅଛି । କିଛି କାର୍ଯ୍ୟ ଖରାପ ହୋଇପାରେ । ବିବାଦକୁ ବଢାନ୍ତୁ ନାହିଁ । ଲାଭ ପାଇଁ ଅନ୍ୟର କ୍ଷତି କରନ୍ତୁ ନାହିଁ । ମୌସୁମୀର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡିପାରେ । ଘର ଲୋକଙ୍କ କଥା ଶୁଣି ନିବେଶ କରନ୍ତୁ । ଧନ ପ୍ରାପ୍ତି ସୁଗମ ହେବ ।



**ମୀନ:** ବ୍ୟାପାରିକ ଯୋଜନା ବିଫଳ ହୋଇପାରେ । ବାହନ ଚଳାଇବା ସମୟରେ ସାବଧାନ ରୁହନ୍ତୁ । ଜୀବନସାଥିଙ୍କ ମହତ୍ୱପୂର୍ଣ୍ଣ ସହଯୋଗ ମିଳିବ । ଆପଣଙ୍କ ବୁଦ୍ଧି ଆପଣଙ୍କୁ ସଫଳତା ନିଶ୍ଚିତ ଦେବ । ଆଜି ନିଜର କର୍ମଚାରୀଙ୍କ ଉପରେ ଧ୍ୟାନ ଦିଅନ୍ତୁ । ଜୋଖିମ ଉଠାନ୍ତୁ ନାହିଁ ।



ଶ୍ରୀପତି ଗୁରୁ


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଚିକିଟି, (ଭାସ୍କର ନ୍ୟୁଜ): ଚିକିଟି ସ୍ଥିତ ଲୋକନାଥପୁର ଶାସନରେ ୧୮୯୯ ମସିହାରେ ଜନ୍ମିତ ଆଦର୍ଶବାଦୀ, ଛାତ୍ରବତ୍ସଳ ତଥା କର୍ତ୍ତବ୍ୟନିଷ୍ଠ ଶିକ୍ଷକ ସ୍ୱର୍ଗତ ବ୍ରଜ ପାଢ଼ୀ ଜର୍ଜ ହାଇସ୍କୁଲ ଚିକିଟି ଗଡ଼, ମହନ୍ତ ପରାଙ୍କୁଶ ବିଦ୍ୟାପୀଠ ସାମନ୍ତିଆ ପଲ୍ଲୀ, ମହତାବ ମଧ୍ୟ ଇଂରାଜୀ ବିଦ୍ୟାଳୟ ଚିକିଟି ପେଣ୍ଠ, ଏବଂ ନୂଆପେଣ୍ଠ ବିଦ୍ୟାଳୟରେ ଦକ୍ଷତାର ସହିତ ଶିକ୍ଷାଦାନ କରି ୧୯୭୪ ମସିହାରେ ପରଲୋକ ଗମନ କରିଛନ୍ତି। ଶିକ୍ଷକ ଶ୍ରୀ ପାଢ଼ୀଙ୍କ ସୁଯୋଗ୍ୟ ଚତୁର୍ଥ ସନ୍ତାନ ପ୍ରଫେସର କୃଷ୍ଣଚନ୍ଦ୍ର ପାଢ଼ୀ ପିତାଙ୍କ ୪ଟି ଶିକ୍ଷାଦାନ ସ୍ଥଳୀର ଷଷ୍ଠ, ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ପ୍ରାପ୍ତ କୃତୀ ପରୀକ୍ଷାର୍ଥୀଙ୍କୁ ଏକହଜାର ଟଙ୍କା ହିସାବରେ ନଗଦ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଏଥିସହ ଦଶମ ଶ୍ରେଣୀ ପରୀକ୍ଷାଫଳ ପ୍ରକାଶ ପରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କୁ ତିନି ହଜାର ଟଙ୍କା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହିପରି କୃତି ଛାତ୍ରଛାତ୍ରୀଙ୍କୁ ପ୍ରତିବର୍ଷ ସହଯୋଗ ରାଶି ପ୍ରଦାନ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ପ୍ରଫେସର ପାଢ଼ୀ କାଲିଫର୍ଣ୍ଣିଆରେ ଅଧୁନା ନିବାସ କରନ୍ତି। ସ୍ଥାନୀୟ ଅଗ୍ରଣୀ ଅନୁଷ୍ଠାନ ଶ୍ରୀ ବାଲାଜୀ ଠାକୁର ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ସମନ୍ୱୟ ସମିତି ଆନୁକୂଲ୍ୟରେ ସଭାପତି ମାନସ କସ୍ତୁରୀ ଗଣେଶ ପ୍ରସାଦ ପଣ୍ଡା ସମସ୍ତ ସହଯୋଗୀ କର୍ମକର୍ତ୍ତାଙ୍କ ସହିତ ଉପସ୍ଥିତ ରହି ଉକ୍ତ ବିଦ୍ୟାଳୟର କର୍ମଚାରୀଙ୍କ ଗହଣରେ ଆୟୋଜିତ ମହାମଞ୍ଚରେ ବିଦ୍ୟାର୍ଥୀଙ୍କୁ ଛାତ୍ରବୃତ୍ତି ପ୍ରଦାନ କରିଥିଲେ। ଚାରିଗୋଟି ଅନୁଷ୍ଠାନର ପ୍ରଧାନଶିକ୍ଷକ, ସହକର୍ମୀ ବୃନ୍ଦ ଏବଂ ଛାତ୍ରଛାତ୍ରୀ ପୂର୍ଣ୍ଣ ସହଯୋଗ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ସୁଦୂରରେ ଥିବା ପାଢ଼ୀ ପରିବାର। ଉପସଭାପତି ହରିଶ୍ଚନ୍ଦ୍ର ସାହୁ, ଧର୍ମା ରାଓ, ସୁରେନ୍ଦ୍ର ପାଢ଼ୀ, ନୀଳମଣି ବେହେରା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

# ବିପଦ ସଙ୍କୁଳ ଅବସ୍ଥାରେ ବିଦ୍ୟୁତ ଟ୍ରାନ୍ସଫର୍ମର



ଏରସମା, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଭିତର ଅନ୍ଧାରୀ ପଞ୍ଚାୟତର ଗୁଆମୁଣ୍ଡା ଗ୍ରାମରେ ବିପଦ ସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫରମର ଥିବା ଦେଖିବାକୁ ମିଳିଛି । ଚାରିପାଖରେ ସୁରକ୍ଷା ବାଡ ନା ଅଛି ନା ବିପଦର ସୂଚନା ଦିଆଯାଇଛି। ଏହି ଗ୍ରାମରେ ପାଖାପାଖି ଆଠଶହ ଲୋକ ବସବାସ କରନ୍ତି। ଏହି ଗ୍ରାମ ରାସ୍ତାକଡ଼କୁ ଲାଗି ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମ ଅଛି। କିନ୍ତୁ ଦୁଃଖ ପରିତାପର ବିଷୟ ଏହି ଟ୍ରାନ୍ସଫର୍ମଟି ଦୀର୍ଘଦିନ ଧରି ବିପଦ ସଙ୍କୁଳ ଅବସ୍ଥାରେ ଅଛି। ଏହାର ଚାରିପାଖରେ ସୁରକ୍ଷାବାଡ଼ ନାହିଁ କିମ୍ବା ବିପଦ ଲେଖାଥିବା ସୂଚନା ଫଳକ ମଧ୍ୟ ନାହିଁ। ଏହି ଟ୍ରାନ୍ସଫର୍ମର ବାଟଦେଇ ଛୋଟ ପିଲାମାନେ ପ୍ରାଥମିକ ବିଦ୍ୟାଳୟକୁ ଯାଇଥାନ୍ତି ଏବଂ ଗାଈଗୋରୁ ଓ ଜନସାଧାରଣ ଏହି ବାଟ ଦେଇଯାଆନ୍ତି। ସେଥିପାଇଁ ନିଶ୍ଚିତ ବିପଦକୁ ଏଡ଼ାଇ ଦିଆଯାଇ ନପାରେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ବିଷୟରେ ବିଭାଗୀୟ ଅଧିକାରୀମାନଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇପାରିନାହିଁ। ଏଥିପ୍ରତି ଜିଲ୍ଲା ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି।

# ଜଳିଗଲା ୨୦ ଏକର ଗ୍ରାମ୍ୟ ଜଙ୍ଗଲ



ରଘୁନାଥପୁର, (ଭାସ୍କର ନ୍ୟୁଜ): ରଘୁନାଥପୁର ତହସିଲ ଅନ୍ତର୍ଗତ ତାରପୁର ପଞ୍ଚାୟତ ଗୋକୁଳପୁର ସ୍ଥିତ ମହାନଦୀ ସତିବଣ ପଠାରେ ନିଆଁଲାଗି ୨୦ ଏକରରୁ ଉର୍ଦ୍ଧ୍ୱ ଜଙ୍ଗଲ ପୋଡି ପାଉଁଶ ହୋଇଯାଇଛି। ଏହି ନିଆଁରେ ଜଙ୍ଗଲ ପାର୍ଶ୍ୱରେ ଥିବା କେତେକ ବ୍ୟକ୍ତିଙ୍କ ନିଜସ୍ୱ ଜମିରେ ଥିବା ମୂଲ୍ୟବାନ ଗଛ ମଧ୍ୟ ଏଥିରୁ ବାଦ୍ ପଡିନି। ଖବର ପାଇ ରଘୁନାଥପୁର ଦମକଳ କେନ୍ଦ୍ରରୁ ଦୁଇଟି ନିଆଁଲିଭା ଗାଡି ଆସି ପାଣି ପକେଇ ନିଆଁକୁ ଆୟତ କରିଥିଲେ। ଏହି ନିଆଁରେ ଜଙ୍ଗଲୀ ବାଉଁଶ, ଆମ୍ବ, ପଣସ ଆଦି ବହୁ ମୂଲ୍ୟବାନ ଗଛ ପୋଡିଯାଇଛି। ସେହିପରି ଜଙ୍ଗଲ ପାର୍ଶ୍ୱ ଅଜୟ ସାହୁଙ୍କ ଜମିରେ ଥିବା ଆମ୍ବ ଓ ପଣସ, ନଡିଆ, ବାଉଁଶ ବୁଦା ଏବଂ ବାଡିରେ ଥିବା ପନିପରିବା ଫସଲ ନିଆଁରେ ପୋଡି କ୍ଷତିଗ୍ରସ୍ତ ହୋଇଛି। ଅନୁରୂପ ଭାବେ ଚନ୍ଦ୍ରଶେଖର ସିଂହଙ୍କ କଦଳୀ ବଗିଚା ଓ ଅକ୍ଷୟ ସିଂହଙ୍କ କେତେକ ଗଛ ମଧ୍ୟ ପୋଡି ଯାଇଥିବାର ଦେଖାଯାଇଛି। ନିଆଁ ଲାଗିବାର କାରଣ ଜଣାପଡି ନଥିବାବେଳେ ସରକାରୀ ଜମି ଉପରେ କଣ୍ଟାବଣରେ ଛନ୍ଦି ହୋଇଥିବା ବାଉଁଶକୁ ସହଜରେ କାଟିନେବା ପାଇଁ ପଡୋଶୀ ଗ୍ରାମର ଜନୈକ ବ୍ୟକ୍ତି ଏପରି ନିଆଁ ଲଗାଇଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ନିଆଁ ଲାଗିବା ସମୟରେ ଉକ୍ତ ବ୍ୟକ୍ତି ଜଣଙ୍କ ବାଉଁଶ ହାଣୁଥିବାର ଗ୍ରାମବାସୀ ଦେଖିଥିବାର କହିଛନ୍ତି। ଗଛଟିଏ ଲଗାଇବା ପରିବର୍ତ୍ତେ ସରକାରୀ ଜମିରେ ଥିବା ବାଉଁଶ ଗଛକୁ କିପରି କଟାଗଲା ଏବଂ ଏଥିପାଇଁ କିଏ ପରମିଶନ ଦେଲା ଏହାର ତଦନ୍ତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଚନ୍ଦ୍ରଶେଖର ସିଂହ, ବିକ୍ରମ ସିଂହ, ଅକ୍ଷୟ କୁମାର ମଲ୍ଲିକ, ବନମାଳୀ ଭୋଇ, ସନିଆ ସିଂହଙ୍କ ସମେତ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## କାକଟପୁର ନିର୍ବାଚନ ମଣ୍ଡଳୀ

# ବିଜେଡି ଓ କଂଗ୍ରେସ ପ୍ରାର୍ଥୀ ଘୋଷଣାରେ ବିଳମ୍ବ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲାର ଅନ୍ୟତମ ନିର୍ବାଚନ ମଣ୍ଡଳୀ କାକଟପୁର। କିନ୍ତୁ ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ଛିଣ୍ଡୁନି ଟିକେଟ ଅଙ୍କ। ବିଜେପି ତରଫରୁ ପ୍ରାର୍ଥୀ ଘୋଷଣା ସରିଥିବା ବେଳେ କାକଟପୁର ଅନ୍ୟ ଦୁଇ ଦଳ ବିଜେଡି ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିନାହାନ୍ତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବୁଧବାର ପଞ୍ଚମ ପର୍ଯ୍ୟାୟ ବିଧାନସଭା ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। କିନ୍ତୁ ଏଥିରେ କାକଟପୁର ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇନାହିଁ। ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣାରେ ବିଳମ୍ବ ହେଉଥିବାରୁ ଆଶାୟୀଙ୍କ ମଧ୍ୟରେ ଆଶା ଆଶଙ୍କା ବଢ଼ୁଛି। ଅପରପକ୍ଷେ ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ ଗତ ଥର ଟିକେଟ କଟିବା ପରେ ମଧ୍ୟ କାକଟପୁର ନିର୍ବାଚନ ମଣ୍ଡଳୀରେ କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ, ଅଧ୍ୟକ୍ଷା ସୁରେନ୍ଦ୍ରଙ୍କ ସମର୍ଥନ ବିଜୟ ଘୋଷିତ ହୋଇଛନ୍ତି। ଏହାସହ ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ କାକଟପୁର ନିର୍ବାଚନ ମଣ୍ଡଳୀରେ ନିଜ ସଂଗଠନକୁ ସୁଦୃଢ଼ କରି ରଖିଛନ୍ତି। କାକଟପୁର ନିର୍ବାଚନ ମଣ୍ଡଳୀରେ ବିଜେଡି ଓ କଂଗ୍ରେସ ବିଧାନସଭା ଆସନ ପାଇଁ ଦଳୀୟ ପ୍ରାର୍ଥୀ ଘୋଷଣା ହୋଇନଥିବାରୁ ଲୋକସଭା ପ୍ରାର୍ଥିନୀ ଓ ପ୍ରାର୍ଥୀ ପ୍ରଚାର କାର୍ଯ୍ୟ ମଧ୍ୟ ଏଠାରେ ଆଗେଇ ପାରୁନି। ବର୍ତ୍ତମାନ ବିଧାୟକ ତଥା ଗୃହରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା ନିର୍ବାଚନ ମଣ୍ଡଳୀରେ ସଂଗଠନ ଗଢିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି। ଏଥର ବିଜେଡି ଦଳ କାହାକୁ ଟିକେଟ ଦେବ ତୁଷାରକାନ୍ତିଙ୍କ ସମର୍ଥକ ଓ ସୁରେନ୍ଦ୍ରଙ୍କ ସମର୍ଥକ ମାନେ ଆଶା ବାନ୍ଧିଛନ୍ତି। ସେହିଭଳି ନୂଆ ଚେହେରା ଭାବେ ସୂର୍ଯ୍ୟକାନ୍ତ ଦାସ ରାୟଙ୍କ ସହ ଅନେକ ନୂଆ ଚେହେରା ବିଜେଡି ଟିକେଟ ପାଇଁ ଏଠାରୁ ଦାବିଦାର ଅଛନ୍ତି। ସବୁ ଆଶାୟୀମାନେ ଦଳୀୟ ସୁପ୍ରିମୋଙ୍କୁ ମଧ୍ୟ ଟିକେଟ ପାଇଁ ଅନୁରୋଧ କରିଛନ୍ତି। ଯେହେତୁ ଏଯାଏଁ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇନାହିଁ ଏଣୁ ସମସ୍ତ ଆଶାୟୀ ଓ ସେମାନଙ୍କ ସମର୍ଥକ ନିରବ ଅଛନ୍ତି। ଅନ୍ୟପଟେ କାକଟପୁର ନିର୍ବାଚନ ମଣ୍ଡଳୀ ଗତ ନିର୍ବାଚନରେ କଂଗ୍ରେସ ଭୋଟ ହାର ଦ୍ୱିତୀୟ ସ୍ଥାନରେ ରହୁଥିବା ବେଳେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଏଠାରେ କିଏ ହେବ ସେନେଇ କଳ୍ପନାଜଳ୍ପନା ଚାଲିଥିବା ଜଣାପଡିଛି। ଯାହା ଚର୍ଚ୍ଚା ହେଉଛି ବିଜେଡି ଆଶାୟୀ ଥିବା ପ୍ରାର୍ଥୀଙ୍କ ଟିକେଟ କଟିବା ପରେ ବିଜେଡିରୁ ପରିତ୍ୟାଗ କରି କଂଗ୍ରେସ ମିଶି ବିଧାୟକ ପ୍ରାର୍ଥୀ ହେବେ ଅନେକ ଆଶା ବାନ୍ଧିଛନ୍ତି। ଏସବୁ ସତ୍ତ୍ୱେ ଟିକେଟ ଘୋଷଣାରେ ବିଳମ୍ବକୁ ନେଇ ସମସ୍ତେ ଦ୍ୱନ୍ଦ୍ୱରେ ଅଛନ୍ତି। ଶେଷ ପର୍ଯ୍ୟାୟରେ ମତଦାନ ଥିବାରୁ ଟିକେଟ ଘୋଷଣା ବିଳମ୍ବିତ ହେଉଥିବା ନେଇ ଚର୍ଚ୍ଚା ହେଉଛି।

# ଭୋଟର ହାର ବୃଦ୍ଧି ପାଇଁ 'ସ୍ୱିପ୍ ଅଭିଯାନ'

ବାଲେଶ୍ୱର,(ଭାସ୍କର ନ୍ୟୁଜ୍) : ପ୍ରଭାବଶାଳୀ ବ୍ୟବସ୍ଥିତ ଭୋଟର ଶିକ୍ଷା ଏବଂ ନିର୍ବାଚନ ଅଂଶଗ୍ରହଣ ମାଧ୍ୟମରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶୀଷ ଠାକରେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାରେ ଭୋଟ ହାର ବୃଦ୍ଧି ଓ ଜନସାଧାରଣଙ୍କୁ ଆଗାମୀ ନିର୍ବାଚନରେ ସାମିଲ କରିବା ପାଇଁ ବିଶେଷ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯାଉଛି। ଏଥି ନିମନ୍ତେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱିପ୍ ଅଭିଯାନ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମକୁ ଆୟୋଜନ କରାଯାଉଅଛି । ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଘରକୁ ଘର ବୁଲି, ପଥପ୍ରାନ୍ତ ନାଟକ, ଗୋଷ୍ଠୀ ବୈଠକ କରି ତୃଣମୂଳସ୍ତରର ଜନସାଧାରଣଙ୍କ ନିକଟରେ ପହଞ୍ଚିବା ସହ ଭୋଟ୍ ସମ୍ପର୍କିତ ସେମାନଙ୍କ ପ୍ରଶ୍ନଗୁଡିକର ସମାଧାନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସଚେତନତା ସଭା ଆୟୋଜନ କରାଯାଇ ସ୍ଥାନୀୟ ଯୁବ ତଥା ନୂତନ ମତଦାତାଙ୍କୁ ସାମିଲ କରାଯିବା ସହ ସକ୍ରିୟ ଭୋଟର ଅଂଶଗ୍ରହଣ ଉପରେ ଆଲୋଚନା କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ସଦରବ୍ଲକ ରସାଲପୁରସ୍ଥିତ ଡ଼. ଯଦୁନାଥ ମହାବିଦ୍ୟାଳୟ, ଜଳେଶ୍ୱର ବ୍ଲକସ୍ଥିତ ଜଗନ୍ନାଥ ଡିଗ୍ରୀ କଲେଜ, ଜଳେଶ୍ୱର ମହିଳା ମହାବିଦ୍ୟାଳୟ, ଖଇରା ବ୍ଲକ ଅଧିନସ୍ଥ ଖଇରା କଲେଜ ଏବଂ ବାଲିଆପାଳ ବ୍ଲକଠାରେ ନବନିର୍ମିତ ବୁଥଗୁଡିକରେ 'ସ୍ୱିପ୍ ଅଭିଯାନ' ଅଧୀନରେ ୱାକାଥନ୍, ସାଇକେଲ ରାଲି, ଦସ୍ତଖତ ଅଭିଯାନ, ପୋଷ୍ଟକାର୍ଡ ମାଧ୍ୟମରେ ଚିଠି, 'ନିର୍ବାଚନ ପାଠଶାଳା' ଭଳି ଅନେକ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୋଟରମାନଙ୍କୁ ନିଜ ମତଦାନ ସାବ୍ୟସ୍ତ କରିବା ପାଇଁ ଅନୁପ୍ରାଣିତ କରିବା ଏବଂ ଗଣତାନ୍ତ୍ରିକ ରାଷ୍ଟ୍ରରେ ଗୋଟେ ଭୋଟର ମହତ୍ତ୍ୱ ବାବଦରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ନିମନ୍ତେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ନାଗରିକଙ୍କୁ ସକ୍ରିୟ ଭାବେ 'ସ୍ୱିପ୍' ଅଭିଯାନରେ ସାମିଲ ହୋଇ ଆଗାମୀ ନିର୍ବାଚନକୁ ସଫଳ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ନବ ଉତ୍କଳ ମହିଳା ସମିତି ପକ୍ଷରୁ ଜଳଛତ୍ର



ବ୍ୟାସନଗର, (ଭାସ୍କର ନ୍ୟୁଜ) : ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିବା ବେଳେ ରାସ୍ତାଘାଟରେ ଜଳ ପାଇଁ ହା ହା କାର ହେଉଥିବାବେଳେ ପ୍ରତ୍ୟେକ ଦିନ ବ୍ୟାସନଗର ସହରର ମୁଖ୍ୟ କାର୍ଯ୍ୟାଳୟ ଭାବେ ପୌର କାର୍ଯ୍ୟାଳୟ ଓ ବ୍ୟାସନଗର ତହସିଲ କାର୍ଯ୍ୟାଳୟକୁ ଶହ ଶହ ସଂଖ୍ୟକ ଜନସାଧାରଣ ଯାଆସ କରୁଥିବାରୁ, ଏହାକୁ ଦୃଷ୍ଟି ଦେଇ ବ୍ୟାସନଗର ମ୍ୟୁନିସିପାଲିଟି ଓ ତହସିଲ କାର୍ଯ୍ୟାଳୟ ନିକଟରେ ନବ ଉତ୍କଳ ମହିଳା ସମିତି ପକ୍ଷରୁ ଜଳଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ! ଏହି ଶିବିରକୁ ବ୍ୟାସନଗର ଅତିରିକ୍ତ ତହସିଲଦାର ପ୍ରସନ୍ନ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ ଓ ବ୍ୟାସନଗର ତହସିଲର ବରିଷ୍ଠ କିରାଣୀ ସୁକାନ୍ତ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ନବ ଉତ୍କଳ ମହିଳା ସମିତିର ସଭାନେତ୍ରୀ ଅମୂଲୀ ପହି ନିଜ ବକ୍ତବ୍ୟରେ ଏହି ଜଳଦାନ କାର୍ଯ୍ୟକ୍ରମ ଗ୍ରୀଷ୍ମ ପ୍ରବାହ ଚାଲିଥିବା ପର୍ଯ୍ୟନ୍ତ ଜାରି ରହିବ। ଉକ୍ତ କାର୍ଯ୍ୟକ୍ରମରେ ସମିତିର ମମତା ବର୍ଦ୍ଧନ, ଯେମାମଣି କଅଁର, ପ୍ରଭାତୀ ଲେଙ୍କା, ସ୍ୱପ୍ନାରାଣୀ ସିଂ, ସୁନିତା ଦାସ, ଜଞ୍ଜାଳୀ ମଲ୍ଲିକ, ସୁଜାତା ମହାନ୍ତି, ଗୀତାରାଣୀ ନାୟକଙ୍କ ସମେତ ସମାଜସେବୀ ରତ୍ନାକର ଜେନା ଓ ପରମାନନ୍ଦ ସେଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଧାମନଗରରେ କଳାକାରଙ୍କ ବୈଠକ

ଧାମନଗର, (ଭାସ୍କର ନ୍ୟୁଜ୍) : ଧାମନଗର ସ୍ଥିତ ସାଇ ମନ୍ଦିର ପରିସରରେ ଧାମନଗର ବ୍ଲକର କଳାକାରମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କଳାକାର ବିଭୂତି ଭୂଷଣ ପଣ୍ଡାଙ୍କ ସଭାପତିତ୍ୱରେ ଏହି ବୈଠକରେ ଶତାଧିକ କଳାକାର ନିଜ ନିଜର ମତପ୍ରକାଶ କରିଥିଲେ। ପ୍ରକାଶ ଥାଉକି ଭଦ୍ରକ ଜିଲ୍ଲାର କଳାକାର ମନୋନୀତ ପ୍ରକ୍ରିୟା ବିଭିନ୍ନ ବର୍ଗରେ ଥିଲେ ମଧ୍ୟ ଠିକ୍ ଭାବରେ ଚୟନ ହୋଇନଥିବାରୁ ବହୁ କଳାକାର ସରକାରୀ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ଦିଗରେ ଭଦ୍ରକ ଜିଲ୍ଲାପାଳ ଓ ସଂସ୍କୃତି ବିଭାଗକୁ ଲିଖିତ ଅଭିଯୋଗ କରାଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଏ ନେଇ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି କଳାକାର ମାନେ ମତବ୍ୟକ୍ତ କରିଥିଲେ । ଏହି ବୈଠକରେ ପ୍ରଭାକର ମଲିକ, ପୂର୍ଣ୍ଣଚନ୍ଦ୍ର ଘୋଷ, କ୍ରୀଷ୍ଣା ରାଣୀ ଦାସ, ରମେଶ ମାଝୀ, ସୁବାସ ବେହେରା, ରଙ୍କ ରନ୍ନ ସୂତାର, ଗଣେଶ ହାତୀ, କୁଳମଣୀ ବେହେରା, ନିତ୍ୟାନନ୍ଦ ନାୟକ, ପଦ୍ମାବତୀ ଦାସ, ହେମନ୍ତ ପୃଷ୍ଟି, ଆର୍ତ୍ତବନ୍ଧୁ ଦାସ, ସରୋଜିନୀ ପଣ୍ଡା ପ୍ରମୁଖ ଆଲୋଚନ କରିଥିଲେ। ଶେଷରେ ଲିପି ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜିଡ଼ି କଲେଜରେ ମତଦାନ ସଚେତନତା କାର୍ଯ୍ୟକ୍ରମ




କୁଚିଣ୍ଡା, (ଭାସ୍କର ନ୍ୟୁଜ) : ବାମରା ବ୍ଲକ ଅନ୍ତର୍ଗତ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜରେ ଭାରପ୍ରାପ୍ତ ଅଧ୍ୟକ୍ଷା ମନୋରମା ପଟେଲଙ୍କ ଅଧ୍ୟକ୍ଷତାରେ ମତଦାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାମରା ବ୍ଲକ ଏବିଡିଓ ସୁଶାନ୍ତ କୁମାର ପଣ୍ଡା ଓ କମ୍ପୁଟର ପ୍ରୋଗ୍ରାମର ତ୍ରିଲୋଚନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚତେନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମହାବିଦ୍ୟାଳୟ ନିର୍ବାଚନୀ ସାକ୍ଷରତା କ୍ଲବର ନୋଡାଲ ଅଫିସର ହରେଶ ସାହୁ, ବିନୋଦ ବିହାରୀ ପୃଷ୍ଟେଠ୍, ରୋଶନ ଶର୍ମା 'ନିର୍ବାଚନ ଉତ୍ସବ, ଦେଶ ଗୌରବ' ଶୀର୍ଷକରେ ଆଲୋଚନା କରିଥିଲେ । ଏହି ଅବସରରେ ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ଘୋଷିତ ଶପଥପାଠ ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀମାନେ କରିଥିଲେ । ଏବିଡିଓ ସୁଶାନ୍ତ କୁମାର ପଣ୍ଡା ସମସ୍ତେ ନିରପେକ୍ଷ ଭାବରେ ଓ ନିର୍ଭୟରେ ଉପଯୁକ୍ତ ପ୍ରତିନିଧି ଚୟନ କରିବାକୁ ଆହ୍ୱାନ ଦେଇଥିଲେ। ଏହାପରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ 'ମତଦାନ ଏକ ମୌଳିକ ଅଧିକାର' ଶୀର୍ଷକରେ ତର୍କ ପ୍ରତିଯୋଗିତା କରାଯାଇଥିଲା। ଅଧ୍ୟାପକ ହରେଶ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ବିନୋଦ ବିହାରୀ ପୃଷ୍ଟେଠ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଙ୍ଗଲ ସୁରକ୍ଷା ପାଇଁ ସଚେତନତା




କୁଜଙ୍ଗ, (ଭାସ୍କର ନ୍ୟୁଜ) : ପ୍ରବଳ ଗ୍ରୀଷ୍ମପ୍ରବାହ ବେଳେ ଜଙ୍ଗଲରେ ନିଆଁ ନଲଗାଇବାକୁ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବନଖଣ୍ଡ ଅଧିକାରୀଙ୍କ ପକ୍ଷରୁ ସଚେତନ କରାଯାଇଛି। ଗଡ଼କୁଜଙ୍ଗ ପଞ୍ଚାୟତର ନୋଳିଆ ସାହି, ନୂଆଗାଁ ଫରେଷ୍ଟ୍ କାର୍ଯ୍ୟାଳୟ ଓ ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଲଗାଯାଇଥିବା କାନ୍ଥ ସୂଚନା ପତ୍ରରେ ଜଙ୍ଗଲରେ ନିଆଁ ଲଗାଇବା ଏକ ଆଇନଗତ ଅପରାଧ ବୋଲି ସୂଚିତ କରାଯାଇଥିବା ଦେଖିବାକୁ ମିଳିଛି । ଏଥିପାଇଁ ୭ ବର୍ଷ ଜେଲଦଣ୍ଡ ସହିତ ୧୦ ହଜାର ଟଙ୍କା ଜରିମାନା ଦେବାକୁ ପଡିବ ବୋଲି ଉଲ୍ଲେଖ ରହିଛି। ଢ଼ିଙ୍କିଆ ଚାରିଦେଶର ବଡତଣ୍ଡା ଜଟାଧାର ଜଙ୍ଗଲ କିମ୍ବା ପାର୍ଶ୍ୱବର୍ତ୍ତୀ ଜଙ୍ଗଲରୁ କେହି ଗଛ କାଟିଲେ କିମ୍ବା ବନ୍ୟଜନ୍ତୁଙ୍କ ଆକ୍ରମଣ ସମ୍ପର୍କରେ ସୂଚନା ମିଳିଲେ ନୂଆଗାଁ ଫରେଷ୍ଟର, ବାଲିତୁଠ ଫରେଷ୍ଟର, କୁଜଙ୍ଗ ରେଞ୍ଜର, ଗାର୍ଡ ମାନଙ୍କୁ ତୁରନ୍ତ ଖବର ଦେବାକୁ ବନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

# ଶବକୁ ସମ୍ମାନ ଦେଲା ସ୍ୱେଚ୍ଛାସେବୀ ସଂଗଠନ

ବଲାଙ୍ଗିର,(ଭାସ୍କର ନ୍ୟୁଜ): ଗତ ୧୬ ଏପ୍ରିଲରେ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ଉଦ୍ଧାର କରାଯାଇଥିବା ଅସହାୟ ଯୁବକଙ୍କ ଶବ ଆଜି ଶେଷରେ ଅନ୍ତିମ ସଂସ୍କାର କରାଯାଇଛି। ଔପଚାରିକତା ଦୃଷ୍ଟିରୁ ପୋଲିସ ପକ୍ଷରୁ ଶବକୁ ବ୍ୟବଚ୍ଛେଦ ପରେ ୭୨ଘଣ୍ଟା ପର୍ଯ୍ୟନ୍ତ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ସ୍ଥିତ ଶବ ସଂରକ୍ଷଣ କେନ୍ଦ୍ରରେ ସଂରକ୍ଷିତ ରଖାଯାଇଥିଲା। ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ ଗିରିଧାରୀ ରାହ୍ମା ଓ ଅଶ୍ୱିନୀ ଘିବେଲାଙ୍କ ଉପସ୍ଥିତିରେ ଆଜି ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ସୁମିତ ମିଶ୍ର, ସନ୍ତୋଷ ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ଶତପଥୀ, ରୂପକ ପ୍ରଧାନ, ସୀମାଞ୍ଚଳ ସୁନା ଓ ସରୋଜ ଜାଲ ପ୍ରମୁଖ ଶବକୁ ସଂରକ୍ଷଣ କେନ୍ଦ୍ରରୁ ସ୍ୱର୍ଗରଥ ଯୋଗେ ପ୍ରଥମେ ବଲାଙ୍ଗିର- ଟିଟିଲାଗଡ ସ୍ଥିତ ଚମଡା ଗୋଦାମ ପଛପଟ ମୁକ୍ତିଧାମକୁ ନେଇ ଯାଇଥିଲେ। ସେଠାରେ ଜେସିବି ମେସିନ ସାହାଯ୍ୟରେ ଗାତ ଖୋଳାଯାଇ ଉକ୍ତ ୭/୮ ଦିନ ପୁରୁଣା ଶବକୁ ବାୟୁ ସଂକ୍ରମଣ ରକ୍ଷା ଦୃଷ୍ଟିରୁ ଦାହ କରିବା ପରିବର୍ତ୍ତେ ମାଟିରେ ପୋତି ଶେଷ ସଂସ୍କାର କରାଯାଇ ଥିଲା। ପୋଲିସ ଏବଂ ସଂଗଠନର ସଦସ୍ୟଙ୍କ ଦ୍ୱାରା ଏକ ନୀରବ ଶାନ୍ତି ପ୍ରାର୍ଥନା କରାଯାଇ ସେହି ଅସହାୟ ଶବକୁ ଶେଷ ସମ୍ମାନ ଦିଆଯାଇ ଥିଲା। ଏଠି ସୂଚନା ଯୋଗ୍ୟ ଯେ, ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ପ୍ରଥମେ ୪ ଏପ୍ରିଲରେ ଭୋକିଲା ତଥା ଅସୁସ୍ଥ ଓ ନିର୍ବସ୍ତ୍ର ପଡି ରହିଥିବା ଜଣେ ଅସହାୟ ଯୁବକକୁ ସାଲେପାଲି ସ୍ଥିତ ଏକ ପରିତ୍ୟକ୍ତ ଘରୁ ଉଦ୍ଧାର କରି ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲା। ସାମାନ୍ୟ ସୁସ୍ଥ ହେବା ପରେ ଯୁବକ ଜଣକ ହସ୍ପିଟାଲରୁ ଡିସଚାର୍ଜ ନହୋଇ ମଧ୍ୟ ପୁଣି ସେହି ପରିତ୍ୟକ୍ତ ଘରକୁ ଚାଲି ଆସି ଆଶ୍ରୟ ନେଇଥିଲେ। ବାପା ଅନ୍ୟ ରାଜ୍ୟରେ ଦାଦନ ଖଟୁଥିବା ବେଳେ ମା'ଙ୍କର ମୃତ୍ୟୁପରେ ଯୁବକ ଜଣକ ସାମାନ୍ୟ ମାନସିକ ଭାରସାମ୍ୟ ହରାଇ ବସିଥିଲେ। ରକ୍ଷଣାବେକ୍ଷଣ ଅଭାବ ଏବଂ ଖାଦ୍ୟ ଅଭାବରୁ ଯୁବକଙ୍କର ଜୀବନ ଚାଲିଯାଇଥିଲା। ୪/୫ ଦିନ ପରେ ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ପୋଲିସ ଉପସ୍ଥିତିରେ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ସେହି ପଚା ଶବକୁ ପିପିଇ କିଟ୍ ପିନ୍ଧି ଉଦ୍ଧାର କରି ଶବ ସଂରକ୍ଷଣ କେନ୍ଦ୍ରରେ ସଂରକ୍ଷିତ ରଖି ଫେରିଥିଲା। ଆଜି ସେହି ଅସହାୟ ଶବର ଶେଷ ସଂସ୍କାର ମଧ୍ୟ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା କରାଯାଇଛି।

# ରାଶିଫଳ

**ଶନିବାର, ୨୦ ଏପ୍ରିଲ ୨୦୨୪**



**ମେଷ:** ଆଜି ଆପଣଙ୍କ ଆତ୍ମବିଶ୍ୱାସ ବଢିବ ଓ ପ୍ରଗତି ନିଶ୍ଚିତ ହେବ। ଆୟ ଅପେକ୍ଷା ଅଧିକ ବ୍ୟୟ ହେବ। ବ୍ୟପାରରେ ବୃଦ୍ଧି ସ୍ଥିତି ରହିବ। ବିଦ୍ୟାର୍ଥୀଙ୍କ ମନ ପଢାରେ ଲାଗିବ ନାହିଁ। ବ୍ୟପାରିକ ଯାତ୍ରା ସଫଳ ରହିପାରେ। ପ୍ରେମ ପ୍ରସଙ୍ଗ ଅନୁକୂଳ ରହିବ।



**ବୃଷ:** ବାହାରକୁ ବାହାରିବା ପରେ କୌଣସି ଅଜଣା ବ୍ୟକ୍ତି ଉପରେ ବିଶ୍ୱାସ କରନ୍ତୁ ନାହିଁ। କୌଣସି ମହିଳା ମିତ୍ର ସାହାଯ୍ୟ କରିପାରନ୍ତି। ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ। ବ୍ୟାଙ୍କ ସହ ଜଡିତ କାମରେ ସାବଧାନ ରୁହନ୍ତୁ।



**ମିଥୁନ:** ପ୍ରେମୀ-ପ୍ରେମିକାଙ୍କ ସମ୍ପର୍କରେ ବିବାଦ ହୋଇପାରେ । କାର୍ଯ୍ୟ କ୍ଷେତ୍ରରେ ବିରୋଧୀ ବଢ଼ିବେ। ଆୟ ବ୍ୟୟରେ ସନ୍ତୁଳନ ରହିବ। ଆପଣଙ୍କ ପ୍ରିୟ ଆଜି ଆପଣଙ୍କୁ କିଛି କହିବେ। ଯାହା ଆପଣଙ୍କ ଚିନ୍ତା ବଢ଼ାଇପାରେ। କାହାର ଅପେକ୍ଷା କରନ୍ତୁ ନାହିଁ।



**କର୍କଟ:** ଆଜି ଆପଣଙ୍କୁ କିଛି ସହଯୋଗ ମିଳିବ। ଆର୍ଥିକ ସମସ୍ୟା ଆସିବ। ଟଙ୍କା ନେବା ଦେବାରେ ସାବଧାନ ରୁହନ୍ତୁ। ସ୍ୱାସ୍ଥ୍ୟ କମଜୋର ରହିପାରେ। ବ୍ୟୟ ଅଧିକ ହେବ। କୌଣସି ଖବର ମିଳିପାରେ। କୌଣସି ବି ଝଗଡାରେ ଭାଗୀଦାରୀ ହୁଅନ୍ତୁ ନାହିଁ।



**ସିଂହ:** ଶିକ୍ଷକଙ୍କ ତରଫରୁ ବିଶେଷ ମାର୍ଗଦର୍ଶନ ପ୍ରାପ୍ତ ହେବ। ମିତ୍ରଙ୍କୁ ନିଜର ଦୁଃଖ ବ୍ୟଥା କୁହନ୍ତୁ। ଘରର କିଛି ପରିସ୍ଥିତି ଖରାପ ହୋଇପାରେ। ଆପଣ ନିଜର କାମ କାର୍ଯ୍ୟ ପାଇଁ କାହାର ସହଯୋଗ ନେଇପାରନ୍ତି। ନିଷ୍ପତ୍ତି ନେବା ପୂର୍ବରୁ ବୁଝିସୁଝି ନିଅନ୍ତୁ।



**କନ୍ୟା:** ଅଧିକ ଧନ ବ୍ୟୟ ହେବା ଦ୍ୱାରା ମନ ଅଶାନ୍ତ ରହିବ। ବିଦ୍ୟାଧ୍ୟାନ ସମ୍ବନ୍ଧିତ ଶୁଭ ସମାଚାର ମିଳିବ। ପୈତୃକ ସମ୍ପତ୍ତି ପ୍ରାପ୍ତ କରିବାର ଯୋଗ ଅଛି। ଅତିରିକ୍ତ ଆୟ ପାଇଁ ନିଜର ସୃଜନାତ୍ମକ ବିଚାରର ସାହାର ନିଅନ୍ତୁ। ସମୟ ଅନୁକୂଳ ରହିବ।



**ତୁଳା:** କୌଣସି ବି ଅପିରିଚିତ ବ୍ୟକ୍ତି ଉପରେ ବିଶ୍ୱାସ କରନ୍ତୁ ନାହିଁ। କୌଣସି ବି ପ୍ରକାରର ବିବାଦକୁ ଯାଆନ୍ତୁ ନାହିଁ। ଚାକିରି ଯାଇ ପାରେ। ଆକସ୍ମିକ ଧନଲାଭ ହୋଇପାରେ। ସନ୍ତାନ ଆପଣଙ୍କ ଆଜ୍ଞା ମାନିବେ। ଆୟର ନୂତନ ସ୍ରୋତ ମିଳିପାରେ।



**ବିଛା:** କିଛି ବନ୍ଧୁଙ୍କ ସହିତ ସାକ୍ଷାତ ହେବ। କୌଣସି ବଡ଼ କାମ କରିବାରେ ମନ ଲାଗିବ। ରାଜନୀତି କ୍ଷେତ୍ରରେ ଆପଣଙ୍କ ମାନ ସମ୍ମାନ ବଢ଼ିବ। ଉଚ୍ଚ ଅଧିକାରୀ ଆପଣଙ୍କ ସହ ମିତ୍ର ବ୍ୟବହାର କରିବେ। ବନ୍ଧୁମାନେ ଆପଣଙ୍କୁ ମାନସିକ ଶାନ୍ତି ପ୍ରଦାନ କରିବେ। ଯାହା ସହିତ ଆପଣ ରହୁଛନ୍ତି ତାଙ୍କ ସହିତ ବାଦ ବିବାଦ କରନ୍ତୁ ନାହିଁ।



**ଧନୁ:** ପ୍ରେମ ସମ୍ବନ୍ଧରେ ସାବଧାନ ରୁହନ୍ତୁ। ସ୍ୱାସ୍ଥ୍ୟ ସାଧାରଣ ରହିବ। ଖାଦ୍ୟପାନରେ ରୁଚି ବଢ଼ିବ। ଅଧିକାରୀଙ୍କ ସହ ସମ୍ପର୍କ ଭଲ ରହିବ। ଏକ ଆଧାତ୍ମିକ ବ୍ୟକ୍ତିଙ୍କ ଆଶୀର୍ବାଦ ମିଳିପାରେ । ଅଟକିଥିବା ଟଙ୍କା ମିଳିବ। ଆର୍ଥିକ ଅବସ୍ଥା ଭଲ ହୋଇଯିବ। ବହୁତ ସମୟ ହେବ ଅଟକିଥିବା କାର୍ଯ୍ୟ ପୂରା ହେବ।



**ମକର:** ଉଚ୍ଚ ବର୍ଗ ଲୋକଙ୍କ ଚାକିରିରେ କିଛି ଅସୁବିଧା ଆସିପାରେ। ଧର୍ମ ପ୍ରତି ଆସ୍ଥା ବଢିବ। ପୂଜା ପାଠରେ ମନ ଲାଗିବ। ସ୍ୱାସ୍ଥ୍ୟ ଭଲ ରହିବ। ଲାଭରେ ବୃଦ୍ଧି ହେବ। ପାରିବାରିକ ସହଯୋଗ ପ୍ରାପ୍ତ ହେବ। ନିଜର ଚିନ୍ତାକୁ ଦୂର କରିବା ପାଇଁ ପରିବାର ଲୋକଙ୍କ ସାହାଯ୍ୟ ନିଅନ୍ତୁ।



**କୁମ୍ଭ:** ପରିଶ୍ରମ ଅଧିକ ରହିବ। ଦୁର୍ଘଟଣାର ସମ୍ଭାବନା ଅଛି। କିଛି କାର୍ଯ୍ୟ ଖରାପ ହୋଇପାରେ। ବିବାଦକୁ ବଢାନ୍ତୁ ନାହିଁ। ଲାଭ ପାଇଁ ଅନ୍ୟର କ୍ଷତି କରନ୍ତୁ ନାହିଁ। ମୌସୁମୀର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡିପାରେ। ଘର ଲୋକଙ୍କ କଥା ଶୁଣି ନିବେଶ କରନ୍ତୁ। ଧନ ପ୍ରାପ୍ତି ସୁଗମ ହେବ।



**ମୀନ:** ବ୍ୟାପାରିକ ଯୋଜନା ବିଫଳ ହୋଇପାରେ। ବାହନ ଚଳାଇବା ସମୟରେ ସାବଧାନ ରୁହନ୍ତୁ। ଜୀବନସାଥିଙ୍କ ମହତ୍ୱପୂର୍ଣ୍ଣ ସହଯୋଗ ମିଳିବ। ଆପଣଙ୍କ ବୁଦ୍ଧି ଆପଣଙ୍କୁ ସଫଳତା ନିଶ୍ଚିତ ଦେବ। ଆଜି ନିଜର କର୍ମଚାରୀଙ୍କ ଉପରେ ଧ୍ୟାନ ଦିଅନ୍ତୁ। ଜୋଖିମ ଉଠାନ୍ତୁ ନାହିଁ।



ପ୍ରସ୍ତୁତି

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍.କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବାଲେଶ୍ୱର (ଭାସ୍କର ନ୍ୟୁଜ): 'ଈଶାଣୀ ଲବଣ ସତ୍ୟାଗ୍ରହ ସ୍ମାରକୀ ଷ୍ଟାଡିୟମ୍'ରେ ସପ୍ତାହବ୍ୟାପୀ ଚାଲିଥିବା 'ନବମ ବୈଶାଖୀ ମହୋତ୍ସବ'ର ଉଦ୍‌ଯାପିତ ହୋଇଯାଇଛି। ବୈଶାଖୀ ମହୋତ୍ସବର କର୍ଯ୍ୟକାରୀ ସଭାପତି କବି ଶ୍ରୀଦେବଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ସମାଜସେବୀ ବିକ୍ରମ ପଣ୍ଡା ଏବଂ ଉଦ୍ୟୋଗପତି ମୌସୁମ କୁମାର ସିଂ ପ୍ରମୁଖ ଯୋଗଦେଇ ଏହି ମହୋତ୍ସବ ଏ ଅଞ୍ଚଳ ପାଇଁ ପରିଚୟ ହୋଇଛି ବୋଲି କହିଥିଲେ। ଅନୁଷ୍ଠାନ ସଭାପତି ଆଇନଜୀବୀ ଅଶୋକ କୁମାର ସେନାପତି ଓ ସାଧାରଣ ସମ୍ପାଦକ ଭାଗବତ ସାହୁ ନିଜନିଜର ଉଦ୍‌ଯାପନୀ ଅଭିବ୍ୟକ୍ତି ରଖିଥିଲାବେଳେ ବାସନ୍ତୀ ପାତ୍ରଙ୍କ ପ୍ରକାଶିତ 'ବୈଶାଖୀ' ସ୍ମରଣିକା ଏଥିରେ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ପ୍ରତିଭାବାନ ବ୍ୟକ୍ତି ନବକୁମାର ବାରିକ ଓ ମଧୁସୂଦନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୀତିକବି ରମେଶ ବେହେରା ସ୍ୱାଗତ ଅଭିଭାଷଣ ରଖିଥିବାବେଳେ ଡମ୍ବରୁଧର ଦାସ କୃତଜ୍ଞତା ଜ୍ଞାପନ କରିଥିଲେ।



### ଜଙ୍ଗଲ ଭିତରେ ମହୁଲି କାରଖାନା ଠାବ
## ୧୦ହଜାର କିଲୋ ପୋଚ ନଷ୍ଟ



କରଞ୍ଜିଆ (ଭାସ୍କର ନ୍ୟୁଜ):କରଞ୍ଜିଆ ବ୍ଲକ ସମେତ ଏହାର ଆଖପାଖ ଅଞ୍ଚଳରେ ବେଧଡକ ଭାବେ ଦେଶୀ ମହୁଲି କାରବାର ଉପରେ ପୁଣି କରଞ୍ଜିଆ ପୋଲିସ ଆଜି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କରଞ୍ଜିଆ ବ୍ଲକ ଦୁଧିଆଣୀ ପଞ୍ଚାୟତ ବଡରାମଚନ୍ଦ୍ରପୁର ଠାରେ ବ୍ୟାପକ ପରିମାଣରେ ଦେଶୀ ମଦ ପ୍ରସ୍ତୁତି ହେଉଥିବା ବିଶେଷ ସୂତ୍ରରୁ ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାର ଖବର ପାଇବାପରେ କରଞ୍ଜିଆ ଥାନାଧିକାରୀ ନୀରୋଜ୍ ମଲ୍ଲିକ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ସହକାରୀ ଇନ୍‌ସପେକ୍ଟର ବଳରାମ ମହାରଣାଙ୍କ ନେତୃତ୍ୱରେ ହାବିଲଦାର ଦୁର୍ଯ୍ୟୋଧନ ମହାନ୍ତ, ଅଶ୍ୱିନୀ ପ୍ରଧାନ ଓ ୨ ସେକ୍ସନ ଓଡ଼ିଶା ଆର୍ମ୍ଡ ପୋଲିସ ଫୋର୍ସ ଦଳ ଦିବା ୧୧ ଘଟିକା ସମୟରେ ଜଙ୍ଗଲ ଭିତରେ ଅତର୍କିତ ଚଢ଼ାଉ କରିଥିଲେ। ସେଠାରେ ବିପୁଳ ପରିମାଣର ମଦ ତିଆରି ହେଉଥିବା ଦେଖିବାକୁ ପାଇଥିଲେ। ୨ ଜଣଙ୍କୁ ଗିରଫ କରି ୧୦ ହଜାର କିଲୋ ମହୁଲ ପୋଚ ନଷ୍ଟ କରିବା ସହିତ ୩୦୦ ଲିଟର ଦେଶୀ ମଦ ଜବତ କରିଥିଲେ। ମଦ ତିଆରି ପାଇଁ ବ୍ୟବହୃତ ସରଞ୍ଜାମ ଗୁଡ଼ିକୁ ନଷ୍ଟ ମଧ୍ୟ କରିଥିଲା ପୋଲିସ। ଗିରଫ ବ୍ୟକ୍ତି ମାନେ କରଞ୍ଜିଆ ବ୍ଲକ ଦୁଧିଆଣୀ ପଞ୍ଚାୟତ ବଡରାମଚନ୍ଦ୍ରପୁର ଗାଁର ସୁନାରାମ ହାଁସଦା ଓ ରଙ୍ଗାମାଟିଆ ଗାଁର ସିରିଓ ଚାତାର ବୋଲି ଜଣାପଡିଛି। ଏନେଇ ଥାନାରେ ୧୩୮ ନମ୍ବରରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ସୂଚନା ଥାଉକି ୧୦ ଦିନ ପୂର୍ବରୁ କରଞ୍ଜିଆ ଥାନାଧିକାରୀ ଶ୍ରୀ ମଲ୍ଲିକ୍‌ଙ୍କ ପ୍ରଚେଷ୍ଟାରେ ଜରାସାହି ଜଙ୍ଗଲରୁ ୧୦ ହଜାର କିଲୋ ମହୁଲ ପୋଚ ଓ ୮୦ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ପୋଲିସ ପକ୍ଷରୁ ଏଭଳି କାର୍ଯ୍ୟରେ ଲିପ୍ତ ଥିବା ଲୋକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବାବେଳେ ଅବକାରୀ ବିଭାଗ ସ୍ଥାଣୁ ରହୁଥିବାରୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଶୈଳୀ ଉପରେ ସାଧାରଣରେ ସନ୍ଦେହ ଉପୁଜ ହେଉଛି।

# ସମ୍ବଲପୁର କର୍ମୀ ସମ୍ମିଳନୀରେ ଧର୍ମେନ୍ଦ୍ର ପ୍ରଧାନ



ସମ୍ବଲପୁର (ଭାସ୍କର ନ୍ୟୁଜ): ପ୍ରସଙ୍ଗ ନଥିବାରୁ ବିଜେଡି ସମ୍ବଲପୁର ପ୍ରତି ଥିବା ନିଜ ଦାୟିତ୍ୱକୁ ଭୁଲି ମିଛ ସୁଆଙ୍ଗ ରଚୁଛି। ଏନଏଚ-୫୫ର ୯୫ ପ୍ରତିଶତ କାମ ଶେଷ ହୋଇଥିବା ବେଳେ ବାକି କାମ ରାଜ୍ୟ ସରକାରଙ୍କ ଅସହଯୋଗ ଓ ଷଡଯନ୍ତ୍ର କାରଣରୁ ହୋଇପାରୁନାହିଁ। ଯଦି ସାରା ରାଜ୍ୟରେ ୨୫ ବର୍ଷର ରୂପାନ୍ତରଣ କଥା କୁହାଯାଉଛି ତେବେ ପ୍ରାୟ ସବୁ ସ୍ଥାନରେ କାହିଁକି ଲୋକମାନଙ୍କ ତରଫରୁ ଭୋଟ୍ ବର୍ଜନର କଥା ଆସୁଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ବୁର୍ଲାରେ ବିଜେପିର ନୂତନ କାର୍ଯ୍ୟାଳୟର ଉଦଘାଟନ କରିବା ସହ କର୍ମୀ ସମ୍ମିଳନୀରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ବିଜେଡି ଏନଏଚ-୫୫ କୁ କେବଳ ପ୍ରସଙ୍ଗ କରି ନିଜର ଦାୟିତ୍ୱ ଭୁଲିଯାଇଛି। ବିଜେଡିକୁ ଏନଏଚ-୫୩ର ବିକାଶ କଥା ଦେଖାଯାଉନାହିଁ। ସମ୍ବଲପୁର ସହରରେ ରାସ୍ତା ଓ ଡ୍ରେନ୍‌ଜର ବ୍ୟବସ୍ଥା କଣ ? ଲୋକଙ୍କ ମୌଳିକ ସୁବିଧା ଉପଲବ୍ଧ କରାଇବାରେ ବିଜେଡି ସରକାର ବିଫଳ ହୋଇଛି। ମୁଖ୍ୟମନ୍ତ୍ରୀ ଚଳିତ ନିର୍ବାଚନର ପ୍ରାର୍ଥୀ ହୋଇଥିବା ହିଞ୍ଜିଳିକାଟୁ ଓ କଣ୍ଟାବାଞ୍ଜିରେ ଅଧିକ ମାଇଗ୍ରେସନ ହେଉଛି। ପ୍ରଧାନମନ୍ତ୍ରୀ ୩୪ ଲକ୍ଷ ଆବାସ ପଠାଇଛନ୍ତି, କିନ୍ତୁ ବୁର୍ଲାରେ ଲୋକଙ୍କ ପାଖରେ ପଟ୍ଟା ନଥିବାରୁ ସେମାନଙ୍କୁ ଘର ମିଳୁନାହିଁ। ୨୫ ବର୍ଷର ଦୀର୍ଘ ଶାସନ ପରେ ବି ଲୋକଙ୍କୁ ପଟ୍ଟା ଉପଲବ୍ଧ କରାଇପାରୁନାହାନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ପ୍ରାୟ ସାରା ରାଜ୍ୟରେ ୨୪ ବର୍ଷର ରୂପାନ୍ତରଣ କଥା କୁହାଯାଉଥିବା ବେଳେ କାହିଁକି ଭୋଟ୍ ବର୍ଜନର କଥା ଲୋକମାନେ ଉଠାଉଛନ୍ତି। ଏହାକୁ ବିଫଳତା ଓ ପ୍ରବଞ୍ଚନା କୁହାଯିବନି ତ କଣ କୁହାଯିବ। ପ୍ରସଙ୍ଗ ଧର୍ମେନ୍ଦ୍ର ପ୍ରଧାନ ନୁହେଁ, ପ୍ରସଙ୍ଗ ହେଉଛି ଓଡ଼ିଶାର ବିକାଶ କିଏ କରିବ ? ୧୦ ବର୍ଷର କଲ୍ୟାଣକାରୀ ଶାସନ ନା ୨୪ ବର୍ଷର ରୂପାନ୍ତରଣ କହୁଥିବା ଅପାରଗ ସରକାର, ଏହାକୁ ଲୋକମାନେ ହୃଦୟଙ୍ଗମ କଲେଣି। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି, ମୁଖ୍ୟମନ୍ତ୍ରୀ କଣ୍ଟାବାଞ୍ଜିରୁ ଲଢିବେ। ସେ ବିଜେପୁରରୁ ଲଢିଥିଲେ। ବିଜେପୁରର ବିକାଶ ତାଙ୍କ ଦାୟିତ୍ୱ ବୋଲି କହିଥିଲେ। ୫ ବର୍ଷରେ କଣ ବିକାଶ କରିଛନ୍ତି, ସେ ସମ୍ପର୍କିତ ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ। ଏହାସହ କଣ୍ଟାବାଞ୍ଜିରୁ ଲଢିବା ପୂର୍ବରୁ ହିଞ୍ଜିଳିରୁ କେତେ ଲୋକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଛନ୍ତି, ସେ ସମ୍ପର୍କିତ ଏକ ଶ୍ୱେତ ପତ୍ର ପ୍ରକାଶ କରିବା ଉପରେ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ରଙ୍କ କଥାକୁ ଦୋହରାଇଛନ୍ତି। ୧୦ ବର୍ଷ ଧରି ପ୍ରଧାନମନ୍ତ୍ରୀ ଶିକ୍ଷା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ଅନେକ ଗରିବ କଲ୍ୟାଣ ଯୋଜନା କରିଛନ୍ତି। କିନ୍ତୁ ସେଥିରୁ ଓଡ଼ିଶା ବଞ୍ଚିତ ହେଲା। କେବଳ ଘରେ ଘରେ ସ୍ୱଚ୍ଛ ପିଇବା ପାଣି ଯୋଗାଇବା ପାଇଁ ୧୦ ହଜାର କୋଟି ଟଙ୍କା ମୋଦୀ ସରକାର ଦେଇଛନ୍ତି। ଅଥଚ ସମ୍ବଲପୁର, ବୁର୍ଲା, ହୀରାକୁଦ ଅଞ୍ଚଳରେ ପିଇବା ପାଣି ଯୋଗାଇବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ସମ୍ବଲପୁର ମହାନଗର ନିଗମ ହେଲା। କିନ୍ତୁ ନିର୍ବାଚନ ହେଲା ନାହିଁ। କାଳେ ଏଠାରେ ବିଜେପି ଜିତିଯିବ, ସେହି ଡରରେ ନିର୍ବାଚନ କରୁନାହାନ୍ତି। ସମ୍ବଲପୁର ଉନ୍ନୟନ କମିଟିରେ କୌଣସି ରାଜନେତାଙ୍କୁ ନ ନେଇ ଅଫିସରରାଜ ଚଳାଇଛନ୍ତି। ଦୁର୍ନୀତି ଚରମ ସୀମାରେ। ଯେଉଁମାନେ ସମ୍ବଲପୁରର ସଂଶାଧନ ଲୁଟ କରିବାର ମୁଖ୍ୟ ଷଡ଼ଯନ୍ତ୍ରକାରୀ, ସମ୍ବଲପୁରରେ ଓକିଲ ଆନ୍ଦୋଳନ ବେଳେ ଅତ୍ୟାଚାର କରୁଥିଲେ ସେହି ଷଡ଼ଯନ୍ତ୍ରକାରୀମାନେ ଏବେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଏମାନଙ୍କୁ ସମ୍ବଲପୁରବାସୀ ଠିକ ଜାଣିଛନ୍ତି, ଠିକ ସମୟରେ ଠିକ ଜବାବ ଦେବେ। ଶ୍ରୀ ପ୍ରଧାନ କହିଛନ୍ତି ଯେ ସବକା ସାଥ-ସବକା ବିକାଶରେ କାମ କରୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ପ୍ରତି ଥିବା ଜନଆସ୍ଥା ବୃଦ୍ଧି ପାଇଛି। ମୋଦୀ ସରକାର ନ୍ୟାୟୋଚିତ ସରକାର। ସେ ବିଗତ ୧୦ ବର୍ଷ ଧରି ସବକା ସାଥ୍?, ସବକା ବିକାଶ, ସବ୍?କା ବିଶ୍ୱାସ ଓ ସବକା ପ୍ରୟାସରେ ସବୁ ବର୍ଗ ଓ ଜାତିଙ୍କ କଲ୍ୟାଣ କରୁଛନ୍ତି। ବିକଶିତ ଭାରତ ଓ ସମାବେଶୀ ସମାଜ ପାଇଁ ଦେଶର ପ୍ରତ୍ୟେକ ନାଗରିକଙ୍କୁ ଏହି ଭାବନାରେ ଏକାଠୀ ହେବା ପାଇଁ ପଡିବ। ସମ୍ବଲପୁରର ଅପାର ସମ୍ଭାବନାକୁ ସୁଯୋଗରେ ପରିଣତ କରିବା ଉପରେ ଆଲୋଚନା କରିଥିଲେ। ସେ ଆହୁରି କହିଛନ୍ତି ବିକଶିତ ଓଡ଼ିଶା ସହ ସମ୍ବଲପୁରକୁ ଦେଶର ଅଗ୍ରଣୀ ଅଞ୍ଚଳ କରିବା ପାଇଁ ଯୁବବର୍ଗଙ୍କ ମଧ୍ୟରେ ବହୁତ ଉତ୍କଣ୍ଠା ଅଛି। ଦେଶର ଯୁବବର୍ଗ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର ସଂକଳ୍ପକୁ ସାକାର କରିବାକୁ ମନସ୍ଥ କରିଛନ୍ତି। ସମସ୍ତଙ୍କ ସହଯୋଗ ଓ ସାମୂହିକ ଉଦ୍ୟମରେ ହିଁ ସମ୍ବଲପୁରର ବିକାଶ ହେବ। ମୋଦୀ ଗ୍ୟାରେଣ୍ଟିରେ ସମସ୍ତେ ମିଳିତ ଭାବରେ ସମ୍ବଲପୁରର ବିକାଶ ପାଇଁ କାମ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ କରିବା ସହ ମୋଦୀଙ୍କୁ ତୃତୀୟ ଥର ପ୍ରଧାନମନ୍ତ୍ରୀ କରିବା ପାଇଁ ସମସ୍ତଙ୍କ ଆଶୀର୍ବାଦ କାମନା କରିଥିଲେ। ଉଲ୍ଲେଖନୀୟ ଯେ, ଏହି କାର୍ଯ୍ୟକ୍ରମ ପୂର୍ବରୁ ଶ୍ରୀ ପ୍ରଧାନ ସମ୍ବଲପୁରର ଲୋକସଭା ପ୍ରାର୍ଥୀ ଭାବେ ସମ୍ବଲପୁରରେ ବେସରକାରୀ ବସ ମାଲିକ ସଂଘ ସମେତ ବିଭିନ୍ନ ସଂଘର କର୍ମକର୍ତ୍ତା ଓ ସଂଗଠନର ସଦସ୍ୟଙ୍କୁ ଭେଟିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଯାତ୍ରୀଙ୍କ ଯାତାୟତ ସୁବିଧା ଓ ଗମନାଗମନ ନେଇ ବିଭିନ୍ନ ଉପାଦେୟ ପରାମର୍ଶ ଗ୍ରହଣ କରିଥିଲେ। ସମ୍ବଲପୁର ସମେତ ରାଜ୍ୟରେ ଯାତ୍ରୀଙ୍କ ଗମନାଗମନର ବ୍ୟବସ୍ଥାକୁ ସହଜ କରିବାରେ ବସ ମାଲିକ ସଂଘର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ପରେ ବିଭିନ୍ନ ସଂଗଠନ ସହ ସ୍ଥାନୀୟ ନିର୍ବାଚନମଣ୍ଡଳୀର କିଛି ଯୁବବର୍ଗଙ୍କୁ ଭେଟି ସେମାନଙ୍କର ଥିବା ଆଶା, ଆକାଂକ୍ଷା ଓ ଅପେକ୍ଷା ବିଷୟରେ ପଚାରି ବୁଝିଥିଲେ। ବଡବଜାର ସ୍ଥିତ ହନୁମାନ ମନ୍ଦିରରେ ଦର୍ଶନ କରିବା ସହ ହରିନାମ ସଂକୀର୍ତ୍ତନରେ ସାମିଲ ହୋଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ପୁଣି ଘନେଇଲା...

ଇସ୍ରାଏଲକୁ ଚେତାବନୀ ଦେଇ କହିଥିଲା ଯେ ଆମେ ଆଗକୁ ଆଉ ଆକ୍ରମଣ କରିବୁ ନାହିଁ। କିନ୍ତୁ ଇସ୍ରାଏଲ ଯଦି କୌଣସି ପ୍ରକାର କ୍ଷତି ପହଞ୍ଚାଇବାକୁ ଚେଷ୍ଟା କରେ ତେବେ ଆମେ ଚୁପ୍ ରହିବୁନି। ହେଲେ ଇରାନର ଏହି ଧମକକୁ ଇସ୍ରାଏଲ ଖାତିର ନ କରି ଶୁକ୍ରବାର ସକାଳୁ ବିମାନବନ୍ଦର ଉପରେ ମିସାଇଲ ମାଡ଼ କରିଛି। ଏବେ ଉଭୟ ପକ୍ଷ ଟକରାଟକରି ଅବସ୍ଥାରେ ରହିଛନ୍ତି। ଯେକୌଣସି ମୁହୂର୍ତ୍ତରେ ଯୁଦ୍ଧ ପରିସ୍ଥିତି ଉପୁଜିପାରେ ବୋଲି ଆଶଙ୍କା କରାଯାଉଛି। ସେପଟେ ଇସ୍ରାଏଲ ଓ ପାଲେଷ୍ଟାଇନ ମଧ୍ୟରେ ମଧ୍ୟ ବିବାଦ ଜୋର ଧରିଛି। ଏସବୁ ଭିତରେ ଉଭୟପକ୍ଷ ଶାନ୍ତିରକ୍ଷା କରିବା ପାଇଁ ଜାତିସଂଘ ସୁରକ୍ଷା ପରିଷଦ ପକ୍ଷରୁ ନିବେଦନ କରାଯାଇଛି। ନିକଟରେ ମଧ୍ୟ ଭାରତ ପକ୍ଷରୁ କୂଟନୀତି ମାଧ୍ୟମରେ ଏହି ମାମଲାର ସମାଧାନ ପାଇଁ ପରାମର୍ଶ ଦିଆଯାଇଥିଲା। ତେବେ ଆଗକୁ ଏହି ବିବାଦ କେଉଁ ରୂପ ନେଉଛି ତା ଉପରେ ଏବେ ସମସ୍ତଙ୍କ ନଜର।

### ବିଜେପି ଶାସନକୁ...

ଦେବାକୁ ଓଡ଼ିଶାବାସୀଙ୍କୁ ମୁଁ ଅନୁରୋଧ କରୁଛି। ଓଡ଼ିଶାର ଭାଷା, ସଂସ୍କୃତି ଓ ରାଜ୍ୟର ଗର୍ବ ପାଇଁ ଆମେ ଏକାକୀ ଲଢିବା ପାଇଁ ନିଷ୍ପତ୍ତି ନେଇଛୁ। ଏ କ୍ଷେତ୍ରରେ ଓଡ଼ିଶାବାସୀଙ୍କ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ଶ୍ରୀ ଶାହା କହିଥିଲେ। ସେ ଆହୁରି କହିଥିଲେ ଯେ ମୁଁ ଓଡ଼ିଶାବାସୀଙ୍କୁ ଅନୁରୋଧ କରୁଛି, ଓଡ଼ିଶାର ବିକାଶ ପାଇଁ ସେମାନେ ବିଜେପିକୁ ବହୁମତ ଦେଇ ବିଜୟୀ କରାଇବେ।

### ଚଳିତବର୍ଷ ପ୍ରଥମ...

ଅନୁଭୂତ ହୋଇଛି। ଚଳିତ ଏପ୍ରିଲ ମାସରେ ଶୁକ୍ରବାର ସୁଦ୍ଧା ୭ଦିନ ଗ୍ରୀଷ୍ମପ୍ରବାହ ଅନୁଭୂତ ହୋଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ ଆଗାମୀ ୩ ଦିନ ଆହୁରି ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଲାଗି ରହିବ ଅର୍ଥାତ୍ ୨୧ ପର୍ଯ୍ୟନ୍ତ ତାତିର ପ୍ରଭାବ ଜାରି ରହିବ। ତେବେ ୨୧ରୁ ୨୪ ମଧ୍ୟରେ ରାଜ୍ୟରେ ତାତିରୁ ସାମୟିକ ଆଶ୍ୱସ୍ତି ମିଳିବାର ସମ୍ଭାବନା ଥିବାବେଳେ ୨୫ ତାରିଖ ପରଠାରୁ ପୁଣି ଶୁଷ୍କବାୟୁର ପ୍ରବାହ ବୃଦ୍ଧି ସହ ରାଜ୍ୟର ତାପମାତ୍ରା ବୃଦ୍ଧି ହେବ। ଏପ୍ରିଲ ଶେଷ ବେଳକୁ ଗ୍ରୀଷ୍ମଲହରୀ ସହ କିଛି ଅଞ୍ଚଳରେ ଉଷ୍ମ ଆର୍ଦ୍ର ପାଣିପାଗ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ୨୧ରୁ ୨୪ ମଧ୍ୟରେ ପଶ୍ଚିମା ଝଡ଼ଦ୍ୱାରା ପ୍ରଶମିତ କାଳବୈଶାଖୀ ପ୍ରଭାବରେ ବର୍ଷାର ସମ୍ଭାବନା ରହିଛି। ଫଳରେ ଦିନ ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ଘଟିବାର ସମ୍ଭାବନା ରହିଥିବା ବିଭାଗ ସୂଚନା ଦେଇଛି। ଶୁକ୍ରବାର ରାଜ୍ୟର ୩୨ ସହରରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିଥିବାବେଳେ ୧୦ ସହରରେ ୪୩ ଡିଗ୍ରୀରୁ ଅଧିକ ଥିବା ରେକର୍ଡ ହୋଇଛି। ୪୪.୩ ଡିଗ୍ରୀ ସହ ବୌଦ୍ଧ ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର ଭାବେ ବିବେଚିତ ହୋଇଛି। ବାରିପଦାର ସର୍ବୋଚ୍ଚ ତାପମାତ୍ରା ୪୪.୨ ଡିଗ୍ରୀ ରହିଥିବାବେଳେ ଝାରସୁଗୁଡ଼ାରେ ୪୩.୮, ଅନୁଗୋଳରେ ୪୩.୭, ଟିଟିଲାଗଡ଼ରେ ୪୩.୫, ବଲାଙ୍ଗୀର, ଭବାନୀପାଟଣା, ମାଲକାନଗିରି, ନୂଆପଡ଼ା ଓ ନୟାଗଡ଼ରେ ୪୩ ଡିଗ୍ରୀ, ତାଳଚେରରେ ୪୨.୮, କଟକରେ ୪୨.୭, ସମ୍ବଲପୁର ଓ ସୁନ୍ଦରଗଡ଼ରେ ୪୨.୫, ରାଉରକେଲାରେ ୪୨.୪, ଚାନ୍ଦବାଲି, ପାରଳାଖେମୁଣ୍ଡି ଓ କେନ୍ଦୁଝରରେ ୪୨.୨, ହୀରାକୁଦରେ ୪୨.୧, ଢେଙ୍କାନାଳରେ ୪୨.୫, କେନ୍ଦ୍ରାପଡ଼ା ଓ ସୋନପୁରରେ ୪୧.୮, ଭଦ୍ରକରେ ୪୧.୭, ରାୟଗଡ଼ାରେ ୪୧.୬, ଯାଜପୁରରେ ୪୧.୫, ଖୋର୍ଦ୍ଧା, ନବରଙ୍ଗପୁର ଓ ଫୁଲବାଣୀରେ ୪୧.୫ ଓ ଭୁବନେଶ୍ୱରରେ ୪୧.୪ ଡିଗ୍ରୀ ରେକର୍ଡ କରାଯାଇଛି। ତେବେ ରାଜଧାନୀର ତାପମାତ୍ରାଠାରୁ କଟକର ତାପମାତ୍ରା ଅଧିକ ଥିବା ରେକର୍ଡ ହୋଇଛି।

### ଡଙ୍ଗାବୁଡ଼ି...

ଘଟିଥିବାବେଳେ ଅନ୍ୟ ୭ଜଣ ନିଖୋଜ ରହିଛନ୍ତି। ସେମାନଙ୍କୁ ଉଦ୍ଧାର ପାଇଁ ଜୋରଦାର ପ୍ରୟାସ ଆରମ୍ଭ ହୋଇଛି। ଏହି ଡଙ୍ଗାଟିରେ ମୋଟ ୫୦ଜଣ ଯାତ୍ରୀ ଥିଲେ। ସେମାନଙ୍କ ମଧ୍ୟରେ ଅନେକ ମହିଳା ଓ ଛୋଟ ଛୁଆ ଥିଲେ। ଛତିଶଗଡ଼ରୁ ଆସିଥିବା ଏହି ଲୋକମାନେ ଶରଧା ଗାଁରୁ ପିକ୍‌ନିକ୍ ସାରି ବରଗଡ଼ ଜିଲ୍ଲା ବାଞ୍ଜିପାଲିକୁ ଯାଉଥିବାବେଳେ ଅପରାହ୍ନ ଅଢେଇଟାବେଳେ ଡଙ୍ଗାଟି ବୁଡ଼ି ଯାଇଥିଲା। ତେବେ ନିକଟରେ ଥିବା ମତ୍ସ୍ୟଜୀବୀମାନେ ୪୦ ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ଡଙ୍ଗାଟି ବହୁ ପୁରୁଣା ଥିବାବେଳେ ଏଥିରେ ଅଧିକ ଲୋକ ବସିଥିବାରୁ ଏଭଳି ଅଘଟଣ ଘଟିଥିବା କୁହାଯାଉଛି। ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମବାହିନୀ ସମେତ ଭୁବନେଶ୍ୱରରୁ ଯାଇଥିବା ୫ଜଣ ସ୍କୁବା ଡାଇଭର ନିୟୋଜିତ ହୋଇଛନ୍ତି। ଏଥିସହ ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଦୁଇଟି ସର୍ଚ୍ଚ କ୍ୟାମେରା ଘଟଣାସ୍ଥଳକୁ ପଠାଯାଇଛି। ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଘଟଣାସ୍ଥଳରେ ଆରଡିସି, ଜିଲ୍ଲାପାଳ ଓ ଏସ୍‌ପି ଉପସ୍ଥିତ ରହିଛନ୍ତି। ତେବେ ଡଙ୍ଗାଟି କିପରି ବୁଡ଼ିଲା ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି। ଏଥିସହ ଉଦ୍ଧାର ପାଇଥିବା ସମସ୍ତ ବ୍ୟକ୍ତିଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବାଦ ଲେଖା ହେବା ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

### ଇଭିଏମ୍‌ରେ...

ବି ସେଠାରେ ଭୋଟ ହାର ସବୁଠାରୁ କମ୍ ରହିଛି। ସେଠାରେ ମୋଟ ୪୮.୫୦ ପ୍ରତିଶତ ଲୋକ ଭୋଟ ଦେଇଥିବା ସୂଚନା ମିଳିଛି। ଆଣ୍ଡାମାନ ନିକୋବରରେ ଗୋଟିଏ ଆସନ ପାଇଁ ମତଦାନ ହୋଇଥିବାବେଳେ ସେଠାରେ ମତଦାନ ହାର ୫୬.୮୭ ପ୍ରତିଶତ ରହିଛି। ସେହିପରି ଅରୁଣାଚଳ ପ୍ରଦେଶରେ ୨ଟି ଆସନ ପାଇଁ ମତଦାନ ହୋଇଥିବାବେଳେ ଭୋଟ ହାର ରହିଛି ୬୭.୧୫ ପ୍ରତିଶତ। ଆସାମରେ ୫ଟି ଆସନ ପାଇଁ ଭୋଟ ହୋଇଥିବାବେଳେ ସେଠାରେ ୭୨.୧୦ ପ୍ରତିଶତ ମତଦାନ ହୋଇଛି। ସେହିପରି ଛତିଶଗଡ଼ରେ ୬୩.୪୧, ଜାମ୍ମୁକାଶ୍ମୀରରେ ୬୫.୦୮, ଲାକ୍ଷାଦ୍ୱୀପରେ ୫୯.୦୨, ମଧ୍ୟପ୍ରଦେଶରେ ୬୪.୭୭, ମହାରାଷ୍ଟ୍ରରେ ୫୫.୩୫, ମଣିପୁରରେ ୬୯.୧୩, ମେଘାଳୟରେ ୭୪.୨୧, ମିଜୋରାମରେ ୫୪.୨୩, ନାଗାଲାଣ୍ଡରେ ୫୬.୯୧, ପୁଡୁଚେରୀରେ ୭୩.୫୦, ରାଜସ୍ଥାନରେ ୫୬.୫୮, ସିକ୍କିମରେ ୬୯.୪୭, ତାମିଲନାଡୁରେ ୬୫.୧୯, ତ୍ରିପୁରାରେ ୮୦.୧୭, ଉତ୍ତରପ୍ରଦେଶରେ ୫୮.୪୯, ଉତ୍ତରାଖଣ୍ଡରେ ୫୪.୦୬ ଓ ପଶ୍ଚିମବଙ୍ଗରେ ୭୭.୫୭ ପ୍ରତିଶତ ମତଦାନ ହୋଇଛି। ପଶ୍ଚିମବଙ୍ଗର ୩ଟି ଆସନ, ଉତ୍ତରାଖଣ୍ଡର ୫, ଉତ୍ତରପ୍ରଦେଶର ୮, ତ୍ରିପୁରାର ୧, ତାମିଲନାଡୁର ୩୯, ସିକିମର ୧, ରାଜସ୍ଥାନର ୧୨, ପୁଡୁଚେରୀର ୧, ନାଗାଲାଣ୍ଡର ୧, ମିଜୋରାମର ୧, ମେଘାଳୟର ୨, ମଣିପୁରର ୨, ମହାରାଷ୍ଟ୍ରର ୫, ମଧ୍ୟପ୍ରଦେଶର ୬, ଲକ୍ଷାଦ୍ୱୀପର ୧, ଜାମ୍ମୁକାଶ୍ମୀରର ୧, ଛତିଶଗଡ଼ର ୧, ଆସାମର ୫, ଅରୁଣାଚଳପ୍ରଦେଶର ୨ ଓ ଆଣ୍ଡାମାନ ନିକୋବରର ୧ ଆସନରେ ମତଦାନ ହୋଇଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ରହିଥିବା ହେଭିୱେଟଙ୍କ ମଧ୍ୟରେ ରହିଛନ୍ତି କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ, କିରଣ ରିଜିଜୁ, ସର୍ବାନନ୍ଦ ସୋନୁୱାଲ, ଅର୍ଜୁନରାମ ମେଘୱାଲ, ସଞ୍ଜୀବ ବାଲ୍ୟାନ, ଜିତେନ୍ଦ୍ର ସିଂ ପ୍ରମୁଖ। ସେହିପରି ଆସାମର ଜୋରହାଟରୁ କଂଗ୍ରେସର ଗୌରବ ଗୋଗୋଇ, କୋଏମ୍ବାଟୁରରୁ ତାମିଲନାଡୁ ବିଜେପି ମୁଖ୍ୟ ଆନ୍ନା ମୁଲାଇ, ବିହାର ଗୟାରେ ହମ୍‌ର ଜିତନରାମ ମାଁଝୀ, ଉତ୍ତରପ୍ରଦେଶ ଫିଲଭିଟ୍‌ରୁ ବିଜେପିର ଜିତିନ ପ୍ରସାଦ, ମଧ୍ୟପ୍ରଦେଶ ଛିନ୍ଦୱାରରୁ କମଲନାଥଙ୍କ ପୁଅ ନକୁଳ ନାଥ, ଏଲଜେପିର ଚିରାଗ ପାଶୱାନ, ଡିଏମ୍‌କେର କାନି ମୋଝି ଓ ଏ. ରାଜା ପ୍ରମୁଖ ରହିଛନ୍ତି। ଅନ୍ୟ ପକ୍ଷରେ ଏହି ମହାନ ପର୍ବରେ ମତଦାତାମାନେ ସାମିଲ ହେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନୁରୋଧ କରିଛନ୍ତି। ବିଶେଷକରି ଯୁବକ ଏବଂ ପ୍ରଥମ ଥରପାଇଁ ଭୋଟ ଦେଉଥିବା ଭୋଟରମାନେ ଅଧିକ ସଂଖ୍ୟାରେ ସାମିଲ ହୁଅନ୍ତୁ ବୋଲି ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଜାତୀୟ ନିର୍ବାଚନ କମିଶନ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ କହିଛନ୍ତି ଯେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ୨୦୨୪ ପ୍ରଥମ ପର୍ଯ୍ୟାୟରେ ଅଧିକ ମତଦାନ ହୋଇଛି। ନାଗରିକ ଦାୟିତ୍ୱ ଓ ଗୌରବ ଚମତ୍କାର ପ୍ରଦର୍ଶନ ସହିତ ବିଭିନ୍ନ ବର୍ଗର ଭୋଟରମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିବାରୁ ମତଦାନ ମୁଖ୍ୟତଃ ଶାନ୍ତିପୂର୍ଣ୍ଣ ରହିଛି।

## ଶ୍ରୀକ୍ଷେତ୍ରରେ ସାହିଯାତ



ପୁରୀ (ଭାସ୍କର ନ୍ୟୁଜ) : ପବିତ୍ର ଶ୍ରୀରାମ ନବମୀରୁ ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଛି ପ୍ରସିଦ୍ଧ ସାହିଯାତ। ପ୍ରଭୁ ଶ୍ରୀରାମଙ୍କ ବିଭିନ୍ନ ଲୀଳା ସାହିଯାତର ପରିବେଷଣ ହେଉଛି। ପାରମ୍ପରିକ ବୀର ବାଦ୍ୟରେ କମ୍ପୁଛି ଶ୍ରୀକ୍ଷେତ୍ର ମାଟି। ସାହିଯାତରେ ରାମଲୀଳା ସହ ଶ୍ରୀକ୍ଷେତ୍ରର ପରମ୍ପରା ଅନୁଯାୟୀ ନାଗା, ମେଢ଼ ସମେତ ପାରମ୍ପରିକ କ୍ରୀଡ଼ା ଆଦି ପ୍ରଦର୍ଶନ କରାଯାଉଛି। ପରମ୍ପରା ଅନୁଯାୟୀ ପ୍ରଥମ ଦିବସରେ କାଳୀକାଦେବୀ ସାହି ପକ୍ଷରୁ ରାମାୟଣର ପୌରାଣିକ ଚରିତ୍ର ବାହାରି ପ୍ରଭୁ ଶ୍ରୀରାମଙ୍କ ଜନ୍ମନୀତି ଅନୁଷ୍ଠିତ ହୋଇଛି। ରାମ, ଲକ୍ଷ୍ମଣ, ଶତ୍ରୁଘ୍ନ, ଭରତ, ଋଷ୍ୟଶୃଙ୍ଗ ମୁନି ଚରିତ୍ର ବାହାରି ପ୍ରଥମେ ଦକ୍ଷିଣ କାଳୀଙ୍କୁ ଦର୍ଶନ କରିବା ସହ ଆଜ୍ଞାମାଳ ପ୍ରାପ୍ତ ହୋଇଥିଲେ। ପରେ ଏହି ଚରିତ୍ର ମାନେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ସେଠାରେ ରାମଜନ୍ମ ନୀତି ସମ୍ପାଦନା କରିବା ପରେ ନଗର ପରିକ୍ରମା କରିଥିଲେ। ସେହିପରି ଜାଗା ଘରର ଯୁବକମାନେ ପାରମ୍ପରିକ କ୍ରୀଡ଼ା କୌଶଳ ଦେଖାଇଥିବା ବେଳେ। ସାହିଯାତକୁ ନେଇ ପୁରୀ ସହର ଏବେ ଉତ୍ସବ ମୁଖରିତ। ଆମୋଦ ପ୍ରିୟ ଶ୍ରୀକ୍ଷେତ୍ର ବାସୀ ବେକରେ ମଲ୍ଲି ଫୁଲ ଓ ଗଜରା ମାଳ ପକାଇ ସାହିଯାତକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉପଭୋଗ କରିଥିଲେ। ପକ୍ଷରୁ ଯଜ୍ଞରକ୍ଷା ପ୍ରସ୍ତାବ ଆଗତ ହେବା ସହ ନାକ, କାନ ଅସୁର ବାହାରି ନିଜ ସାହି ଓ ବନ୍ଧୁ ସାହି ବାଲି ସାହିରେ ନୃତ୍ୟ ପ୍ରଦର୍ଶନ କରିବେ। ପରେ ଏମାନେ ଜଗନ୍ନାଥ ବଲ୍ଲଭ ମଠ ଯିବା ସହ ଠାକୁରଙ୍କ ଚଳନ୍ତି ପ୍ରତିମା ମଧ୍ୟ ସେଠାରେ ବିଜେ କରିବେ। ଏହାପରେ ଶ୍ରୀରାମ ଲୀଳାର ଯଜ୍ଞରକ୍ଷା ନୀତି ସମ୍ପନ୍ନ ହେବ। ତେବେ ପୁରୀର ପାରମ୍ପରିକ ସାହିଯାତ ଏକ ଅନନ୍ୟ ପରମ୍ପରା। ଆଗାମୀ ଦିନରେ ଏହାର ଅଧିକ ପ୍ରଚାର ପ୍ରସାର ପାଇଁ ସ୍ୱତନ୍ତ୍ର ବଜେଟ ଅନୁମୋଦନ କରିବା ପାଇଁ ଉଦ୍ୟମ କରାଯିବା ଆବଶ୍ୟକ ବୋଲିସାହି ମୁରବି ଅନୁରୋଧ କରିଥିବା ବେଳେ ଏଥିରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସପି ପିନାକ ମିଶ୍ର ଯୋଗ ଦେଇଥିଲେ। ଜିଲ୍ଲା ଓ ପୋଲିସ ପ୍ରଶାସନ ପକ୍ଷରୁ ସାହି ଯାତ କୁ ଶୃଙ୍ଖଳିତ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଥିବା କହିଛନ୍ତି ଏସପି ଓ ଜିଲ୍ଲାପାଳ। ଶ୍ରୀରାମ ନବମୀରୁ ଆରମ୍ଭ ହୋଇଥିବା ଏହି ସାହିଯାତ ଆସନ୍ତା ମେ ୧ ତାରିଖରେ ଶେଷ ହେବ। ତେବେ ଏହି ପ୍ରସିଦ୍ଧ ସାହିଯାତକୁ ସହର ବାସୀ ବେଶ୍ ଉପଭୋଗ କରୁଥିବା ବେଳେ ଏଥିରେ ଭକ୍ତ ଓ ପର୍ଯ୍ୟଟକଙ୍କ ବେଶ୍? ଭିଡ ମଧ୍ୟ ଦେଖିବାକୁ ମିଳିଛି।

## ଗଣ୍ଡମଳାରେ ବିଜେପିର ବିଜୟ ସଂକଳ୍ପ ସମାବେଶ

ରେଙ୍ଗାଲି/କଣିହାଁ (ଭାସ୍କର ନ୍ୟୁଜ): ପବିତ୍ରନଗର ମଣ୍ଡଳ ପକ୍ଷରୁ ଆର୍କିଳ, ଗଣ୍ଡମଳା ଓ ସୁସୁବା ପଞ୍ଚାୟତ କୁ ନେଇ ମଣ୍ଡଳ ସଭାପତି ପ୍ରହ୍ଲାଦ ସାମଲଙ୍କ ଅଧ୍ୟକ୍ଷତାରେ ଏକ ବିଜୟ ସଂକଳ୍ପ ସମାବେଶ ଗଣ୍ଡମଳା ଆମ୍ବତଟା ରେ ଅନୁଷ୍ଠିତ ହୋଇଯାଇଅଛି ସାଂସଦ ପ୍ରାର୍ଥୀ ରୁଦ୍ରନାରାୟଣ ପାଣି ଏବଂ ବିଧାୟକ ପ୍ରାର୍ଥୀ ଅଶୋକ ମହାନ୍ତି ଙ୍କୁ ଭବ୍ୟ ସ୍ୱାଗତ ଜଣାଇ ପାଛୋଟି ନେଇଥିଲେ ମୁଖ୍ୟ ଅତିଥି ରୂପେ ଶ୍ରୀ ପାଣି ଯୋଗ ଦେଇ ରାଜ୍ୟସରକାର ଙ୍କ ଦୁର୍ନୀତି ଭ୍ରଷ୍ଟାଚାର ଓ ଅପାରଗତାକୁ ସମାଲୋଚନା କରିଥିଲେ ଏବଂ ଅଶୋକ ମହାନ୍ତି ଙ୍କୁ ଭୋଟ୍ ଦେଇ ନରେନ୍ଦ୍ର ମୋଦୀଙ୍କ ଅବକି ବାର୪୦୦ପାର ଓ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ନାରାକୁ ସାକାର କରିବା ପାଇଁ ଲୋକଙ୍କୁ ନିବେଦନ କରିଥିଲେ। ବିଧାୟକ ପ୍ରାର୍ଥୀ ଅଶୋକ ମହାନ୍ତି ମୋଦିଙ୍କ ସ୍ୱପ୍ନ ର୍ ବିକଶିତ ଭାରତ,ବିକଶିତ ପାଲଲହଡା ରେ ବିଜୟ ପାଇଁ ସଂକଳ୍ପ ନେବା କୁ ଅନୁରୋଧ କରିଥଲେ ପାଲଲହଡ଼ା ରେ ବିକାଶ କାମରେ ବାଧକ ସୃଷ୍ଟି କରୁଛନ୍ତି ରେଙ୍ଗାଳି ବ୍ରିଜ ରେ ବର୍ତ୍ତମାନ ସୁଧା ୧୫ ବର୍ଷ ହେଲା ସମ୍ପୂର୍ଣ୍ଣ ହୋଇପାରିଲା ନଥିଲାବେଳେ, ତାଳପଦା ସିଲିଙ୍ଗ ବ୍ରିଜ ଶୁଭ ଦେଇ ଲୋକଙ୍କୁ ନିର୍ବାଚନଧୂଆଁ ବାଣ ମାରୁଛନ୍ତି, ଏଥିରୁ ବିଧାୟକ ଙ୍କ କରିବା ପଣିଆ ଜଣା ପଡୁଛି।ମୋଦୀ ଙ୍କ ବିକାଶ କୁ ଘରେ ଘରେ ପହଞ୍ଚାଇବା ପାଇଁ ସଂକଳ୍ପ ନେଇଥିଲେ ବିଧାୟକ ପ୍ରାର୍ଥୀ ଶ୍ରୀ ମହାନ୍ତି।ଏହି ଅବସରରେ ବିଜେଡ଼ି ଓ କଂଗ୍ରେସ ର୍ ୭୦ରୁ ଅଧିକ ଲୋକ ଯୋଗ ଦେଇଥିଲେ, ଅବସର ପ୍ରାପ୍ତ ଶିକ୍ଷକ ଧନେଶ୍ୱର ନାଏକ,ବିଜେଡ଼ି ନେତା ଜମ୍ନେଶ୍ୱର ଗଡ଼ନାୟକ ଙ୍କ ପୁତ୍ର ରାଜା ଗଡ଼ନାୟକ, ଭଗବାନ ସାହୁ, ବିମ୍ବାଧର ସାହୁ,ମହିଳା ନେତ୍ରୀ ବିନତି ନାଏକ,ବାଉରୀ ବନ୍ଧୁ ସାହୁ, ମୁକୁନ୍ଦ ବେହେରା ପ୍ରମୁଖ,ସମାବେଶରେ ୨୦୦୦ ରୁ ଅଧିକ ଲୋକ ହେଇଥିଲେ।

### ମିଥ୍ୟା ସମ୍ବାଦର ସ୍ପଷ୍ଟୀକରଣ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଗ୍ରୀଷ୍ମ ପ୍ରବାହ ଯୋଗୁ ୧୫ ଜୁନ୍ ପର୍ଯ୍ୟନ୍ତ ସ୍କୁଲ ଛୁଟି ସମ୍ବନ୍ଧିତ ଏକ ମିଥ୍ୟା ଖବର ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହୋଇଥିବା ଆମ ନଜରକୁ ଆସିଛି। ଏଭଳି ମିଥ୍ୟା ପ୍ରଚାର କରି ସାଧାରଣରେ ବିଭ୍ରାନ୍ତ ସୃଷ୍ଟି କରିବା ଦଣ୍ଡନୀୟ ଅପରାଧ ବୋଲି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି।

## ହତ୍ୟା ଅଭିଯୁକ୍ତ କୋର୍ଟ ଚାଲାଣ

କେନ୍ଦ୍ରାପଡା (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଟାଉନ ଥାନା ଅନ୍ତର୍ଗତ ଟାଉନବଳରାମପୁର ଗାମରେ ଶୁକ୍ରବାର ଛୁରାଭୂଷି ହତ୍ୟା କରିଥିବାଘଟଣାରେ ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଓସ୍ତପୁର ପଞ୍ଚାୟତର ସାରଙ୍ଗ ଗ୍ରାମର ଅକ୍ଷୟ ଖଟୁଆ ଶୁକ୍ରବାର ଅପରାହ୍ନରେ ମାର୍ଶାଘାଇରୁ ଏକ ଏସି ମରାମତି ସାରି ସାଙ୍ଗ ବଳରାମ ମହାରଣା ସହିତ ଫେରି ଟାଉନ ବଳରାମପୁର ଗ୍ରାମର ହନୁମାନଜୀଉଙ୍କ ମନ୍ଦିର ପାଖରେଏକ ପାନ ଦୋକାନରୁ ପାନ କିଣୁଥିବା ବେଳେ ସେଠାରେ ଆଦିତ୍ୟ ପ୍ରସାଦ ବେହେରାଙ୍କ ସହ କୌଣସି କାରଣରୁ ବଚସା ହୋଇଥିଲା। ଏଥିରେ ଆଦିତ୍ୟ ରାଗି ଘରକୁ ଯାଇ ଘରୁ ଏକ ଛୁରି ଆଣି ପ୍ରଥମେ ବଳରାମଙ୍କୁ ଆକ୍ରମଣ କରିଥିଲା। ବଳରାମ ସେଠାରୁ ଦୌଡି ପଳାଇବାରୁ ଅକ୍ଷୟଙ୍କୁ ବାରମ୍ବାର ଛୁରି ମାରିଥିଲେ। ଫଳରେ ଘଟଣାସ୍ଥଳରେ ଅକ୍ଷୟଙ୍କ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏଥିସହିତ ପୋଲିସ ଅଭିଯୁକ୍ତ ଆଦିତ୍ୟକୁ ଗିରଫ କରି ଥାନାକୁ ଆଣିଥିଲା। ଆଜି ଶବ ବ୍ୟବଚ୍ଛେଦ ପରେ ଅକ୍ଷୟଙ୍କ ପରିବାରକୁ ହସ୍ତାନ୍ତର କରିଥିବା ବେଳେ ଅଭିଯୁକ୍ତ ଆଦିତ୍ୟକୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି।

## କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ମାଓ ପ୍ରବଣ ବସ୍ତର ଲୋକସଭା ଆସନ ପାଇଁ ହେଲା ନିର୍ବାଚନ



ମାଲକାନଗିରି (ଭାସ୍କର ନ୍ୟୁଜ): କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ମାଓପ୍ରବଣ ସୀମାନ୍ତ ଛତିଶଗଡ଼ ରାଜ୍ୟର ବସ୍ତର ଲୋକସଭା ଆସନ ପାଇଁ ଆଜି ଶାନ୍ତି ଶୃଙ୍ଖଳାର ସହିତ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ୨୦୨୪ ର ପ୍ରଥମ ପର୍ଯ୍ୟାୟରେ ଲୋକସଭା ନିର୍ବାଚନ ହୋଇଛି। ଛତିଶଗଡ଼ ରାଜ୍ୟର ବସ୍ତର ଓ କାଂକେର ଦୁଇଟି ଲୋକସଭା ଆସନରେ ଆଜି ନିର୍ବାଚନ ସରିଛି। ବସ୍ତର ନିର୍ବାଚନ ମଣ୍ଡଳୀରେ ମାଲକାନଗିରି ଜିଲ୍ଲା ସୀମାନ୍ତ ପଡ଼ୋଶୀ ସୁକୁମା ଜିଲ୍ଲା, ଦନ୍ତେୱାର୍ଡା, ବସ୍ତର, ବିଜପୁର ଜିଲ୍ଲା ଓ କାଂକେର ନିର୍ବାଚନ ମଣ୍ଡଳୀର ନାରାୟଣପୁର, କୋଣ୍ଡାଗାଁ, କାଂକେର ଜିଲ୍ଲାରେ ସୀମା ସୁରକ୍ଷା ବାହିନୀ ଓ ପୁଲିସର କଡ଼ା ସୁରକ୍ଷା ମଧ୍ୟରେ ନିର୍ବାଚନ ହୋଇଛି। ବିଶେଷ କରି ସୁକୁମା ଜିଲ୍ଲାର ବୁରୁଦି, ଝାପରା, ପୁଷ୍ପପାଲ, ଦୋରନାପାଲ, କୋଣ୍ଟା, ଭୋଟ କେନ୍ଦ୍ର ଗୁଡ଼ିକରେ ଲମ୍ବା ଧାଡ଼ିରେ ସ୍ଥାନୀୟ ଲୋକଙ୍କ ସହ ଅନେକ ଓଡ଼ିଆ ଭୋଟର ନିଜ ନିଜର ମତଦାନ ଦେଇଥିଲେ। ତେବେ ଏହି ଅଞ୍ଚଳରେ ପୂର୍ବରୁ ହିଁ ମାଓବାଦୀମାନେ ନିର୍ବାଚନକୁ ବିରୋଧ କରି ଆସୁଥିବାବେଳେ ଏହାକୁ ଦୃଷ୍ଟିରେ ରଖି ଛତିଶଗଡ଼ରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଏହାସହ ସମସ୍ତ ବୁଥ ଗୁଡିକରେ ସିସିଟିଭି କ୍ୟାମେରା ସହ ଡ୍ରୋନ ର ମଧ୍ୟ ବ୍ୟବସ୍ଥା ହୋଇଥିଲା। ଯାହାକୁ ନେଇ ମାଲକାନଗିରି ଜିଲ୍ଲାର ସୀମାନ୍ତ ଅଞ୍ଚଳରେ ମଧ୍ୟ ଉଭୟ ରାଜ୍ୟର ପୁଲିସ ପକ୍ଷରୁ ଯାଞ୍ଚ ବ୍ୟବସ୍ଥାକୁ କଡାକଡି କରାଯାଇଛି। ମାଲକାନଗିରି ପୁଲିସ ଏବଂ ବିଏସ୍?ଏଫ ତରଫରୁ ତଲାସୀ ଅପରେସନକୁ ଜୋରଦାର କରାଯାଇ ଥିବା ସୂଚନା ମିଳିଛି। ମାଲକାନଗିରି ଜିଲ୍ଲାର ୧୬ଟି ସ୍ଥାନରେ ଅପରେସନ ଜାରି ରହିଥିବା ବେଳେ ୪ଟି ଟିମକୁ ଷ୍ଟାଣ୍ଡବାୟ ରଖାଯାଇଛି। ସମସ୍ତ ଯାନବାହନକୁ ଯାଞ୍ଚ କରାଯାଉଛି। ସୀମାରେ ଡ୍ରୋନ ଓ ସିସି ଟିଭିରେ ନଜର ରଖାଯାଇଥିଲା। ଆଜିର ଏହି ମତଦାନ ଶାନ୍ତିପୂର୍ଣ୍ଣ ଥିବା କଥା ସୁକୁମା ଜିଲ୍ଲା ରିଟର୍ଣିଂ ଅଧିକାରୀ ସୂଚନା ଦେଇଛନ୍ତି।


**ଦ.ପୂ. ରେଳପଥ ଟେଣ୍ଡର**

ଇ- ଟେଣ୍ଡର ନୋଟିସ ନଂ: (୧) ସିକେପି-ଇଷ୍ଟ -୨୫-୨୫-୦୬, (୨)ସିକେପି- ଇଷ୍ଟ-୨୪-୨୫-୦୪, ତାରିଖ: ୧୮/୦୪.୨୦୨୪। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ, ଦକ୍ଷିଣପୂର୍ବ ରେଳପଥ, ଚକ୍ରଧରପୁର ଡିଭିଜନାଲ ରେଲୱେ ମ୍ୟାନେଜର ନିମ୍ନଲିଖିତ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏ କ୍ଷେତ୍ରରେ ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ। ଯଦି ବା ଆସେ ତେବେ ତାହା ଅଗ୍ରାହ୍ୟ କରି ଦିଆଯିବ। କ୍ରମିକ ନଂ, କାର୍ଯ୍ୟର ନାମ (୧), ଆଡେନ/୨/ଟାଟା ଅଧୀନରେ ଥିବା ଆରକେଏସ୍‌ଏନ୍-ବିଆରଏମ୍ ମଧ୍ୟରେ ଏଲସି ନଂ ୧୬୩, ୨୯୪/୧୭-୧୯ ମଧ୍ୟରେ ଥିବା ଆପ୍ରୋଚ ରୋଡ୍‌ର ସେଡ୍ ଉପରେ କଭର କରିବା, ଯିବା ଆସିବା ରାସ୍ତା କଭର କରିବା ଏବଂ ଡ୍ରେନ ଉପରେ ପାଣି ବନ୍ଦ ରଖିବାକୁ ଛାତ ପକାଇବା କାର୍ଯ୍ୟ। (୨) ଚକ୍ରଧରପୁର ଡିଭିଜନର ବିରାଜପୁର, ଗମ୍ହାରିଆ ଏବଂ କାନ୍ଦ୍ରା ମଧ୍ୟରେ ଥିବା ନୂଆ ଷ୍ଟେସନ ବିଲଡିଂର ଯାହାକି ପିଏଚ୍ ନଂ ୦୧ରେ ରହୁଛି, ତା'ର ଏଫଓବି କାର୍ଯ୍ୟର ସମ୍ପ୍ରସାରଣ। ଟେଣ୍ଡର ମୂଲ୍ୟ: ଟ. ୨,୩୩,୪୧,୨୧୦.୪୭ (କ୍ରମିକ ନଂ ୧ ପାଇଁ) ଏବଂ ଟ. ୧,୪୯,୭୭,୫୮୪.୮୩ (କ୍ରମିକ ନଂ ୨ ପାଇଁ)। ଅମାନତ ଜମା: ଟ. ୨,୬୬,୭୦୦ (କ୍ରମିକ ନଂ ୧ ପାଇଁ) ଏବଂ ଟ. ୨,୨୪,୯୦୦ (କ୍ରମିକ ନଂ ୨ ପାଇଁ)। ଟେଣ୍ଡର ଫର୍ମର ମୂଲ୍ୟ: ପ୍ରତ୍ୟେକଙ୍କ ପାଇଁ ଶୂନ। ଖୋଲିବା ତାରିଖ: ଉଭୟ ପାଇଁ ୧୫.୦୫.୨୦୨୪। ଇ-ଟେଣ୍ଡର **http://www.ireps.gov.in** ରେ ଉପଲବ୍ଧ। ଟେଣ୍ଡରର/ବିଡରମାନଙ୍କର କ୍ଲାସ୍-୩ ଡିଜିଟାଲ ସିଗ୍‌ନେଚର ସାର୍ଟିଫିକେଟ ଥିବା ଏବଂ ଆଇଆରପିଏସ୍ ପୋର୍ଟାଲରେ ନିଶ୍ଚିତ ରେଜିଷ୍ଟ୍ରିଭୁକ୍ତ ହୋଇଥିବେ। କେବଳ ରେଜିଷ୍ଟର, ଟେଣ୍ଡରର, ବିଡରମାନେ ଏହି ଇ-ଟେଣ୍ଡରରେ ଭାଗ ନେଇପାରିବେ।

(PR-59)



**ପୂର୍ବ ତଟ ରେଳପଥ**

e-Tender Notice No.:
03-KUR-TRD-OT-2024-25, ତାରିଖ : 10.04.2024

| | |
|---|---|
| କାର୍ଯ୍ୟର ନାମ : | ଖୋର୍ଦ୍ଧା ରୋଡ଼ ଜଙ୍କସନ୍‌ରେ LC NO. ୧୮୩, ୨୬୪, ୩୧୭ ଏବଂ ୩୨୦ ବନ୍ଦ କରିବା ପରିବର୍ତ୍ତେ ROB ସହିତ LHS/RUBର ନିର୍ମାଣ କାର୍ଯ୍ୟ। |
| ବିଜ୍ଞାପିତ ମୂଲ୍ୟ : | ଟ.14,32,273.78, EMD: ଟ.28,700/- |
| କାର୍ଯ୍ୟସମାପ୍ତିର ଅବଧି: | 180 ଦିନ |
| ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : | ତା.06.05.2024 ରିଖ 1300 ଘଟିକାରେ। |

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍: www.ireps.gov.in. ରେ ଉପଲବ୍ଧ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ଟିଆରଡି)
PR-30/P/24-25 ଖୋର୍ଦ୍ଧା ରୋଡ



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଗତକାଲି ରାତ୍ରରୁ ଜଣେ ଯୁବକ ରହସ୍ୟ ଜନକ ଭାବେ ନିଖୋଜ ହୋଇଯାଇଥିବାର ଚର୍ଚ୍ଚା ହେଉଛି। ଦୁଇ ଦିନ ହେଲା ତାଙ୍କର ପତା ମିଳୁନଥିବା କାରଣରୁ ସାଧାରଣରେ ନାନା ଆଶଙ୍କା ସୃଷ୍ଟି ହୋଇଛି। ଭଦ୍ରକ ଜିଲ୍ଲା ଅଞ୍ଚଳର ବାପି ନାମକ ଜଣେ ୪୦ ବର୍ଷିୟ ଯୁବକ ଦୀର୍ଘ ୧୫ ବର୍ଷ ହେଲା ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ଖଣ୍ଡସାହି ଅଞ୍ଚଳରେ ରହି ସେଣ୍ଟ୍ରି ମିସ୍ତ୍ରୀ ରୂପେ କାର୍ଯ୍ୟ କରିଆସୁଥିଲେ। ଗତକାଲି ରାତ୍ରିରେ ବାପି ସ୍ଥାନୀୟ ସରପଡା ଗ୍ରାମପଞ୍ଚାୟତ ବଡଥାକନନିକଟରେ ଥିବା ଲୁଣାନଦୀର ମଙ୍ଗଳା ଗଣ୍ଡ ନିକଟକୁ ଯାଇଥିଲେ। ତେବେ ଆଜି ସକାଳେ ନଦୀ କୂଳରେ ତାଙ୍କର ଚପଲ ଓ ମୋବାଇଲ ଥୁଆ ହୋଇଥିଲା ବେଳେ କେନ୍ଦ୍ରାପଡା କେନାଲ ସେତୁ ଉପରେ ତାଙ୍କର ସାଇକେଲଟି ଥୁଆହୋଇଥିବାର ଲୋକେ ଦେଖିବାକୁ ପାଇଥିଲେ। ତେବେ ସ୍ଥାନୀୟ ଲୋକେ ଦୀର୍ଘ ସମୟ ପର୍ଯ୍ୟନ୍ତ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇନଥିଲେ। ଏସମ୍ପର୍କରେ ସ୍ଥାନୀୟ ଲୋକେ ନିଶ୍ଚିନ୍ତକୋଇଲି ଦମକଳ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ନିଶ୍ଚିନ୍ତକୋଇଲି ଦମକଳ ବାହିନୀ ଓ ଓଡ୍ରାଫ ଟିମ ଘଟଣାସ୍ଥଳକୁ ଆସି ନଦୀରେ ତନ ତନ କରି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତା ପାଇନଥିଲେ। ରିପୋର୍ଟ ଲେଖାହେଲା ବେଳକୁ ତାଙ୍କର କୌଣସି ପତା ମିଳିନଥିଲା। ଏସମ୍ପର୍କରେ ନିଶ୍ଚିନ୍ତକୋଇଲି ଥାନାରେ ମଧ୍ୟ କୌଣସି ଅଭିଯୋଗ କରାଯାଇନାହିଁ।

# ମା' କିଚକେଶ୍ୱରୀଙ୍କୁ ଦର୍ଶନ କରି ଆଶୀର୍ବାଦ ନେଲେ ସୁଦାମ ମାରାଣ୍ଡି ଓ ଚକ୍ର ହେମ୍ବ୍ରମ



କରଞ୍ଜିଆ (ଭାସ୍କର ନ୍ୟୁଜ୍): ଆଗକୁ ସାଧାରଣ ନିର୍ବାଚନ। ଗାଁ ଠୁ ସହର ସବୁଠି ଚଞ୍ଚଳ ନେତା। ପହଞ୍ଚୁଛନ୍ତି ଭୋଟରଙ୍କ ପାଖରେ। ଭୋଟରଙ୍କ ମନ କେମିତି ଜିଣିବେ ସେ ନେଇ ଚାଲିଛି ମାନସ ମନ୍ଥନ। ଏହି ପରିପ୍ରେକ୍ଷୀରେ ଆଜି ବିଜେଡି ପକ୍ଷରୁ ଯଶିପୁର ନିର୍ବାଚନ ମଣ୍ଡଳୀରେ ପୂର୍ବତନ ରାଜସ୍ୱ ମନ୍ତ୍ରୀ ତଥା ବର୍ତ୍ତମାନର ଲୋକସଭା ପ୍ରାର୍ଥୀ ସୁଦାମ ମାରାଣ୍ଡି ଏବଂ ଯଶିପୁର ନିର୍ବାଚନ ମଣ୍ଡଳୀର ବିଧାନ ସଭା ପ୍ରାର୍ଥୀ ଚକ୍ରଧର ହେମ୍ବ୍ରମ ପ୍ରଥମେ ମୟୂରଭଞ୍ଜର ଅଧିଷ୍ଠାତ୍ରୀ ଦେବୀ ମା କିଚକେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ମାଙ୍କ ଆଶୀର୍ବାଦ ନେଇ ଶୁକ୍ରବାର ଏକ ରାଲୀରେ ଯୋଗ ଦେବା ସହିତ ଲୋକଙ୍କ ସହିତ ମିଶି ଚଳିତ ନିର୍ବାଚନ ରେ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ନିବେଦନ କରିଥିବା ଦେଖିବାକୁ ମିଳିଛି। ଏହି ଅବସରରେ ଯଶିପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ବ୍ଲକ୍‌ରୁ ନବୀନ ପଟ୍ଟନାୟକଙ୍କୁ ଭଲ ପାଉଥିବା ଦୁଇ ହଜାରରୁ ଊର୍ଦ୍ଧ୍ୱ ପୁରୁଷ ମହିଳା ଯୋଗ ଦେଇଥିବା ଦେଖିବାକୁ ମିଳିଛି। ପ୍ରବଳ ଖରା ସତ୍ତ୍ୱେ ସେଚ୍ଛାକୃତ ଭାବେ ଯୋଗ ଦେଇଥିଲେ।

# ରାଜରାସ୍ତାକୁ ଓହ୍ଲାଇବେ ଉଠା ଦୋକାନୀ



ପୁରୀ (ଭାସ୍କର ନ୍ୟୁଜ୍): ଶ୍ରୀମନ୍ଦିର ଯାତ୍ରୀ ପରିକ୍ରମା ପ୍ରକଳ୍ପ ପାଇଁ ବଡ଼ଦାଣ୍ଡରୁ ଉଚ୍ଛେଦ ହୋଇଥିବା ଉଠା ଦୋକାନୀଙ୍କୁ ଏଯାଏଁ ଥଇଥାନ କରାଯାଇନାହିଁ। ବାରମ୍ବାର ପ୍ରତିଶ୍ରୁତି ଦିଆଯାଇ ସେମାନଙ୍କ ଜୀବନ ଜୀବିକାକୁ ବିପଦରେ ପକାଯାଇଛି। ମାର୍କେଟ ଛକ ଠାରୁ ହସ୍ପିଟାଲ ଛକ ପର୍ଯ୍ୟନ୍ତ ଉଠା ଦୋକାନୀଙ୍କୁ ପୁନର୍ବାର ବଡ଼ଦାଣ୍ଡରେ ବସିବାର ସୁଯୋଗ ଦିଆନଗଲେ ପୁରୀ ବଡ଼ଦାଣ୍ଡ ମିଳିତ ଉଠା ଦୋକାନୀ ସଂଘ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବା ସହ ବଡ଼ଦାଣ୍ଡ ଅବରୋଧ କରିବେ ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ସରକାର ଉଠା ଦୋକାନୀଙ୍କୁ ଆର୍ଥିକ ସହାୟତା ରାଶି ମାତ୍ର ୧୫ ହଜାର ଟଙ୍କା ଦେଇଛନ୍ତି। ଏହା ସେମାନଙ୍କୁ ଅକର୍ମ କରିଦେଇଛି। ୨୦୨୨ ରେ ଗଠିତ ଟାଉନ ଭେଣ୍ଡିଂ କମିଟି ବିନା ଆଲୋଚନାରେ କିଭଳି ହସ୍ପିଟାଲ ଛକରୁ ମାର୍କେଟ ଛକ ପର୍ଯ୍ୟନ୍ତ ଉଠା ଦୋକାନୀଙ୍କୁ ଉଠାଇଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ୨୦୦୦ ଦୋକାନୀ ଉଚ୍ଛେଦ ହୋଇଥିଲେ ମଧ୍ୟ ବିନା ଟେଣ୍ଡରରେ ବଡ଼ଦାଣ୍ଡରେ ଥିବା ୧୦ଟି ସଂଘ ମଧ୍ୟରୁ ୪ ଟି ସଂଘକୁ ଜୋତାଷ୍ଟାଣ୍ଡ ଦିଆଯାଇଛି। ଶ୍ରୀ ସେତୁ ତଳେ ହେବାକୁ ବିଶ୍ୱସ୍ତରୀୟ ଭେଣ୍ଡିଂ ଜୋନରେ ଉଠା ଦୋକାନୀଙ୍କୁ ଥଇଥାନ ପାଇଁ ବ୍ୟବସ୍ଥା ହୋଇଥିଲେ ସେଠାରେ ସେମାନଙ୍କ ସୁରକ୍ଷା ନାହିଁ। ଏହି କାରଣରୁ ମାର୍କେଟ ଛକରୁ ହସ୍ପିଟାଲ ଛକ ପର୍ଯ୍ୟନ୍ତ ଉଠା ଦୋକାନୀ କୌଣସି ପରିସ୍ଥିତିରେ ମଧ୍ୟ ଶ୍ରୀ ସେତୁ ତଳେ ହେବାକୁ ବିଶ୍ୱସ୍ତରୀୟ ଭେଣ୍ଡିଂ ଜୋନ ଅଞ୍ଚଳକୁ ଯିବେ ନାହିଁ। ୩ ଦିନ ମଧ୍ୟରେ ଉଠା ଦୋକାନୀଙ୍କ ଦାବୀ ପୂରଣ ନହେଲେ ସେମାନେ ବ୍ୟବସାୟ ପାଇଁ ବଡ଼ଦାଣ୍ଡକୁ ଓହ୍ଲାଇବା ସହ ୨୦୦୦ ଉଠା ଦୋକାନୀ ପରିବାର ସହିତ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ନିମାପଡାରେ ଲାଗିରହିଛି ନେତାଙ୍କ ଛକାପଞ୍ଝା

## ମଇଦାନକୁ ଓହ୍ଲାଇବେ ୧୦ରୁ ଊର୍ଦ୍ଧ୍ୱ ପ୍ରାର୍ଥୀ

ନିମାପଡ଼ା (ଭାସ୍କର ନ୍ୟୁଜ୍): ନିମାପଡା ରାଜ୍ୟ ରାଜନୀତି ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ନିମାପଡା ନିର୍ବାଚନମଣ୍ଡଳୀରେ ରାଜନୈତିକ ପାଣିପାଗ ବେଳକୁ ବେଳ ବିଗିଡିବାରେ ଲାଗିଛି। ଏକାଧିକ ପ୍ରାର୍ଥୀଙ୍କର ନିମାପଡା ନିର୍ବାଚନମଣ୍ଡଳୀ ଉପରେ ଆଖିଥିବା ବେଳେ ବଡ ବଡ ନେତା କିପରି ନିର୍ବାଚନ ଦରିଆ ପାରି ହେବେ ଓ କେଉଁ ଦଳରୁ ପ୍ରାର୍ଥୀ ହେବେ ତାହାକୁ ନେଇ ଅଙ୍କଷା ଚାଲିଥିବା ବେଳେ କଂଗ୍ରେସ ଦଳ ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିନାହିଁ। ନିମାପଡାର ବରିଷ୍ଠ ବିଜେଡି ନେତା ସମୀର ଦାଶ ଦଳୀୟ ଟିକେଟରୁ ବଂଚିତ ହୋଇଥିବା ବେଳେ ତାଙ୍କ କର୍ମୀଙ୍କ ମଧ୍ୟରେ ଏକ ହତାଶର ଭାବ ପରିପ୍ରକାଶ ହୋଇଛି। ସମୀର ମଧ୍ୟ ନିଜ କର୍ମୀଙ୍କୁ ଧରି ଶକ୍ତି ପ୍ରଦର୍ଶନ କରିବେ ବୋଲି କହୁଛନ୍ତି। ଆଗାମୀ ଦିନରେ ନିମାପା ନିର୍ବାଚନ ମଣ୍ଡଳୀରୁ କେତେଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ଦାଖଲ କରୁଛନ୍ତି ତାହାକୁ ନେଇ ଜନସାଧାରଣ ଚାହିଁ ବସିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ପରିବର୍ତ୍ତନ କରିଥିବା ବେଳେ କର୍ମୀ ଦୁଇଭାଗରେ ବିଭକ୍ତ ହୋଇଛନ୍ତି। ଚଳିତ ନିର୍ବାଚନରେ ବିଜେଡି ନିମାପଡା ଦଖଲ କରିବା ଏତେ ସହଜ ହେବ ନାହିଁ ବୋଲି ରାଜନୀତିରେ ରୁଚି ରଖିଥିବା ବ୍ୟକ୍ତିମାନେ ମତ ବ୍ୟକ୍ତ କରିଛନ୍ତି। ଏପଟେ ବିଜେପି ନେତ୍ରୀ ପ୍ରଭାତୀ ପରିଡା ଦଳୀୟ ଟିକେଟ ପାଇ ନିର୍ବାଚନ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। କଂଗ୍ରେସ ପ୍ରାର୍ଥୀ ଘୋଷଣା କରିନଥିବା ବେଳେ ଜଣେ ବରିଷ୍ଠ ନେତୃତ୍ୱଙ୍କୁ ଖୋଜା ଚାଲିଛି। ବରିଷ୍ଠ ନେତୃତ୍ୱ ନିର୍ବାଚନମଣ୍ଡଳୀରେ କଂଗ୍ରେସର ମଙ୍ଗୁଆଳ ସାଜିଲେ ଦଳ ଭଲ ଫଳ କରିବ ବୋଲି ପୁରୁଣା କଂଗ୍ରେସ କର୍ମୀମାନେ ମତବ୍ୟକ୍ତ କରିଛନ୍ତି। ଅନେକ ଆଶାୟୀ ରହିଥିବା ବେଳେ ଜଣେ କମ ବୟସର ଯୁବତୀ ସ୍ୱାଧିନ ପ୍ରାର୍ଥୀଭାବେ ପ୍ରତିଦ୍ୱନ୍ଦିତା କରିବେ ବୋଲି ଜନସାଧାରଣଙ୍କ ଠାରୁ ଭୋଟ ଭିକ୍ଷା କରୁଛନ୍ତି। ଆହୁରି ଅନେକ ଦଳ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ସେହି ପ୍ରାର୍ଥୀମାନେ ଏବେ ସୁଦ୍ଧା ନିମାପଡା ନିର୍ବାଚନମଣ୍ଡଳୀରେ ପ୍ରଚାର ଆରମ୍ଭ କରିନାହାଁନ୍ତି। ଏହି ନିର୍ବାଚନମଣ୍ଡଳୀରୁ ଆକଳନ କରାଯାଉଛି ୧୦ରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବେ। ପ୍ରାୟତଃ ବିଜେପି ବିଜେଡି କଂଗ୍ରେସ ମଧ୍ୟରେ କଡା ମୁକାବିଲା ହେବାର ଥିବା ବେଳେ ସ୍ୱାଧିନ ପ୍ରାର୍ଥୀଙ୍କ ଉପରେ ଭୋଟରଙ୍କ ନଜର ରହିବ ବୋଲି ଆଶା କରାଯାଉଛି। ଦେଖାଯାଉ ନିମାପଡା ରାଜନୈତିକ ପାଣିପାଗ କେଉଁଆଡକୁ ଯାଉଛି।

# ଜନଶୁଣାଣି ପୋର୍ଟାଲରେ ତିର୍ତ୍ତୋଲ ଏସଡ଼ିପିଓଙ୍କ ଜାଲ୍ ତଦନ୍ତ ରିପୋର୍ଟ

ଜଗତସିଂହପୁର(ଭାସ୍କର ନ୍ୟୁଜ୍): ଏସଡ଼ିପିଓ ତିର୍ତ୍ତୋଲ ଗତ ୭ ମାର୍ଚ୍ଚ ୨୦୨୪ରେ ଡ଼ିଆର ନଂ ୩୮୧ ଜନଶୁଣାଣି ପୋର୍ଟାଲରେ ତିର୍ତ୍ତୋଲ ଥାନା ଅଧିନ ରସଲପୁର ଗ୍ରାମର ସ୍ୱର୍ଗତ ଇଦ୍ରିଶ ଖାଁଙ୍କ ପୁଅ ଓଏସ ଅହମ୍ମଦ ଖାଁଙ୍କ ପିଟିସନ ଅନୁସାରେ ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ। ମାତ୍ର ଏସଡ଼ିପିଓଙ୍କ ଦ୍ୱାରା ପ୍ରସ୍ତୁତ ଜାଲ ଓ ଉଦ୍ଦେଶ୍ୟ ପ୍ରଣୋଦିତ ରିପୋର୍ଟକୁ ପୁନଃ ତଦନ୍ତ କରିବା ପାଇଁ ବାହାରିନ୍‌ରେ ରହୁଥିବା ଓଏସ ଅହମ୍ମଦ ଖାଁ ମାନ୍ୟବର ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ଗୃହବିଭାଗ ଅତିରିକ୍ତ ଶାସନ ସଚିବ, ଡ଼ିଜି, ଆଇଜି, ଏସପି ଜଗତସିଂହପୁର ଓ ମାନବ ଅଧିକାର କମିଶନକୁ ପୁନଃ ବିଚାର ପାଇଁ ଆବେଦନ କରିଛନ୍ତି। ଓଏସ ଅହମ୍ମଦ ଖାଁ(ବାବୁ) ଦର୍ଶାଇଛନ୍ତି ଯେ ୨୦୧୬ ମସିହାରେ ତାଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାର ଜିଆର କେଶ ନଂ-୪୩୯/୨୬୬କୁ ବିଚାରକୁ ନେଇ ମାନ୍ୟବର ସିଜିଏମ୍ ଜଗତସିଂହପୁର ଲାଲା ଓରଫ ତମିଜ୍ ଉଦ୍ଦିନଙ୍କ ସମେତ ୯ଜଣଙ୍କୁ ୩ ବର୍ଷ କାରାଦଣ୍ଡ ଓ ତିନି ହଜାର ଟଙ୍କା ଜରିମାନା କରିଥିଲେ। ଅଦାଲତ ରାୟ ପ୍ରକାଶ ପାଇବାପରେ ଅଭିଯୁକ୍ତମାନେ ତାଙ୍କ ଜଣେ ସମ୍ପର୍କୀୟ ତିର୍ତ୍ତୋଲ ଥାନା ବିରିତୋଳ ଗ୍ରାମର ମଲ୍ଲିକ ମହଲାର ନୂଆ ବାହାର ବେଗମ୍‌ଙ୍କ ଦ୍ୱାରା ଓଏସ ଅହମ୍ମଦ ଖାଁ ତାଙ୍କ ସ୍ତ୍ରୀ ବିଲ୍‌କେଶ ଖାନୁମ୍ ଓ ସମ୍ପର୍କୀୟଙ୍କ ନାମରେ ତିର୍ତ୍ତୋଲ ଥାନାରେ ମିଥ୍ୟାକେଶ କରିଥିଲେ। କେଶ ନଂ ୪୪୪/ ୭.୧୦.୨୦୧୩ରେ ପ୍ରକୃତ ଘଟଣା ୭.୮.୨୦୨୮ରେ ଘଟିଥିବା ଦର୍ଶାଯାଇଛି ଓ କେଶ୍ ପଞ୍ଜୀକୃତ ହୋଇଛି। ଏକ ବର୍ଷ ଦୁଇମାସ ପରେ ସେହି ପରି ଯନ୍ତ୍ରଣା ଦିଆଯାଉଛି। ଓଏସ ଅହମ୍ମଦ ଖାଁ(ବାବୁ) ଜଣେ ଏନଆରଆଇ ଓ ସେ ବାହାରିନ୍ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରନ୍ତି। ତାଙ୍କ ନାମରେ ଦୁଇ

## ପୁନଃ ତଦନ୍ତ ଦାବି

ଅନ୍ୟ ଏକ ଘଟଣାରେ କେଶ ନଂ ୫୮୭/ ୨୫.୧୨.୨୦୨୩ରେ ଏନ୍‌ଆରଆଇ ଓଏସ ଅହମ୍ମଦ ଖାଁ(ବାବୁ) ବାହାରିନ୍‌ରେ ଥିବା ସମୟରେ ତାଙ୍କ ନାମରେ ମିଥ୍ୟା ମକଦ୍ଦମା କରାଯାଇ ତାଙ୍କୁ ମାନସିକ ଦୁଇଟା କେଶ୍ ସମ୍ପର୍କରେ ତଦନ୍ତ ପାଇଁ ସେ ଗୃହବିଭାଗ ଅତିରିକ୍ତ ଶାସନ ସଚିବ, ମୁଖ୍ୟମନ୍ତ୍ରୀ, ଡ଼ିଜି, ଆଇଜି, ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗର ତଦନ୍ତ ଏସଡ଼ିପିଓ ତିର୍ତ୍ତୋଲ ଚିନ୍ମୟ ରାଉତଙ୍କୁ ଦିଆଯାଇଥିଲା। ମାତ୍ର ଘଟଣାର ସଠିକ୍ ତଦନ୍ତ କରାନଯାଇ ଏସଡ଼ିପିଓ ଦାୟିତ୍ୱହୀନ ଭାବେ ଏକ ରିପୋର୍ଟ ଜନଶୁଣାଣି ପୋର୍ଟାଲରେ ଛାଡ଼ିଛନ୍ତି, ଓଏସ ଅହମ୍ମଦ ଖାଁଙ୍କୁ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାରେ ଅଭିଯୁକ୍ତ ମାନେ ଦଣ୍ଡ ପାଇଥିବା ସମୟରେ ଏହା ଏକ ଦୁର୍ଘଟଣା ବୋଲି ରିପୋର୍ଟ ଦାଖଲ କରାଯାଇଛି। ଏଭଳି ଜାଲ ରିପୋର୍ଟ ଯୋଗୁଁ ପୋଲିସ୍ ବିଭାଗ ଓ ବିଚାର ବିଭାଗ ନିନ୍ଦିତ ହେବେ। ଏସଡ଼ିପିଓଙ୍କ ଦ୍ୱାରା ପ୍ରସ୍ତୁତ ରିପୋର୍ଟ ପଛରେ ମୋଟାଅଙ୍କର ଅର୍ଥ କାରବାର ହୋଇଥିବା ଅଭିଯୋଗ ଓଏସ ଅହମ୍ମଦ କରିବା ସହିତ ପୁନଃ ତଦନ୍ତ ପାଇଁ ୧୨.୦୪. ୨୦୨୪ରେ ଆବେଦନ କରିଛନ୍ତି।

# ଅବକାରୀ ବିଭାଗର ଚଢ଼ାଉ, ଜଣେ ଗିରଫ

ବେତନଟୀ (ଭାସ୍କର ନ୍ୟୁଜ୍): ବେତନଟୀ ଅବକାରୀ ଥାନା ଅଧୀନ ବେତନଟୀ ଅଞ୍ଚଳ ରେ ଆଜି ଅବକାରୀ ବିଭାଗ ଚଢାଉ କରି ଦେଶୀ ମଦ ଜବତ କରି ଜଣଙ୍କୁ ଗିରଫ କରିଛି ଅବକାରୀ ପୁଲିସ। ଅଭିଯୁକ୍ତ ଜଣଙ୍କ ହେଲେ ବେତନଟୀ ଥାନା ଅଧୀନ ଏସ ଏସ ମହୁଲିଆ ଗ୍ରାମର ଦୂର୍ଗା ଚରଣ ମହାନ୍ତ(୪୦) ବୋଲି ଜଣାପଡିଛି। ଚଢ଼ାଉ ସମୟରେ ତାଙ୍କ ପାଖରୁ ମୋଟ ୧୮ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଚଢାଉ ରେ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ସାହୁ, ଏସ.ଆଇ ସୁଧାଂଶୁ କୁମାର ବେହେରା, ଲିଜା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବେତନଟୀ(ଭାସ୍କର ନ୍ୟୁଜ୍): ବେତନଟୀ ଥାନା ଅଧୀନ ଭାଦୁଶୋଳ ଜଙ୍ଗଲ ରେ ଜନୈକା ୪୨ ବର୍ଷିୟ ଯୁବକର ଝୁଲନ୍ତା ମୃତଦେହକୁ ଆଜି ଜବତ କରିଛି ବେତନଟୀ ପୁଲିସ। ମୃତ ଯୁବକ ଜଣକ ହେଉଛନ୍ତି ବଡ଼ସାହି ଥାନା ଅଧୀନ ଉଠାଣି ନୂଆଁ ଗାଁ ଗ୍ରାମର ପ୍ରଫୁଲ୍ଲ ସାହୁ(୪୨) ବୋଲି ଜଣାପଡିଛି। ଘଟଣାରୁ ପ୍ରକାଶ ପ୍ରଫୁଲ୍ଲ ଗୁରୁବାର ଦିନ ରାତି ତିନିଟାରୁ ଘରୁ ବାହାରି ଆସି ଭାଦୁଶୋଳ ଜଙ୍ଗଲରେ ଆସି ଗଛରେ ଗାମୁଛା ଦ୍ୱାରା ଫାଶୀ ଦେଇଥିଲା। ଜଙ୍ଗଲରେ ଫାଶୀ ଦେଇଥିବା ଦେଖି ଗ୍ରାମବାସୀମାନେ କୃଷ୍ଣଚନ୍ଦ୍ରପୁର ଫାଣ୍ଡିଅଧିକାରୀ ଏଏସଆଇ ସୂତାର କୁମାର ମହାନ୍ତ ୧୨/୨୪ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି।

# ଗୋପାଳଗାଁରେ ଶିରିଡ଼ି ସାଇ ବାବାଙ୍କ ଜୟନ୍ତୀ

ବାଲେଶ୍ୱର (ଭାସ୍କର ନ୍ୟୁଜ୍): ଗୋପାଳଗାଁସ୍ଥିତ ଶିରିଡ଼ି ସାଇ ମନ୍ଦିରରେ ସାଇବାବାଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ମାଧମରେ ଶ୍ରଦ୍ଧାଳୁମାନେ ପ୍ରଭୁ ସାଇବାବାଙ୍କ ଜୟନ୍ତୀ ବେଶ ଶ୍ରଦ୍ଧା ଓ ଭକ୍ତିର ସହ ପାଳନ କରିଥିଲେ। ପ୍ରାତଃକାଳରେ ପ୍ରଥମେ ସାଇ ବାବାଙ୍କ ସ୍ନାନ ପରେ ଆଳତୀ କରାଯାଇଥିଲା। ମନ୍ଦିରରେ ସାଇଭକ୍ତମାନେ ବେଶ୍ ? ? ଭକ୍ତି ଓ ଶ୍ରଦ୍ଧାର ସହ ବାବାଙ୍କୁ ଆରଧନା କରିଥିଲେ। ପରେ ମହାଯଜ୍ଞ ଶୁଭାରମ୍ଭ ହୋଇଥିଲା। ଏଥି ସହିତ ସାଇ ପାରାୟଣ, ୧୦୦୮ ନାମଯଜ୍ଞ ପ୍ରଭୃତି ଅନୁଷ୍ଠିତ ହୋଇଥିଲା। ଭଜନ, କୀର୍ତ୍ତନ, ପ୍ରବଚନ ଆଦି କାର୍ଯ୍ୟକ୍ରମ ଦୀର୍ଘସମୟ ଧରି ଚାଲିଥିଲା। ସାଇ ମନ୍ଦିର ପରିଚାଳନା ସମିତି ପକ୍ଷରୁ ଆୟୋଜିତ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ବହୁ ଭକ୍ତ ଯୋଗ ଦେଇଥିଲେ। ସାଇମନ୍ଦିର ଶ୍ରୀଗୁରୁ ଭାଗବତ ଟୁଙ୍ଗୀର ସଦସ୍ୟ ନିରୋଧ ମହାନ୍ତି, ଅମର କୁମାର ମହାନ୍ତି, ନିକୁଞ୍ଜ ମହାନ୍ତି, ଶ୍ୱେତ କୁମାର ମହାପାତ୍ର, ଶିରିଶ କୁମାର ଜେନା, ଜୟନ୍ତ କୁମାର ମହାନ୍ତି, ପ୍ରଶାନ୍ତ କୁମାର ମହାନ୍ତି, ରମେଶ ଦାସ, ପ୍ରଦୀପ ଦାସ, ରାମକୃଷ୍ଣ ଧଳ, ଚିତ୍ତରଞ୍ଜନ ଓଝା ପ୍ରମୁଖ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

# ହତ୍ୟା ଅଭିଯୋଗ ଆଣି ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର ଲୋକ



କେନ୍ଦୁଝର (ଭାସ୍କର ନ୍ୟୁଜ୍): ତୁରୁମୁଙ୍ଗା ଥାନା ଅନ୍ତର୍ଗତ ଡଲଙ୍ଗ ଗ୍ରାମରେ ଗତ ୨୦/୦୭/୨୦୨୩ ରେ ମୃତ୍ୟୁବରଣ କରିଥିବା ବିରେନ୍ଦ୍ର ନାଏକ (୨୭) ହତ୍ୟା ଅଭିଯୋଗ ଆଣିଛନ୍ତି ପରିବାର ଲୋକ। ପ୍ରକାଶ ଯେ, ବିରେନ୍ଦ୍ର ନାଏକ ଅନ୍ୟ ୨ ଜଣ ଡଲଙ୍ଗ ଡିପାସାହିର ନୁନ୍ଦ ଏବଂ ପାକୁଲୁଙ୍କ ସହିତ ଡଲଙ୍ଗ ମହାନ୍ତ ସାହିର ଟିଙ୍କ ମହାନ୍ତ ଘରକୁ ୨୦୨୩ ମସିହା ଜୁଲାଇ ୧୮ ତାରିଖରେ ବିଲ କାମ କରିବାକୁ କୋଦାଳ ଧରି ଯାଇଥିଲେ। ତେବେ ୧୯ ତାରିଖ ଦିନ ବିରେନ୍ଦ୍ର ଘରକୁ ଫେରି ନଥିବାରୁ ୨୦ ତାରିଖ ଦିନ ଘର ଲୋକ ଖୋଜାଖୋଜି କରିଥିଲେ। ସାଙ୍ଗରେ ଯାଇଥିବା ଅନ୍ୟ ୨ଜଣ ଘରକୁ ଫେରିଥିବାବେଳେ ବିରେନ୍ଦ୍ର ଫେରିନଥିଲା। ଏନେଇ ତାଙ୍କ ସହିତ ଯାଇଥିବା ଅନ୍ୟମାନଙ୍କୁ ପଚରାଉଚୁରା କରିଥିଲେ। ପରେ ତାଙ୍କ ସହିତ ଯାଇଥିବା ପାକୁଲୁ ତାଙ୍କୁ ଜଣାଇଲା ସେ କାମ କରୁଥିବା ସ୍ଥାନରେ ପଡିଛି। ଖବର ପାଇ ତାଙ୍କ ବାପା ରବି ନାଏକ, ମା' କନକ ନାଏକ, ସ୍ତ୍ରୀ କଲ୍ୟାଣୀ ନାଏକ ଉକ୍ତ ସ୍ଥାନକୁ ନେଇଯିବାକୁ ପାକୁଲୁ କୁ କହିଥିଲେ। ତେବେ ସେ କହୁ କହୁ କାନ୍ଦି ପକାଇଥିଲା ଏବଂ ସେମାନଙ୍କ ସହିତ ଯାଇନଥିଲା। ପରେ ସେମାନେ ଯାଇ ଏକ ଜାଗାରେ ମରି ପଡିଥିବାର ଦେଖିଥିଲେ। ତାର ମୁହଁ କ୍ଷତବିକ୍ଷତ ହୋଇ ରକ୍ତାକ୍ତ ଅବସ୍ଥାରେ ପଡିଥିବାର ଦେଖିଥିଲେ। ତାଙ୍କର ଗୁପ୍ତାଙ୍ଗ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଏହା ଦେଖି ବିରେନ୍ଦ୍ର ସହିତ କାମ କରିବାକୁ ଯାଇଥିବା ନୁନ୍ଦୁ ଓ ପାକୁଲୁକୁ ପରିବାର ଲୋକ ସନ୍ଦେହ କରିଥିଲେ। ମୃତ୍ୟୁ ସହିତ ସେମାନେ ଜଡିତ ଥିବା ତାଙ୍କ ଗ୍ରାମର ହୋମଗାର୍ଡ ପରମା ବାରିକଙ୍କ ଜରିଆରେ ତୁରୁମୁଙ୍ଗା ଥାନାରେ ଜଣାଇଥିଲେ। ପରେ ତୁରୁମୁଙ୍ଗା ଥାନା ପୁଲିସ ଶବକୁ ଜବତ୍ କରି ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ଶବ ବ୍ୟବଚ୍ଛେଦ ପରେ ସେମାନେ ଶବ ସତ୍କାର କରିଥିଲେ। ଏ ନେଇ ପୁଲିସ କେସ ନମ୍ବର ୭/୨୦୨୩ ରେ ଏକ ମାମଲା ରୁଜୁ କରିଥିଲା। ତେବେ ଅଦ୍ୟାବଧି ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇନଥିବାରୁ ପରିବାର ଲୋକ ଆଜି କେନ୍ଦୁଝର ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ହତ୍ୟା ଅଭିଯୋଗ କରିଥିଲେ। ଅଭିଯୁକ୍ତଙ୍କୁ ଅବିଳମ୍ବେ ଗିରଫ କରିବାକୁ ଦାବି କରିଥିଲେ। ଚମ୍ପୁଆ ଏସଡିପିଓ ବିଜୟାନନ୍ଦ ମଲ୍ଲିକ ଉକ୍ତ ଗାଁକୁ ଯାଇ ଆଜି ତଦନ୍ତ କରିଛନ୍ତି। ଭିସେରା ରିପୋର୍ଟ ଆସବା ପରେ ହତ୍ୟାକାଣ୍ଡର ସତ୍ୟତା ଜଣାପଡିବ। ଯଦି ହତ୍ୟାକାଣ୍ଡ ହୋଇଥିବା ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ନଦୀ ପଠାରୁ ଅବାଧରେ ଚାଲିଛି ମାଟି ଚାଲାଣ

## ବନ୍ଧପ୍ରତି ବିପଦ ଆଶଙ୍କା



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ଦୀର୍ଘ ଦିନହେଲା ସମଗ୍ର ନିଶ୍ଚିନ୍ତ କୋଇଲି ବ୍ଲକ ଅଂଚଳ ମାଟି ମାଫିଆଙ୍କ ଅଭୟାରଣ୍ୟରେ ପରିଣତ ହୋଇଛି। ମାଟି ମାଫିଆମାନେ ପ୍ରଶାସନର ଜ୍ଞାତସାରରେ ଦୈନନ୍ଦିନ ନଦୀ ପଠା ଓ ଗୋଚର ଜମିରୁ ଲକ୍ଷ ଲକ୍ଷ ଟଙ୍କା ମୂଲ୍ୟର ମାଟି ଖନନ କରି ଠିକାଦାରଙ୍କୁ ବିକ୍ରୟ କରୁଥିବାର ଅଭିଯୋଗ ହୋଇଛି। ଏହା ଦ୍ୱାରା ନଦୀବନ୍ଧପ୍ରତି ବିପଦର ଆଶଙ୍କା ସୃଷ୍ଟି ହୋଇଛି। ନିଶ୍ଚିନ୍ତକୋଇଲି ତହସିଲ ତଥା କଟକ ସଦର ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ତିଳକଣା ଗ୍ରାମପଂଚାୟତ ଦେମାଣ୍ଡୋ ଠାରେ ଥିବା ଲୁଣାନଦୀର ଦକ୍ଷିଣ ପାର୍ଶ୍ୱ ଶଯ୍ୟାରୁ ସ୍ପଷ୍ଟ ଦିବାଲୋକରେ ଶହ ଶହ ଟ୍ରିପ ମାଟି ଖନନ କରାଯାଇ ଅବାଧରେ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଥିବାର ଅଭିଯୋଗ ହୋଇଛି। ମାଟି ମାଫିଆମାନେ ପୋଲିସ ପ୍ରଶାସନର ଜ୍ଞାତସାରରେ ସ୍ପଷ୍ଟ ଦିବାଲୋକରେ ଜେସିବି ମେସିନ ସାହାଯ୍ୟରେ ନଦୀ ପଠାକୁ ତାଡି ଟ୍ରାକ୍ଟର, ଟ୍ରକ ଓ ହାଇୱା ଯୋଗେ ଦୈନନ୍ଦିନ ଶହ ଶହ ଟ୍ରିପ ମାଟି ଅନ୍ୟତ୍ର ଚାଲାଣ କରୁଥିବାର ଅଭିଯୋଗ ହୋଇଛି। ଏହି ଘଟଣା ପଛରେ ସ୍ଥାନୀୟ ଶାସକ ଦଳର କେତେକ କୁଜି ନେତାଙ୍କର ପ୍ରଚ୍ଛନ୍ନ ହାତ ରହିଥିବାର ସାଧାରଣରେ କୁହାଯାଉଛି। ଏଭଳି ମାଟି ଚାଲାଣ ଚାଲୁଥିଲା ବେଳେ ରାଜନୈତିକ ଚାପରେ ପ୍ରଶାସନ ଚୁପ ରହିବା ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି। ମାଟି ମାଫିଆମାନେ ଅବିଚାରିତ ଭାବେ ମାଟି ଚାଲାଣ କରୁଥିଲା ବେଳେ ସମସ୍ତେ ଆଖି ବୁଜିଦେବା ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏଠାରେ ସୂଚନା ଯୋଗ୍ୟ ଯେ ସ୍ଥାନୀୟ ଅଂଚଳରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁରହିଥିବା କାରଣରୁ ମାଟିର ଚାହିଦା ବେଶ ରହିଛି। ମାଟି ମାଫିଆମାନେ ସ୍ଥାନୀୟ ଶାସକ ଦଳ କୁଜି ନେତା ଓ ପ୍ରଶାସନର ମୋଟା ଅଙ୍କର ହାତଗୁଞ୍ଜାଦେଇ ଅବାଧରେ ମାଟି ଚାଲାଣ କରୁଥିବାର ଅଭିଯୋଗ ହୋଇଛି। ଡର କାହାକୁ ଭୟ କାହାକୁ ନେତା ଅଛନ୍ତି ଚୌଉ ବାହାକୁ ବୋଲି କୁଜି ନେତା ମାନେ ଖୁଲମ ଖୁଲା କହିବୁଲୁଛନ୍ତି। ନଦୀ ବନ୍ଧ ଉପରେ ଭାରିଯାନ ଯାଆସ କରୁଥିବା କାରଣରୁ ବହୁ ସ୍ଥାନରେ ନଦୀବନ୍ଧ ଦବି ଯାଇଥିବାର ଦେଖିବାକୁ ମିଳିଛି। ସେହିପରି ଭାବେ ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି। ଏପରିସ୍ଥଳେ ସମଗ୍ର ଅଂଚଳ ଧୂଳି ବାଲି ଉଡିବା ଯୋଗୁ ପରିବେଶ ଦୁଷିତ ହୋଇପଡିଛନ୍ତି ଓ ଲୋକେ ଅଣନିଶ୍ୱାସୀ ହୋଇପଡିଥିବା ଅଭିଯୋଗ ହୋଇଛି। ସେହିପରି ଭାବେ ଦ୍ୱିପାଂଚଳରେ ବହୁ ସ୍ଥାନର ଗୋଚର, ସ୍ଥାବର ଅବସ୍ଥାବର ଓ ଦେବୋତର ବିଭାଗ ଜମିରୁ ମାଟି ମାଫିଆ ମାନେ ଅବାଧରେ ମାଟି ଚାଲାଣ କରୁଥିବାର ଦେଖିବାକୁ ମିଳୁଛି। ଏଠାରେ ସୂଚନାଯୋଗ୍ୟ ଯେ ବର୍ଷା ଋତୁ ମୁଣ୍ଡ ଉପରେ ଥିଲା ବେଳେ ନଦୀ ବନ୍ଧ ଦବି ଯାଇଥିବା କାରଣରୁ ଏଠାରେ ଲୁଣାନଦୀରେ ଘାଇ ସୃଷ୍ଟି ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅପରପକ୍ଷରେ ନିକଟ ଅତିତରେ ଏହି ସ୍ଥାନରେ ଲୁଣାନଦୀରେ ଏକ ବଡ ଧରଣର ଘାଇ ସୃଷ୍ଟି ହୋଇ ଶହ ଶହ ଜମି ଜଳ ପ୍ଲାବିତ ହେବା ସହ ଲୋକେ ସର୍ବହରା ହୋଇଥିବା ଘଟଣା କାହାରିକୁ ଅଛପା ନାହିଁ। ଏହି ଘଟଣା ଲୋକଙ୍କ ମନରୁ ଲିଭିନଥିଲା ବେଳେ ଏଠାରେ ମନୁଷ୍ୟକୃତ ଘାଇ ସୃଷ୍ଟି ହେଲେ କିଏ ଦାୟୀ ହେବ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। ଏସମ୍ପର୍କରେ ଆମ ପ୍ରତିନିଧି ନିଶ୍ଚିନ୍ତକୋଇଲି ତହସିଲଦାର ଅନିତା ନାୟକଙ୍କୁ ପଚାରିବାରୁ ଏହା ତାଙ୍କର ପରିସର ନଥିବା କାରଣରୁ ସେ କୌଣସି ପଦକ୍ଷେପ ନେଇପାରିବେ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଅପରପକ୍ଷରେ ଆମ ପ୍ରତିନିଧି ତରତ ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ଇଂ ମନୋରଞ୍ଜନ ମହାନ୍ତିଙ୍କୁ ପଚାରିବାରୁ ସେ ଏହି ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ମତବ୍ୟକ୍ତ କରିଛନ୍ତି।

# ପୂର୍ବତନ ସମିତି ସଭ୍ୟଙ୍କ ଇସ୍ତଫା

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ସୁଭଦ୍ରା ମହତାବ ମହାବିଦ୍ୟାଳୟ ଛାତ୍ର ସଂସଦର ପ୍ରାକ୍ତନ ସଭାପତି ତଥା ପୂର୍ବତନ ସମିତି ସଭ୍ୟ ଅନନ୍ତରାମ ସିଂ ବିଜେଡି ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ପ୍ରଦାନ କରିଥିବାର ପ୍ରକାଶ କରିଛନ୍ତି। ଗତ କିଛି ଦିନ ହେଲା ଶ୍ରୀ ସିଂଙ୍କୁ ଦଳ ତରଫରୁ ଅଣଦେଖା କରାଯାଇ ଆସୁଥିଲା। ଏଥିରେ ନିଜକୁ ଅପମାନିତ ବୋଧ କରି ଶ୍ରୀ ସିଂ ବିଜେଡି ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ସେ ତାଙ୍କର ଇସ୍ତଫା ପତ୍ର ବ୍ଲକ ବିଜେଡି ସଭାପତିଙ୍କ ନିକଟରୁ ପଠାଇ ଦେଇଥିବାର ପ୍ରକାଶ କରିଛନ୍ତି। ଅସୁରେଶ୍ୱରର ସ୍ୱାଭିମାନ ଐତିହ୍ୟ ପରମ୍ପରା ଓ ବିକାଶ ନିମନ୍ତେ ସେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି।

# ବିଜେଡିର କର୍ମୀ ବୈଠକ



ବାରଙ୍ଗ (ଭାସ୍କର ନ୍ୟୁଜ୍): ବାରଙ୍ଗ ବ୍ଲକ ଅଧିନସ୍ଥ ଦାଢ଼ା ପାଟଣା ପଞ୍ଚାୟତ ପକ୍ଷରୁ ବିଜୁ ଜନତା ଦଳର କର୍ମୀ ବୈଠକ ଶୁକ୍ରବାର ସନ୍ଧ୍ୟାରେ କାସା ରୟାଲ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସରପ□ ଦିଲ୍ଲୀପ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ସମେତ ପୂର୍ବ□ନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ରମାକାନ୍ତ ରାଉତ, ଅଶୋକ ରାଉତ, ବ୍ଲକ ଅଧକ୍ଷ ସାବିତ୍ରୀ ଦଳାଇ, ସସ୍ମିତା ସାହୁ, ସୁମିନା ପ୍ରଧାନ, ତପନ ସେଠି , ସଂଗ୍ରାମ ମହାପାତ୍ର ପ୍ରମୁଖ ଯୋଗଦେଇ କର୍ମୀ ବୈଠକରେ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଆଗାମୀ ନିର୍ବାଚନରେ ବିଧାୟକ ଓ ସଂସଦ ପ୍ରାର୍ଥୀ ମାନଙ୍କୁ ବିପୁଳ ଭାବରେ ଭୋଟ ଦେଇ ଜୟଯୁକ୍ତ କରିବାପାଇଁ ଲୋକମାନଙ୍କୁ ବୁଝାଇବା କର୍ମୀ ମାନଙ୍କର ଆବଶ୍ୟକତା ରହିଛି। ଅପାର ପକ୍ଷରେ ଏହି ବୈଠକରେ ଏକାଧିକ ବିଜେପି କର୍ମୀ ବିଜେଡିରେ ମିଶିଥିଲେ।



ଚେନ୍ନାଇ : ଶୁକ୍ରବାର ସକାଳୁ ଲୋକ ସଭା ନିର୍ବାଚନ ପାଇଁ ଭୋଟ ଗ୍ରହଣ ଆରମ୍ଭ ହୋଇଛି । ସମସ୍ତ ରାଜନୈତିକ ଦଳ ଭାଗ୍ୟ ପରୀକ୍ଷା କରିବାକୁ ରାଜନୈତିକ ମଞ୍ଚରେ ପ୍ରବେଶ କରିଛନ୍ତି । ଲୋକ ସଭା ନିର୍ବାଚନ ୨୦୨୪ ପାଇଁ ଭୋଟ ୧୯ ଏପ୍ରିଲରୁ ଆରମ୍ଭ ହୋଇଛି । ଶୁକ୍ରବାର ପ୍ରଥମ ପର୍ଯ୍ୟାୟ ପାଇଁ ମତଦାନ ଅନୁଷ୍ଠିତ ହୋଇଛି । ଏହି ସମୟ ମଧ୍ୟରେ ସାଧାରଣ ଲୋକଙ୍କ ସହ ଚଳଚ୍ଚିତ୍ର ତାରକାମାନେ ମତଦାନ ବୁଥ ବାହାରେ ମଧ୍ୟ ନଜର ଆସିଛନ୍ତି । ଶୁକ୍ରବାର ଲୋକ ସଭାର ପ୍ରଥମ ପର୍ଯ୍ୟାୟରେ ଦେଶର ୨୧ଟି ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ମୋଟ ୧୦୨ଟି ଲୋକ ସଭା ଆସନରେ ଭୋଟ ଗ୍ରହଣ କରାଯିବ । ତାମିଲନାଡୁର ନାମ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ । ଯେଉଁଠାରୁ ତିନୋଟି ସୁପରଷ୍ଟାରଙ୍କ ଭିଡିଓ ସାମ୍ନାକୁ ଆସିଛି । ତାମିଲ ଅଭିନେତା ଅଜିତ କୁମାର ଭୋଟ ଦେବା ପାଇଁ ସର୍ବ ପ୍ରଥମେ ପହଞ୍ଚିଥିଲେ ।

## ଗାନ୍ଧିନଗରରୁ ନାମାଙ୍କନପତ୍ର ଦାଖଲ କଲେ ଅମିତ ଶାହା



ଗାନ୍ଧିନଗର: କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଶୁକ୍ରବାର ଲୋକସଭା ନିର୍ବାଚନ ପାଇଁ ଗୁଜୁରାଟ ଗାନ୍ଧିନଗର ଲୋକସଭା ଆସନ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି । ସେ ଭାରତୀୟ ଜନତା ପାର୍ଟି (ବିଜେପି) ପ୍ରାର୍ଥୀ ଅଟନ୍ତି । ଶାହ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲଙ୍କ ସହ ଯୋଗଦେଇ ରାଜ୍ୟ ରାଜଧାନୀର ଗାନ୍ଧିନଗର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି । ପ୍ରାର୍ଥୀପତ୍ର ଦାଖଲ କରିବା ପରେ ଅମିତ ଶାହା କହିଛନ୍ତି, 'ମୁଁ ଗାନ୍ଧିନଗର ଆସନରୁ ନାମାଙ୍କନପତ୍ର ଦାଖଲ କରିଛି ଏବଂ ଗାନ୍ଧିନଗରକୁ ପ୍ରତିନିଧିତ୍ୱ କରିବା ମୋ ପାଇଁ ଗର୍ବର ବିଷୟ । ଏହି ନିର୍ବାଚନ ହେଉଛି ନରେନ୍ଦ୍ର ମୋଦିଙ୍କୁ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ କରିବା । ମୁଁ ୩୦ ବର୍ଷ ଧରି ଏହି ଆସନରୁ ଜଣେ ବିଧାୟକ ଏବଂ ସାଂସଦ ରହିଛି । ଏହି ଅଞ୍ଚଳର ଲୋକମାନେ ମୋତେ ବହୁତ ଭଲ ପାଇବା ଦେଇଛନ୍ତି । ମୋଦି ଜି ଦେଶକୁ ସୁରକ୍ଷିତ କରିଛନ୍ତି ଏବଂ ୨୦୪୭ ସୁଦ୍ଧା ଭାରତ ବିକଶିତ ଦେଶ ହେବ । ଏହାର ଗୋଟିଏ ଦିନ ପୂର୍ବରୁ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଗୁରୁବାର ନିଜ ନିର୍ବାଚନମଣ୍ଡଳୀରେ ଗୋଟିଏ ପରେ ଗୋଟିଏ ରୋଡ ଶୋ' କରିଥିଲେ ଏବଂ ପ୍ରାୟ ୨୦ କିଲୋମିଟର ଦୂରତା ଅତିକ୍ରମ କରିଥିଲେ ।

## ଭୋଟ ବେଳେ ଫୁଟିଲା ଗୁଳି



ରାୟପୁର: ଲୋକ ସଭା ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟର ଭୋଟ ଗ୍ରହଣ ଶୁକ୍ରବାରଠାରୁ ଆରମ୍ଭ ହୋଇଛି । ୮ ଜଣ କେନ୍ଦ୍ର ମନ୍ତ୍ରୀ, ୨ ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ଜଣେ ପୂର୍ବତନ ରାଜ୍ୟପାଳଙ୍କ ସମେତ ୧,୬୦୦ ରୁ ଅଧିକ ପ୍ରାର୍ଥୀ ସେମାନଙ୍କର ନିର୍ବାଚନ ଭାଗ୍ୟ ପରୀକ୍ଷା କରୁଛନ୍ତି । ଏହାରି ଭିତରେ ମଣିପୁରର ମୋଇରାଙ୍ଗ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଥିବା ଥାମନାପୋକପିରେ ଏକ ପୁଲିଂ ବୁଥରେ ଫୁଟିଛି ଗୁଳି । ଦଳେ ଦୁର୍ବୃତ୍ତ ସେଠାରେ ଏକାଧିକ ରାଉଣ୍ଡ ଗୁଳି ଫୁଟାଇଥିଲେ । ଗୁଳି ଫୁଟିବା ପରେ ଧାଡ଼ିରେ ଛିଡ଼ା ହୋଇଥିବା ଭୋଟରମାନେ ଭୟଭୀତ ହୋଇ ଏଣେତେଣେ ଦୌଡ଼ି ପଳାଇଥିଲେ । ଏହାର ଏକ ଭିଡିଓ ଭାଇରାଲ ମଧ୍ୟ ହୋଇଛି । ମଣିପୁରରେ ଦୁଇଟି ଲୋକସଭା ଆସନ ଅଛି । ଆଜି ଉଭୟ ଇନର ମଣିପୁର ଲୋକସଭା ଆସନ ଓ ଆଉଟର ମଣିପୁର ଲୋକସଭା ଆସନ ପାଇଁ ଭୋଟ୍ ଗ୍ରହଣ କରାଯାଉଛି । ଏଥିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଏହା ସତ୍ତ୍ୱେ କିଛି ସ୍ଥାନରେ ଛୋଟମୋଟ ଘଟଣା ଘଟିଛି । ଇନର ମଣିପୁର ଲୋକସଭା ନିର୍ବାଚନ ମଣ୍ଡଳୀର ଥୋଙ୍ଗଜୁ ବିଧାନସଭା ନିର୍ବାଚନ ମଣ୍ଡଳୀରେ ସ୍ଥାନୀୟ ଲୋକ ଓ କିଛି ଦୁର୍ବୃତ୍ତଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିବା ଦେଖିବାକୁ ମିଳିଛି । ବର୍ଷେ ହେଲାଣି ଆଦିବାସୀ ଓ ଅଣଆଦିବାସୀଙ୍କ ମଧ୍ୟରେ ସଂଘର୍ଷ ଯୋଗୁ ଚର୍ଚ୍ଚାରେ ଅଛି ମଣିପୁର ।

## ଲୋକସଭା ନିର୍ବାଚନ : ୬ ଜିଲ୍ଲାରେ ଭୋଟ ଶୂନ୍




କୋହିମା : ଲୋକସଭା ନିର୍ବାଚନ ଶୁକ୍ରବାର ଠାରୁ ଦେଶରେ ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଦେଶର ୧୦୨ ଲୋକସଭା ଆସନ ପାଇଁ ୨୧ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଲୋକମାନେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରୁଛନ୍ତି । ଏହିକ୍ରମରେ ନାଗାଲ୍ୟାଣ୍ଡର ଗୋଟିଏ ଲୋକସଭା ଆସନ ପାଇଁ ମଧ୍ୟ ଭୋଟ ହେଉଛି । କିନ୍ତୁ ରାଜ୍ୟର ୬ ଜିଲ୍ଲାରେ ଜଣେ ହେଲେ ବି ସେମାନଙ୍କ ଗଣତାନ୍ତ୍ରିକ ଅଧିକାରକୁ କାର୍ଯ୍ୟକାରୀ କରି ନାହାନ୍ତି । ସେମାନେ ଭୋଟିଂ ପ୍ରକ୍ରିୟାକୁ ବୟକଟ୍ କରିଛନ୍ତି । ନାଗାଲାଣ୍ଡରେ ପୃଥକ ସରକାର (ରାଜ୍ୟ) ଏବଂ ଅଧିକ ଆର୍ଥିକ ସ୍ୱାଧୀନତା ଦାବିରେ 'ଲୋକଙ୍କ ଜରୁରୀକାଳିନ ପରିସ୍ଥିତି' ନେଇ ଘୋଷଣା କରି ପୂର୍ବ ନାଗାଲାଣ୍ଡ ଲୋକ ସଂଗଠନ (ଇଏନ୍‌ପିଓ) ଲୋକ ସଭା ନିର୍ବାଚନକୁ ବହିଷ୍କାର କରିବାକୁ ଆହ୍ୱାନ ଦେବା ଫଳରେ କେହି ଭୋଟ ଦେଇନାହାନ୍ତି । ସଂଗଠନର ଏପରି ବୟକଟ ଡାକରା ପରେ ଉତ୍ତର-ପୂର୍ବ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ଇଷ୍ଟର୍ଣ୍ଣ ନାଗାଲ୍ୟାଣ୍ଡ ପିପୁଲ୍ସ ଅର୍ଗାନାଇଜେସନକୁ ବିଶୃଙ୍ଖଳା ସୃଷ୍ଟି ପାଇଁ ନୋଟିସ ଜାରି କରିଛନ୍ତି । ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ସଂଗଠନ ନିଜର ହୁକୁମାତି ଜାହିର କରିବାକୁ ଚେଷ୍ଟା କରୁଛି । ନିରପେକ୍ଷ ଭୋଟିଂ ପ୍ରକ୍ରିୟାରେ ସଂଗଠନ ହସ୍ତକ୍ଷେପ କରୁଛି । ଅପରପକ୍ଷେ ଇଏନ୍‌ପିଓ ପ୍ରତିକ୍ରିୟାରେ କହିଛି ଯେ, ପୂର୍ବ ନାଗାଲାଣ୍ଡ ଅଞ୍ଚଳରେ ଅଶାନ୍ତିର ସମ୍ଭାବନାକୁ ହ୍ରାସ କରିବା ହେଉଛି ସର୍ବସାଧାରଣ ବିଜ୍ଞପ୍ତିର ମୂଳ ଉଦ୍ଦେଶ୍ୟ । ଏପରିକି ପୂର୍ବ ନାଗାଲାଣ୍ଡ ବର୍ତ୍ତମାନ ସାଧାରଣ ଜରୁରିକାଳୀନ ପରିସ୍ଥିତିରେ ଅଛି । ହିତାଧିକାରୀଙ୍କ ସହ ପରାମର୍ଶ ପରେ ଏହି ଘୋଷଣା କରାଯାଇଛି । ପୂର୍ବରୁ ଗତ ବର୍ଷ ବିଧାନସଭା ନିର୍ବାଚନ ପୂର୍ବରୁ ଇଏନ୍‌ପିଓ ମତଦାନରୁ ନିବୃତ୍ତ ରହିବାକୁ ଆହ୍ୱାନ ଦେଇଥିଲା, କିନ୍ତୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଆଶ୍ୱାସନା ପରେ ଏହାକୁ ପ୍ରତ୍ୟାହାର କରି ନିଆଯାଇଥିଲା । ମାର୍ଚ୍ଚ ୩୦ରେ ୨୦ ଜଣ ବିଧାୟକ ଓ ବିଭିନ୍ନ ସଂଗଠନ ସହ ଇଷ୍ଟର୍ଣ୍ଣ ନାଗାଲ୍ୟାଣ୍ଡ ପିପୁଲ୍ସ ଅର୍ଗାନାଇଜେସନ ରୁଦ୍ଧଦ୍ୱାର ବୈଠକ କରିଥିଲେ । ଏହି ସମୟରେ ଇଷ୍ଟର୍ଣ୍ଣ ନାଗାଲ୍ୟାଣ୍ଡ ଲୋକସଭା ନିର୍ବାଚନରୁ ଦୂରେଇ ରହିବ ବୋଲି ଇଷ୍ଟର୍ଣ୍ଣ ନାଗାଲ୍ୟାଣ୍ଡ ପିପୁଲ୍ସ ଅର୍ଗାନାଇଜେସନ ଘୋଷଣା କରିଥିଲା ।

## କଂଗ୍ରେସକୁ ଭୋଟ ଦିଅନି: ମମତା



କୋଲକତା : ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିରୋଧୀ ଇଣ୍ଡିଆ ମେଣ୍ଟରେ ଥିବା ସିପିଆଇ(ଏମ) ଓ କଂଗ୍ରେସକୁ ତୀବ୍ର ସମାଲୋଚନା କରିଛନ୍ତି । ଉଭୟ ଦଳ ବେଙ୍ଗଲରେ ଭାଜପା ସହ ହାତ ମିଳାଇଛନ୍ତି । କଂଗ୍ରେସ ଓ ସିପିଆଇଏମ ସପକ୍ଷରେ ଭୋଟ ନ ଦେବାକୁ ମଧ୍ୟ ସେ ଲୋକଙ୍କୁ ଅନୁରୋଧ କରିଛନ୍ତି । ମୁର୍ଶିଦାବାଦରେ ଗୋଟିଏ ନିର୍ବାଚନ ରାଲିକୁ ସମ୍ବୋଧନ କରି ମମତା କହିଛନ୍ତି, ପଶ୍ଚିମବଙ୍ଗରେ କୌଣସି ପ୍ରକାରର ଇଣ୍ଡିଆ ମେଣ୍ଟ ନାହିଁ । ବିରୋଧୀ ମେଣ୍ଟ ଇଣ୍ଡିଆ ଗଠନ କରିବାରେ ମୁଁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲି । ଏପରି କି ମେଣ୍ଟର ନାଁ ମୁଁ ଦେଇଥିଲି । କିନ୍ତୁ ପଶ୍ଚିମବଙ୍ଗରେ ସିପିଆଇଏମ ଓ କଂଗ୍ରେସ ମିଳିତ ଭାବେ ଭାଜପା ପାଇଁ କାମ କରୁଛନ୍ତି । ଯଦି ଆପଣମାନେ ଭାଜପାକୁ ହରାଇବା ପାଇଁ ଚାହୁଁଛନ୍ତି, ତେବେ କଂଗ୍ରେସ ଓ ସିପିଆଇଏମକୁ ଭୋଟ ଦିଅନ୍ତୁ ନାହିଁ । ସେମାନଙ୍କୁ ଭୋଟ ଦେଇ ନିଜର ଭୋଟକୁ ଅଯଥା ନଷ୍ଟ କରନ୍ତୁ ନାହିଁ । କଂଗ୍ରେସ ଓ ଟିଏମସି ଇଣ୍ଡିଆ ମେଣ୍ଟରେ ଥିଲେ ହେଁ ପଶ୍ଚିମବଙ୍ଗରେଆ ଦୁଇ ଦଳ ମଧ୍ୟରେ ସିଟ୍ ବୁଝାମଣା ଡିଲ୍ ଫାଇନାଲ ହୋଇ ପାରି ନଥିଲା । ତେଣୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ତାଙ୍କ ଦଳ ଟିଏମସି ଏକାକୀ ନିର୍ବାଚନ ଲଢ଼ିବ ବୋଲି ଘୋଷଣା କରିଥିଲେ ।

## ଫିଲିପାଇନ୍ସରେ ପହଞ୍ଚିଲା ବ୍ରହ୍ମସ କ୍ଷେପଣାସ୍ତ୍ର




ନୂଆଦିଲ୍ଲୀ: ଭାରତ ଫିଲିପାଇନ୍ସକୁ ବ୍ରହ୍ମୋସ୍ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର ବିକ୍ରୟ କରିଛି । ଶୁକ୍ରବାର ଭାରତୀୟ ବାୟୁସେନାର ସି-୧୭ ପରିବହନ ବିମାନ କ୍ଷେପଣାସ୍ତ୍ର ବ୍ୟବସ୍ଥା ନେଇ ଫିଲିପାଇନ୍ସସ୍ଥିତ କଲ୍ଲାର୍କ ଏୟାରବେସରେ ପହଞ୍ଚିଥିଲା । ପ୍ରତିରକ୍ଷା ବିଶେଷଜ୍ଞଙ୍କ ମତରେ ଫିଲିପାଇନ୍ସ ସହ ଏହି ପ୍ରତିରକ୍ଷା ଚୁକ୍ତି ଭାରତୀୟ ପ୍ରତିରକ୍ଷା କ୍ଷେତ୍ର ପାଇଁ ପ୍ରଥମ ପ୍ରମୁଖ ଅନ୍ତର୍ଜାତୀୟ ରପ୍ତାନୀ ବ୍ୟବସ୍ଥା ଥିଲା । ୨୯୦ କିଲୋମିଟର ଦୂରତା ବିଶିଷ୍ଟ ଆଣ୍ଟି-ସିପ୍ କ୍ରୁଜ୍ କ୍ଷେପଣାସ୍ତ୍ରର କୂଳ ଭିତ୍ତିକ ସଂସ୍କରଣ ପାଇଁ ଏହି ଅର୍ଡର ଦିଆଯାଇଛି । ୨୦୨୨ ମସିହାରେ ଦୁଇ ଦେଶ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଭାରତ ଓ ଫିଲିପାଇନ୍ସ ମଧ୍ୟରେ ପ୍ରାୟ ୩୭୫ ନିୟୁତ ଆମେରିକୀୟ ଡଲାରରେ ଚୁକ୍ତି ହୋଇଥିଲା । ଦକ୍ଷିଣ ଚୀନ୍ ସାଗରରେ ଫିଲିପାଇନ୍ସ ଓ ଚୀନ୍ ମଧ୍ୟରେ ଲଗାତାର ଉତ୍ତେଜନା ଲାଗି ରହିଥିବା ବେଳେ ଭାରତ ପକ୍ଷରୁ ଫିଲିପାଇନ୍ସକୁ ଏହି କ୍ଷେପଣାସ୍ତ୍ର ବ୍ୟବସ୍ଥା ଯୋଗାଇ ଦିଆଯାଇଛି । ଭାରତ ଶୁକ୍ରବାର ଫିଲିପାଇନ୍ସକୁ ବ୍ରହ୍ମୋସ୍ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ରର ପ୍ରଥମ ସେଟ୍ ହସ୍ତାନ୍ତର କରିଛି । ଯାହାଫଳରେ ଫିଲିଫାଇନ୍ସ ଚୀନ୍‌ର ଯୁଦ୍ଧ ଜାହାଜକୁ ଟାର୍ଗେଟ କରିପାରିବ ।

## ବିଦିଶାରୁ ଲଢ଼ିବେ ଶିବରାଜ

ଭୋପାଳ: ଭାଜପାର ବରିଷ୍ଠ ନେତା ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ବିଦିଶା ଲୋକସଭା ଆସନରୁ ପ୍ରାର୍ଥୀ ଭାବେ ଶୁକ୍ରବାର ନାମାଙ୍କନପତ୍ର ଦାଖଲ କରିଛନ୍ତି । ନାମାଙ୍କନପତ୍ର ଦାଖଲ ପୂର୍ବରୁ ଭୋପାଳସ୍ଥିତ ବାସଭବନରେ ଶିବରାଜ ସ୍ତ୍ରୀଙ୍କ ସହ ପୂଜାର୍ଚ୍ଚନା କରିଥିଲେ । ପରେ ସମର୍ଥକଙ୍କ ସହ ଏକ ରୋଡ ଶୋ'ରେ ବାହାରି କଲେକ୍ଟରଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲେ । ପରେ ଭାଜପା ବରିଷ୍ଠ ନେତୃବୃନ୍ଦଙ୍କ ଉପସ୍ଥିତିରେ ନାମାଙ୍କନପତ୍ର ଦାଖଲ କରିଥିଲେ ।



## ନୌସେନା ମୁଖ୍ୟ ଭାବେ ନିଯୁକ୍ତି ପାଇଲେ ଦୀନେଶ କୁମାର



ନୂଆଦିଲ୍ଲୀ : କେନ୍ଦ୍ର ସରକାର ପିଭିଏସଏମ, ଏଭିଏସଏମ, ଏନଏମ ଭାଇସ୍ ଆଡମିରାଲ ଦୀନେଶ କୁମାର ତ୍ରିପାଠୀଙ୍କୁ ନୂଆ ନୌସେନା ମୁଖ୍ୟ ଭାବେ ନିଯୁକ୍ତ କରିଛନ୍ତି । ସେ ୩୦, ଏପ୍ରିଲ୍ ୨୦୨୪ ମଧ୍ୟାହ୍ନ ପରେ ଏହି ଦାୟିତ୍ୱ ଗ୍ରହଣ କରିବେ । ବର୍ତ୍ତମାନ ଭାଇସ୍ ଆଡମିରାଲ ତ୍ରିପାଠୀ ନୌସେନା ଉପମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି । ବର୍ତ୍ତମାନର ନୌସେନା ମୁଖ୍ୟ ପିଭିଏସଏମ, ଏଭିଏସଏମ, ଭିଏସଏମ ଆଡମିରାଲ ଆର ହରି କୁମାର ଏପ୍ରିଲ ୩୦, ୨୦୨୪ରେ ଅବସର ନେଉଛନ୍ତି । ୧୯୬୪ ମସିହା ମଇ ୧୫ ତାରିଖରେ ଜନ୍ମଗ୍ରହଣ କରିଥିବା ଭାଇସ୍ ଆଡମିରାଲ ଦୀନେଶ କୁମାର ତ୍ରିପାଠୀ ୧୯୮୫ ମସିହା ଜୁଲାଇ ୧ ତାରିଖରେ ଭାରତୀୟ ନୌସେନାର କାର୍ଯ୍ୟନିର୍ବାହୀ ଶାଖାରେ ଯୋଗ ଦେଇଥିଲେ । ଜଣେ ଯୋଗାଯୋଗ ଏବଂ ବୈଦ୍ୟୁତିକ ଯୁଦ୍ଧ ବିଶେଷଜ୍ଞ, ସେ ପାଖାପାଖି ୩୯ ବର୍ଷ ଧରି ଦୀର୍ଘ ଏବଂ ବିଶିଷ୍ଟ ସେବା କରିଛନ୍ତି । ନୌସେନା ର ଉପମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସେ ପଶ୍ଚିମ ନୌସେନା କମାଣ୍ଡର ଫ୍ଲାଗ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ଭାବରେ କାର୍ଯ୍ୟ କରିଥିଲେ । ଭି ଏଡିଏମ୍ ଡିକେ ତ୍ରିପାଠୀ ଭାରତୀୟ ନୌସେନା ଜାହାଜ ବିନାଶ, କିର୍ଚ ଏବଂ ତ୍ରିଶୁଳର ନେତୃତ୍ୱ ନେଇଛନ୍ତି । ପଶ୍ଚିମ ଫ୍ଲିଟ୍ ର ଫ୍ଲିଟ୍ ଅପରେସନ୍ ଅଫିସର ଙ୍କ ସମେତ ସେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପରିଚାଳନା ଏବଂ କର୍ମଚାରୀ ନିଯୁକ୍ତି ମଧ୍ୟ କରିଛନ୍ତି । ଭାଇସ୍ ଆଡମିରାଲ ପାହ୍ୟାରେ ସେ ସମ୍ମାନଜନକ ଭାରତୀୟ ନୌସେନା ଏକାଡେମୀ, ଏଜିମାଲାର କମାଣ୍ଡାଣ୍ଟ, ନୌସେନା ଅପରେସନ୍ ମହାନିର୍ଦ୍ଦେଶକ; ପଶ୍ଚିମ ନୌସେନା କମାଣ୍ଡର ଚିଫ୍ ଅଫ୍ ପର୍ସନାଲ୍ ଏବଂ ଫ୍ଲାଗ୍ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ଭାବରେ କାର୍ଯ୍ୟ କରିଛନ୍ତି । ସୈନିକ ସ୍କୁଲ, ରେୱା ଏବଂ ନ୍ୟାସନାଲ ଡିଫେନ୍ସ ଏକାଡେମୀ, ଖଡ଼କୱାସଲାର ପୂର୍ବତନ ଛାତ୍ର ଭାଇସ ଆଡମିରାଲ ଦୀନେଶ କୁମାର ତ୍ରିପାଠୀ ୱେଲିଂଟନର ଡିଫେନ୍ସ ସର୍ଭିସେସ୍ ଷ୍ଟାଫ୍ କଲେଜ, ନାଭାଲ ହାୟର କମାଣ୍ଡ କୋର୍ସ, କରଞ୍ଜା ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ନାଭାଲ ୱାର କଲେଜରେ ନାଭାଲ କମାଣ୍ଡ କଲେଜରୁ ପାଠ୍ୟକ୍ରମ କରିଛନ୍ତି ।

## ଭୋଟ ଦେଲେ ବିଶ୍ୱର ସବୁଠୁ ଛୋଟ ମହିଳା



ମୁମ୍ବାଇ: ଦେଶରେ ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ଆଜିଠୁ ଆରମ୍ଭ ହୋଇଛି । ଏହି ସମୟରେ ଦୁନିଆର ସବୁଠାରୁ କନିଷ୍ଠ ମହିଳା ନାଗପୁର ଆସନରୁ ଭୋଟ୍ ଦେଇଛନ୍ତି । ନାଗପୁରରେ ଭୋଟ ଦେବା ପରେ ସେ କହିଛନ୍ତି, ମୁଁ ଆଜି ମୋର ପୁରା ପରିବାର ସହିତ ଭୋଟ୍ ଦେଇଛି । ମୁଁ ପ୍ରତ୍ୟେକ ଭୋଟରଙ୍କୁ ଭୋଟ୍ ଦେବାକୁ ନିବେଦନ କରିବାକୁ ଚାହୁଁଛି କାରଣ ଏହା ଆମର କର୍ତ୍ତବ୍ୟ ବୋଲି କହିଛନ୍ତି ଜ୍ୟୋତି । ୧୯୯୩ ମସିହା ୧୬ ଡିସେମ୍ବରରେ ମହାରାଷ୍ଟ୍ର ନାଗପୁରରେ ଜନ୍ମଗ୍ରହଣ କରିଥିଲେ ଜ୍ୟୋତି ଆମଗେ । ପ୍ରାଇମୋର୍ଡିଆଲ୍ ଡାର୍ଫିଜିମ୍ ନାମକ ଏକ ଜେନେଟିକ୍ ବ୍ୟାଧି ହେତୁ ତାଙ୍କର ଉଚ୍ଚତା ୬୨.୮ ସେଣ୍ଟିମିଟର ବା ୨ ଫୁଟ । ୨୦୧୧ ରେ ନିଜର ୧୮ ତମ ଜନ୍ମଦିନ ପରେ ଜ୍ୟୋତିଙ୍କୁ ଗିନିଜ ୱାର୍ଲ୍ଡ ରେକର୍ଡ ଦ୍ୱାରା ଆନୁଷ୍ଠାନିକ ଭାବରେ ଦୁନିଆର ସବୁଠାରୁ କ୍ଷୁଦ୍ର ଜୀବନ୍ତ ମହିଳା ଭାବରେ ଘୋଷଣା କରାଯାଇଥିଲା ।

# ବାଣିଜ୍ୟ




ନୂଆଦିଲ୍ଲୀ : ୩ ବର୍ଷ ପାଇଁ ନାନୋ ୟୁରିଆ ପ୍ଲସ୍ ସାର ବ୍ୟବହାର ନିମନ୍ତେ କେନ୍ଦ୍ର ସରକାର ବିଜ୍ଞପ୍ତି ଜାରି କରିଛନ୍ତି । ତେବେ ଏହି ସାରର ଉର୍ବରତା କ୍ଷମତାକୁ ନେଇ ବିବାଦ ଦେଖାଦେଇଥିବାବେଳେ ଉପଯୁକ୍ତ କ୍ଷେତ୍ର ପରୀକ୍ଷା କରାଯାଇ ନ ଥିବା ଅଭିଯୋଗ ହୋଇଛି । ନାନୋ ୟୁରିଆ ବ୍ୟବହାର ଦ୍ୱାରା ଉତ୍ପାଦନ କମୁଥିବାରୁ ଅଧିକାଂଶ ଚାଷୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ବିଜ୍ଞପ୍ତିରେ ନାନୋ ୟୁରିଆ(ତରଳ)୧୬ର ସବିଶେଷ ବିବରଣୀ ଦିଆଯାଇଛି । ସାର ଉତ୍ପାଦନ ଓ ବିପଣନରେ ସମ୍ପୃକ୍ତ ଇଫକୋ ପକ୍ଷରୁ ଏହି ସାର ପ୍ରସ୍ତୁତ କରାଯାଉଛି । ନାନୋ ୟୁରିଆ ବ୍ୟବହାରରେ ଫସଲ ଉତ୍ପାଦନ ବଢ଼ିବା ସହ ସ୍ଥାୟୀ ଫାର୍ମିଂକୁ ପ୍ରୋତ୍ସାହିତ କରିବ ଏବଂ ସାର ସବ୍‌ସିଡ ବଞ୍ଚାଇବ ବୋଲି ବିଜ୍ଞପ୍ତିରେ କୁହାଯାଇଛି ।

## ଆଲେନର ପ୍ରତିଷ୍ଠା ଦିବସରେ ମେଗା ସ୍ୱାସ୍ଥ୍ୟ ଯାଞ୍ଚ ଶିବିର




ALLEN
CAREER INSTITUTE
KOTA (RAJASTHAN)


କୋଟା: ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟର ୩୬ ତମ ପ୍ରତିଷ୍ଠା ଦିବଦ ପାଳିତ ହୋଇଯାଇଛି । ପ୍ରତିଷ୍ଠା ଦିବସ ଅବସରରେ ସକାଳେ ଆଲେନ୍ ପରିବାର ଜବାହର ନାଗରର ଆଲେନ୍ ସତ୍ୟାର୍ଥ କ୍ୟାମ୍ପସରୁ ଗୋଦାବରୀ ଧାମ ମନ୍ଦିର ପର୍ଯ୍ୟନ୍ତ ଏକ ପଦଯାତ୍ରା କରିଥିଲେ । ଏହା ପରେ ଅପରାହ୍ନରେ ଏକ ମଲ୍ଟି ସ୍ପେସିଆଲିଟି ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ଆୟୋଜିତ ହୋଇଥିଲା । ଆଲେନ ନିର୍ଦ୍ଦେଶକ ଡ ଏକ୍ଟ ଗୋବିନ୍ଦ ମହେଶ୍ୱରୀ, ରାଜେଶ ମହେଶ୍ୱରୀ, ନବୀନ ମହେଶ୍ୱରୀ ଏବଂ ବ୍ରିଜେଶ ମହେଶ୍ୱରୀ ଏହାକୁ ପରିଚାଳନା କରିଥିଲେ । ବାଟରେ ସହରର ବିଭିନ୍ନ ସୋସାଇଟି ଏବଂ ହଷ୍ଟେଲ ଆସୋସିଏସନ ଦ୍ୱାରା ଯାତ୍ରାକୁ ସ୍ୱାଗତ କରାଯାଇଥିଲା । ଆଲେନର ପ୍ରତିଷ୍ଠା ଦିବସ ଅବସରରେ ଇନ୍ଦ୍ର ବିହାରର ଆଲେନ୍ ସମରଥ କ୍ୟାମ୍ପସର ସାଧବ କମ୍ପ୍ଲେକ୍ସରେ ଅଲ୍ ଷ୍ଟୁଡେଣ୍ଟସ୍ ୱେଲଫେୟାର ସୋସାଇଟି ଦ୍ୱାରା ଏକ ମାଗଣା ମେଗା ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ଆୟୋଜିତ ହୋଇଥିଲା । ଯେଉଁଥିରେ ବହୁ ବିଶେଷଜ୍ଞ ସେବା ପ୍ରଦାନ କରିଥିଲେ । ଏଏସ୍‌ଡବ୍ଲୁଏସ୍ ସଭାପତି ମୁକେଶ ସରସ୍ୱତ କହିଛନ୍ତି ଯେ ଏହି ଶିବିରରେ ୧୨୧୦ଜଣ ସେବା ପାଇଥିଲେ । ଛାତ୍ର ଏବଂ ଅଭିଭାବକମାନଙ୍କ ସହିତ ଆଲେନ ଅଧ୍ୟାପକ, ଆଲେନ୍ କର୍ମଚାରୀ ଏବଂ ହଷ୍ଟେଲ କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ । ଏହି ଶିବିରରେ ଅର୍ଥୋପେଡିକ୍ ବିଶେଷଜ୍ଞ ଡକ୍ଟର ଆର.ପି ମୀନା, ଡକ୍ଟର ନୀଲେଶ, ଡାକ୍ତର ମନୋଜ ସାଲୁଜା, ଚର୍ମରୋଗ ବିଶେଷଜ୍ଞ ଡାକ୍ତର ଦେବେନ୍ଦ୍ର ଯାଦବ, ନ୍ୟୁରୋ ସର୍ଜନ ଡକ୍ଟର ଏସ.ଏନ ଗୌତମ, ନ୍ୟୁରୋ ଚିକିତ୍ସକ ଡ. ଦିଲୀପ ମହେଶ୍ୱରୀ ଉପସ୍ଥିତ ଥିଲେ ।

## ସ୍ୱୀକୃତି ଯୋଜନା ଅଧୀନରେ ଠିକା ଶ୍ରମିକ ପୁରସ୍କୃତ

ରାଉରକେଲା (ଭାସ୍କର ନ୍ୟୁଜ୍) : ରାଉରକେଲା ଇସ୍ପାତ କାରଖାନାର ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗରେ ସ୍ୱୀକୃତି ଯୋଜନା ଅଧୀନରେ ଏକ ସ୍ୱତନ୍ତ୍ର ପୁରସ୍କାର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗର ସିଜିଏମ୍ ଆର କେ ମୁଦୁଲି ଅଧ୍ୟକ୍ଷତା କରି ବିଭାଗର କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୬ ଜଣ ଠିକାଶ୍ରମିକଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ଜିଏମ୍ ଅପରେସନ୍ ଡି କେ ଯାଦବ, ଜିଏମ୍ ଇଲେକ୍ଟ୍ରିକାଲ୍ ଆର କୁଜୁର, ଜିଏମ୍ ମେକାନିକାଲ୍ ଆର କେ ସିଂହଳ, କାର୍ମିକ ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ ସଂଗୀତା ଏମ ସିନ୍ଦୁର ଏବଂ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ତଥା ଏହି ଅଞ୍ଚଳରେ ନିୟୋଜିତ ଠିକା କାର୍ଯ୍ୟ ସୁପରଭାଇଜର ଉପସ୍ଥିତ ଥିଲେ । ନିଜର ବକ୍ତବ୍ୟରେ ଶ୍ରୀ ମୁଦୁଲି ଠିକା ଶ୍ରମିକମାନଙ୍କୁ ସେମାନଙ୍କ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇବା ସହ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ । ବିଭାଗ ମୁଖ୍ୟମାନେ ନିଜ ନିଜ କାର୍ଯ୍ୟ କ୍ଷେତ୍ରରେ ଠିକା ଶ୍ରମିକଙ୍କ ଦ୍ୱାରା ସମ୍ପାଦିତ ବିଭିନ୍ନ କାର୍ଯ୍ୟ ଉପରେ ବର୍ଣ୍ଣନା କରିଥିଲେ । ପୁରସ୍କୃତ ଠିକା ଶ୍ରମିକମାନେ ମେସର୍ସ ହରି ଓମ୍ କନଷ୍ଟ୍ରକ୍ସନ, ମେସର୍ସ ଜୟଶ୍ରୀ କନଷ୍ଟ୍ରକ୍ସନ, ମେସର୍ସ ଟି ଡି କନଷ୍ଟ୍ରକ୍ସନ, ମେସର୍ସ ସାମନ୍ତ ଏଣ୍ଟରପ୍ରାଇଜେସ୍, ମେସର୍ସ ଇଣ୍ଡ ସବ୍ ପ୍ରୋଜେକ୍ଟ ଏବଂ ମେସର୍ସ ଷ୍ଟିଲ୍ କନଷ୍ଟ୍ରକ୍ସନର ଅଟନ୍ତି । ପୁରସ୍କୃତ ହୋଇଥିବା ୧୬ ଜଣ ଠିକା ଶ୍ରମିକଙ୍କ ମଧ୍ୟରୁ ୭ ଜଣ ମହିଳା ଅଟନ୍ତି । ଠିକା ଶ୍ରମିକମାନଙ୍କୁ ହାଉସକିପିଙ୍ଗ, କ୍ଷତିଗ୍ରସ୍ତ ଏଚଏସବି ଆରଟିଡ଼ିବି-୧ ର ପୁନର୍ନିର୍ମାଣ, ଏସଓଏକ୍ସଏନଓଏକ୍ସ ରୁମରେ ଏଲଡ଼ିବି ପ୍ୟାନେଲର ପୁନରୁଦ୍ଧାର ଏବଂ ଫ୍ଲାଇଙ୍ଗ୍ ଶିଅର୍ ଫ୍ଲାଏ ହ୍ୱିଲ ଗାର୍ଡର ନିର୍ମାଣ ଏବଂ ଫିକ୍ସିଂ କାର୍ଯ୍ୟରେ ଯୋଗଦାନ ନିମନ୍ତେ ପୁରସ୍କୃତ କରାଯାଇଥିଲା । ଠିକା ଶ୍ରମିକମାନେ ଏହି ସ୍ୱୀକୃତି ପାଇଁ କୃତଜ୍ଞତା ଜଣାଇବା ସହିତ ଏହି ପୁରସ୍କାର ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହେବ । ଏହି କାର୍ଯ୍ୟକ୍ରମକୁ ଏଚଏସଏମ-୨ ବିଭାଗର ମ୍ୟାନେଜର ଅନୁପ ଅଗ୍ରୱାଲ ସଂଯୋଜନା କରିଥିଲେ ।

## ଶିଳ୍ପ ଅଭିବୃଦ୍ଧି ପାଇଁ ସିଆଇଆଇର ମାର୍ଗ ପ୍ରସ୍ତୁତ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ୨୦୨୪-୨୫ ବର୍ଷ ପାଇଁ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଭାବେ ନିଯୁକ୍ତ ଡା. ପ୍ରଦୀପ୍ତ ମହାନ୍ତି ଓଡ଼ିଶାର ଦ୍ରୁତ ଅଭିବୃଦ୍ଧିକୁ ନେଇ ଆଶାବାଦୀ ରହିଛନ୍ତି । କେବଳ ବୃହତ ଶିଳ୍ପକୁ ପ୍ରୋତ୍ସାହନ ଦେବା ନୁହେଁ ବରଂ ଏମଏସଏମଇ କ୍ଷେତ୍ର ଉପରେ ଧ୍ୟାନ ଦେବା ଉପରେ ଗୁରୁତ୍ୱାରୋପ କରି ଡା. ମହାନ୍ତି ସମଗ୍ର ଓଡ଼ିଶାରେ ବ୍ୟାପକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହାବ୍ୟତୀତ ଡା. ପ୍ରଦୀପ୍ତ ମହାନ୍ତି ଓ ସୁନୀଲ ଗୁପ୍ତାଙ୍କୁ ଯଥାକ୍ରମେ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଭାବେ ନିଯୁକ୍ତ କରିବା ପରିଷଦ ମଧ୍ୟରେ ବିଶେଷଜ୍ଞତା ଓ ନେତୃତ୍ୱର ଉପଯୋଗ ଦିଗରେ ଏକ ସୁଚିନ୍ତିତ ପଦକ୍ଷେପକୁ ସୂଚାଉଛି । ଖଣି, ଉତ୍ପାଦନ, ଶକ୍ତି ଏବଂ ଭିତିଭୂମି ବିକାଶ ଭଳି କ୍ଷେତ୍ରରେ ଡା. ମହାନ୍ତିଙ୍କ ବ୍ୟାପକ ଅଭିଜ୍ଞତା ଏବଂ ରଣନୈତିକ ପରିଚାଳନା କ୍ଷେତ୍ରରେ ଶ୍ରୀ ଗୁପ୍ତାଙ୍କ ଦକ୍ଷତା, ଓଡ଼ିଶା ପାଇଁ ପରିବର୍ତ୍ତନମୂଳକ ଏବଂ ସ୍ଥାୟୀ ଅର୍ଥନୈତିକ ଅଭିବୃଦ୍ଧିର ପ୍ରତିଶ୍ରୁତି ଦେଉଛି । ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦ ବୈଠକରେ ମତବ୍ୟକ୍ତ କରି ସିଆଇଆଇ ଓଡ଼ିଶା ପରିଷଦର ଉପାଧ୍ୟକ୍ଷ ତଥା ବେଦାନ୍ତ ଲିମିଟେଡର ସିଇଓ ସୁନୀଲ ଗୁପ୍ତା କହିଛନ୍ତି, 'ନୂଆ ସିଆଇଆଇ ପରିଷଦ ପ୍ରଶାସନର ଆବିର୍ଭାବ ସହିତ ଅନେକ ପ୍ରସଙ୍ଗ ଆମର ଦୃଷ୍ଟି ଆକର୍ଷଣ କରୁଛି । ଆମର ପ୍ରୟାସଗୁଡ଼ିକ ମଧ୍ୟରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମଏସଏମଇ)କୁ ପ୍ରୋତ୍ସାହିତ କରିବା ସହିତ ବୃହତ ଶିଳ୍ପ ସଂସ୍ଥାମାନଙ୍କ ସହ ସମନ୍ୱୟକୁ ପ୍ରୋତ୍ସାହିତ କରିବା ଅନ୍ତର୍ଭୁକ୍ତ ରହିବ । ଉଦ୍ଭାବନ ଓ ଅନ୍ତର୍ଭୁକ୍ତୀକରଣ ପାଇଁ ଜଣାଶୁଣା ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ କେନ୍ଦ୍ର ଭାବେ ଓଡ଼ିଶାକୁ ପ୍ରତିଷ୍ଠା କରିବା ପାଇଁ ପରିଷଦ ୨୦୨୪-୨୫ ବର୍ଷ ପାଇଁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିଛି । ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦ ଶିଳ୍ପ ଉତ୍ପାଦନ, ପୁଞ୍ଜିନିବେଶ ଓ ସାମାଜିକ କଲ୍ୟାଣ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛି । ସରକାରଙ୍କ ସହିତ ମିଶି ଏମଏସଏମଇ ସଂଯୋଗ କାର୍ଯ୍ୟକ୍ରମ ଓ କ୍ଲଷ୍ଟର ବିକାଶ ଭଳି ମିଳିତ ପଦକ୍ଷେପ ମାଧ୍ୟମରେ ଏକ ଆକର୍ଷଣୀୟ ନିବେଶ ସ୍ଥଳ ଭାବେ ରାଜ୍ୟର ସ୍ଥିତିକୁ ସୁଦୃଢ଼ କରିବାକୁ ପରିଷଦ ଲକ୍ଷ୍ୟ ରଖିଛି ।

## ଷ୍ଟକ୍ ମାର୍କେଟରେ ସେନସେକ୍ସ ୬୦୦ ପଏଣ୍ଟ ବୃଦ୍ଧି



ମୁମ୍ବାଇ: ବିଗତ କିଛି ଦିନ ଧରି ଷ୍ଟକ୍ ବଜାରରେ କ୍ରମାଗତଭାବେ ହ୍ରାସ ପାଇବା ପରେ ଶୁକ୍ରବାର ସେନସେକ୍ସ ବୃଦ୍ଧି ପାଇଛି । ସେନସେକ୍ସ ୭୩,୦୦୦ ଏବଂ ନିଫ୍ଟି ୨୨,୦୦୦ ଉପରେ ବନ୍ଦ ହୋଇଛି । ସକାଳେ ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିଥିବା ଖବର ଆସିବା ମାତ୍ରେ ସମଗ୍ର ବିଶ୍ୱର ଷ୍ଟକ ବଜାରରେ ବଡ଼ ଧରଣର ହ୍ରାସ ଦେଖାଦେଇଥିଲା । ଏହାର ପ୍ରଭାବରେ ଭାରତୀୟ ବଜାରରେ ବି ବଡ଼ ଧରଣର ହ୍ରାସ ଘଟିଥିଲା । କିନ୍ତୁ ଟ୍ରେଡିଂରେ ବୃଦ୍ଧି ସହିତ ବ୍ୟାଙ୍କିଙ୍ଗ ଷ୍ଟକ୍‌ରେ କ୍ରୟ ଯୋଗୁଁ ଭାରତୀୟ ବଜାର ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲା । ଆଜିର କାରବାର ଶେଷ ସୁଦ୍ଧା ବିଏସ୍‌ଇ ସେନସେକ୍ସ ୬୦୦ ପଏଣ୍ଟ ବୃଦ୍ଧି ସହ ୭୩,୦୮୮ ପଏଣ୍ଟରେ ବନ୍ଦ ହୋଇଥିବା ବେଳେ ନିଫ୍ଟି ୧୫୧ ପଏଣ୍ଟ ବୃଦ୍ଧି ସହ ୨୨,୧୪୭ ପଏଣ୍ଟରେ ବନ୍ଦ ହୋଇଛି । ଗତ ୧୪ ତାରିଖରେ ଇସ୍ରାଏଲ ଉପରେ ଇରାନର କ୍ଷେପଣାସ୍ତ୍ର ଆକ୍ରମଣ ପରେ ବିଶ୍ୱର ଷ୍ଟକ ବଜାରରେ ବଡ଼ ଧରଣର ହ୍ରାସ ଦେଖାଦେଇଥିଲା ।

## ଭିଆଇଟିଇଇ-୨୦୨୪ ପ୍ରବେଶିକା ପରିକ୍ଷା ଭିଟ୍-ଏପି ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଆରମ୍ଭ


VIT-AP
UNIVERSITY




ଅମରାବତୀ: ଭେଲୋର ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା (ଭିଆଇଟିଇଇ) ୨୦୨୪ ଶୁକ୍ରବାର ଅମରାବତୀର ଭିଟ୍-ଏପି କ୍ୟାମ୍ପସରେ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି । ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା କମ୍ପ୍ୟୁଟର ଭିତ୍ତିକ ପ୍ରବେଶିକା ପରୀକ୍ଷା, ଭେଲୋର, ଚେନ୍ନାଇ, ଅମରାବତୀ (ଆନ୍ଧ୍ରପ୍ରଦେଶ) ଏବଂ ଭୋପାଳରେ ଉଚ୍‌ରେ ଆୟୋଜିତ ହେଉଛି । ଭିଆଇଟିଇଇ-୨୦୨୪ରେ ସମ୍ପର୍କରେ ଡା କୋଟା ରେଡ୍ଡି କହିଛନ୍ତି ଯେ ପ୍ରବେଶିକା ପରୀକ୍ଷା ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ୩୦ ଏପ୍ରିଲ ପର୍ଯ୍ୟନ୍ତ ଜାରି ରହିବ । ଦେଶର ୧୨୫ଟି ସହର ଏବଂ ବିଦେଶର ୬ଟି ସହରରୁ ଆସିଥିବା ପ୍ରାର୍ଥୀମାନେ ଅନଲାଇନ୍ ପ୍ରବେଶିକା ପରୀକ୍ଷାରେ ଭାଗ ନେବେ । ଏହାର ଫଳ ପ୍ରକାଶ ମଇ ୩, ୨୦୨୪ରେ www.vit.ac.in ରେ ଉପଲବ୍ଧ ହେବାକୁ ସ୍ଥିର ହୋଇଛି । ରେଜିଷ୍ଟ୍ରାର ଡକ୍ଟର ଜଗଦୀଶ ଚନ୍ଦ୍ର କହିଛନ୍ତି ଯେ ଏହି ପରୀକ୍ଷା \ ଦୈନିକ ତିନିଟି ଅଧିବେଶନରେ, ସକାଳ ୯ ଟାରୁ ୧୧:୩୦ ପର୍ଯ୍ୟନ୍ତ, ୧୨:୩୦ରୁ ୩ଟା ଏବଂ ୪ଟାରୁ ୬:୩୦ ବିଜୟୱାଡା ଏବଂ ଗୁଣ୍ଟୁରରୁ ଭିଆଇଟିଇଇ-୨୪ରେ ପଞ୍ଜିକୃତ ଥିବା ଛାତ୍ରମାନଙ୍କ ପାଇଁ ପରିବହନ ସୁବିଧା ବ୍ୟବସ୍ଥା କରାଯାଇଛି । ଆଡମିଶନ ପ୍ରକ୍ରିୟାରେ ଅଧିକ ସ୍ପଷ୍ଟୀକରଣ ଦେଇ ଆଡମିଶନ ଡେପୁଟି ଡାଇରେକ୍ଟର ଡ. ଜନ୍ ପ୍ରଦୀପ ଦର୍ଶାଇଛନ୍ତି ଯେ ୧.୫ ଲକ୍ଷ ରାଙ୍କ ପରିସର ମଧ୍ୟରେ ଯୋଗ୍ୟ ଆବେଦନକାରୀମାନେ ବି.ଟେକ୍ ପ୍ରୋଗ୍ରାମରେ ଆଡମିଶନ ପାଇଁ ଅନଲାଇନ୍ କାଉନସେଲିଂ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ ।

ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର





ଟୋକିଓ: ଜାପାନର ବ୍ୟାଡମିଣ୍ଟନ ଖେଳାଳି ତଥା ଦୁଇଥର ବିଶ୍ୱ ଚାମ୍ପିୟନ କେଣ୍ଟୋ ମୋମୋଟା ଗୁରୁବାର ଅବସର ଘୋଷଣା କରିଛନ୍ତି। ଜାପାନର ନ୍ୟୁଜ୍ ଏଜେନ୍ସି ନ୍ୟୁଜ୍ ଏଜେନ୍ସି ଅନୁଯାୟୀ ମୋମୋଟା ଟୋକିଓରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ମୁଁ ଅନୁଭବ କରୁଛି ଯେ ମୁଁ ପୁନର୍ବାର ସେହି ସ୍ଥାନକୁ ଫେରି ପାରିବି ନାହିଁ ଯେଉଁଠାରେ ମୁଁ ପୁନର୍ବାର ବିଶ୍ୱରେ ଏକ ନମ୍ବର ହେବାକୁ ଲକ୍ଷ୍ୟ ରଖିପାରେ। ସେ କହିଛନ୍ତି, "ଜାତୀୟ ଦଳ ପାଇଁ ଖେଳିବା କ୍ୟାରିୟର ମୋର ପୂର୍ଣ୍ଣ ହୋଇଛି। ବର୍ତ୍ତମାନ ମୁଁ ସମସ୍ତ ପ୍ରକାରର ଲୋକଙ୍କୁ ଖେଳ ଉପଭୋଗ କରିବାରେ ସାହାଯ୍ୟ କରିବାକୁ ଜଡିତ ହେବାକୁ ଚାହୁଁଛି। ଜାନୁୟାରୀ ୨୦୨୦ ରେ ଦୁର୍ଘଟଣା ପରେ ବହୁତ କଷ୍ଟ ହୋଇଛି। ମୁଁ ବହୁତ ଜିନିଷ ଚେଷ୍ଟା କଲି କିନ୍ତୁ ମୁଁ କିଏ ଏବଂ ମୁଁ କିଏ ମଧ୍ୟରେ ଥିବା ଭାବପ୍ରବଣ, ଶାରୀରିକ ବ୍ୟବଧାନକୁ ଦୂର କରିପାରିଲି ନାହିଁ। ମୁଁ ଭାବିଲି ମୁଁ ତାହା କରିପାରିବି ନାହିଁ ଏବଂ ପୁନର୍ବାର ବିଶ୍ୱ ନମ୍ବର ହୋଇପାରେ।' ମୋମୋଟାଙ୍କ ଘୋଷଣା ସହିତ ଚେଙ୍ଗଡୁରେ ଥୋମାସ୍ ଏବଂ ଉବର କପ୍ ଫାଇନାଲ୍ ଅନ୍ତର୍ଜାତୀୟ ସର୍କିଟରେ ତାଙ୍କର ଶେଷ ଟୁର୍ନାମେଣ୍ଟ ହେବ। ମୋମୋଟା ୨୦୧୮ ଏବଂ ୨୦୧୯ ବର୍ଷରେ ବିଶ୍ୱ ଚାମ୍ପିଅନସିପ୍ ଟାଇଟଲ୍ ଜିତିଥିଲେ। ସେ ୨୦୧୯ ରେ ବିଡବ୍ଲୁଏଫ୍ ଟୁରରେ ରେକର୍ଡ ୧୧ ଟାଇଟଲ୍ ଜିତିଥିଲେ।

## କୃଷକ ବଜାର ପ୍ରିମିୟର ଲିଗ୍ କ୍ରିକେଟ୍ ୨୦୨୪ ଉଦ୍‌ଘାଟିତ




କେନ୍ଦୁଝର (ଭାସ୍କର ନ୍ୟୁଜ୍): କେନ୍ଦୁଝର ସହରର ମାଇନିଂ ରୋଡ଼ ସ୍ଥିତ କୃଷକ ବଜାର ଠାରେ 'କୃଷକ ବଜାର ପ୍ରିମିୟର ଲିଗ ୨୦୨୪' କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। କୃଷକ ବଜାର ପ୍ରିମିୟର ଲିଗ ୨୦୨୪ ଦ୍ୱାରା ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟ ରେ ୧୬ଟି ଟିମ ଭାଗ ନେଇଛନ୍ତି। ଉଦ୍‌ଘାଟନି ମ୍ୟାଚରେ ସ୍ୱୟମ ଏକାଦଶ ସହିତ ରେଡ ରିବେଲ ଏକାଦଶ ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱୟମ ଏକାଦଶ ବାଜିମାତ କରିଥିଲା। ଉଦ୍‌ଘାଟନି ମ୍ୟାଚ ରେ ମୁଖ୍ୟ ଅତିଥି ଭାବେ ବିଜେପି ନଗର ସଭାପତି ବିଶ୍ୱଜିତ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ନଗର ବିଜେପି ଯୁବମୋର୍ଚ୍ଚା ସଭାପତି ତଥା ୫ନଂବର ୱାର୍ଡ ର କାଉନସିଲର ପଙ୍କଜ କୁମାର ଦିବେଦୀ,ସାମ୍ବାଦିକ ବ୍ରଜକିଶୋର ରାୟ, ଯୁବନେତା ପ୍ରିୟବ୍ରତ ଜେନା, ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚରେ ବିଜେତା ଦଳକୁ ୧୫ହଜାର ଟଙ୍କା ସହିତ ଟ୍ରଫି ମିଳିବାକୁ ଥିବାବେଳେ ରନର୍ସଅପ ଦଳକୁ ୧୦ହଜାର ସହିତ ଟ୍ରଫି ପୁରସ୍କୃତ କରାଯିବ ବୋଲି ଆୟୋଜକ ତଥା କେନ୍ଦୁଝର ନଗରର ବିଜେପି ଯୁବମୋର୍ଚ୍ଚାର ଯୁବ ନେତା ଅସିତ ନନ୍ଦନ ମହାନ୍ତି ସୂଚନା ଦେଇଛନ୍ତି। କୃଷକ ବଜାର ପ୍ରିମିୟର ଲିଗ କ୍ରିକେଟ ୨୦୨୪ ର ଆୟୋଜକ ଅସିତନନ୍ଦନ ମହାନ୍ତି, ସସ୍ମିତ ପ୍ରଧାନ, ଶାଶ୍ୱତ କବି, ରଞ୍ଜନ କୁମାର ପାତ୍ର, ସନ୍ତୋଷ କୁମାର ମୁଖୀ,ଅମିତ ନାୟକ, ସୌମେନ୍ଦ୍ର ଗିରି, ସତ୍ୟ ଭଞ୍ଜ, ଆକାଶ ବାରିକ, ଦେବେନ୍ଦ୍ର ରାଉତ, ସୁମିତ ନାୟକ, ସତ୍ୟଜିତ ନାଏକ, ଚୈତନ୍ୟ ନାଏକ, ସୌମ୍ୟ ନାଏକ, ପ୍ରଦୀପ ରାଉତ, ରଶ୍ମି ନାଏକ, ଲୋରେନ୍ସ ବେହେରା, ସୁକାନ୍ତ ସାମଲ ପ୍ରମୁଖ ଙ୍କ ନେତୃତ୍ୱ ରେ ଏହି ରାତ୍ର କାଳୀନ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି।

## ଆଇପିଏଲ୍-୩୪ | ଲକ୍ଷ୍ନୌ ସୁପର ଜିୟାଣ୍ଟସ୍ସ-ଚେନ୍ନାଇ ସୁପର କିଙ୍ଗସ୍ ଲଢ଼େଇ

# ଲକ୍ଷ୍ନୌର ସହଜ ବିଜୟ



ଲକ୍ଷ୍ନୌ: ଆଇପିଏଲ୍‌ର ୩୪ତମ ମ୍ୟାଚ୍ ଲକ୍ଷ୍ନୌ ସୁପର ଜିଆଣ୍ଟସ ଏବଂ ଚେନ୍ନାଇ ସୁପର କିଙ୍ଗସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଲକ୍ଷ୍ନୌ ସୁପର ଜିଆଣ୍ଟସ ୮ ୱିକେଟରେ ଚେନ୍ନାଇ ସୁପର କିଙ୍ଗସକୁ ହରାଇ ଦେଇଛି। ଏହି ମ୍ୟାଚରେ ଲକ୍ଷ୍ନୌ ଦଳ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ୬ୱିକେଟ ବିନିମୟରେ ୧୭୬ରନ୍ ସଂଗ୍ରହ କରିଥିଲା। ଦଳ ଆରମ୍ଭରୁ ରାଚିନ ରବୀନ୍ଦ୍ରଙ୍କ ୱିକେଟ ହରାଇଥିଲା। ତେବେ ଅଜିଙ୍କ୍ୟ ରାହାଣେ ଓ ଋତୁରାଜ ଗାୟକ୍ୱାଡଙ୍କ ମଧ୍ୟରେ ଏକ ଭଲ ପାର୍ଟନରସିପ୍ ଦେଖିବାକୁ ମିଳିଥିଲା। ରାହାଣେ ୩୬ ରନ କରିଥିବାବେଳେ ଗାୟକ୍ୱାଡ ୧୭ ରନ କରିଥିଲେ। ରବୀନ୍ଦ୍ର ଜାଡେଜା ଓ ରାହାଣେଙ୍କ ମଧ୍ୟରେ ଏକ ଉପଯୋଗୀ ପାର୍ଟନରସିପ ଦେଖିବାକୁ ମିଳିଥିଲା। ଜାଡେଜା ଅପରାଜିତ ୫୭ ରନ କରିଥିଲେ। ତେବେ ଶିବମ ଦୁବେ ଓ ସମୀର ରିଜଭି ସଅଳ ପାଭିଲିୟନ ଫେରିଥିଲେ। ଅନ୍ୟପକ୍ଷରେ, ଶେଷ ବେଳକୁ ମୋଇନ ଅଲ୍ଲି ଓ ମହେନ୍ଦ୍ର ସିଂ ଧୋନୀ ବିସ୍ଫୋରକ ବ୍ୟାଟିଂର ପ୍ରଦର୍ଶନ କରିଥିଲେ। ମୋଇନ ୩୦ ରନ କରି ଆଉଟ ହୋଇଥିବାବେଳେ ଧୋନୀ ମାତ୍ର ୯ଟି ବଲ ଖେଳି ଅପରାଜିତ ୨୮ ରନ କରିଥିଲେ। ଲକ୍ଷ୍ନୌ ପକ୍ଷରୁ କ୍ରୁନାଲ ପାଣ୍ଡ୍ୟା ୨ଟି ୱିକେଟ ନେଇଥିବାବେଳେ ମାର୍କସ ଷ୍ଟୋଇନିସ୍, ମହସିନ ଖାଁ, ଯଶ ଠାକୁର ଓ ରବି ବିଷ୍ଣୋଇ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ୧୭୭ରନ୍‌ର ଟାର୍ଗେଟ ନେଇ ମୈଦାନକୁ ଓହ୍ଲାଇଥିଲା ଲକ୍ଷ୍ନୌ ସୁପର ଜିଆଣ୍ଟସ। ପାଳି ଆରମ୍ଭ କରିଥିଲେ ଅଧିନାୟକ କେଏଲ୍ ରାହୁଲ ଓ କ୍ୱିଣ୍ଟନ ଡି କକ୍। ଉଭୟ ବିସ୍ଫୋରକ ବ୍ୟାଟିଂ କରିଥିଲେ। ଡି କକ୍ ୪୩ଟି ବଲ୍ ଖେଳି ୫୪ରନ୍ କରିଥିଲେ। ଏଥିରେ ୫ଟି ଚୌକା ଓ ଗୋଟିଏ ଛକା ସାମିଲ ଥିଲା। ସେହିପରି ଅଧିନାୟକ କେଏଲ୍ ରାହୁଲ ୫୩ଟି ବଲ୍ ଖେଳି ୮୨ରନ୍ କରିଥିଲେ। ଏଥିରେ ୩ଟି ଛକା ଓ ୯ଟି ଚୌକା ସାମିଲ ଥିଲା। ନିକଲସ୍ ପୁରନ ୧୨ଟି ବଲ୍ ଖେଳି ୨୩ରନ୍ କରିଥିବା ବେଳେ ମାର୍କସ ଷ୍ଟୋନିସ୍ ୭ ବଲରୁ ୮ରନ୍ କରିଥିଲେ। ଦଳ ୧୯ଓଭରରେ ୨ ୱିକେଟ ହରାଇ ୧୮୦ରନ୍ କରି ମ୍ୟାଚକୁ ଜିତି ନେଇଥିଲା।

## ଷ୍ଟୁଆର୍ଟ ଲ' ଆମେରିକା ଟିମ୍‌ର ମୁଖ୍ୟ କୋଚ୍



ନୂଆଦିଲ୍ଲୀ : ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର୍ ଷ୍ଟୁଆର୍ଟ ଲ'ଙ୍କୁ ଆମେରିକା ଟି-୨୦ ବିଶ୍ୱକପ୍ ପୂର୍ବରୁ ପୁରୁଷ ଟିମ୍‌ର ମୁଖ୍ୟ କୋଚ୍ ନିଯୁକ୍ତ କରିଛି। ଆସନ୍ତା ମାସରେ ବାଂଲାଦେଶ ବିପକ୍ଷରେ ଖେଳାଯିବାକୁ ଥିବା ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ପୂର୍ବରୁ ଲ' ଆମେରିକା ଟିମ୍‌ରେ ଯୋଗଦେବେ। ଅଷ୍ଟ୍ରେଲିଆ ପାଇଁ ୫୪ ଦିନିକିଆ ଏବଂ ଗୋଟିଏ ଟେଷ୍ଟ୍ ମ୍ୟାଚ୍ ଖେଳିଥିବା ଲ' କହିଛନ୍ତି, ବର୍ତ୍ତମାନ ସମୟରେ ଆମେରିକା କ୍ରିକେଟ୍ ସହିତ ଯୋଡ଼ିହେବା ଏକ ରୋମାଞ୍ଚକର ଅବସର। ଆମେରିକା କ୍ରିକେଟ୍‌ରେ ମଜଭୁତ ଆସୋସିଏଟ୍ ଦେଶ ମଧ୍ୟରୁ ଅନ୍ୟତମ ଏବଂ ଆଗକୁ ଏକ ମଜଭୁତ ଟିମ୍ ପ୍ରସ୍ତୁତ କରିପାରିବୁ। ବାଂଲାଦେଶ ବିପକ୍ଷ ସିରିଜ୍ ପାଇଁ ଟିମ୍ ପ୍ରସ୍ତୁତ ପ୍ରଥମ କାମ ହେବ ଏବଂ ପୁଣି ଘରୋଇ ମାଟିରେ ହେବାକୁ ଥିବା ବିଶ୍ୱକପ୍ ଉପରେ ନଜର ଦେବାକୁ ପଡ଼ିବ। ୫୫ ବର୍ଷୀୟ ଲ' ୨୦୦୯ରେ ପ୍ରଥମେ ଶ୍ରୀଲଙ୍କାର ସହାୟକ କୋଚ୍ ଭାବେ କୋଚିଂ କ୍ୟାରିୟର୍ ଆରମ୍ଭ କରିଥିଲେ। ମୁଖ୍ୟ କୋଚ୍ ଭାବେ ତାଙ୍କର ପ୍ରଥମ କାର୍ଯ୍ୟକାଳ ବାଂଲାଦେଶ (୨୦୧୧-୧୨) ସହ ଥିଲା। ଏହାପରେ ଦୁଇବର୍ଷ ପାଇଁ ୨୦୧୭-୧୮ ପର୍ଯ୍ୟନ୍ତ ୱେଷ୍ଟଇଣ୍ଡିଜ୍‌ର ମୁଖ୍ୟ କୋଚ୍ ଦାୟିତ୍ୱରେ ଥିଲେ। ୨୦୨୨ରେ ସେ ବାଂଲାଦେଶର ଅନ୍ତରୀଣ ମୁଖ୍ୟ କୋଚ୍ ହୋଇଥିଲେ ଏବଂ ସେହିବର୍ଷ ବାଂଲାଦେଶ ଅଣ୍ଡର-୧୯ ଟିମ୍‌ର ମୁଖ୍ୟ କୋଚ୍ ନିଯୁକ୍ତ କରାଯାଇଥିଲା। ଏହା ବ୍ୟତୀତ ୨୦୧୯-୨୧ ପର୍ଯ୍ୟନ୍ତ ସେ ଇଂଲଣ୍ଡ କାଉଣ୍ଟି ଟିମ୍ ମିଡିଲ୍‌ସେକ୍ସର ମଧ୍ୟ କୋଚ୍ ଥିଲେ। ୧୯୯୪ରେ ଅଷ୍ଟ୍ରେଲିଆ ପକ୍ଷରୁ ଅନ୍ତର୍ଜାତୀୟ ଡେବ୍ୟୁ କରିଥିବା ଷ୍ଟୁଆର୍ଟ ଲ' ୧୯୯୬ ବିଶ୍ୱକପ୍ ଟିମ୍‌ର ସଦସ୍ୟ ମଧ୍ୟ ଥିଲେ। ୧୯୯୮ରେ ତାଙ୍କୁ ୱିଜ୍‌ଡନ୍‌ର ଶ୍ରେଷ୍ଠ ଖେଳାଳି ତାଲିକାରେ ସାମିଲ କରାଯାଇଥିଲା। ୨୦୦୭ରେ ତାଙ୍କୁ 'ମେଡାଲ୍ ଅଫ୍ ଦ ଅର୍ଡର୍ ଅଫ୍ ଅଷ୍ଟ୍ରେଲିଆ'ରେ ସମ୍ମାନିତ କରାଯାଇଥିଲା।

## ମୁଣ୍ଡାଳ କାପା ବାବା କ୍ରିକେଟ୍: ହ୍ୱାଇଟ୍ ଗାଲାକ୍ସି କଟକ ଚମ୍ପିଆନ୍



ରଘୁନାଥପୁର(ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ ରେଢୁଆ ପଞ୍ଚାୟତ ମୁଣ୍ଡାଳ ଖେଳ ପଡିଆରେ ୫ ଓଭର ବିଶିଷ୍ଟ ଏକଦିନିଆ ନାଇଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି।ଏଥିରେ ୧୬ ଗୋଟି ଦଳ ଭାଗ ନେଇଥିଲେ ସୁଧା ଫାଇନାଲକୁ ଉଠିଥିବା ହ୍ୱାଇଟ ଗାଲାକ୍ସି କଟକ ପ୍ରତିପକ୍ଷ ଜୟ ଶ୍ରୀରାମ କ୍ରିକେଟ କ୍ଲବକୁ ହରାଇ ଚମ୍ପିୟାନ ଆଖ୍ୟା ଅର୍ଜନ କରିଛି।ରେଢୁଆ ସରପଞ୍ଚ କିଶୋର ଚନ୍ଦ୍ର ବେହେରାଙ୍କ ତତ୍ୱାବଧାନରେ ଗୁରୁବାର ରାତି ୯ ଟାରେ ତିର୍ତ୍ତୋଲ ବିଜେଡି ବିଧାୟକ ପାର୍ଥୀ ଡ ରମାକାନ୍ତ ଭୋଇ ମ୍ୟାଚ ସ୍ଥଳରେ ପହଞ୍ଚି ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଆନୁଷ୍ଠାନିକ ଭାବେ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ।ଏହି ଉପଲକ୍ଷେ ଆୟୋଜିତ ସଭାରେ କ୍ରୀଡା ଶରୀରକୁ ଫୁର୍ତ୍ତି ରଖିବା ସହ ମନକୁ ପ୍ରଫୁଲିତ ରଖେ ବୋଲି ଡ ଭୋଇ ସଭା ସ୍ଥଳରେ ପ୍ରକାଶ କରିଥିଲେ। ସେହିପରି ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀ, ବ୍ଲକ ଅଧକ୍ଷା ଲକ୍ଷ୍ମୀ ବେହେରା,ଜିଲ୍ଲାପରିଷଦ ସଭ୍ୟା ଇତିଶ୍ରୀ ମଲ୍ଲିକ ଓ ରିନାରାଣୀ ମଲ୍ଲିକ, ତଂଅରା ସରପଞ୍ଚ ବଟକୃଷ୍ଣ ନାୟକ, ଛପଡା ସରପଞ୍ଚଙ୍କ ପ୍ରତିନିଧି ନିରାକାର ଖୁଣ୍ଟିଆ,ସମିତି ସଭ୍ୟ ବିଶ୍ୱଜିତ ଦାଶ, ପଞ୍ଚାୟତ ସଭାପତି ବିରେନ୍ଦ୍ର ପ୍ରସାଦ ସ୍ୱାଇଁ,ରବୀନ୍ଦ୍ରନାଥ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ବକ୍ତବ୍ୟ ରଖିଥିଲେ। ଫାଇନାଲକୁ ଉଠିଥିବା ହ୍ୱାଇଟ ଗାଲାକ୍ସି ଦଳ ନିର୍ଦ୍ଧାରିତ ୫ ଓଭରରେ ୬୯ ରନ କରିଥିଲେ। ଜବାବରେ ଜୟ ଶ୍ରୀରାମ କ୍ରିକେଟ କ୍ଲବ ୫ ଓଭରରେ ମାତ୍ର ୬୬ ରନ କରି ଅଲଆଉଟ ହୋଇଯାଇଥିଲେ। ଜ୍ୟୋତିରଞ୍ଜନ ଲେଙ୍କା ମ୍ୟାନ ଅଫ ଦି ସିରିଜ,ସତ୍ୟରଞ୍ଜନ ଦାସ ମ୍ୟାନ ଅଫ ଦି ମ୍ୟାଚ,ଚିନ୍ମୟ ଜେନା ବେଷ୍ଟ ବୋଲର ଏବଂ ସତ୍ୟଜିତ ମହାନ୍ତି ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ବିବେଚିତ ହୋଇ ଟ୍ରଫି ହାସଲ କରିଥିଲେ। ଦୋଳଗୋବିନ୍ଦ ମିଶ୍ର ଓ ଲରେଶ ମିଶ୍ର ଅମ୍ପେଆର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।ଏହି ଅବସରରେ ଅତିଥିଙ୍କ ଦ୍ୱାରା ଚମ୍ପିଆନ ଦଳକୁ ଟ୍ରଫି ସହ ମାନପତ୍ର ଏବଂ ରନର୍ସ ଅପ ଦଳକୁ କପ ପ୍ରଦାନ କରାଯାଇଥିଲା। ରେଢୁଆ ସୋସାଇଟି ସଭାପତି ପ୍ରଦୀପ୍ତ କିଶୋର ମହାନ୍ତି, ଅମରେନ୍ଦ୍ର ମିଶ୍ର,ଧୀରେନ୍ଦ୍ର ମିଶ୍ର,ରାଜେଶ ମିଶ୍ର ଓ ବୈଷ୍ଣବ ଚରଣ ରାଉତଙ୍କ ସହ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ତେଜ ହୋଣ୍ଡା

### ୪ର୍ଥ ପ୍ରିମିୟର ଲିଗ୍ : ଏମ୍ଏମ୍‌ସିସି ଓ ରାମେଶ୍ୱର ଫାଇଟର୍ସ ବିଜୟୀ

ବ୍ୟାସନଗର(ଭାସ୍କର ନ୍ୟୁଜ୍): କଳିଙ୍ଗନଗର ସ୍ପୋର୍ଟସ ଏକାଡ଼େମୀ ଆନୁକୁଲ୍ୟରେ ତେଜ ହୋଣ୍ଡା ସହଯୋଗରେ ସ୍ଥାନୀୟ ବ୍ୟାସନଗର ଷ୍ଟାଡ଼ିୟମଠାରେ ଚାଲୁଥିବା ୪ର୍ଥ କଳିଙ୍ଗନଗର ପ୍ରିମିୟର ଲିଗ୍‌ର ଦ୍ୱିତୀୟ ଦିବସ ଖେଳର ପ୍ରଥମ ମ୍ୟାଚ ଏମଏମସିସି ସମ୍ବଲପୁର ଓ ଡୁବୁରୀ ଫାଇଟର୍ସ, ଡୁବୁରୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସରେ ଜିତି ଡୁବୁରୀ ଫାଇଟର୍ସ ପ୍ରଥମେ ଫିଲଡ଼ିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଏମଏମସିସି ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୭୮ ରନ୍ କରିଥିଲେ। ଦଳ ତରଫରୁ ରିଟ୍ରଫି ଖେଳାଳୀ ଅଭିଷେକ ଯାଦବ ୪୬ଟା ବଲ୍‌ରୁ ବିସ୍ଫୋରକ ୧୨୪ରନ୍, ରବିନ୍ଦ୍ର ରାଉତ ୪୬ ଓ କ୍ଷମାସାଗର ବଳ ୪୨ ରନ୍ କରିଥିଲେ, ଡୁବୁରୀ ଫାଇଟର୍ସର ଅସିତ ଖାନ ୨ଟି ଓ ଶିଭମ ଶର୍ମା ୨ଟି ଲେଖାଁଏ ଉଇକେଟ ନେଇଥିଲେ। ଏହି ବିଶାଳ ସ୍କୋରର ପିଛା କରି ଡୁବୁରୀ ଫାଇଟର୍ସ ଲଢୁଆ ବ୍ୟାଟିଂଗ୍ କରି ୨୦ ଓଭରରେ ୭ ଉଇକେଟ ହରାଇ ୨୫୦ ରନ୍ କରିଥିଲେ। ଦଳ ତରଫରୁ ଦୀଲ୍ଲି ରି ଟ୍ରଫି ଦଳର ଖେଳାଳୀ ନିଶାନ୍ତ ୬୫, ଅଙ୍କିତ ନରୱାଲ ୪୫ ଓ ବିକ୍ରାନ୍ତ ରାଜ ୪୨ ରନ୍ କରିଥିଲେ। ଏମଏମସିସିର ଅଭିଷେକ ଯାଦବ ୩ଟି ଓ ମନୋଜ ବାରିକ ଗୋଟିଏ ଉଇକେଟ ନେଇଥିଲେ। ଏମ ଏମ ସି ସି ୨୮ରନ୍ ରେ ବିଜୟୀ ହୋଇଥିଲେ। ବିଜୟୀ ଦଳର ଅଭିଷେକ ଯାଦବଙ୍କୁ ସାମସଙ୍ଗ୍ କମ୍ପାନୀର ଯାଜପୁର ଜିଲ୍ଲାର ଡିଷ୍ଟ୍ରିବ୍ୟୁଟର ଶିବଶକ୍ତି ଏଣ୍ଟରପ୍ରାଇଜରର୍ସର ପରିଚାଳନା ନିର୍ଦ୍ଦେଶକ ଅଭିଷେକ ସାହୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚ ଏ ଏଣ୍ଡ ଏସ ରୟାଲ ଚ୍ୟାଲେଞ୍ଜର୍ସର ବ୍ୟାସନଗର ଓ ରାମେଶ୍ୱର ଫାଇଟର୍ସ, ରାମଚନ୍ଦ୍ରପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରୟାଲ ଚ୍ୟାଲେର୍ସର ମାତ୍ର ୧୬.୫ ଓଭରରେ ସମସ୍ତ ଉଇକେଟ ହରାଇ ୯୬ରନ୍ କରିଥିଲେ। ରାମେଶ୍ୱର ଫାଇଟର୍ସର କୋଲକାତାର ରିଟ୍ରଫି ଖେଳାଳୀ ଅରୁଣ ଚୌରାସିଆ ୪ଟି ସୂର୍ଯ୍ୟକାନ୍ତ ପ୍ରଧାନ ୨ଟି ଉଇକେଟ ନେଇଥିଲେ। ଏହାର ଜବାବରେ ରାମେଶ୍ୱର ଫାଇଟର୍ସ ୧୦.୨ ଓଭରରେ ୯୬ ରନ୍ କରି ୨ଟି ଉଇକେଟ ହରାଇଥିଲେ। ଦଳ ତରଫରୁ ରୋହିତ ଶର୍ମା ୫୧ ଓ ଧୀରୁ ୩୬ ରନ୍ କରି ଦଳକୁ ୮ ଉଇକେଟରେ ବିଜୟୀ କରିଥିଲେ। ବିଜୟୀ ଦଳର ଅରୁଣ ଚୌରାସିଆଙ୍କୁ ଚଣ୍ଡିମାତା କନଷ୍ଟ୍ରକସନ୍ ଇନଫ୍ରାଟେକ୍ ର ପରିଚାଳନା ନିର୍ଦ୍ଦେଶକ ଅନିରୁଦ୍ଧ ମହାନ୍ତି ମ୍ୟାନ୍ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଆଜି ଖେଳରେ ଅତିଥି ଭାବେ ବ୍ୟାସନଗର ବାର୍ ଆସୋସିଏସନର ରବିନ୍ଦ୍ର ନାୟକ ଯୋଗ ଦେଇଥିଲେ। ଖେଳକୁ ଅସିତ ପଟ୍ଟନାୟକ, ଆଶୁତୋଷ ପାଣି ପରିଚାଳନା କରିଥିଲେ। ଅସ୍ମିନ ଦାସ ଓ କ୍ଷୀତିଶ ମାଝୀ ସ୍କୋରର ଭାବେ, ବୁବୁ ସିହ୍ନା ଓ ଏସକେ ରସିଦ ଉଲ ଭାଷ୍ୟକାର ଭାବେ ଯୋଗ ଦେଇଥିଲେ।




## ଭାରତ-ପାକିସ୍ତାନ ସିରିଜ୍ ଖେଳିବାକୁ ଚାହୁଁଛନ୍ତି ରୋହିତ ଶର୍ମା



ନୂଆଦିଲ୍ଲୀ: ରୋହିତ ଶର୍ମା ଭାରତ ବନାମ ପାକିସ୍ତାନ ଦ୍ୱିପାକ୍ଷିକ ସିରିଜ୍ ଖେଳିବାକୁ ଚାହୁଁଛନ୍ତି। ସେ କହିଛନ୍ତି ମୁଁ କେବଳ କ୍ରିକେଟ୍ ପ୍ରତି ଆଗ୍ରହୀ। ସେ କହିଛନ୍ତି ଯେ ମୁଁ ପାକିସ୍ତାନ ବିପକ୍ଷରେ ସିରିଜ ଖେଳିବାକୁ ଚାହୁଁଛି। ଭାରତୀୟ ଅଧିନାୟକ ରୋହିତ ଶର୍ମା ପାକିସ୍ତାନ ବିପକ୍ଷରେ ଦ୍ୱିପାକ୍ଷିକ ସିରିଜ୍ ଖେଳିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ରୋହିତ ଶର୍ମା ମଧ୍ୟ ଏହା ପଛର କାରଣ ଦେଇଛନ୍ତି। ରୋହିତ ଶର୍ମା କହିଛନ୍ତି ଯେ ଯଦି ଏହି ସିରିଜ୍ ବିଦେଶୀ ପରିସ୍ଥିତିରେ ଖେଳାଯାଏ ତେବେ ଏହା ଆହୁରି ରୋମାଞ୍ଚକର ହେବ। ଏକ ଦଶନ୍ଧିରୁ ଅଧିକ ସମୟ ଧରି ଭାରତ ଓ ପାକିସ୍ତାନ ମଧ୍ୟରେ କୌଣସି ଦ୍ୱିପାକ୍ଷିକ ସିରିଜ୍ ହୋଇନାହିଁ। କେବଳ ଆଇସିସି ଓ ଏସିସି ଇଭେଣ୍ଟରେ ଦୁଇ ଦେଶ ମୁହାଁମୁହିଁ ହୋଇଛନ୍ତି। ଫ୍ରି ଫାୟାର ପୋଡକାଷ୍ଟରେ ଭାରତ ବନାମ ପାକିସ୍ତାନ ଦ୍ୱିପାକ୍ଷିକ ସିରିଜ୍ ବିଷୟରେ କ୍ୟାପଟେନ ରୋହିତ ଶର୍ମା କହିଛନ୍ତି, 'ମୁଁ ପାକିସ୍ତାନ ବିପକ୍ଷରେ ଦ୍ୱିପାକ୍ଷିକ ସିରିଜ୍ ଖେଳିବାକୁ ପସନ୍ଦ କରିବି। ମୁଁ ଭାବୁଛି ଏହା ଉଭୟ ଦଳ ମଧ୍ୟରେ ଏକ ଭଲ ମ୍ୟାଚ୍ ହେବ। ସେମାନେ ଏକ ଭଲ ବୋଲିଂ ଲାଇନ୍‌ଅପ୍ ସହିତ ଏକ ଭଲ ଦଳ। ବିଦେଶୀ ପରିସ୍ଥିତିରେ ଖେଳିବା ଏହାକୁ ଆହୁରି ଉନ୍ନତ କରିବ। ଆପଣଙ୍କୁ କହିରଖୁଛୁ ଯେ ଭାରତ ଓ ପାକିସ୍ତାନ ମଧ୍ୟରେ ଶେଷ ଦ୍ୱିପାକ୍ଷିକ ସିରିଜ୍ ଜାନୁୟାରୀ ୨୦୧୩ ରେ ଖେଳାଯାଇଥିଲା। ସେତେବେଳେ ଦୁଇ ଦେଶ ମଧ୍ୟରେ ତିନି ଦିନିଆ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳାଯାଇଥିଲା। ଏହା ବ୍ୟତୀତ ୨୦୦୭ ମସିହାରେ ଭାରତ ଓ ପାକିସ୍ତାନ ମଧ୍ୟରେ ଶେଷ ଟେଷ୍ଟ ସିରିଜ୍ ଖେଳାଯାଇଥିଲା। ଗୋଟିଏ ବର୍ଷ ପରେ, ୨୦୦୮ ରେ, ମୁମ୍ବାଇରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା, ଯେଉଁ କାରଣରୁ ପାକିସ୍ତାନ ସହିତ ଦ୍ୱିପାକ୍ଷିକ କ୍ରିକେଟ୍ ବନ୍ଦ ହୋଇଯାଇଥିଲା, କିନ୍ତୁ ଏହା ୨୦୧୨-୧୩ ମସିହାରେ ଆରମ୍ଭ ହୋଇଥିଲା। ଯଦିଓ ସେହି ବର୍ଷ ପାକିସ୍ତାନ ସମର୍ଥକ ଆତଙ୍କବାଦୀମାନେ ହାଇଦ୍ରାବାଦରେ ଏକ ଆକ୍ରମଣ କରିଥିଲେ ଯେଉଁଥିରେ ୧୨ଜଣ ଲୋକ ପ୍ରାଣ ହରାଇଥିଲେ। ଏହା ପରେ ଭାରତ ଏବଂ କ୍ରିକେଟ୍ ବୋର୍ଡ ଅଫ୍ କ୍ରିକେଟ୍ ପାକିସ୍ତାନ ସହିତ ଦ୍ୱିପାକ୍ଷିକ କ୍ରିକେଟ୍ ବନ୍ଦ କରିଦେଇଛି। ତେବେ ଦିନିକିଆ ବିଶ୍ୱକପ, ଟି-୨୦ ବିଶ୍ୱକପ ଓ ଚାମ୍ପିଅନ୍ସ ଟ୍ରଫି ଭଳି ଆଇସିସି ଇଭେଣ୍ଟରେ ଦୁଇ ଦେଶ ମୁହାଁମୁହିଁ ହୋଇଛନ୍ତି। ଏସିଆ କପରେ ଉଭୟ ଦେଶ ମଧ୍ୟ ମୁହାଁମୁହିଁ ହୋଇଛନ୍ତି। ୨୦୧୬ ଓ ୨୦୧୩ ରେ ପାକିସ୍ତାନ ଦଳ ଭାରତରେ ମେଗା ଇଭେଣ୍ଟ ଖେଳିଛି, କିନ୍ତୁ ଗତ ଦେଢ଼ ଦଶନ୍ଧି ମଧ୍ୟରେ ଭାରତୀୟ ଦଳ ପାକିସ୍ତାନ ଯାଇନାହିଁ।

## ରମନ ସୁବା ରୋଙ୍କ ପରଲୋକ



ନୂଆଦିଲ୍ଲୀ: ଇଂଲଣ୍ଡର ପୂର୍ବତନ କ୍ରିକେଟର୍ ତଥା ଆଇସିସି ମ୍ୟାଚ୍ ରେଫରି ରମନ ସୁବା ରୋ'ଙ୍କ ୯୨ ବର୍ଷ ବୟସରେ ପରଲୋକ ଘଟିଛି। ୧୯୫୮ରୁ ୧୯୬୧ ମଧ୍ୟରେ ଇଂଲଣ୍ଡ ପକ୍ଷରୁ ୧୩ ଟେଷ୍ଟ ମ୍ୟାଚ୍ ଖେଳି ଏହି ପୂର୍ବତନ ବାମହାତୀ ବ୍ୟାଟର୍ ଜଣକ ମୋଟ ୯୮୪ ରନ୍ କରିଥିଲେ। ସରେ ଏବଂ ନର୍ଥହମ୍ପଟନ୍ ଶାୟର ପକ୍ଷରୁ ୨୬୦ ପ୍ରଥମ ଶ୍ରେଣୀ କ୍ରିକେଟ୍ ଖେଳିଥିବା ସୁବା ରୋ ୩୦ ଶତକ ଏବଂ ୭୩ ଅର୍ଦ୍ଧଶତକ ସହ ମୋଟ ୧୪୧୮୨ ରନ୍ କରିଥିଲେ। ୩୦୦ ରନ୍ ତାଙ୍କ କ୍ୟାରିୟର୍ ଶ୍ରେଷ୍ଠ ସ୍କୋର୍ ଥିଲା। ଏହା ବ୍ୟତୀତ ସେ ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ୮୭ ୱିକେଟ୍ ମଧ୍ୟ ହାସଲ କରିଥିଲେ। କ୍ରିକେଟ୍‌ରୁ ସନ୍ନ୍ୟାସ ନେବାପରେ ବ୍ୟବସାୟରେ ମନ ଦେଇଥିଲେ ମଧ୍ୟ କ୍ରିକେଟ୍ ସହିତ ଯୋଡ଼ିହୋଇ ରହିଥିଲେ। ୧୯୮୧ରେ ଭାରତ ଏବଂ ଶ୍ରୀଲଙ୍କା ଗସ୍ତ ସମୟରେ ସେ ଇଂଲଣ୍ଡ ଟିମ୍‌ର ମ୍ୟାନେଜର ଥିଲେ। ୧୯୮୫ରୁ ୧୯୯୦ ମଧ୍ୟରେ ସେ ଟେଷ୍ଟ୍ ଏବଂ କାଉଣ୍ଟି କ୍ରିକେଟ୍ ବୋର୍ଡର ଅଧ୍ୟକ୍ଷ ମଧ୍ୟ ଥିଲେ। ଏହାପରେ ସେ ଅମ୍ପାୟାରିଂ କ୍ଷେତ୍ରରେ ପାଦଦେଇ ୧୯୯୨ରୁ ୨୦୦୧ ମଧ୍ୟରେ ୪୧ ଟେଷ୍ଟ ଏବଂ ୧୧୯ ଦିନିକିଆ ମ୍ୟାଚ୍ ପରିଚାଳନା କରିଥିଲେ।

## ସୋସିଆଲ ମିଡିଆରେ 'ଜିଟି' ମ୍ୟାଚ୍ ସମର୍ଥନକାରୀ ରହସ୍ୟମୟୀ ମହିଳାଙ୍କ ଭିଡିଓ ଭାଇରାଲ

### ଶୁଭମନ୍‌ଙ୍କୁ ବି ମହିଳାଙ୍କ ସହ ଯୋଡ଼ିଛନ୍ତି ପ୍ରଶଂସକ



ନୂଆଦିଲ୍ଲୀ: ଆଇପିଏଲ୍ ୨୦୨୪ ରେ, ପ୍ରତିଦିନ ଗୋଟେ ଦୁଇଟି ମ୍ୟାଚ୍ ଦେଖିବାକୁ ମିଳୁଛି। ଏପ୍ରିଲ୍ ୧୮ ପର୍ଯ୍ୟନ୍ତ, ଆଇପିଏଲ୍ ୨୦୨୪ ରେ ମୋଟ ୩୩ ଟି ମ୍ୟାଚ୍ ଖେଳାଯାଇଛି। ନିକଟରେ ଗୁଜୁରାଟ ଟାଇଟାନ୍ସ ବନାମ ଦିଲ୍ଲୀ କ୍ୟାପିଟାଲ ମ୍ୟାଚରେ ଜଣେ ମହିଳା ପ୍ରଶଂସକ ଅନେକ ହେଡଲାଇନ କରିଥିଲେ। ତାଙ୍କର ଚିତ୍ର ଏବଂ ଭିଡିଓଗୁଡ଼ିକ ଦିନକୁ ଦିନ ଭାଇରାଲ ହେବାରେ ଲାଗିଛି ଯେଉଁଥିରେ ପ୍ରଶଂସକମାନେ ଭିଡିଓରେ ଶୁବମାନ ଗିଲଙ୍କୁ ମଧ୍ୟ ଯୋଡିଛନ୍ତି। ତେବେ ଯଦି ଦେଖାଯାଏ ଆଇପିଏଲରେ, କ୍ୟାମେରା ସବୁବେଳେ ସୁନ୍ଦର ଚେହେରା ଖୋଜିବା ଉପରେ ନଜର ରଖେ। ଚଳିତ ସିଜିନ୍‌ରେ ସୋସିଆଲ ମିଡିଆରେ ଏହିପରି ଅନେକ ଭାଇରାଲ ଚିତ୍ର ଦେଖିବାକୁ ମିଳିଥିଲା। ଯେଉଁଥିରେ ଜଣେ ମହିଳା ପ୍ରଶଂସକ ତାଙ୍କ ମାଲିକଙ୍କୁ ମିଛ କହିବା ପରେ ଆଇପିଏଲ ମ୍ୟାଚ୍ ଦେଖିବାକୁ ଆସିଥିଲେ। ଏଭଳି ପରିସ୍ଥିତିରେ କ୍ୟାମେରାମ୍ୟାନ ମହିଳାଙ୍କୁ କାବୁ କରି ଭାଇରାଲ କରିଥିଲେ। ଯାହାଦ୍ୱାରା ସେ ଧରାପଡ଼ିଯାଇଥିଲେ। ଠିକ୍ ସେମିତି ନିକଟରେ ଏପରି ଏକ ଚେହେରା କ୍ୟାମେରାରେ କଏଦ ହୋଇଛି, ଯାହା ରହସ୍ୟମୟ ଲାଗୁଛି। ସୋସିଆଲ ମିଡିଆରେ ଏହାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଗୁଜୁରାଟ ଟାଇଟାନ୍ସକୁ ସମର୍ଥନ କରିବାକୁ ଷ୍ଟାଡିୟମରେ ପହଞ୍ଚିଥିବା ଝିଅ ସହିତ ଶୁଭମାନ ଗିଲଙ୍କ ପ୍ରତିକ୍ରିୟା ଭାଇରାଲ ହେବାରେ ଲାଗିଛି। ବାସ୍ତବରେ, ଦିଲ୍ଲୀ କ୍ୟାପିଟାଲ ବନାମ ଗୁଜୁରାଟ ଟାଇଟାନ୍ସ ମ୍ୟାଚରେ ଗୁଜୁରାଟର ଇନିଂସ ସମୟରେ ଷ୍ଟାଡିୟମରେ ବସିଥିବା ଜଣେ ମହିଳା ପ୍ରଶଂସକଙ୍କୁ କ୍ୟାମେରା ବ୍ୟକ୍ତି କଏଦ କରିଥିଲେ ଏବଂ ତାଙ୍କ ଚିତ୍ର ଶୀଘ୍ର ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ପ୍ରଶଂସକମାନେ ଗୁଜରାଟ ଟାଇଟାନ୍ସର ରହସ୍ୟମୟ ଝିଅକୁ ହଲିଉଡ ଅଭିନେତ୍ରୀ ଆନା ଦେ ଆର୍ମାସ୍ ସହିତ ତୁଳନା କରିବା ଆରମ୍ଭ କଲେ। ଏହି ରହସ୍ୟମୟ ଝିଅର ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଶୁବମାନ ଗିଲଙ୍କୁ ମଧ୍ୟ ଭିଡିଓରେ ଦେଖାଯାଇଛି, କିନ୍ତୁ ଏହାବି କୁହାଯାଇପାରେ ଯେ ଗିଲ ହୁଏତ ସେହି ସମୟରେ ମ୍ୟାଚ ଦେଖୁଥିଲେ କିମ୍ବା ଅନ୍ୟ କିଛି ପ୍ରତିକ୍ରିୟା ପ୍ରକାଶ କରିଥଲେ। ପ୍ରଶଂସକମାନେ ଶୁଭମାନ ଗିଲଙ୍କ ପ୍ରତିକ୍ରିୟାକୁ ରହସ୍ୟମୟ ଝିଅର ଭିଡିଓ ସହିତ ଯୋଡିଥିଲେ ଏବଂ ବର୍ତ୍ତମାନ ଏହି ଭିଡିଓ ଇଣ୍ଟରନେଟରେ ଜଙ୍ଗଲି ନିଆଁ ପରି ବ୍ୟାପିଚାଲିଛି। ଆଇପିଏଲ୍ ୨୦୨୪ ରେ ଗୁଜୁରାଟ ଟାଇଟାନ୍ସର ପ୍ରଦର୍ଶନ ବିଶେଷ କିଛି ହୋଇନାହିଁ। ଶୁଭମାନ ଗିଲଙ୍କ ଅଧିନାୟକତ୍ୱରେ ହୋଇଥିବା ଗୁଜୁରାଟ ଟାଇଟାନ୍ସ ୭ ଟି ମ୍ୟାଚ ମଧ୍ୟରୁ ୩ ଟି ଜିତିଥିବାବେଳେ ୪ ଟି ମ୍ୟାଚରେ ପରାଜୟର ସମ୍ମୁଖୀନ ହୋଇଛି। ଗୁଜୁରାଟ ଦଳ ୬ ପଏଣ୍ଟ ସହ ଆଇପିଏଲ ୨୦୨୪ ର ପଏଣ୍ଟ ଟେବୁଲରେ ଅଷ୍ଟମ ସ୍ଥାନରେ ରହିଛି।



ଶରୀର ପାଇଁ ପିଜୁଳି ଅପେକ୍ଷା ପିଜୁଳି ପତ୍ର ବେଶ ଲାଭଦାୟକ। ତେବେ ଆସନ୍ତୁ ଜାଣିବା କଣ ମିଳିଥାଏ ଏଥିରୁ ଫାଇଦା । ପିଜୁଳି ପତ୍ର ମହିଳାଙ୍କ ପାଇଁ ବେଶ୍ ଉପକାରୀ । ଏହା ମହିଳାମାନଙ୍କୁ ଋତୁସ୍ରାବରେ ବେଳେ ହେଉଥିବା ଯନ୍ତ୍ରଣାରୁ ଆରାମ ଦେଇଥାଏ । ଡାଇରିଆରେ ପିଜୁଳି ପତ୍ର ବେଶ୍ ଉପକାରୀ। ଝାଡା ହେବା ବେଳେ ପିଜୁଳି ପତ୍ରକୁ ଖାଇବା ଦ୍ୱାରା ଏହା ଶୀଘ୍ର ଭଲ ହୋଇଯାଇଥାଏ । ଅଧ୍ୟୟନ ଅନୁଯାୟୀ, ପିଜୁଳି ପତ୍ର ଅନ୍ତନଳୀରେ ଥିବା କ୍ଷତିକାରକ ମାଇକ୍ରୋବସକୁ ମାରିଥାଏ । ପିଜୁଳି ପତ୍ର ଚା' ପିଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର କମିଥାଏ । ଏହାର ପ୍ରଭାବ ଦୁଇ ଘଣ୍ଟା ପର୍ଯ୍ୟନ୍ତ ରହିଥାଏ। ପିଜୁଳି ପତ୍ରକୁ ମଧ୍ୟ କର୍କଟ ବିରୋଧୀ ବିବେଚନା କରାଯାଏ । ଏଥିରେ ଥିବା ଶକ୍ତିଶାଳୀ ଆଣ୍ଟି-ଅକ୍ସିଡାଣ୍ଟ କୋଷର କ୍ଷତିକୁ ରୋକିଥାଏ । ପିଜୁଳି ପରି ଏହାର ପତ୍ରରେ ଭିଟାମିନ୍ ସି ରହିଥାଏ। ଏହାର ଭିଟାମିନ୍ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ପତ୍ରଗୁଡିକ ଆଣ୍ଟି-ମାଇକ୍ରୋବାୟଲ୍ ଏବଂ ସଂକ୍ରମଣରୁ ମଧ୍ୟ ରକ୍ଷା କରିଥାଏ। ପିଜୁଳି ପତ୍ରରେ ଅନେକ ବାୟୋ ଆକ୍ଟିଭ୍ କମ୍ପାଉଣ୍ଡ ରହିଥାଏ । ଯାହା ଶରୀରରେ କାର୍ବୋହାଇଡ୍ରେଟ୍ ଅବଶୋଷଣକୁ ରୋକିଥାଏ ।





# 'ହାର୍ଟ ଅଫ୍ ଷ୍ଟୋନ'ରେ ନିରାଶ କଲେ ଆଲିଆ

ନିକଟରେ ବଲିଉଡ୍ ନାମୀଦାମୀ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ପ୍ରଥମ ହଲିଉଡ ଫିଲ୍ମ 'ହାର୍ଟ ଅଫ୍ ଷ୍ଟୋନ' ରିଲିଜ୍ ହୋଇଛି। ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସରେ ମୁକ୍ତିଲାଭ କରିଛି। ଏହି ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଗେଲ୍ ଗୋଲୋଟ୍ ନଜର ଆସିଥିବା ବେଳେ ଆଲିଆ ଭଟ୍ଟ ଖଳନାୟିକା ଭୂମିକା ନିଭାଇଛନ୍ତି। କିନ୍ତୁ ନିରାଶ ହୋଇଛନ୍ତି ଆଲିଆଙ୍କ ଫ୍ୟାନ୍ସ, କାରଣ ସିନେମାରେ ଆଲିଙ୍କ ଟାଲେଣ୍ଟର ଜଲୱା ବିଶେଷ ଦେଖିବାକୁ ମିଳିନାହିଁ। ଆଲିଆ ଭଟ୍ଟଙ୍କ ପ୍ରଥମ ହଲିଉଡ୍ ଡେବ୍ୟୁକୁ ନେଇ ବେଶ୍ ଉତ୍ସାହିତ ଥିଲେ ଫ୍ୟାନ୍ସ। କିନ୍ତୁ ତାଙ୍କର ପ୍ରଥମ ହଲିଉଡ ଫିଲ୍ମରେ କିଛି ବିଶେଷ ପ୍ରଦର୍ଶନ ଦେଖିବାକୁ ମିଳୁନାହିଁ। ଇଣ୍ଡିଆନ୍ ଏକ୍ସପ୍ରେସ୍ ଏହି ଚଳଚ୍ଚିତ୍ରକୁ ଟୁ ଷ୍ଟାର୍ ଦେଇଛି। ଏହା ସହିତ ସେ ଏହି ଚଳଚ୍ଚିତ୍ରକୁ ୱେବ୍ ସିରିଜ୍ ସିଟାଡେଲ୍ ସହ ତୁଳନା କରିଛି। ସେହିପରି ଏହି ଚଳଚ୍ଚିତ୍ରର ସ୍କ୍ରିପ୍ଟ କିଛି ଖାସ୍ ନାହିଁ। ଟାଇମ୍ସ ନାଓ ଏହି ଚଳଚ୍ଚିତ୍ରକୁ ଥ୍ରୀ ଷ୍ଟାର୍ ଦେଇଛି। ଏହା ସହିତ, ରିପୋର୍ଟରେ, ଫିଲ୍ମରେ ଅଭିନୟ ଭଲ ଅଛି, କିନ୍ତୁ ସ୍କ୍ରିପ୍ଟିଂ ଭଲ ନଥିବା ଦର୍ଶାଯାଇଛି। ଏହି ଚଳଚ୍ଚିତ୍ର ପ୍ରଥମାର୍ଦ୍ଧ ଦେଖି ଦ୍ୱିତୀୟାର୍ଦ୍ଧ କିପରି ହୋଇଥିବ ତାହା ଅନୁମେୟ ବୋଲି ଟାଇମ୍ସ ନାଓ ରିଭ୍ୟୁରେ ଉଲ୍ଲେଖ କରିଛି। ଏହି ଚଳଚ୍ଚିତ୍ରକୁ ୨.୫ ଷ୍ଟାର୍ ଦେଇଛି ପିଙ୍କଭିଲ୍ଲା। ଚଳଚ୍ଚିତ୍ରର ଆକ୍ସନ୍ ସିନ୍ ଏବଂ ଷ୍ଟାରକାଷ୍ଟଙ୍କୁ ପ୍ରଶଂସା କରିଛି। ଚଳଚ୍ଚିତ୍ରର ଷ୍ଟ୍ରଙ୍ଗ୍ ଷ୍ଟାରକାଷ୍ଟ ଉତ୍କୃଷ୍ଟ ଅଭିନୟ ସହିତ ଲୋକଙ୍କ ହୃଦୟ ଜିତିଛନ୍ତି, କିନ୍ତୁ କୌଣସି ସ୍ଥାନରେ ସ୍କ୍ରିପ୍ଟରେ ଅଭାବ ରହିଯାଇଥିବା କହିଛି। ଏଥି ସହିତ, ଫିଲ୍ମରେ ପ୍ରଦର୍ଶିତ ଆକ୍ସନ୍ ସିନ୍ ମଧ୍ୟ ଲୋକଙ୍କ ହୃଦୟ ଜିତିବାରେ ସଫଳ ହୋଇଛି ବୋଲି କହିଛି। ତେବେ ଗର୍ଭବତୀ ଥିବା ସମୟରେ ଏହି ଫିଲ୍ମ ପାଇଁ ଅଭିନୟ କରିଥିଲେ ଆଲିଆ ଭଟ୍ଟ। ପରେ ସେ ତାଙ୍କର ହଲିଉଡ୍ ଡେବ୍ୟୁକ ନେଇ ଖୁବ୍ ଚର୍ଚ୍ଚିତ ହୋଇଥିଲେ।

# ଦୁର୍ଘଟଣାର ଶିକାର ହେଲେ ଦିବ୍ୟାଙ୍କା



ଦୁର୍ଘଟଣାର ଶିକାର ହୋଇଛନ୍ତି ଛୋଟ ପରଦାର ଚୁଲବୁଲି ଅଭିନେତ୍ରୀ ଦିବ୍ୟାଙ୍କା ତ୍ରିପାଠୀ। ଏହି ଦୁର୍ଘଟଣାରେ ଦିବ୍ୟାଙ୍କାଙ୍କ କାନ୍ଧ ହାଡ଼ ଭାଙ୍ଗି ଯାଇଥିବା ଜଣାଯାଇଛି। ଦିବ୍ୟାଙ୍କା ଗତକାଲି ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ବେଳେ ଆଜି ତାଙ୍କର ଅସ୍ତ୍ରୋପଚାର କରାଯିବ । ଏନେଇ ଦିବ୍ୟାଙ୍କଙ୍କ ସ୍ୱାମୀ ତଥା ଅଭିନେତା ବିବେକ ଦହିୟା ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ବିବେକ ଦିବ୍ୟାଙ୍କାଙ୍କ ଏକ୍ସ-ରେ ଫଟୋକୁ ପୋଷ୍ଟ କରି ସୂଚନା ଦେଇଛନ୍ତି ଯେ, ଦିବ୍ୟାଙ୍କା ଗତକାଲି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏଥିରେ ତାଙ୍କ କାନ୍ଧର ଦୁଇଟି ହାଡ଼ ଭାଙ୍ଗି ଯାଇଛି। ସେ ସୁରକ୍ଷିତ ଥିବା ବେଳେ ଆଜି ତାଙ୍କର ଅସ୍ତ୍ରୋପଚାର ହେବ । ବିବେକ ଏବେ ପତ୍ନୀଙ୍କ ପାଖେପାଖେ ରହୁଥିବାରୁ ଆଜି ଇନଷ୍ଟାଗ୍ରାମରେ ହେବାକୁ ଥିବା ନିଜ ଲାଇଭ ସେସନ ପ୍ରୋଗ୍ରାମକୁ ବାତିଲ କରି ଦେଇଛନ୍ତି। ଏନେଇ ବିବେକଙ୍କ ଟିମ୍ ପକ୍ଷରୁ ସୂଚନା ଦିଆଯାଇଥିବା ବେଳେ ପରବର୍ତ୍ତୀ କାର୍ଯ୍ୟକ୍ରମ ନେଇ ଖୁବ୍ ଶୀଘ୍ର ସୂଚନା ଦିଆଯିବ ବୋଲି କହିଛନ୍ତି। ଦିବ୍ୟାଙ୍କା ଓ ବିବେକ ଉଭୟ 'ୟେ ହେ ମୋହବତେ' ସିରିଏଲରେ ଅଭିନୟ କରୁଥିବା ବେଳେ ପରସ୍ପର ପ୍ରେମରେ ପଡ଼ି ଯାଇଥିଲେ। ଏହାପରେ ଉଭୟ ୨୦୧୬ ମସିହାରେ ବିବାହ କରିଥିଲେ। କିଛି ଦିନ ହେଲା ଛୋଟ ପରଦାରୁ ଦୂରେଇ ରହିଥିବା ଦିବ୍ୟାଙ୍କା ପୁଣି ଥରେ ଛୋଟ ପରଦାକୁ ଫେରିଛନ୍ତି। ଏବେ ସେ 'ଅଦୃଶ୍ୟମ' ସିରିଏଲରେ ଇନ୍ସପେକ୍ଟର ପ୍ରଭାତି ଶେହଗଲ ଭୂମିକାରେ ନଜର ଆସିଛନ୍ତି।

# ମଲାଇକାଙ୍କ ବିବାହକୁ ନେଇ ପ୍ରଶ୍ନ କଲେ ପୁଅ ଅରହାନ



ମଲାଇକା ଆରୋରା ଏବଂ ଅରବାଜ ଖାନଙ୍କ ପୁଅ ଅରହାନ ଖାନ। 'ଡମ୍ବ ବିରିୟାନି' ନାମକ ପୋଡକାଷ୍ଟ ସହିତ ମନୋରଞ୍ଜନ ଜଗତରେ ପ୍ରବେଶ କରିଛନ୍ତି। ଅରବାଜ ଖାନ ଏବଂ ସୋହେଲ ଖାନ ଅରହାନଙ୍କ ସୋ'ରେ ନଜର ଆସି ସାରିଛନ୍ତି। ବର୍ତ୍ତମାନ ମଲାଇକା ତାଙ୍କ ପୁଅର ପୋଡକାଷ୍ଟରେ ଅତିଥି ଭାବରେ ଯୋଗଦେବେ। ଯେଉଁଠାରେ ସେ ରୋମାଞ୍ଚକର ବିଷୟ ଉପରେ ଆଲୋଚନା କରିବେ । ନିକଟରେ ଏହି ଏପିସୋଡର ଟିଜର ମଧ୍ୟ ରିଲିଜ ହୋଇଛି। ଯେଉଁଥିରେ ମଲାଇକା ତାଙ୍କ ପୁଅ ଅରହାନଙ୍କ ସ୍ପାଇସି ପ୍ରଶ୍ନର ଉତ୍ତର ଦେଉଥିବାର ଦେଖାଯାଇଥିଲା। ମଲାଇକା ଆରୋରା କେବେ କରିବେ ବିବାହ ? ବୋଡକାଷ୍ଟର ଅଫିସିଆଲ୍ ଇନଷ୍ଟାଗ୍ରାମ ପେଜ୍‌ରେ ପୋଷ୍ଟ ହୋଇଥିବା ଏକ ଟିଜରରେ ଅରହାନ ତାଙ୍କ ମା ମଲାଇକାଙ୍କୁ ପଚାରିଛନ୍ତି, ଆପଣ ଜଣେ ସୋସିଆଲ କଲମ୍ବର କି ? ମଲାଇକା ତୁରନ୍ତ ଏହାକୁ ଅସ୍ୱୀକାର କରି କୁହନ୍ତି, ନା ' ମୁଁ ନୁହେଁ।, ଅରହାନ ତାଙ୍କ ମା ମଲାଇକାଙ୍କୁ ପଚାରିଥିଲେ, ଆପଣ କେବେ ବିବାହ କରିବେ ? ଏହା ଉପରେ ମଲାଇକା କୁହନ୍ତି, ତୁମେ ଭାବ କେବେ...ମୁ କହିବିନି.. କାରଣ ମୁଁ ବହୁତ ସ୍ପାଇସି ।






ଆମ୍ବ ହେଉଛି ଫଳର ରାଜା । ବିଭିନ୍ନ ପ୍ରକାର ଆମ୍ବ ଚାଷ କରୁଛନ୍ତି ଚାଷୀ । ତେବେ ଆମ୍ବ ପ୍ରଜାତି ଭିତରେ ଏମିତି କିଛି ପ୍ରଜାତି ଅଛି ଯାହା ଚାଷୀଙ୍କୁ ଦ୍ୱିଗୁଣ ଆୟ ପ୍ରଦାନ କରୁଛି । ଚାଷୀ ମଧ୍ୟ ଉତ୍ସାହିତ ହେଉଛନ୍ତି ସେହି ଆମ୍ବ ଚାଷ ଅଧିକ କରିବା ପାଇଁ । ଗତ ଦୁଇ ତିନି ବର୍ଷ ମଧ୍ୟରେ ଆସାମର ଅନେକ କୃଷକ କିଛି ଫସଲ ଆରମ୍ଭ କରିଛନ୍ତି ଯାହା ଆମ କୃଷକମାନେ ପୂର୍ବରୁ କରିନାହାଁନ୍ତି । ପନିପରିବା, ଉଦ୍ୟାନ କୃଷି ଫସଲ ହେଉ କିମ୍ବା ସବୁ କ୍ଷେତ୍ରରେ ଫସଲ ହେଉଛି । ଆସାମ କୃଷି କ୍ଷେତ୍ର ପାଇଁ ଏହା ନିଶ୍ଚିତ ଭାବେ ଏକ ଖୁସି ଖବର । ସମ୍ପ୍ରତି, ଆମର କୃଷକମାନେ ମାଲ୍ଟା ଚା, ଡ୍ରାଗନ୍ ଫଳ, ଆପଲ୍ ଏବଂ ତରଭୁଜ କରୁଛନ୍ତି ଆରମ୍ଭ କରିଛନ୍ତି । ସେଠାକାର ଜଣେ ଚାଷୀ ଧନିରାମ ଚେଟିଆ ବର୍ତ୍ତମାନ ଦୁଇ ତିନି ବର୍ଷ ଧରି ଏକ ସମତଳ ଏବଂ ସ୍ୱଳ୍ପ ସମୟର ଆମ୍ବ ଚାଷ କରୁଛନ୍ତି । ସେ କହିଛନ୍ତି ଯେ ଆମ୍ରପଲ୍ଲୀ ନାମକ ଏହି ଆମ୍ବ ଚାଷ କରି ସେ ବହୁତ ଉପକୃତ ହୋଇଛନ୍ତି । ସଠିକ୍ ଫର୍ଟିଲାଇଜେସନ୍ ସହିତ ଆମ୍ବ ଗଛରେ ୨୦ - ୩୦ କିଲୋଗ୍ରାମ ଆମ୍ବ ଅମଳ ହୋଇଥାଏ । ଏହି ଆମ୍ରପଲ୍ଲୀ ଆମ୍ବ ଗଛ ଦେଖିବାକୁ ଖୁବ ଛୋଟ କିନ୍ତୁ ଅଧିକ ଅମଳ ଦେଇଥାଏ ଯାହା ଚାଷୀଙ୍କ ଆୟ ଅଧିକ କରେ । ସେ କହିଛନ୍ତି ଯେ ଆମ୍ରପଲ୍ଲୀ ଗଛ ଲଗାଇବାର ଦେଢ଼ ବର୍ଷ ମଧ୍ୟରେ ଫଳ ଦେବା ଆରମ୍ଭ କରେ। ପ୍ରାରମ୍ଭରେ, ଏହା ଟିକିଏ କମ୍ ଅମଳ ଦିଏ । ୫ - ୬ ବର୍ଷ ବୟସ ପରେ, ଗଛ ଅଧିକ ବଢ଼ିବାକୁ ଲାଗେ। ଏକ ଆମ୍ରପଲ୍ଲୀ ଆମ୍ବ ଗଛ ପ୍ରାୟ ୨୦ -୨୫ ବର୍ଷ ପର୍ଯ୍ୟନ୍ତ ଫଳ ଦେଇଥାଏ। ଚାରା ରୋପଣ ମଧ୍ୟରେ ଟିକେ ସାର ଏବଂ ପାଣି ପ୍ରୟୋଗ କରାଯିବା ଉଚିତ୍ । କୃଷକମାନେ ୨୦ - ୨୫ ବର୍ଷ ପର୍ଯ୍ୟନ୍ତ ଫଳ ପାଇବା ଜାରି ରଖିବେ ଯଦି ସଠିକ ଭାବେ ଗଛ ରୋପଣ କରାଯାଇଥାଏ । ଆଜିକାଲି ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ନର୍ସରୀ ଅଛି । ଏହି ନର୍ସରୀଗୁଡ଼ିକରେ ଆମ୍ବ ଚାଷ କରିବାକୁ ଆଗ୍ରହୀ ବ୍ୟକ୍ତିମାନେ ଯୋଗାଯୋଗ କରିବା ଉଚିତ୍ । ଆପଣ ଯେତେ ସମ୍ଭବ ନିର୍ଭରଯୋଗ୍ୟ ନର୍ସରୀ ଉପରେ ଧ୍ୟାନ ଦିଅନ୍ତୁ । ଆମ୍ରପଲ୍ଲୀ ଆମ୍ବ ଖାଇବାକୁ ଖୁବ ସ୍ୱାଦଯୁକ୍ତ । ଆସାମରେ ଏହି ଚାଷୀ ଜଣକ ଆମ୍ରପଲ୍ଲୀ ଆମ୍ବ ଗଛ ଚାଷ କରି ବର୍ଷକୁ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଆମ୍ବ ଗଛରୁ ପ୍ରଚୁର ପରିମାଣରେ ଆମ୍ବ ଝଡିଯାଏ । ସେଥିପାଇଁ ଆପଣ ଆମ୍ବ ଗଛରେ ପ୍ରଚୁର ପରିମାଣରେ ଜଳ ଦେବା ଆବଶ୍ୟକ । ଫଳ ଝଡିବା ବନ୍ଦ କରିବା ଏହା ଜରୁରୀ । ଗୋଟିଏ ଲିଟର ପାଣିରେ ଆପଣ ୧୦ ଟୋପା ପ୍ଲାନୋଫିକ୍ସ ମିଶାଇ ସିଞ୍ଚନ କରିବା ଦରକାର ।



# ଘିମିରି ଯନ୍ତ୍ରଣାରୁ ମୁକ୍ତି ପାଇଁ ଆପଣାନ୍ତୁ ଏହି ଉପାୟ

ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଦ୍ରୁତ ଗତିରେ ବଢ଼ି ବଢ଼ି ଚାଲିଛି । ଗରମ ଯୋଗୁ ସମସ୍ତେ ପ୍ରାୟ ଘିମିରିରେ ପୀଡିତ ହୋଇ କଷ୍ଟ ପାଉଥାଆନ୍ତି। ଘିମିରି ବାହାରିବା ମାତ୍ରକେ କୁଣ୍ଡାଇ ହୋଇ ଦେହ ବ୍ୟତିବ୍ୟସ୍ତ ଲାଗିଥାଏ । ଆଜି ଆମେ ଏଭଳି କିଛି ଘରୋଇ ଉପାୟ ବିଷୟରେ ଜାଣିବା ଯାହା ଆମକୁ ତୁରନ୍ତ ଘିମିରିରୁ ଆରାମ ଦେବ ।



**ମୁଲତାନି ମାଟି :** ଘିମିରିରୁ ଆରାମ ଦେବା ସହିତ ତୁରନ୍ତ ଘିମିରି ସମସ୍ୟାକୁ ଠିକ କରିଥାଏ ମୁଲତାନି ମାଟି। ଏହାକୁ ପାଣିରେ ଗୋଳାଇ ଲଗାଇବା ଦ୍ୱାରା ତୁରନ୍ତ ତ୍ୱଚାକୁ ଆରମ୍ଭ ମିଳିଥାଏ ଓ ଘିମିରିରୁ ମଧ୍ୟ ଆରାମ ମିଳେ। ମୁଲତାନି ମାଟି ବ୍ୟାକ୍ଟେରିଆକୁ ମଧ୍ୟ ତ୍ୱଚାରୁ ବିନାଶ କରିଥାଏ।

**ଆଇସ କ୍ୟୁବ:** ଗରମ ଦିନରେ ସ୍କିନ ଯେତେ ଅଧିକ ଥଣ୍ଡା ରଖିବା, ଘିମିରି ବାହାରିବା ର ରିସ୍କ ସେତେ ଅଧିକ କମ ହେବ। ଯଦି ଘିମିରି ବାହାରି ଯାଇଛି ତଥାପି ଆଇସ କ୍ୟୁବ ଖୁବ ଉପକାରୀ । ଆଇସ କ୍ୟୁବକୁ ଗୋଟିଏ ସୂତା କପଡ଼ାରେ ଗୁଡ଼ାଇ ଘିମିରି ସ୍ଥାନରେ ଲଗାନ୍ତୁ ।

**ନିମ୍ବ:** ନିମ୍ବ ଆଣ୍ଟି ବ୍ୟାକ୍ଟେରିଆ ଗୁଣରେ ଭରପୁର ଅଟେ । ଗରମ ଦିନରେ ଘିମିରି ବାହାରିଲେ ଲିମ୍ବ ପତ୍ର ଓ କପୁର କୁ ପାଣିରେ ଫୁଟାଇ ଗାଧୋଇବା ଦ୍ୱାରା ଘିମିରି ଯନ୍ତ୍ରଣା ରୁ ଆରାମ ମିଳିଥାଏ। ଏହାଛଡା ଲିମ୍ବ ପତ୍ରକୁ ବାଟି ଘିମିରି ସ୍ଥାନରେ ଲଗାଇବା ଦ୍ୱାରା ମଧ୍ୟ ଆରାମ ମିଳିଥାଏ ।

**ଆଲୋଭେରା:** ଘିମିରି ଯନ୍ତ୍ରଣାରୁ ଆରାମ ଦେଇଥାଏ ଏଲୋଭେରା ଜେଲ । ଏହା ସ୍କିନକୁ ଥଣ୍ଡା ରଖିବାର କାମ କରିଥାଏ । ଘିମିରିରୁ ଆରାମ ଦେଇଥାଏ । ଏହାକୁ ନିୟମିତ ଲଗାଇବା ଦ୍ୱାରା ରାସେସରୁ ଆରାମ ମିଳିଥାଏ ।

**ଚନ୍ଦନ:** ଆଣ୍ଟିବ୍ୟାକ୍ଟେରିଆ ଗୁଣରେ ଭରପୁର ଅଟେ ଚନ୍ଦନ। ଚନ୍ଦନ ପାଉଡର ଓ ଗୋଲାପ ଜଳକୁ ମିଶାଇ ତ୍ୱଚାରେ ଲଗାଇବା ଦ୍ୱାରା ତ୍ୱଚାକୁ ଆରାମ ମିଳିଥାଏ । ଘିମିରି କମିଯିବ ସହିତ ତ୍ୱଚାକୁ ମଧ୍ୟ ଆରାମ ଲାଗିଥାଏ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ପୁରୀ (ଭାସ୍କର ନ୍ୟୁଜ୍): ପୌର ସଦନ ଠାରେ ନବନିର୍ବାଚିତ ରାଜ୍ୟସଭା ସାଂସଦ ମାନ୍ୟବର ସୁଭାଶିଷ ଖୁଣ୍ଟିଆ (ଲକି)ଙ୍କୁ ସମ୍ବର୍ଦ୍ଧିତ କରିବାପାଇଁ ଶ୍ରୀକ୍ଷେତ୍ର ବିକାଶ ମଞ୍ଚ ଦ୍ୱାରା ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ମଞ୍ଚର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ପୁରୀ ତଥା ଭୁବନେଶ୍ୱରର ପାଞ୍ଚସହରୁ ଉର୍ଦ୍ଧ୍ୱ କଳା, ସଂସ୍କୃତି ଓ ସାମାଜିକ ଅନୁଷ୍ଠାନ ଓ ସେମାନଙ୍କର ପ୍ରତିନିଧିମାନେ ଯୋଗଦେଇଥିଲେ । ସେମାନଙ୍କ ମଧ୍ୟରେ ଥିଲେ ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ଓ ବିଭିନ୍ନ ନିଯୋଗର ପ୍ରତିନିଧିଗଣ, ପୁରୀର ବିଭିନ୍ନ ଜାଗା ଆଖଡ଼ାର ପ୍ରତିନିଧିଗଣ, ବିଭିନ୍ନ ସାମାଜିକ ଅନୁଷ୍ଠାନ, ବିଭିନ୍ନ ମହିଳା ସଂଗଠନ, ଯୁବ ଓ ଛାତ୍ର ସଂଗଠନ ଏବଂ ବିଶିଷ୍ଟ ବ୍ୟକ୍ତିବିଶେଷ । ସର୍ବ ପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ବରିଷ୍ଠ ସେବାୟତଙ୍କ ଦ୍ୱାରା ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ମଞ୍ଚର ସଭାପତି ବିନୋଦ କୁମାର ପଣ୍ଡା ସାଂସଦଙ୍କୁ ସ୍ୱାଗତ କରି ସମ୍ପାଦକ ଲକ୍ଷ୍ମୀନାରାୟଣ ପୃଷ୍ଟି ଓ ଅନନ୍ତ ପ୍ରଧାନଙ୍କ ସହିତ ମିଶି ସାଂସଦଙ୍କୁ ପୁଷ୍ପମାଲ୍ୟ, ଉପଢୌକନ, ମାନପତ୍ର ଓ ସ୍ମାରକୀ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ପରେ ପରେ କ୍ରମାନ୍ୱୟରେ ଜଣକ ପରେ ଜଣେ ସମସ୍ତେ ମଞ୍ଚ ଉପରକୁ ଆସି ସେମାନଙ୍କ ଅତିପ୍ରିୟ ସାଂସଦ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# କବିବର ରାଧାନାଥ ଓ ରାଧାକ୍ରିଷ୍ଣନ୍‌ଙ୍କ ଶ୍ରାଦ୍ଧୋତ୍ସବ




ଜଗତସିଂହପୁର (ଭାସ୍କର ନ୍ୟୁଜ୍): ଆଧୁନିକ ଓଡିଆ ସାହିତ୍ୟର ଯୁଗସ୍ରଷ୍ଟା ତଥା କବିବର ରାଧାନାଥଙ୍କ ୧୧୬ତମ ଓ ଭାରତରତ୍ନ ତଥା ସ୍ୱାଧୀନ ଭାରତର ପ୍ରଥମ ଉପରାଷ୍ଟ୍ରପତି ଓ ଦ୍ୱିତୀୟ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ୪୯ତମ ଶ୍ରାଦ୍ଧୋତ୍ସବ ଜଗତସିଂହପୁର ସାରସ୍ୱତ ପରିଷଦ ଓ ପ୍ରଫୁଲ୍ଲ ପାଠାଗାର ପରିସରରେ ପାଳିତ ହୋଇଯାଇଛି । ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ରବୀନ୍ଦ୍ର ନାଥ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କବିବର ରାଧାନାଥଙ୍କ କାବ୍ୟ ସମ୍ଭାର,ଚିଲିକା, ଚନ୍ଦ୍ରଭାଗା, ଉଷା, ପାର୍ବତୀ, ମହାଯାତ୍ରା ଓ ଦରବାର ପ୍ରଭୃତି ତାଙ୍କର ଗୋଟିଏ ଗୋଟିଏ କାଳଜୟୀ ସୃଷ୍ଟି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ ତାଙ୍କ ବକ୍ତବ୍ୟରେ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଜଣେ ପ୍ରବୀଣ ଦାର୍ଶନିକ, ମହାନ ରାଷ୍ଟ୍ରଗୁରୁ ଓ ନିଆରା ଜନନାୟକ ଭାବେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଛନ୍ତି ବୋଲି କହିବା ସହିତ ତାଙ୍କ ଜନ୍ମଦିନ ସେପ୍ଟେମ୍ବର ୫ ତାରିଖକୁ ଆମ ଦେଶରେ ଗୁରୁଦିବସ ରୂପେ ପାଳନ କରାଯାଇଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ସତ୍ୟବାଦୀ ଦାସ, ସଞ୍ଜୟ ସାମନ୍ତ ସିଂହାର, ବ୍ରହ୍ମାନନ୍ଦ ତ୍ରିପାଠୀ ଓ ପ୍ରଶାନ୍ତ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ପାଠାଗାରର ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ ।

# ନବ ନିର୍ବାଚିତ ରାଜ୍ୟସଭା ସାଂସଦଙ୍କୁ ସମ୍ବର୍ଦ୍ଧନା



ପୁରୀ (ଭାସ୍କର ନ୍ୟୁଜ୍): ପୌର ସଦନ ଠାରେ ନବନିର୍ବାଚିତ ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ (ଲକି)ଙ୍କୁ ସମ୍ବର୍ଦ୍ଧିତ କରିବାପାଇଁ ଶ୍ରୀକ୍ଷେତ୍ର ବିକାଶ ମଞ୍ଚ ଦ୍ୱାରା ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ମଞ୍ଚର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ପୁରୀ ତଥା ଭୁବନେଶ୍ୱରର ପାଞ୍ଚସହରୁ ଉର୍ଦ୍ଧ୍ୱ କଳା, ସଂସ୍କୃତି ଓ ସାମାଜିକ ଅନୁଷ୍ଠାନ ଓ ସେମାନଙ୍କର ପ୍ରତିନିଧିମାନେ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ଓ ବିଭିନ୍ନ ନିଯୋଗର ପ୍ରତିନିଧିଗଣ, ପୁରୀର ବିଭିନ୍ନ ଜାଗା ଆଖଡ଼ାର ପ୍ରତିନିଧିଗଣ, ବିଭିନ୍ନ ସାମାଜିକ ଅନୁଷ୍ଠାନ, ବିଭିନ୍ନ ମହିଳା ସଂଗଠନ, ଯୁବ ଓ ଛାତ୍ର ସଂଗଠନ ଏବଂ ବିଶିଷ୍ଟ ବ୍ୟକ୍ତିବିଶେଷମାନେ। ସର୍ବ ପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ବରିଷ୍ଠ ସେବାୟତଙ୍କ ଦ୍ୱାରା ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ମଞ୍ଚର ସଭାପତି ବିନୋଦ କୁମାର ପଣ୍ଡା ସାଂସଦଙ୍କୁ ସ୍ୱାଗତ କରି ସମ୍ପାଦକ ଲକ୍ଷ୍ମୀନାରାୟଣ ପୃଷ୍ଟି ଓ ଅନନ୍ତ ପ୍ରଧାନଙ୍କ ସହିତ ମିଶି ସାଂସଦଙ୍କୁ ପୁଷ୍ପମାଲ୍ୟ, ଉପଢୌକନ, ମାନପତ୍ର ଓ ସ୍ମାରକୀ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ପରେ ପରେ କ୍ରମାନ୍ୱୟରେ ଜଣକ ପରେ ଜଣେ ସମସ୍ତେ ମଞ୍ଚ ଉପରକୁ ଆସି ସେମାନଙ୍କ ଅତିପ୍ରିୟ ସାଂସଦ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମଙ୍କୁ ଶୃଙ୍ଖଳିତ ଓ ସଫଳ କରାଇବା ନିମନ୍ତେ ବରିଷ୍ଠ ସଦସ୍ୟ ରାମକୃଷ୍ଣ ଦାସମହାପାତ୍ର ମୁଖ୍ୟ ଭୂମିକା ନିଭାଇଥିଲେ । ନାରାୟଣ ଖୁଣ୍ଟିଆ, ବିଶ୍ୱଜିତି ପଟ୍ଟନାୟକ ତାଙ୍କୁ ଅନ୍ୟ ସଦସ୍ୟମାନେ ପୂର୍ଣ୍ଣ ସହଯୋଗ କରିଥିଲେ କ୍ଷ ଶ୍ୟାମ ପ୍ରସାଦ ସେନାପତି ଓ ବିଶ୍ୱନାଥ ମିଶ୍ର ମଞ୍ଚ ପରିଚାଳନା କରିଥିଲେ ।

# ଦୁର୍ଘଟଣାରେ ବାଇକ୍ ଚାଳକ ମୃତ






ନିଆଳି (ଭାସ୍କର ନ୍ୟୁଜ୍): ଫୁଲନଖରା ନିଆଳି ୬୦ ନମ୍ବର ରାଜ୍ୟ ରାଜପଥ ଆମଣାକୁଦ ଛକ ରେ ନିଆଳିରୁ ଅଡଶପୁର ଅଭିମୁଖେ ଯାଉଥିବା ଟ୍ରାକ୍ଟର ଓଆର୍-୦୨-୩୩ ଗାଡି ପଛକୁ ସମାନ ଦିଗରେ ଯାଉଥିବା ବାଇକ୍ ଓଡି-୨୧ଏ-୭୪୬୫ ପଛପଟୁ ଧକ୍କା ଦେଇଥିଲା। ବାଇକ୍ ଚାଳକର ଘଟଣା ସ୍ଥଳରେ ମୁଣ୍ଡ ଫାଟିଯିବା ସହ ବିଭିନ୍ନ ଜାଗାରେ କ୍ଷତ ବିକ୍ଷତ ହୋଇଥିଲା। ସ୍ଥାନୀୟ ଲୋକମାନେ ଉଦ୍ଧାର କରି ଆମ୍ବୁଲାନ୍ସ ସହାୟତାରେ ଅଡଶପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଘଟଣା ସ୍ଥଳରୁ ଟ୍ରାକ୍ଟର ଡ୍ରାଇଭର୍ ଫେରାର୍ ହୋଇଯାଇଛି। ତେବେ ହସ୍ପିଟାଲରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି।

# ସାମ୍ବାଦିକ ସଂଘ ପକ୍ଷରୁ ମିଡିଆ ଫେଷ୍ଟିଭାଲ ନିଷ୍ପତ୍ତି

ପୁରୀ (ଭାସ୍କର ନ୍ୟୁଜ୍): ପୁରୀଜିଲ୍ଲା ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଦୁଇ ଦିନ ବ୍ୟାପୀ ପୁରୀଠାରେ ନଭେମ୍ବର ମାସ ରେ ମିଡିଆ ଫେଷ୍ଟିଭାଲ ଆୟୋଜନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଓଡିଶା ସଙ୍ଗୀତ ପରିଷଦ ସଭାଗୃହ ରେ ପୁରୀଜିଲ୍ଲା ସାମ୍ବାଦିକ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସାମ୍ବାଦିକ ବିଜୟ କୁମାର ପଟ୍ଟନାୟକ ସେଥିରେ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକ ରୁ ଆସିଥିବା ସାମ୍ବାଦିକମାନେ ସେମାନଙ୍କର ସମସ୍ୟା ସମ୍ପର୍କ ରେ ଆଲୋକପାତ କରିଥିଲେ। ସାମ୍ବାଦିକମାନଙ୍କ ସୁରକ୍ଷା ଓ ପେନସନ ଯୋଜନା ଲାଗୁ ପାଇଁ ରାଜ୍ୟସରକାରଙ୍କ ନିକଟ ରେ ଦାବୀ ଉପସ୍ଥାପନ କରାଯିବା ପାଇଁ ବୈଠକ ରେ ଆଲୋଚନା କରାଯାଇଥିଲା । ଏଥିସହିତ ପର୍ଯ୍ୟଟନ କେନ୍ଦ୍ର ପୁରୀକୁ ଦେଶବିଦେଶରୁ ଆସୁଥିବା ସାମ୍ବାଦିକମାନଙ୍କ ମଧ୍ୟରେ ଭାବ ବିନିମୟ ସହ ସାମ୍ବାଦିକ ପେଷାର ବିଭିନ୍ନ ଦିଗ ସମ୍ପର୍କିତ ଆଲୋଚନା ପାଇଁ ମିଡିଆ ଫେଷ୍ଟିଭାଲ ର ଆୟୋଜନ ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇଥିଲା। ଏହି ଅବସରର ରେ ଚଳିତ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇ ସଭାପତି ଭାବେ ଅକ୍ଷୟ ନାୟକ, କାର୍ଯ୍ୟକାରୀ ସଭାପତି ନିମାଇଁ ଚରଣ ମହାନ୍ତି, ଉପସଭାପତି ଅଶୋକ କୁମାର ବେହେରା , ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ଦାଶ , ଅଫିସ ସମ୍ପାଦକ କୃତିବାସ କାମଲା , ସହ ସମ୍ପାଦକ ମାନସ ଦାସ ଓ କୋଷାଧ୍ୟକ୍ଷ ସୁଦର୍ଶନ ଦାସ ମହାପାତ୍ର ଙ୍କ ସମେତ ୧୧ ଜଣ ସାମ୍ବାଦିକଙ୍କୁ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଭାବେ ମନୋନୀତ କରାଯାଇଛି । ଏହି ସାଧାରଣ ବୈଠକ ରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ସାମ୍ବାଦିକମାନେ ଯୋଗ ଦେଇଥିଲେ । ସାମ୍ବାଦିକ ନୃସିଂହ ଚରଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।




# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ନଗସପୁର ଗ୍ରାମପଂଚାୟତ ବରହମପୁର ଗ୍ରାମର ଜଣେ ଯୁବକର ସନ୍ଦେହ ଜନକ ଭାବେ ମୃତ୍ୟୁ ହୋଇଛି। ବରହମପୁର ଗ୍ରାମର ନିଳମଣୀ ସାହୁ(୩୭) ଅପରାହ୍ନରେ କାର୍ଯ୍ୟକରି ଏକ ସାଇକେଲ ଯୋଗେ ନିଜ ଘରକୁ ଫେରୁଥିଲା ବେଳେ ମନାନ ଗଡା ନିକଟରେ ଶ୍ରୀ ସାହୁ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ତୁରନ୍ତ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ତାଙ୍କର ଶବକୁ ନେମାଳ ଥାନା ପୋଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଥିବା ଜଣାଯାଇଛି। ଆଜି ତାଙ୍କର ଶବ ବ୍ୟବଚ୍ଛେଦ ହୋଇ ପୈତୃକ ଗ୍ରାମକୁ ଅଣାଯାଇଥିଲା। ଶୋକାକୂଳ ପରିବେଶରେ ତାଙ୍କର ଶବ ଦାହ କରାଯାଇଥିଲା। ତେବେ ଶ୍ରୀ ସାହୁଙ୍କର ଅଂଶୁଘାତ ଜନିତ କିମ୍ବା ହୃଦଘାତ ଜନିତ ମୃତ୍ୟୁ ହୋଇଛି ଶବ ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଶ୍ରୀ ସାହୁଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀୟ ହୋଇଥିବାରୁ ତାଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବା ନିମନ୍ତେ ଯୁବ ସମାଜସେବୀ ସାରଳାପୁତ୍ର ଶ୍ରୀରାମ ବିନୋଦ ଷଢଙ୍ଗୀ ଦୃଢ ଦାବି କରିଛନ୍ତି।

# କଲ୍ୟାଣସିଂହପୁର ଗୁମ୍ମା ଗାଁରେ ହାତୀ ଆତଙ୍କ







କଲ୍ୟାଣସିଂହପୁର (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ରେଞ୍ଜ ପଟାଙ୍ଗପଦର ବିଟ ପାର୍ଷାଲି ପଞ୍ଚାୟତର ଗୁମ୍ମା ଗ୍ରାମରେ ହାତୀ ଆତଙ୍କ। ସୂଚନା ଅନୁସାରେ ଆଜି ଏକ ହାତୀ ପଲ ଆସି ଗୁମ୍ମା ଗ୍ରାମର ଶିକକା ତାମ,ଶିକକା ଲକ୍ଷ୍ମଣ,ଶିକକା ବାମୁଣି ନିୟମଗିରି ପାହାଡ ରେ ଲଗାଇଥିବା ଅଦା, ହଳଦୀ କଦଳୀ ଫସଲ ନଷ୍ଟ କରିବା ସହ ପାହାଡ଼ ଉପରେ ବାନ୍ଧି ଥିବା ଛୋଟ ଘରକୁ ଭାଙ୍ଗି ଚୁର୍‌ମାର କରିଦେଇଛନ୍ତି। ଯାହାକୁ ନେଇ ଅଞ୍ଚଳରେ ଥିବା ଗ୍ରାମବାସୀ ଭୟଭୀତ ହୋଇ ପଡ଼ିଛନ୍ତି। ଏହି ଘଟଣାରେ ବନାଞ୍ଚଳ ଅଧିକାରୀ ଚନ୍ଦନ ଗମାଙ୍ଗଙ୍କ ନିର୍ଦ୍ଦେଶ ରେ ବନପାଳ ସହଦେବ ରାଉତ ଉକ୍ତ ଅଞ୍ଚଳକୁ ଫରେଷ୍ଟ ଗାର୍ଡ଼ ସହ କିଛି ଷ୍ଟାଫ ପଠାଇଥିବା ଜଣାଯାଇଛି । ଏହା ସହିତ ନିଆଁ ନ ଲଗାଇବା , ବାଜା ବଜାଇ ହାତୀକୁ ଦେଖି ବିରକ୍ତ ନ କରିବା ପାଇଁ ସଚେତନ କରିଛନ୍ତି । ନିୟମଗିରି ପାହାଡ଼ରେ ଚାଷ ନଷ୍ଟ ହୋଇଥିବା ଲୋକମାନେ କ୍ଷତି ପୁରଣ ପାଇଁ ଦାବି କରିଛନ୍ତି । ଏ ସମ୍ପର୍କରେ ବନପାଳ ସହଦେବ ରାଉତ କହିଛନ୍ତି ଯଦି ଫରେଷ୍ଟ ରେଞ୍ଜ ଏରିଆରେ ଫସଲ ନଷ୍ଟ ହୋଇଥିବ ତାହାଲେ କ୍ଷତି ପୁରଣ ମିଳିପାରିବ ନ ହେଲେ କ୍ଷତି ପୂରଣ ମିଳି ପାରିବ ନାହିଁ ବୋଲି କହିଛନ୍ତି।

# ବାର୍ଷିକ ଯାଦବ ବନ୍ଧୁମିଳନ ଉତ୍ସବ



ନିଆଳି(ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ୍ ନିଆଳି ପଞ୍ଚାୟତ ଗୋପାଳ ନଗର ଗାଁ (ଗାୟା ସାହି)ରେ ଗତକାଲି ରାତିରେ ୪୩ତମ ଯାଦବ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେଦାରନାଥ ବେହେରା ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ହୋଇଥିଲେ ତ୍ରିଲୋଚନ ବେହେରା। ଅନ୍ୟ ମଞ୍ଚାସୀନ ଅତିଥି ହେଲେ ବଂଶୀଧର ବେହେରା, ବେନୁ ବେହେରା, ଲକ୍ଷ୍ମଣ ଦାସ, ଜଗୁ କାଠୁଆ, କୈଳାସ ଦାସ, ମନୁ ବେହେରା, ପବିତ୍ର ବେହେରା ଉପସ୍ଥିତ ରହିଥିବା ବେଳେ ଅତିଥି ପରିଚୟ ସହ ସଭା ପରିଚାଳନା କରିଥିଲେ ରମେଶ ବେହେରା। ଲଉଡି ଖେଳ ରାମତାଳି ପକ୍ଷରୁ ୧୭ଟି ଟିମ୍ ଭାଗ ନେଇଥିଲେ। ରାତି ତମାମ ଏହି ଖେଳ ଚାଲୁ ରହିଥିବା ବେଳେ ସମସ୍ତ ଟିମ୍ କୁ ସମାନ ଭାବରେ ଟ୍ରଫି ପ୍ରଦାନ କରାଯାଇଥିଲା। ଗୋପାଳ ମାନଙ୍କର ୪୩ ବର୍ଷ ହେଲା ଏହି ପରମ୍ପରା ହୋଇ ଆସୁଛି। ଗ୍ରାମବାସୀ ମାନଙ୍କ ପକ୍ଷରୁ ଲଉଡି ଖେଳକୁ ପରିଚାଳନା କରୁଥିଲେ ରସାନନ୍ଦ ପରିଡା, ଅନ୍ତର୍ଯ୍ୟାମୀ ଦାସ। ସହଯୋଗ କରିଥିବା ଗ୍ରାମବାସୀ ମାନେ ହେଲେ କାହ୍ନୁ ବେହେରା, କାଳନ୍ଦୀ ଦାସ, ରବିନ୍ଦ୍ର ଦାସ, ଶ୍ରୀଧର ଦାସ, ରମାକାନ୍ତ ଦାସ, ମାଧବାନନ୍ଦ ଦାସ, ମନୋରଞ୍ଜନ ବେହେରା ଓ ଗୋପାଳ ନଗର ଗ୍ରାମବାସୀ ରହିଥିଲେ।

# ବିଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ସାଂସଦ




ଢେଙ୍କାନାଳ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ସହରରେ ବିଜୁ ବାବୁଙ୍କ ୨୭ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଆମ ପ୍ରତିଭା ଆମ ସମ୍ମାନ ପକ୍ଷରୁ ପ୍ରତିଷ୍ଠାତା ତଥା ସାଂସଦ ମହେଶ ସାହୁ ବିଜୁ ବାବୁଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ସାଂସଦ ଶ୍ରୀ ସାହୁ ଏବଂ କର୍ମକର୍ତ୍ତାମାନେ ସହରର ରଥଗଡାସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ଏହି ଅବସରରେ ଆମ ପ୍ରତିଭା ଆମ ସମ୍ମାନର ସଭାପତି ପ୍ରୟିରଞ୍ଜନ ମାହୁନ୍ତଙ୍କ ଅଧ୍ୟକ୍ଷତାରେ ସଂଗଠନର କାର୍ଯ୍ୟାଳୟରୁ କର୍ମକର୍ତ୍ତାମାନେ ଏକ ମୋଟର ସାଇକେଲ୍ ଶୋଭାଯାତ୍ରାରେ ପ୍ରତିମୂର୍ତ୍ତୀ ପର୍ଯ୍ୟନ୍ତ ଯାଇଥିଲେ । ସେଠାରେ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି କର୍ମକର୍ତ୍ତାମାନେ ବିଜୁ ବାବୁ ଅମର୍ ରହେ ଆଦି ଧ୍ୱନୀ ଦେବା ସହ ବିଜୁ ବାବୁଙ୍କ ଓଡିଶା ପ୍ରତି ଅବଦାନ ସଂପର୍କରେ ସ୍ମୃତିଚାରଣ କରାଯାଇଥିଲେ । ଏହି କାର୍ଯ୍ୟକ୍ରମରେ ବିଜେଡି ବରିଷ୍ଠ ନେତା ପ୍ରତାପ ଦାସ, ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ ମହାନ୍ତି, ପୂର୍ବତନ ନଗରପାଳ ସୁଧାଂଶୁ କୁମାର ଦଳେଇ, କୋଷାଧ୍ୟକ୍ଷ ରୁଦ୍ରାନ୍ତ ଦଳେଇ, ବାଦଲ ପଟ୍ଟନାୟକ, ସଦାଶିବ ମହାପାତ୍ର, ଜିତେନ୍ଦ୍ର ପଟ୍ଟନାୟକ, ଆଇନଜୀବୀ ଗୁପ୍ତେଶ୍ୱର ମିଶ୍ର, ଅମ୍ବିକା ପ୍ରସାଦ ମିଶ୍ର, ଶେଖର ସେଠୀ, ସୁମନ୍ତ ସ୍ୱାଇଁ, ଆଲୋକ ରଥ, ଶ୍ୟାମସୁନ୍ଦର ସାହୁ, ଦୁଷ୍ମନ୍ତ ମହାନ୍ତି, ନଜୁ ମହମ୍ମଦ, ଅକ୍ତର ଅଲ୍ଲି, ଆନନ୍ଦ ସେଠୀ, ସାହିର୍ ମହମ୍ମଦ, ଅନିଲ୍ ରାଉତ, ବୁଲୁ ଜେନା, ରାଜେନ୍ଦ୍ର ଦାସ ପ୍ରମୁଖଙ୍କ ବ୍ୟତୀତ ଶତାଧିକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

# ଗୁପ୍ତକ୍ଷେତ୍ର ସଖୀବଟରେ ବିଶ୍ୱଶାନ୍ତି ମହାଯଜ୍ଞ ଶୁଭାରମ୍ଭ



କେନ୍ଦ୍ରାପଡା (ଭାସ୍କର ନ୍ୟୁଜ୍): ତୁଳସୀକ୍ଷେତ୍ରର ଶ୍ରୀ ବଳଦେବ ସଂସ୍କୃତି ଅନ୍ତର୍ଗତ ପ୍ରସିଦ୍ଧ ଗୁପ୍ତକ୍ଷେତ୍ର ସଖୀବଟରେ ଦ୍ୱାବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞ ଭବ୍ୟ ପରିବେଶରେ ଆରମ୍ଭ ହୋଇଛି। ବୁଧବାର ପବିତ୍ର ଶ୍ରୀରାମ ନବମୀ ସନ୍ଧ୍ୟାରେ ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମର ଅଧ୍ୟକ୍ଷା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯଜ୍ଞର ଶୁଭାରମ୍ଭ କରିଥିଲେ। ପ୍ରଜ୍ଞାନ ମିଶନର ସହସମ୍ପାଦକ ସ୍ୱାମୀ ଅନିର୍ବାଣାନନ୍ଦ ଗିରି ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ସମାଜରେ ନୈତିକ ଅବକ୍ଷୟ ରୋକିବାକୁ ହେଲେ ଆଧ୍ୟାତ୍ମିକତାର ବ୍ୟାପକ ପ୍ରଚାରପ୍ରସାର ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ସ୍ୱାମୀ ବିଶ୍ୱରୂପାନନ୍ଦ ଗିରି ଓ ଯଜ୍ଞ କମିଟି ଉପଦେଷ୍ଟା ରଶ୍ମିରଞ୍ଜନ ରାଉତ ଯୋଗ ଦେଇଥିଲେ। ଟ୍ରଷ୍ଟବୋର୍ଡ ସଦସ୍ୟ ଅକ୍ଷୟ କୁମାର ପାଣିଙ୍କ ସମ୍ପାଦନାରେ ପ୍ରସ୍ତୁତ ଯଜ୍ଞ ସ୍ମରଣିକା 'ମୁକ୍ତଗାଥା'କୁ ଏହି ଅବସରରେ ଉନ୍ମୋଚନ କରାଯାଇଥିଲା। କମିଟି ମୁଖ୍ୟ ସଂଯୋଜକ ଇଂ ତୀର୍ଥବାସୀ ପଣ୍ଡା ସଭାରେ ଅଧ୍ୟକ୍ଷତା କରିଥିଲେ। ସହସମ୍ପାଦକ ଅଭୟ ପତ୍ରୀ ଓ ବୈଷ୍ଣବ ସ୍ୱାଇଁ ପତ୍ରିକା ଉନ୍ମୋଚନରେ ସହଯୋଗ କରିଥିଲେ। କୋଷାଧ୍ୟକ୍ଷ ପଣ୍ଡିତ ନରେନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ଶ୍ରଦ୍ଧାଳୁଙ୍କ ଦ୍ୱାରା ଏକ ଦିବ୍ୟ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ମଙ୍ଗଳବାର ଯଜ୍ଞର ଅଙ୍କୁରାରୋପଣ ଅବସରରେ ଏକ ଜିଲ୍ଲାସ୍ତରୀୟ ଆଧ୍ୟାତ୍ମିକ ନୃତ୍ୟ ପ୍ରତିଯୋଗିତା ଗୋକୁଳଚନ୍ଦ୍ର ସଂଗୀତ ସଦନ ପକ୍ଷରୁ ଅନୁଷ୍ଠିତ ହୋଇ ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ଏଥିରେ ଜିଲ୍ଲାପରିଷଦ ସଦସ୍ୟ ରଶ୍ମିରଞ୍ଜନ ରାଉତ ଅତିଥିଭାବେ ଯୋଗ ଦେଇଥିବାବେଳେ ନୃତ୍ୟଗୁରୁ ଭାନୁପ୍ରିୟା ଖଟୁଆ ଓ ବିଷ୍ଣୁପ୍ରିୟା ସାମଲ ଯୋଗ ଦେଇଥିଲେ। ଏହି ଯଜ୍ଞ ଆଗାମୀ ସୋମବାର ଉଦଯାପିତ ହେବ। ପ୍ରତି ସନ୍ଧ୍ୟାରେ ପ୍ରବଚନ ଓ ଆକର୍ଷକ ଭଜନ ସମାରୋହ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଛି।

# ଧନୁର୍ଜ୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ ଓ ପୂଜ୍ୟପୂଜା ସମ୍ମାନ ସମାରୋହ




କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବସୁପୁର ସ୍ଥିତ ମା' ବାସନ୍ତୀ ଦୁର୍ଗା ପୂଜା ମଣ୍ଡପ ପ୍ରାଙ୍ଗଣରେ ରାଜ୍ୟର ଅଗ୍ରଣୀ ସାମାଜିକ ସାଂସ୍କୃତିକ ତଥା ସେବା ଅନୁଷ୍ଠାନ 'ଧନୁର୍ଜ୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟ'ର ୪୫ତମ ବାର୍ଷିକ ଉତ୍ସବ ତଥା ପୂଜ୍ୟପୂଜା ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ସଭାପତି ସୁବାଷ ଚନ୍ଦ୍ର ବିଶ୍ୱାଳ ସଭାପତିତ୍ୱ କରି ସଭାର ଉଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସଭାରେ ଅଧ୍ୟାପକ ଅଜୟ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟ୍ରଷ୍ଟର ସମସ୍ତ ସାମାଜିକ ଓ ସେବା କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଟ୍ରଷ୍ଟର ଅଧ୍ୟକ୍ଷ ସମାଜସେବୀ ଭଗବାନ ବିଶ୍ୱାଳ ଯୋଗଦାନ କରି ଧନୁର୍ଜ୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟର ସାମାଜିକ ଓ ସେବା କାର୍ଯ୍ୟର ବିଭିନ୍ନ ଦିଗ ସମ୍ବନ୍ଧରେ ଆଲୋକପାତ କରି କେନ୍ଦ୍ରାପଡା ଜିଲ୍ଲାକୁ ଏକ ଅଗ୍ରଣୀ ଜିଲ୍ଲା ଭାବେ ଗଢି ତୋଳିବାକୁ ବଜ୍ର ଶପଥ ନେଇ ଥିଲେ ଏବଂ ଗ୍ରାମର ସମସ୍ତ ଝିଅ ଓ ବିବାହିତା ଝିଆଣି ମାନଙ୍କୁ ଏକତ୍ରିତ କରି ଭଉଣୀଚାରାର ଉତ୍ସର୍ବ ପାଳନ କରାଯାଇଥିଲା । ପ୍ରତିବର୍ଷ ଭଳି ଟ୍ରଷ୍ଟ ଦିବ୍ୟାଙ୍ଗ ମାନଙ୍କ ନିରନ୍ତର ସେବା ନିମନ୍ତେ କେନ୍ଦ୍ରାପଡାର ଅଗ୍ରଣୀ ସେବା ଅନୁଷ୍ଠାନ ପୁର୍ନବାସକୁ 'କେନ୍ଦ୍ରାପଡା ରତ୍ନ' ସମ୍ମାନରେ ସମ୍ମାନିତ କରିବା ସହିତ ମାନପତ୍ର, ଟ୍ରଫି ଓ ଦଶହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ବିଶିଷ୍ଟ ଆଇନଜିବୀ ବିଚିତ୍ରାନନ୍ଦ ମହାନ୍ତି ଓ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦଙ୍କୁ 'କେନ୍ଦ୍ରାପଡା ବରପୁତ୍ର' ସମ୍ମାନ ପ୍ରଦାନ କରାଯାଇଥିଲା। 'କେନ୍ଦ୍ରାପଡା ଗୌରବ' ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ତଥା ଗବେଶକ ଡ. ନିଳମଣୀ ଲେଙ୍କା, ବିଶିଷ୍ଟ କବି ତଥା ଶିକ୍ଷାବିତ ଡ. ଆଲୋକ କୁମାର ରାୟ, ପ୍ରଦାର୍ଥ ବିଜ୍ଞାନ ଗବେଷକ ପ୍ରାଧ୍ୟାପକ ଡ଼. ପ୍ରଭାତ ରଞ୍ଜନ ଲେଙ୍କା, କବୟତ୍ରୀ ତୁହିନା ମିଶ୍ର, ସମାଜ ସେବା ଓ ମହିଳା ସଶକ୍ତିକରଣ ନିମନ୍ତେ ଉପମା କୁମାରୀ ବିଶ୍ୱାଳ, ସାମ୍ବାଦିକତା କ୍ଷେତ୍ରରେ ପରେଶ ଚନ୍ଦ୍ର ଦାସ, କ୍ରୀଡାବିତ ଏବଂ ଯୋଗ ଗୁରୁ ଭରତ କୁମାର ସାହୁଙ୍କୁ ଉପଢୌକନ, ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା । ସୁରେଶ ଚନ୍ଦ୍ର ଦାସଙ୍କୁ 'କେନ୍ଦ୍ରାପଡା ଶିଳ୍ପିକଳା' ସମ୍ମାନରେ ସମ୍ମାନୀତ କରାଯାଇଥିଲା। ବିଶିଷ୍ଟ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଧନୁର୍ଜ୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ଶ୍ରୀ ବିଶ୍ୱାଳଙ୍କ ମାନବବାଦୀ ଚିନ୍ତାଧାରାକୁ ଶତ ପ୍ରଶଂସା କରି ଟ୍ରଷ୍ଟର ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ପରାମର୍ଶ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାନ ବିଶ୍ୱାଳ, ଦୀପ୍ତି ରଞ୍ଜନ ବିଶ୍ୱାଳ, ବୈଲୋଚନ ବିଶ୍ୱାଳ, ପ୍ରମୋଦ ବିଶ୍ୱାଳ ଓ ଅଶୋକ ବିଶ୍ୱାଳ ପ୍ରଭୃତି ସହଯୋଗ କରିଥିଲେ । ଧନୁର୍ଜ୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟର ସଭ୍ୟ କେଶବ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଟ୍ରଷ୍ଟର ସଂଯୋଜକ ଅଧ୍ୟାପକ ଡ. ହିମାଂଶୁ ପରିଡା ସଭା ସଂଯୋଜନା କରିଥିଲେ।

# ବାର୍ଷିକ ପୂଜ୍ୟପୂଜା ଓ ସମ୍ମାନ ସମାରୋହ




କେନ୍ଦ୍ରାପଡା (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବସୁପୁର ସ୍ଥିତ ମା' ବାସନ୍ତୀ ଦୁର୍ଗା ପୂଜା ପ୍ରାଙ୍ଗଣରେ ରାଜ୍ୟର ଅଗ୍ରଣୀ ସାମାଜିକ ସାଂସ୍କୃତିକ ତଥା ସେବା ଅନୁଷ୍ଠାନ 'ଧନୁର୍ଜ୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟ', ର ୪୫ତମ ବାର୍ଷିକ ପୂଜ୍ୟପୂଜା ପ୍ରତିଭା ସମ୍ମାନ ସମାରୋହ ଆନୁଷ୍ଠାନିକ ଭାବେ ସମ୍ପନ୍ନ ହୋଇଛି । ଉକ୍ତ ଉତ୍ସବରେ ଟ୍ରଷ୍ଟର ସଭାପତି ସୁବାଷ ଚନ୍ଦ୍ର ବିଶ୍ୱାଳ ସଭାପତିତ୍ୱ କରି ସଭାର ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଉକ୍ତ ସଭାର ମୁଖ୍ୟ ଅତିଥି ଭାବେ ଓଡ଼ିଶାର ପ୍ରବୀଣ ଶିକ୍ଷାବିତ ତଥା କେନ୍ଦ୍ରାପଡା ବିକାଶ ପରିଷଦର ସଭାପତି ପ୍ରାଧ୍ୟାପକ ଅଜୟ କୁମାର ସାମଲ, ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଟ୍ରଷ୍ଟର ସମସ୍ତ ସାମାଜିକ ଓ ସେବା କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଟ୍ରଷ୍ଟର ଚେୟାରମ୍ୟାନ ସମାଜସେବୀ ଭଗବାନ ବିଶ୍ୱାଳ ଯୋଗଦାନ କରି ଧନୁର୍ଜ୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟର ସାମାଜିକ ଓ ସେବା କାର୍ଯ୍ୟର ବିଭିନ୍ନ ଦିଗ ସମ୍ବନ୍ଧରେ ଆଲୋକପାତ କରି କେନ୍ଦ୍ରାପଡା ଜିଲ୍ଲାକୁ ଏକ ଅଗ୍ରଣୀ ଜିଲ୍ଲା ଭାବେ ଗଢି ତୋଳିବାକୁ ବଜ୍ର ଶପଥ ନେଇ ଥିଲେ ଏବଂ ଗ୍ରାମର ସମସ୍ତ ଝିଅ ଓ ବିବାହିତା ଝିଆଣି ମାନଙ୍କୁ ଏକତ୍ରିତ କରି ଏକାଠି କରାଯାଇଥିଲା ଓ ଭଉଣୀଚାରର ଉତ୍ସବ ପାଳନ ହୋଇଥିଲା। ପ୍ରତିବର୍ଷ ଭଳି ଟ୍ରଷ୍ଟ ସାମାଜିକ ସେବା ଅନୁଷ୍ଠାନ, ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ବିଭିନ୍ନ କ୍ଷେତ୍ର ଯଥା ସାହିତ୍ୟ, ସଂସ୍କୃତି, ସମାଜସେବା, କଳା, ସଂଗୀତ, ବିଜ୍ଞାନ ଏବଂ କ୍ରୀଡା କ୍ଷେତ୍ରର ବିକାଶ ପାଇଁ ପୂଜ୍ୟପୂଜା ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଦିବ୍ୟାଙ୍ଗ ମାନଙ୍କର ନିରନ୍ତର ସେବା ନିମନ୍ତେ କେନ୍ଦ୍ରାପଡା ଅଗ୍ରଣୀ ସେବା ଅନୁଷ୍ଠାନ 'ପୁନଃବାସକୁ କେନ୍ଦ୍ରାପଡା ରତ୍ନ' ସମ୍ମାନରେ ସମ୍ମାନିତ କରିବା ସହିତ ମାନପତ୍ର, ଟ୍ରଫି, ଏବଂ ଦଶହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା । 'କେନ୍ଦ୍ରାପଡା ବରପୁତ୍ର' ଭାବେ ବିଶିଷ୍ଟ ଆଇନଜିବୀ ବିଚିତ୍ରାନନ୍ଦ ମହାନ୍ତି ଓ ସଙ୍ଗିତ ନିର୍ଦ୍ଦେଶକ ପ୍ରେମ ଆନନ୍ଦଙ୍କୁ ପ୍ରଦାନ କରାଯାଇଥିଲା। 'କେନ୍ଦ୍ରାପଡା ଗୌରବ' ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ଏବଂ ଗବେଶକ ଡଃ ନିଳମଣୀ ଲେଙ୍କା, ବିଶିଷ୍ଟ କବି ଓ ଶିକ୍ଷାବିତ ଡଃ ଆଲୋକ କୁମାର ରାୟ, ପ୍ରଦାର୍ଥ ବିଜ୍ଞାନ ଗବେଷକ ଏବଂ ପ୍ରାଧ୍ୟାପକ ଡ଼ଃ ପ୍ରଭାତ ରଞ୍ଜନ ଲେଙ୍କା, କବୟତ୍ରୀ ତୁହିନା ମିଶ୍ର, ସମାଜ ସେବା ଓ ମହିଳା ସଶକ୍ତିକରଣ ନିମନ୍ତେ ଉପମା କୁମାରୀ ବିଶ୍ୱାଳ, ସାମ୍ବାଦିକତା କ୍ଷେତ୍ରରେ ପରେଶ ଚନ୍ଦ୍ର ଦାଶ, କ୍ରୀଡାବିତ ଏବଂ ଯୋଗ ଗୁରୁ ଭରତ କୁମାର ସାହୁଙ୍କୁ ଉପଢୌକନ, ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସୁରେଶ ଚନ୍ଦ୍ର ଦାସଙ୍କୁ 'କେନ୍ଦ୍ରାପଡା ଶିଳ୍ପିକଳା' ସମ୍ମାନ ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ରାଜନେତା ଏବଂ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଧନୁର୍ଜ୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟର ଚେୟାରମ୍ୟାନ ଭଗବାନ ବିଶ୍ୱାଳଙ୍କ ମାନବବାଦୀ ଚିନ୍ତାଧାରାକୁ ଶତ ପ୍ରଶଂସା କରିଥିଲେ।



କାକଟପୁର,(ଭାସ୍କର ନ୍ୟୁଜ୍): କାକଟପୁର ବ୍ଲକ ଅନ୍ତର୍ଗତ ବାଲିଦୋକାନ ନିକଟସ୍ଥ ଜମରା ଗ୍ରାମରେ ତିନି ଦିନ ବ୍ୟାପି ଅଷ୍ଟମ ପ୍ରହର ନାମଯଜ୍ଞ ଓ ମହୋତ୍ସବ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସ ଅଧିବାସରେ ଗ୍ରାମବାସୀ ଓ ମହିଳା ମାନଙ୍କ ଦ୍ୱାରା ବାବା ଦକ୍ଷିଣେଶ୍ୱର, ମା ଦୁଲ୍ଲାଦେଇ ପୀଠ ରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ପୂର୍ବକ ୧୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅଷ୍ଟମ ପ୍ରହର ନାମ ସଙ୍କୀର୍ତ୍ତନ ଓ ଶେଷ ଦିବସରେ ନଗର ସଙ୍କୀର୍ତ୍ତନ ଓ ଯମୁନା ଗାଧୁଆ ମହୋତ୍ସବ ସହ ଉଦଯାପିତ ହୋଇଥିଲା। ଏହି ଅବସରରେ ନିକଟ ଅଞ୍ଚଳର ପ୍ରାୟ ୧୦ଟି ସଙ୍କୀର୍ତ୍ତନ ମଣ୍ଡଳୀ ହରିନାମ ରସାମୃତ ପାନ କରି ପରିବେଶକୁ ଆଧାତ୍ମିକ ବାତାବରଣ ସୃଷ୍ଟି କରିଥିଲେ। ଗ୍ରାମ କମିଟି ସଭାପତି ଜଗବନ୍ଧୁ ବିଶ୍ୱାଳ, ସମ୍ପାଦକ ଅନୁପମ ଖଟୋଇ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ସମେତ ସମସ୍ତ ଗ୍ରାମବାସୀ ମାନେ ପରିଚାଳନା ସହଯୋଗ କରିଥିଲେ। ହଜାର ହଜାର ସଂଖ୍ୟାରେ ଲୋକ ଏହି ଅଷ୍ଟମ ପ୍ରହର ନାମଯଜ୍ଞରେ ସାମିଲ ହୋଇଥିଲେ।



# ହିଟ୍‌ୱେଭ ପାଇଁ କେନ୍ଦୁଝରରେ ବଢ଼ୁଛି ଏସିର ଚାହିଦା

କେନ୍ଦୁଝର,(ଭାସ୍କର ନ୍ୟୁଜ୍): ଏକଦା ଶୀତଳ ପରିବେଶ,ଥଣ୍ଡା ଜଳବାୟୁ ପାଇଁ ପରିଚିତ କେନ୍ଦୁଝର ଜିଲ୍ଲା ଏବେ ରାଜ୍ୟର ଅନ୍ୟତମ ଉତ୍ତପ୍ତ ସହର ଭାବେ ଗଣାଯାଉଛି। କେନ୍ଦୁଝର ଜିଲ୍ଲାରେ ଦିନକୁ ଦିନ ବଢ଼ୁଛି ତାତି। ଶୁକ୍ରବାର ସର୍ବୋଚ୍ଚ ତାପମାତ୍ରା ଡିଗ୍ରୀ ୪୨.୨ ଡିଗ୍ରୀ ଥିବାବେଳେ ଲୋକେ ତ୍ରାହି ତ୍ରାହି ଡାକ ଦେଉଛନ୍ତି। ସକାଳ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ରାସ୍ତାଘାଟ ଶୂନଶାନ ହୋଇଯାଉଛି। ଅତି ଜରୁରୀ କାମ ନଥିଲେ ଘରୁ କେହି ବାହାରୁନାହାଁନ୍ତି। ଏପ୍ରିଲ ୧୮ ତାରିଖ ଦିନ ୪୦.୯ ଡିଗ୍ରୀ ସେଲସିୟସ,୧୭ ତାରିଖ ବୁଧବାର ଦିନ ସର୍ବୋଚ୍ଚ ତାପମାତ୍ରା ୪୦.୨ଡିଗ୍ରୀ, ଏପ୍ରିଲ ୧୬ ତାରିଖ ମଙ୍ଗଳବାର ଦିନ ୪୦.୨ଡିଗ୍ରୀ,୧୫ ତାରିଖ ଦିନ ୩୯.୦ଡିଗ୍ରୀ ରେକର୍ଡ କରାଯାଇଛି। କେନ୍ଦୁଝର ଉତ୍ତପ୍ତ ସହର ପାଲଟିବା ପରେ ଗରମରୁ ରକ୍ଷା ପାଇବା ପାଇଁ କେନ୍ଦୁଝର ଜିଲ୍ଲାରେ ଦୈନନ୍ଦିନ ୨୦୦ ରୁ ଉର୍ଦ୍ଧ ଏସି ବିକ୍ରୀ ହେଉଛି। କେବଳ କେନ୍ଦୁଝର ସହରରେ ୧୦୦ ରୁ ଉର୍ଦ୍ଧ ବିଭିନ୍ନ ବ୍ରାଣ୍ଡର ଏସି ବିକ୍ରୀ ହେଉଛି। ଏହାବାଦ ଅନେକ ଲୋକ ଅନଲାଇନରେ ଏସି ଅର୍ଡର କରି ଲଗାଉଛନ୍ତି। କେନ୍ଦୁଝର ସହର ବିଜୁ ପଟ୍ଟନାୟକ ଛକରେ ଥିବା ପାତ୍ର ଇଲୋକଟ୍ରୋନିକ୍ସ ରେ ଦୈନନ୍ଦିନ ୬୦ ରୁ ଉର୍ଦ୍ଧ୍ୱ ଏସି ବିକ୍ରୀ ହେଉଛି। ଏସି ମିଳିଲେ ବି ତତ୍କାଳ ଇନଷ୍ଟଲ ହୋଇପାରୁନି। ଏସି ନେବାର ୩ ଦିନ ପରେ ଇନଷ୍ଟଲ ହେଉଛି। ଅପ୍ରିଲ ଦ୍ୱିତୀୟ ସପ୍ତାହରେ ତାପମାତ୍ରା ୪୦ ଡିଗ୍ରୀ ଡେଇଁବା ପରେ ଅଚାନକ ଏସିର ଚାହିବା ବଢ଼ିଯାଇଛି ବୋଲି ପାତ୍ର ଇଲୋକଟ୍ରୋନିକ୍ସ ର ମ୍ୟାନେଜର କହିଛନ୍ତି। ହିଟୱେଭ ତ୍ରୀବ ହେଉଥିବାରୁ ମେ' ମାସ ଏବଂ ଜୁନ ମାସରେ ମଧ୍ୟ ଏସିର ଚାହିବା ଅଧିକ ରହିବ ବୋଲି ଏସଏସ୍ ଏଣ୍ଟରପ୍ରାଇଜେସ୍‌ର ସ୍ୱତ୍ତାଧିକାର ସୁଦିପ କୁମାର ସାହୁ କହିଛନ୍ତି। ଜଳବାୟୁ ପରିବର୍ତ୍ତନ ଯୋଗୁଁ କେନ୍ଦୁଝରରେ ଏସି ବଜାର ବଢ଼ିଚାଲିଛି। ଅପରପକ୍ଷରେ ବେପରୁଆ ଖଣିଜସମ୍ପଦ ଖନନ ଯୋଗୁଁ ବ୍ୟାପକ ଜଙ୍ଗଲ କ୍ଷୟ, ପୋଡୁ ଚାଷ,ବ୍ୟାପକ ଜଙ୍ଗଲ କ୍ଷୟ, ଜଙ୍ଗଲ ନିଆଁ, ଜାତୀୟ ରାଜପଥ ଏବଂ ଟ୍ରେନ ଲାଇନ ପ୍ରଶସ୍ତିକରଣ ପାଇଁ ଜଙ୍ଗଲ ନଷ୍ଟ,ସ୍ଲରି ପାଇପ ଲାଇନ ଏବଂ କାନପୁର କେନାଲ ପାଇଁ ହଜାର ହଜାର ଗଛ କଟାଚାଲିଛି। ଯେତିକି ପରିମାଣର ଗଛ କଟୁଛି ସେହି ପରିମାଣର ନୂତନ ଜଙ୍ଗଲ ସୃଷ୍ଟି କରିବାରେ ବନ ବିଭାଗର ଫେଲ ମାରଛି। ପ୍ରତିବର୍ଷ କାମ୍ପା ଅନୁଦାନରେ ଶହ ଶହ ଏକର ନୂତନ ଜଙ୍ଗଲ ସୃଷ୍ଟି କରାଯାଉଥିବାବେଳେ ସେଥିରୁ ୩୦ପ୍ରତିଶତ ଗଛ ବଞ୍ଚୁନାହିଁ। ବ୍ୟାପକ ଜଙ୍ଗଲ କ୍ଷୟ ଯୋଗୁଁ ପରିବେଶ ଉପରେ ଏହାର କୁପ୍ରଭାବ ପଡୁଛି। କଳକାରଖାନା ବନୀକରଣ ପ୍ରତି ଗୁରୁତ୍ୱ ଦିଆନଥିବାରୁ ଜଳ,ବାୟୁ ପ୍ରଦୂଷଣ ସହ ଉତ୍ତାପ ବଢ଼ୁଛି। ଫଳରେ ନଦୀ, ନାଳ ଶୁଖି ଯିବା ଜିଲ୍ଲାରେ ବର୍ଷା ପରିମାଣ ମଧ୍ୟ କମୁଛି।

## ବୋଲଗଡ ରେଳ ଷ୍ଟେସନରେ ପାନୀୟ ଜଳ ସମସ୍ୟା

# ଯାତ୍ରୀ ହେଉଛନ୍ତି ହନ୍ତସନ୍ତ



ବୋଲଗଡ,(ଭାସ୍କର ନ୍ୟୁଜ୍): ପୂର୍ବତଟ ରେଳମଣ୍ଡଳ ଅନ୍ତର୍ଗତ ଖୋର୍ଦ୍ଧାରୋଡ ବଲାଙ୍ଗିର ରେଳପଥରେ ଅବସ୍ଥିତ ବୋଲଗଡ ରେଳ ଷ୍ଟେସନ ଠାରେ ପାନୀୟ ଜଳର ଘୋର ଅଭାବ ଦେଖାଦେଇଛି।ରେଳଯାତ୍ରୀ ଓ କର୍ମଚାରୀଙ୍କ ଜଳ ଆବଶ୍ୟକତା ପୂରଣ ପାଇଁ ଏଠାରେ ଥିବା ଏକମାତ୍ର ଗଭୀର ନଳକୂପଟିରୁ ଏବେ ମଇଳାଗୁଣ୍ଡ ଯୁକ୍ତ ପାଣି ବାହାରୁ ଥିବା ବେଳେ ଲୁହାଳିଆ ଗନ୍ଧଉଛି ଯାହାକି ପାନୀୟ ଉପଯୋଗୀ ହେଉନାହିଁ।ଏହି ନଳକୂପଟି ମଧ ଅଧିକାଂଶ ସମୟ ଖରାପ ହୋଇ ମରାମତି ପରେ ପୁନଃ ଚାଲୁ ରହିଛି।ଏହି ଷ୍ଟେସନଟି ପୂର୍ବରୁ ବୋଲଗଡ ଟାଉନ ପାସେଞ୍ଜର୍ ହଲ୍ଟ ଥିବାବେଳେ ଗତ ବର୍ଷ ଜୁନ ୩୦ ତାରିଖରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସ୍ଥାନୀୟ ଜନସାଧାରଣଙ୍କ ଦାବୀକୁ ଗ୍ରହଣ କରି ଏଠାରେ ପହଞ୍ଚି ବୋଲଗଡ ଷ୍ଟେସନ ମାନ୍ୟତା ପ୍ରଦାନ କରିଥିଲାବେଳେ ସେବେଠାରୁ ଏହି ଷ୍ଟେସନରେ ଏକ୍ସପ୍ରେସ ଟ୍ରେନ ରହଣି ଆରମ୍ଭ ହୋଇଥିଲା। ତେବେ ଏହି ଷ୍ଟେସନର ଉନ୍ନତିକରଣରେ ଅହତୁକ ବିଳମ୍ବ ପରିଲକ୍ଷିତ ହେବା ସହ ଆଗରୁ ଥିବା ସମସ୍ତ ସୁବିଧା ସବୁ ଅବ୍ୟବସ୍ଥିତ ହୋଇପଡିଛି।ଏହି ଷ୍ଟେସନ ଦେଇ ପ୍ରତ୍ୟହ ଦଶପଲ୍ଲା-ଭୁବନେଶ୍ୱର-ଦଶପଲ୍ଲା ପସେଞ୍ଜର,ଭଦ୍ରକ-ଦଶପଲ୍ଲା-ଭଦ୍ରକ ପସେଞ୍ଜର, ଦଶପଲ୍ଲା-ପୁରୀ-ଦଶପଲ୍ଲା ପସେଞ୍ଜର ଓ ଦଶପଲ୍ଲା- ଭୁବନେଶ୍ୱର-ଦଶପଲ୍ଲା ଏକ୍ସପ୍ରେସ ଏପରି ଚାରି ଗୋଟି ଟ୍ରେନ ଆଠ ଥର ରହଣି କରୁଥିବା ବେଳେ ଏହି ଷ୍ଟେସନରୁ ଶହଶହ ଯାତ୍ରୀ ଦୈନିକ ପୁରୀ, କଟକ, ଭୁବନେଶ୍ୱର, ଭଦ୍ରକ, ଖୋର୍ଦ୍ଧା, ନୟାଗଡ଼, ଦଶପଲ୍ଲା ଆଦି ଅଞ୍ଚଳକୁ ଯାତାୟାତ ପାଇଁ ନିର୍ଭର କରନ୍ତି। ତେବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ କାରଣରୁ ରେଳଯାତ୍ରୀ ମାନେ ମୌଳିକ ଆବଶ୍ୟକତା ପାନୀୟ ଜଳର ଅଭାବ ନେଇ ଦୁର୍ଦ୍ଦଶା ଭୋଗୁଛନ୍ତି। ଷ୍ଟେସନ କର୍ମଚାରୀ ମାନେ ନିଜ ବ୍ୟବହାର ପାଇଁ ନିକଟସ୍ଥ ବ୍ଲକ କାର୍ଯ୍ୟାଳୟରୁ ପାନୀୟଜଳ ସଂଗ୍ରହକରି ଆଣୁଛନ୍ତି। ଏହି ଷ୍ଟେସନର ଜଣେ ନିୟମିତ ରେଳ ଯାତ୍ରୀ ଲିଟୁ ପଟ୍ଟନାୟକ କୁହନ୍ତି ଏଠାରେ ପାନୀୟ ଜଳର ଅବ୍ୟବସ୍ଥା ନେଇ ଏଠାରୁ ଯାତାୟତ କରୁଥିବା ଏବଂ ଟ୍ରେନର ଥିବା ଯାତ୍ରୀମାନେ ଘୋର ଅସୁବିଧାରେ ପଡୁଥିବା ବେଳେ ଏଥିନେଇ ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବର୍ତମାନ ଷ୍ଟେସନ ପରିଚାଳନା ଦାୟିତ୍ୱରେ ଥିବା ଷ୍ଟେସନ ଟିକେଟ ବୁକିଙ୍ଗ ଅଥରିଟି (ଝଞଇଇ) ଏଜେଣ୍ଟ ଉମାକାନ୍ତ ବେବର୍ତ୍ତା ପଟ୍ଟନାୟକ ଙ୍କୁ ପଚାରିବାରେ ସେ କହିଛନ୍ତି ଯେ ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀ ଙ୍କୁ ଜଣାଇଛନ୍ତି ଏବଂ ଏହି ସମସ୍ୟାର ସମାଧାନ ଯଥା ଶିଘ୍ର କରାଯିବ ବୋଲି ତାଙ୍କୁ ମେସେଜ ପ୍ରାପ୍ତ ହୋଇଛି।

# ପୂର୍ବତନ ସରପଞ୍ଚଙ୍କ ପରଲୋକ

ତିହିଡ଼ି,(ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ପାଳିଆବିନ୍ଧା ପଞ୍ଚାୟତର ପୂର୍ବତନ ସରପଞ୍ଚ ଜଗନ୍ନାଥ ମଲ୍ଲିକଙ୍କର ଶୁକ୍ରବାର ଅପରାହ୍ଣରେ କଟକ ବଡ଼ମେଡ଼ିକାଲରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ସେ କିଛିଦିନ ହେବ ମସ୍ତିଷ୍କ ଜନିତ ରୋଗରେ ଆକ୍ରାନ୍ତ ଥିଲେ। ତାଙ୍କୁ ଗତ ବୁଧବାର କଟକ ବଡ଼ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇ ଯାଇଥିଲା। ସ୍ୱର୍ଗତ ମଲିକ ୧୯୯୭ ମସିହାରେ ପାଳିଆବିନ୍ଧା ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇ ବହୁ ଉନ୍ନତିମୂଳକ କାର୍ଯ୍ୟ କରିବା ସହିତ ଲୋକମାନଙ୍କର ସେବା କରିଥିଲେ। ଏଥି ସହିତ ସେ ଜଣେ ଶାନ୍ତ, ସରଳ, ଅମାୟିକ, ପରୋପକାରୀ ବ୍ୟକ୍ତିଭାବେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ମରଶରୀରକୁ କଟକରୁ ଅଣାଯାଇ ପାଳିଆବିନ୍ଧା କଲେଜ ନିକଟରୁ ଏକ ଶୋଭାଯାତ୍ରାରେ ପଞ୍ଚାୟତ ପରିକ୍ରମା କରାଯିବା ପରେ ପାଳିଆ ସ୍ଥିତ ବାସଭବନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ମା' ବାସନ୍ତୀ ଦୁର୍ଗାପୂଜା ପାଳିତ

ତିହିଡ଼ି,(ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ସୟା ପଞ୍ଚାୟତର ଧୂଳିପଦା ଠାରେ ପ୍ରତି ବର୍ଷ ପରି ଚଳିତ ବର୍ଷ ମା' ବାସନ୍ତୀ ଦୁର୍ଗା ପୂଜା ମହା ଆଡ଼ମ୍ବରରେ ପାଳିତ ହେଉଛି। ସପ୍ତମୀ ପୂଜା ଠାରୁ ଦଶହରା ପର୍ଯ୍ୟନ୍ତ ମା'ଙ୍କର ପୂଜାର୍ଚ୍ଚନା ଯଥାରୀତି ଅନୁସାରେ କରାଯାଇଛି। ପ୍ରକାଶ ଯେ, ସୟା ଧୂଳିପଦା ଠାରେ ୧୯୮୮ ମସିହାରେ ମା'ଙ୍କର ପୂଜା ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ପ୍ରତିବର୍ଷ ପାଳିତ ହେଉଛି। ଚଳିତ ବର୍ଷ କର୍ତ୍ତା ଭାବରେ ବାବୁରାମ



ରାଉତ ଓ ମୁକ୍ତିକାନ୍ତ ନାୟକ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ମୁଖ୍ୟ ପୂଜକ ଦେବେନ୍ଦ୍ର ପାଢ଼ୀ, ପୂଜକ ଅନ୍ତର୍ଯ୍ୟାମୀ ଆଚାର୍ଯ୍ୟ, କୃପାସିନ୍ଧୁ ପାଢ଼ୀ ବିଭିନ୍ନ ରୀତିନୀତି ଅନୁସାର ମା'ଙ୍କର ପୂଜା କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ସଭାପତି ଧୀରେନ୍ଦ୍ର ସେଠୀ, ସଦସ୍ୟ ସୁରେନ୍ଦ୍ର ପ୍ରସାଦ ନାୟକ, ବୁଦ୍ଧିରାମ ରାଉତ, ପଫୁଲ୍ଲ ନାୟକ, ଦେବାଶିଷ ନାୟକ, କମଳାକାନ୍ତ ମଲ୍ଲିକ, ବିଜୟ କୁମାର ପଣ୍ଡା, ବାସୁଦେବ ପଲାଇ, ରବିନ୍ଦ୍ର ପଲେଇ, ପୂର୍ଣ୍ଣଚନ୍ଦ୍ର ନାୟକ, ଶରତ ନାୟକ, ଜୀବନ କୁମାର ନାୟକ, ଚିନ୍ତାମଣି ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପୂଜା ଉତ୍ସବରେ ସ୍ଥାନୀୟ ନଟିଆପାଳ, ମୂଳଣାସାହି, ଧୂଳିପଦା, ଜାଗୁଲାଇସାହି, ପଲାଇ ସାହି ଓ ପାଢ଼ୀସାହି ଗ୍ରାମର ଗ୍ରାମବାସୀମାନେ ସହଯୋଗ କରିଥିଲେ।

# ୨୭ତମ ତିରୋଧାନ ଦିବସରେ ବିଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି

ଢେଙ୍କାନାଳ,(ଭାସ୍କର ନ୍ୟୁଜ୍):ଢେଙ୍କାନାଳ ସହରରେ ବିଜୁ ବାବୁଙ୍କ ୨୭ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଆମ ପ୍ରତିଭା ଆମ ସମ୍ମାନ ପକ୍ଷରୁ ପ୍ରତିଷ୍ଠାତା ତଥା ସାଂସଦ ମହେଶ ସାହୁ ବିଜୁ ବାବୁଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ସାଂସଦ ଶ୍ରୀ ସାହୁ ଏବଂ କର୍ମକର୍ତାମାନେ ସହରର ରଥଗଡାସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତୀରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ଏହି ଅବସରରେ ଆମ ପ୍ରତିଭା ଆମ ସମ୍ମାନର ସଭାପତି ପ୍ରିୟରଞ୍ଜନ ମାହୁନ୍ତଙ୍କ ଅଧକ୍ଷତାରେ ସଂଗଠନର କାର୍ଯ୍ୟାଳୟରୁ କର୍ମକର୍ତାମାନେ ଏକ ମୋଟର ସାଇକେଲ୍ ଶୋଭାଯାତ୍ରାରେ ପ୍ରତିମୂର୍ତୀ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ପ୍ରତିମୂର୍ତୀରେ ମାଲ୍ୟାର୍ପଣ କରି କର୍ମକର୍ତାମାନେ ବିଜୁ ବାବୁ ଅମର୍ ରହେ ଆଦି ଧ୍ୱନୀ ଦେବା ସହ ବିଜୁ ବାବୁଙ୍କ ଓଡିଶା ପ୍ରତି ଅବଦାନ ସଂପର୍କରେ ସ୍ମୃତିଚାରଣ କରାଯାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ବରିଷ୍ଠ ନେତା ପ୍ରତାପ ଦାସ, ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ ମହାନ୍ତି, ପୂର୍ବତନ ନଗରପାଳ ସୁଧାଂଶୁ କୁମାର ଦଳେଇ, କୋଷାଧକ୍ଷ ରୁଦ୍ରାନ୍ତ ଦଳେଇ, ବାଦଲ ପଟ୍ଟନାୟକ, ସଦାଶିବ ମହାପାତ୍ର, ଜିତେନ୍ଦ୍ର ପଟ୍ଟନାୟକ, ଆଇନଜୀବୀ ଗୁପ୍ତେଶ୍ୱର ମିଶ୍ର, ଅମ୍ବିକା ପ୍ରସାଦ ମିଶ୍ର, ଶେଖର ସେଠୀ, ସୁମନ୍ତ ସ୍ୱାଇଁ, ଆଲୋକ ରଥ, ଶ୍ୟାମସୁନ୍ଦର ସାହୁ, ଦୁଷ୍ମନ୍ତ ମହାନ୍ତି, ନଜୁ ମହମ୍ମଦ, ଅକ୍ତର ଅଲ୍ଲି, ଆନନ୍ଦ ସେଠୀ, ସାହିର୍ ମହମ୍ମଦ, ଅନିଲ୍ ରାଉତ, ବୁଲୁ ଜେନା, ରାଜେନ୍ଦ୍ର ଦାସ ପ୍ରମୁଖଙ୍କ ବ୍ୟତୀତ ଶତାଧିକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

# ରାମ ସୀତାଙ୍କ ବିବାହ ଉତ୍ସବ ସଂପନ୍ନ



ଭଞ୍ଜନଗର,(ଭାସ୍କର ନ୍ୟୁଜ୍): ଭଞ୍ଜନଗର ସହର ତଳି ଅଞ୍ଚଳ ଲଣ୍ଡେଇସାହି ସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଶ୍ରୀରାମ ନବମୀ ଉପଲକ୍ଷେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ଓ ଜଗତ ଜନନୀ ମା' ସୀତାଙ୍କ ବିବାହ ଉତ୍ସବ ଶହଶହ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇ ଯାଇଛି। କନ୍ୟାପିତା ଜନକ ଭୂମିକାରେ ଅନୁପମ ବାନାର୍ଜୀ ଓ ବରାପିତା ଦଶରଥ ଭୂମିକାରେ ବସନ୍ତ କୁମର ପଣ୍ଡା କାର୍ଯ୍ୟ ନିର୍ବାହ କରିଥିଲେ। ପ୍ରକାଶ ଥାଉକି ପ୍ରଭୁଙ୍କ ବିଜେ ପ୍ରତିମା ୯ ଦିନ ବ୍ୟାପୀ ନଗର ପରିଭ୍ରମଣ କରିବା ସହ ଅନ୍ତିମ ଦିବସରେ ପ୍ରଭୁ ସିଂହ ବାହନୀ ହେବାପରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଯାତ୍ରା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଚଳିତ ବର୍ଷ ଦଶପଲ୍ଲାର ଏକ ମହିଳା ଯାତ୍ରା ଦଳ ମନ୍ଦିର ପରିସରରେ ରାମାୟଣ ନାଟକ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ରଘୁବୀର ସାଂସ୍କୃତିକ ପରିଷଦର ଉପଦେଷ୍ଟା ମଣ୍ଡଳୀର ବରିଷ୍ଠ ସଦସ୍ୟ ପ୍ରାକ୍ତନ ଅଧକ୍ଷ କୃତ୍ତିବାସ ବିଶ୍ୱାଳ, ଶିବରାମ୍ରତ କମ ପଣ୍ଡା, ଇ. ରବୀନ୍ଦ୍ର ନାଥ ପାଣିଗ୍ରାହୀ, ଇ. ଉଦୟନାଥ ପଣ୍ଡା, ସମ୍ପାଦକ ସୁରେନ୍ଦ୍ର ନାଥ ଗୌଡ଼, କୋଷାଧକ୍ଷ ବସନ୍ତ କୁମାର ପଣ୍ଡାଙ୍କ ସହ କମିଟିର ସମସ୍ତ ସଦସ୍ୟ ଏବଂ ଲଣ୍ଡେଇ ସାହିର ସମସ୍ତ ଜନ ସାଧାରଣଙ୍କ ମିଳିତ ସହଯୋଗରେ ଏହିଭଳି ପବିତ୍ର ସମାରୋହ ବିଗତ କିଛି ବର୍ଷ ଧରି ପାଳିତ ହୋଇ ଆସୁଅଛି।

# ବହୁ ଆଡ଼ମ୍ବରରେ ଆରମ୍ଭ ହେଲା ଛଇତନା ମେଳଣ

ପୁରୀ,(ଭାସ୍କର ନ୍ୟୁଜ୍): ବହୁ ଆଡ଼ମ୍ବରରେ ଆରମ୍ଭ ହୋଇଛି ଛଇତନା ମେଳଣ। ଗୋପ ବ୍ଲକର ଏହି ପ୍ରସିଦ୍ଧ ମେଳଣ ଅବସରରେ ଗୁରୁବାର ରାତିରେ ଅନୁଷ୍ଠିତ ହୋଇଛି ଜମାଣ ଉତ୍ସବ। ନାଗା, ମେଢ଼ ରୋଷଣୀରେ ଗ୍ରାମ ଦେବତା ତଥା ଥାନପତି ବାବା ଗ୍ରାମେଶ୍ୱର, ଶ୍ରୀ ଦଧିବାମନ ଦେବ, ଗୋପିନାଥ ଦେବ ଓ ଭଗବତ ବାସୁଦେବଙ୍କୁ ଜମାଣ ଉତ୍ସବରେ ନିଆଯାଇ ପଡ଼ିଆ ବିଜେ କରାଯାଇଛି। ପ୍ରଭୁଙ୍କୁ ଖୁଣ୍ଟ ଲାଗି କରାଯିବା ପରେ ପଡ଼ୋଶୀ ଗ୍ରାମର ଠାକୁରମାନେ ପଡ଼ିଆ ବିଜେ କରିଛନ୍ତି। ତେବେ ଜମାଣ ପାଇଁ ଛଇତନା ଗାଁ ଦାଣ୍ଡ ସହ ମେଳଣ ପଡ଼ିଆରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି।ମଧ୍ୟ ରାତିରେ ପ୍ରଥମେ ଗାଁର ୪ ସାହିରେ କାଳୀ ପୂଜା ନୀତି ସମ୍ପର୍ଣ୍ଣ ହୋଇଥିଲା। ପରେ ନାଗା ଓ ମେଢ଼ ସହ ବିଭିନ୍ନ ସାଜସଜ୍ଜା ପ୍ରସ୍ତୁତ ହୋଇଥିଲା। ରାତି ସାଢ଼େ ୧୨ଟାରେ ୪ ସାହି ରୋଷଣୀ ବାହାରି ଥିଲା। ସମସ୍ତ ସାହିର ରୋଷଣୀରେ ମୋଟ ୧୪ଟି ନାଗା ଓ ୧୦ଟି ମେଢ଼ ସହ ଅନ୍ୟାନ୍ୟ ସାଜସଜ୍ଜା ଆସି ଗ୍ରାମେଶ୍ୱରଙ୍କ ମନ୍ଦିର ସମ୍ମୁଖରେ



ଏକତ୍ର ହୋଇଥିଲେ। ଏହାପରେ ମନ୍ଦିରର ଦକ୍ଷିଣ ଦ୍ୱାର ଦେଇ ଠାକୁର ବାହାରିଥିଲେ। ପାଲିଙ୍କି ଓ ଦୋଳରେ ବିଜେ ହେବା ପରେ ନାଗା, ମେଢ଼ମାନେ ପ୍ରଭୁଙ୍କୁ ପରମ୍ପରା ଅନୁଯାଇ ସଲାମ୍ ଦେଇଥିଲେ। ପରେ ମହାବୀର ମନ୍ଦିର ଯାଇ ବୀର ହନୁମାନଙ୍କ ଆଶିଷ ନେବା ପରେ ସମସ୍ତ ରୋଷଣୀ ମେଳଣ ପଡ଼ିଆ ଅଭିମୁଖେ ବାହାରିଥିଲା। ଗାଁ ଦାଣ୍ଡରେ ଡ୍ରାଗନ୍ ଓ ପକ୍ଷୀ ନାଗା ଦେଖାଇଥିଲା ମୁରାଟ। ବାଜାର ତାଳେ ତାଳେ ବୀରତ୍ୱ ଦେଖାଇଥିଲା ନାଗା। ଦୁର୍ଗା, କାଳୀ, ଗଣେଶ, ନୃସିଂହ ଓ ପର୍ଶୁରାମ ମେଢ଼ ନୃତ୍ୟ ଦର୍ଶକଙ୍କ ମନ ଜିଣିଥିଲା। କଳ ଘୋଡ଼ା, ଚଇତି ଘୋଡ଼ା, ବୁଢାବୁଢ଼ୀ ନୃତ୍ୟ ସହ ବୀର ବାଦ୍ୟର ତାଳେ ତାଳେ ପାଇକ ଖେଳ, ନିଆଁ ଓ ବାଡ଼ି ବନାଟି ବୁଲାଇ ଗ୍ରାମବାସୀମାନେ ଜମାଣକୁ ଭ?ପୁର୍ ଉପଭୋଗ କରିଥିଲେ। ମଧ ରାତ୍ରିରୁ ଆରମ୍ଭ ହୋଇ ଜମାଣ ଶୁକ୍ରବାର ସକାଳ ୬ଟାରେ ଶେଷ ହୋଇଥିଲା। ଗ୍ରାମ ମୁରବୀ ଓ ଅତିଥିଙ୍କ ସମ୍ମୁଖରେ ନାଗା ଏବଂ ମେଢ଼ ସେମାନଙ୍କ ନୃତ୍ୟ କୌଶଳ ପ୍ରଦର୍ଶନ କରିବା ପରେ ଜମାଣ ଉଦ୍‌ଯାପିତ ହୋଇଥିଲା। ମେଳଣ ପରିଚାଳନା କମିଟି ପକ୍ଷରୁ ପଡ଼ୋଶୀ ଠାକୁରଙ୍କୁ ସ୍ୱାଗତ କରାଯିବା ସହ ଖୁଣ୍ଟ ଲାଗି କରାଯାଇଛି। ପଡ଼ୋଶୀ ଗ୍ରାମମାନଙ୍କରୁ ଅନେକ ଶ୍ରଦ୍ଧାଳୁ ଜମାଣ ଦେଖିବା ପାଇଁ ଗାଁ ଦାଣ୍ଡରେ ଭିଡ଼ ଲଗାଇଥିଲେ। ଏପରିକି ଛାତ ଉପରେ ମଧ ଲୋକଙ୍କ ଭିଡ଼ ପରିଲିଖିତ ହୋଇଥିଲା। ଭିଡ଼ ନିୟନ୍ତ୍ରଣ କରିବା ପାଇଁ ସଦର ଥାନା ଆଇଆଇସି ଭାବଗ୍ରାହୀ ରାଉତ, ବାଲିଘାଇ ବିଟ୍ ହାଉସ୍ ଅଧିକାରୀ ଶିଶିର ମହାନ୍ତି ଓ ତାଙ୍କ ଟିମ୍ ରାତି ତମାମ ନାକେଦମ୍ ହୋଇଥିଲେ। ସେବାୟତ ଶଙ୍କର୍ଷଣ ଦୀକ୍ଷିତ, ବିକ୍ରମ ଦୀକ୍ଷିତ, ନିରଞ୍ଜନ ଦୀକ୍ଷିତ, ବେଣୁଧର ଆଚାର୍ଯ୍ୟ, ଓମ୍?ପ୍ରସାଦ ଆଚାର୍ଯ୍ୟ, ପ୍ରମୋଦ ରାୟଗୁରୁ, ଅଛବ ରାଉଳ, ରବୀନ୍ଦ୍ର ରାଉଳଙ୍କ ସହ ଦେଉଳ କରଣ ପ୍ରଦୀପ୍ତ କୁମାର ମହାନ୍ତି ଠାକୁରଙ୍କ ନୀତି ସମାପନ କରିଥିଲେ। ମେଳଣ ଶାନ୍ତି କମିଟି ସମ୍ପାଦକ ପାର୍ବତୀ ଚରଣ ପଟ୍ଟନାୟକ ଏବଂ ୪ ସାହିର ମୁରବୀମାନେ ଜମାଣ ପରିଚାଳନା କରିଥିବାବେଳେ ଗ୍ରାମବାସୀମାନେ ସହଯୋଗ କରିଥିଲେ। ପଡ଼ିଆରେ ମୋଟ ୩୧ଟି ଦୋଳରେ ଠାକୁର ଏକାଠି ହୋଇଛନ୍ତି। ଗୁରୁବାର ଜମାଣ ଉତ୍ସବ ପରେ ଶୁକ୍ରବାର ମେଳଣ ଓ ଶନିବାର ଆତସବାଜି ପ୍ରତିଯୋଗିତା କାର୍ଯ୍ୟକ୍ରମ ରହିଛି।

## ତିହିଡ଼ି ଶ୍ରୀରାମ ନବମୀ ସମିତି ପକ୍ଷରୁ ବିଜୟା ଦଶମୀ ମହୋତ୍ସବ ପାଳିତ

# ୪୦ଟି ପ୍ରଜ୍ଞାପନ ମେଢ଼ ଶୋଭାଯାତ୍ରାରେ ହଜାର ହଜାର ଭକ୍ତଙ୍କ ସମାଗମ

ତିହିଡ଼ି,(ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲା ତିହିଡ଼ି ଶ୍ରୀରାମ ନବମୀ ସମିତି ପକ୍ଷରୁ ଗୁରୁବାର ବିଜୟା ଦଶମୀ ଉତ୍ସବ ପାଳିତ ହୋଇଛି। ଏହି ଉପଲକ୍ଷେ ବ୍ଲକର ବିଭିନ୍ନ ଅଞ୍ଚଳରୁ ୪୦ଟି ସୁସଜ୍ଜିତ ମେଢ଼ ଶୋଭା ଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସମାଗମ ହୋଇଥିଲା। ତିହିଡ଼ି କଲେଜ ଛକ ଓ ଭାଟପଡ଼ା ତାରିଣୀ ମନ୍ଦିର ନିକଟରୁ ପ୍ରଜ୍ଞାପନ ମେଢ଼ ବାହରି ସ୍ଥାନୀୟ ନୂଆପୋଖରୀ ନିକଟରେ ଥିବା ଶ୍ରୀରାମ ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରେ ମେଢ଼ଙ୍କୁ ପୂଜାର୍ଚ୍ଚନା କରାଯାଇ ଭୋଗ ଲଗାଯିବା ପରେ ମେଢ଼ ଗୁଡ଼ିକ ନିଜ ନିଜ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ବିଶେଷ ଭାବେ ମଙ୍ଗରାଜପୁର, ତିହିଡ଼ି, ହରିପୁର, ବାହାବଳପୁର, ସୟା, ବିଦ୍ୟାଧରପୁର, ଆରସା, ଝିଙ୍କିରିଆ, ଶଙ୍ଖିଡ଼ା, ଫତେପୁର, ବିନ୍ଧା, ସିନ୍ଦୋଳ, ମଙ୍ଗଳପୁର, କୋହ୍ଲ, ବାଉଁଶବାଗ, ବାଲିଚତୁରୀ, ସହିଦନଗର, ଗୁଡୁପାଳ, ମହରମପୁର, ପାଳିଆ ହାଟ, ଧଳିପୋଲ,



ନନ୍ଦୋର, ବିଭୂତିପୁର, ଦୋଳସାହି, ଇଟାଗଡ଼ି, ସାଠିବାଟି, ତାଳପଦା, ନୂଆଶାସନ, ବିଲଣା, ବାରୋ, କୁବେରା, ବୋଡ଼କ, ତଳଗୋପବିନ୍ଧା, ଦୋଳସାହି ଇତ୍ୟାଦି ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ବାଜା ରୋଷଣୀ ଓ ଡିଜେ ବଜାଇ 'ଜୟ ଶ୍ରୀରାମ' ଧ୍ୱନିରେ ଶୋଭାଯାତ୍ରା କରି ମେଢ଼ ଗୁଡ଼ିକୁ ଶ୍ରୀରମ ମନ୍ଦିର ନିକଟକୁ ଆଣିଥିଲେ। ଶୋଭାଯାତ୍ରାରେ ହଜାର ହଜାର ରାମଭକ୍ତ ଓ ଶ୍ରଦ୍ଧାଳୁ ଗେରୁଆ ପୋଷାକ ଓ ପଗିଡ଼ି ପିନ୍ଧି ଜୟ ଶ୍ରୀରାମ ଧ୍ୱନିରେ ତିହିଡ଼ି ଅଞ୍ଚଳକୁ ପ୍ରକମ୍ପିତ କରିଥିବା ବେଳେ ଡିଜେ ସାଉଣ୍ଡ ଓ ଆଲୋକମାଳା ବେଶ୍ ଆକର୍ଷିତ କରିଥିଲା। ଶ୍ରୀରାମ ନବମୀ ସମିତିର ସମିତିର ସଭାପତି କିଶୋର ନାୟକ, ଉପସଭାପତି ରବିନ୍ଦ୍ର ଦାସ, ସମ୍ପାଦକ ଯଯାତି ଦାସ, ସହସମ୍ପାଦକ ରାଜେଶ ନାୟକ, କୋଷାଧକ୍ଷ ନୀଳମଣି ସାବତ, ସର୍ବବ୍ୟବସ୍ଥା ପ୍ରମୁଖ ସୀତାକାନ୍ତ ନାୟକ, ଉପଦେଷ୍ଟା ରଘୁନାଥ ପାତ୍ର, ବିଶ୍ୱଜିତ ବେହେରା, ଗଗନ ମହାନ୍ତି, ଦେବବ୍ରତ ପାଢ଼ୀ, ଶୁକଦେବ ମଲିକ, ଗଙ୍ଗାଧର ଦତ୍ତ, କାର୍ଯ୍ୟକର୍ତ୍ତା ଅଜୟ ନାୟକ, ପ୍ରଶାନ୍ତ ବଳ, ତପନ ପଣ୍ଡା, କେଶବ ବେହେରା, ତପୁନୁ ପାଣି, ହରିଶ୍ଚନ୍ଦ୍ର ନାୟକ, ନିତ୍ୟାନନ୍ଦ ନାୟକ, ଚନ୍ଦ୍ରକାନ୍ତ ନାଥ, ପ୍ରିୟବ୍ରତ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ବିଜେପି ନେତା ଅଭିମନ୍ୟୁ ସେଠୀ, ଦୀନବନ୍ଧୁ ପତି, ଉଦୟନାରାୟଣ ମଲ୍ଲିକ, ବାଣିକଲ୍ୟାଣ ମହାନ୍ତି, ବୁଦ୍ଧଦେବ ଜେନା, ଅଜୟ ନାୟକ, ଦୁର୍ଗାଚରଣ ନାୟକ, ଝରଣା ଜେନା, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ପ୍ରଦୀପ ବଳ ଓ ସଂଜୀବ ବେହେରା, ରାଜକିଶୋର ନାୟକ, ତପନ ପାଢ଼ୀ, ପ୍ରମୋଦ ଦାସ, ଶୁକଦେବ ମଲିକ, ସରୋଜ ନାୟକ, ଉମାକାନ୍ତ ଦାସ, ରତିକାନ୍ତ ଦାସ, କଂଗ୍ରେସ ନେତା ଅଶୋକ କୁମାର ଦାସ, ବ୍ଲକ କଂଗ୍ରେସ ସଭାପତି ସରୋଜ ଦାସ, ବିପିନ ବିହାରୀ ପତି, ଗଣେଶ ମଲିକ, ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି ବାପୁଜୀ ନାୟକ, ବିଜେଡି ନେତା ସୁରେନ୍ଦ୍ର କୁମାର ନାୟକ, କମଳାକାନ୍ତ ଲେଙ୍କା, ପ୍ରଫୁଲ୍ଲ ଦାସ, ଅନିରୁଦ୍ଧ ବାରିକ, ପ୍ରଦୀପ ଦାସ, ଶିକ୍ଷାବିତ ପବିତ୍ର ପାଣିଗ୍ରାହୀ, ସୋମନାଥ ପାଢ଼ୀ, ଡ. ଲକ୍ଷ୍ମୀଧର ତ୍ରିପାଠୀ ପ୍ରମୁଖଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ତିହିଡ଼ି ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବିଡିଓ ଜ୍ୟୋତିର୍ମୟ କର, ଚାନ୍ଦବାଲି ଏସଡିପିଓ କାର୍ତ୍ତିକ ଚନ୍ଦ୍ର ମଲିକ, ତିହିଡ଼ି ଥାନା ଅଧିକାରୀ ପ୍ରସନ୍ନ କୁମାର ନାୟକ, ପୀରହାଟ ଥାନା ଆଇଆଇସି ଅଜୟ କୁମାର ମୁର୍ମୁ ପ୍ରମୁଖ ଆଇନ ଶୃଙ୍ଖଳା ଦାୟିତ୍ୱରେ ରହିଥିବା ବେଳେ ଅତିରିକ୍ତ ତହସିଲଦାର ନମିତା ଧଳ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ୩ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ନିମାପଡା କୁଶଭଦ୍ରା ନଦୀ ସୃଷ୍ଟି କରିଛି ସମସ୍ୟା

## ନଦୀବନ୍ଧ ଓ ୱାଲ୍ ନିର୍ମାଣରେ ବ୍ୟାପକ ଘୋଟାଲା

ନିମାପଡ଼ା,(ଭାସ୍କର ନ୍ୟୁଜ୍): ନିମାପଡା ନଦୀବନ୍ଧ ନିର୍ମାଣରେ ମହାଘୋଟାଲା, ନିଦରେ ଶୋଇଛି ଜଳସେଚନ ବିଭାଗ ପ୍ରତ୍ୟେକ ବର୍ଷ କୁଶଭଦ୍ରା ନଦୀବନ୍ଧ ମରାମତି ନାମରେ କୋଟି କୋଟି ଟଙ୍କା ବିନିଯୋଗ କରାଯାଉଥିଲେ ମଧ ସୁଧୁରୁନି ନଦୀବନ୍ଧର ସମସ୍ୟା। ନଦୀକୂଳବାସୀ ଆତଙ୍କିତ ଅବସ୍ଥାରେ ରହିଥିବା ବେଳେ କେତେକ ବ୍ୟକ୍ତି ନଦୀବନ୍ଧକୁ ଦଖଲ କରି ବନ୍ଧରେ ଠାକୁର ମନ୍ଦିର, ଶୌଚାଳୟ, ଗୋରୁଙ୍କ ଗୁହାଳ ନିର୍ମାଣ କରିଥିବା ବେଳେ ଜଳସେଚନ ବିଭାଗ ନଜରକୁ ଆସୁନାହିଁ। ଜାଣିଶୁଣି ନିମାପଡା ଜଳସେଚନ ଡିଭିଜନ ବନ୍ଧ ଜବରଦଖଲକାରୀଙ୍କୁ ପ୍ରୋତ୍ସାହନ ଦେଉଥିବା ବେଳେ ନଦୀବନ୍ଧ ୱାଲ କାର୍ଯ୍ୟ ମଧ ନିମ୍ନମାନର କରାଯାଇ ବ୍ୟାପକ ଅର୍ଥ ଘୋଟାଲାର ମସୁଧା ଚାଲିଛି। ଏହି ୱାଲ କୌଣସି କାର୍ଯ୍ୟରେ ଆସିବ ନାହିଁ ବୋଲି ଅନେକ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟ ତଦାରଖ କରିବା ପାଇଁ ବାରମ୍ବାର ଜଳସେଚନ ବିଭାଗ ଅଧିକାରୀଙ୍କୁ ଜନସାଧାରଣ ଅବଗତ କରୁଥିଲେ ମଧ ଅଧିକାରୀ ନୀରବ ରହିବା ପଛରେ କି ରହସ୍ୟ ଲାଗିରହିଛି, ତାହା ସାଧାରଣରେ ଆଶ୍ଚର୍ଯ୍ୟ ପ୍ରକଟ କରିଛି। ମିଳିଥିବା ସୂଚନା ଅନୁଯାୟୀ କୁଶଭଦ୍ରା ନଦୀ ତ୍ରିନାଥ ମାର୍ଗ ଠାରୁ ପାଟପୁର ବାମଝିପୋଟଣା ପର୍ଯ୍ୟନ୍ତ ବନ୍ଧ ସୁଦୃଢ଼ୀ କରଣ କରାଯିବା ପାଇଁ ପ୍ରତ୍ୟେକ ବର୍ଷ ସରକାରଙ୍କ ବ୍ୟାପକ ଅର୍ଥ ଖର୍ଚ୍ଚ କରାଯାଉଛି। ୬ମାସ ନଯାଉଣୁ ବନ୍ଧରେ ଗର୍ତ୍ତ ସୃଷ୍ଟି ହୋଇ ପିଚୁ ଧୋଇଯାଉଥିବା ବେଳେ ସମସ୍ୟା ସୃଷ୍ଟି କରିଛି। ବର୍ତ୍ତମାନ ନଦୀବନ୍ଧରେ ୱାଲ କାର୍ଯ୍ୟ ଚାଲୁଥିବା ବେଳେ ଏହି କାର୍ଯ୍ୟକୁ ନେଇ ସାଧାରଣରେ ଆଶଙ୍କା ସୃଷ୍ଟି ହୋଇଛି। ଏହି ୱାଲ କାର୍ଯ୍ୟ ହେଉଥିବା ବେଳେ କେତେକ ସ୍ଥାନରେ ବନ୍ଧ ଜବରଦଖଲ ହେତୁ ସେଠାରେ ୱାଲ କରାଯାଉପାରୁନାହିଁ। ଏହା ଠିକାଦାର ପାଇଁ ପୁଷମାସ ହୋଇଥିବା ବେଳେ ଜନସାଧାରଣଙ୍କ ପାଇଁ ସର୍ବନାଶ ହୋଇଛି। କାର୍ଯ୍ୟମଧ ସଠିକ ହେଉନଥିବା ଲୋକମାନେ ମତବ୍ୟକ୍ତ କରିଛନ୍ତି। କୌଣସି ଅଧିକାରୀ ନଦୀବନ୍ଧ କାର୍ଯ୍ୟକୁ ପରିଦର୍ଶନ ନକରିବା ଏକ ପରିତାପର ବିଷୟ ବୋଲି ଜନସାଧାରଣ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି। ଏହି ଘଟଣାପ୍ରତି ବିଭାଗୀୟ ସଚିବ ଜିଲ୍ଲାପାଳ ଦୃଷ୍ଟିଦେବା ପାଇଁ ଦାବୀ ହୋଇଛି।